


ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





ଶୁଭାଂଶୁଙ୍କ ସହ କଥା ହେଲେ |୬

ବଲିଉଡ୍ ଉପରେ ବର୍ଷିଲେ କନିକା |୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୯ Vol. 22 No-139 19 AUGUST 2025 TUESDAY, BHUBANESWAR ମଙ୍ଗଳବାର, ୧୯ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା

# ସେପ୍ଟେମ୍ବରରୁ ଓଡ଼ିଶାରେ ଏସ୍ଆଇଆର୍





- ଜାନୁଆରୀ ୭ରେ ଚୂଡ଼ାନ୍ତ ଭେରିଫିକେସନ୍
- ୨୪ ବର୍ଷ ପରେ ଆରମ୍ଭ ହେଉଛି ଏସ୍ଆଇଆର୍
- କମିଶନଙ୍କ ବିଶ୍ୱସନୀୟତା ନ ଭାଙ୍ଗିବାକୁ ପରାମର୍ଶ
- ବୁଥ୍ ସଂଖ୍ୟା ୪୫ହଜାରକୁ ବୃଦ୍ଧି ସୂଚନା

ଭୁବନେଶ୍ୱର,୧୮।୮(ଭାସ୍କର ନ୍ୟୁଜ): ଆସନ୍ତା ସେପ୍ଟେମ୍ବର ମାସରୁ ଓଡ଼ିଶାରେ କାର୍ଯ୍ୟକାରୀ ହେବ ଭୋଟର ତାଲିକାର ଏସ୍ଆଇଆର୍ ବା ସ୍ୱତନ୍ତ୍ର ପୁଙ୍ଖାନୁପୁଙ୍ଖ ପୁନଃ ନିରୀକ୍ଷଣ। ଏସଆଇଆରକୁ ନେଇ ବିହାରରେ ତୀବ୍ର ବିବାଦ ଲାଗି ରହିଥିବାବେଳେ ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଜାତୀୟ ନିର୍ବାଚନ କମିଶନ। ଏ ନେଇ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ୨୦୦୨ ମସିହାରେ ଶେଷ ଥରପାଇଁ ଏସଆଇଆର କରାଯାଇଥିଲା। ଏହାର ୨୪ ବର୍ଷ ପରେ ପୁଣିଥରେ ଏହି ଏସଆଇଆର କରାଯିବ। ଚଳିତବର୍ଷ ଯେଉଁ ଏସଆଇଆର କରାଯିବ, ତାହାର ଚୂଡ଼ାନ୍ତ ଭେରିଫିକେସନ ଆସନ୍ତାବର୍ଷ ଜାନୁଆରୀ ୭ ତାରିଖରେ ପ୍ରକାଶ ପାଇବ। ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ କହିଛନ୍ତି ଯେ ଏ ନେଇ କଂଗ୍ରେସ ଓ ବିଜେଡି ଯେଉଁ ଆପତ୍ତି ଅଭିଯୋଗ ଆଣିଥିଲେ ତା'ର ଜବାବ ଦିଆଯାଇଛି। ଏପରିକି ବିଜେଡି ଅଭିଯୋଗର ଦୁଇ ଦୁଇଥର ଜବାବ ଦିଆଯାଇଥିବା ସେ କହିଥିଲେ। ଭିତ୍ତିହୀନ ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତା ସହ ଲୋକଙ୍କ ଆସ୍ଥା ନ ଭାଙ୍ଗିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅପିଲ କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବୁଥ୍ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିବାକୁ ଯାଉଛି। ବର୍ତ୍ତମାନ ସାରା ରାଜ୍ୟରେ ୩୮ହଜାର ବୁଥ୍ ରହିଥିବାବେଳେ ଆଗକୁ ଏହି ସଂଖ୍ୟା ୪୫ହଜାରକୁ ବୃଦ୍ଧି କରାଯିବ। ସେ ଆହୁରି କହିଥିଲେ, ଭୋଟର ତାଲିକାରେ ଡବଲ ସିରିଏଲ ନମ୍ବର ଥିବା ୭ହଜାର ଭୋଟରଙ୍କୁ ବାଦ୍ ଦିଆଯାଇଛି। ଆଗକୁ ଏପରି ଥିଲେ ପଦକ୍ଷେପ ନିଆଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ରବିବାର ଜାତୀୟ ନିର୍ବାଚନ କମିଶନ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ କେଉଁ ରାଜ୍ୟରେ କେବେ ଏସଆଇଆର କରାଯିବ, ସେ ନେଇ ନିର୍ବାଚନ କମିଶନ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। କମିଶନର ୩ଜଣ ସଦସ୍ୟ ଏ ନେଇ ନିଷ୍ପତ୍ତି ଗ୍ରହଣ କରିବେ। ତେବେ କମିଶନଙ୍କ ସାମ୍ବାଦିକ ସମ୍ମିଳନୀର ୨୪ ଘଣ୍ଟା ନ ପୂରୁଣୁ ଓଡ଼ିଶାରେ ଏସଆଇଆର ପାଇଁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାରେ ୬୫ଲକ୍ଷ ଭୋଟରଙ୍କ ନାଁ ବାଦ ଦିଆଯିବାକୁ ନେଇ ବିବାଦ • ପୃଷ୍ଠା ୫ ଦେଖନ୍ତୁ

## ଦିଲ୍ଲୀରେ ଶାହଙ୍କୁ ଭେଟିଲେ ମନମୋହନ

# ଚୂଡ଼ାନ୍ତ ହେବ ବୋର୍ଡ-ନିଗମ ଅଧ୍ୟକ୍ଷ ପଦବୀ !



ଭୁବନେଶ୍ୱର,୧୮।୮(ଭାସ୍କର ନ୍ୟୁଜ): ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ ନୂଆଦିଲ୍ଲୀରେ ବିଭିନ୍ନ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀରେ ପହଞ୍ଚିବା ପରେ ଶ୍ରୀ ସାମଲ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରି ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ସୂଚନା ମିଳିଛି। ଏପରିକି ଉପରାଷ୍ଟ୍ରପତି ନିର୍ବାଚନ ନେଇ ସେ ଦଳୀୟ ସାଂସଦମାନଙ୍କ ସହ ଆଲୋଚନା କରିବାର ସମ୍ଭାବନା ରହିଛି। ମଙ୍ଗଳବାର ଏନଡିଏ ସାଂସଦମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି। ସେଥିରେ ଓଡ଼ିଶାର ବିଜେପି ସାଂସଦମାନେ ମଧ୍ୟ ସାମିଲ ରହିବେ। ସେହି ସମୟରେ ଶ୍ରୀ ସାମଲ ରାଜ୍ୟ କମିଟି ଏବଂ ବୋର୍ଡ, ନିଗମ ନିଯୁକ୍ତି ନେଇ କେନ୍ଦ୍ରୀୟ ନେତାଙ୍କ ସହ ଆଲୋଚନା କରି ଚୂଡ଼ାନ୍ତ କରିବାର ସମ୍ଭାବନା ରହିଥିବା ସୂଚନା ମିଳିଛି। ନିକଟରେ ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ପରେ ଦିଲ୍ଲୀ ଫେରି ଯାଇଛନ୍ତି। ତାଙ୍କ ପରେ ମନମୋହନଙ୍କ ଦିଲ୍ଲୀ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଯାଇଥିଲେ। ସେଠାରୁ ଓଡ଼ିଶା ଫେରିବା ପରେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦବୀ ପାଇଁ ଆଶାୟୀ ଥିବା ନେତାଙ୍କ ମନରେ ଆଶାର କିରଣ ସୃଷ୍ଟି ହୋଇଥିଲା। ଏପରିକି ରାଜ୍ୟ ସରକାରଙ୍କୁ ବର୍ଷେରୁ ଅଧିକ ପୂରିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୬ଟି ମନ୍ତ୍ରୀପଦ କ୍ୟାବିନେଟ୍‌ରେ ଖାଲି ପଡ଼ିଛି। ଏବେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ପଦ ପାଇଁ ଆଶାୟୀମାନେ ଲବି କରିବା ଆରମ୍ଭ କରିଛନ୍ତି। ତେବେ କାହାକୁ ଏହିସବୁ ପଦବୀରେ ଅଧିଷ୍ଠିତ କରାଯିବ ସେ ନେଇ ନେତାଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ତେବେ ମନମୋହନ ଦିଲ୍ଲୀରୁ ଫେରିବା ପରେ ଏ ନେଇ ସବୁକିଛି ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ସଂକ୍ଷେପରେ...

### ୨ ଦିନ ପାଇଁ ଟ୍ରେନ୍ ବାତିଲ

କୋରାପୁଟ, ୧୮।୮ (ଭାସ୍କର ନ୍ୟୁଜ): ଲଘୁଚାପ ପ୍ରଭାବରେ ଲଗାଣ ବର୍ଷାରେ ବେହାଲ କୋରାପୁଟ। ଲଗାଣ ବର୍ଷା ଫଳରେ ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ଥାନା ଅନ୍ତର୍ଗତ ତଳମେଟିଂ ରାସ୍ତାରେ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଛି। ଏହି ଗ୍ରାମାଞ୍ଚଳକୁ ସଂଯୋଗ ରାସ୍ତା ହୋଇଥିବାରୁ ଯାତାୟତରେ ସମସ୍ୟା ଦେଖିବାକୁ ମିଳିଛି। ଭୂସ୍ଖଳନ ଯୋଗୁ ରାସ୍ତା ଅବରୋଧ ହୋଇଛି। ଗାଁଲୋକ ଯାତାୟତ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯାତାୟାତ ଏକପ୍ରକାର ସମ୍ପୂର୍ଣ୍ଣ ଠପ୍ ହୋଇଛି। ସେହିପରି ନାରାୟଣପାଟଣା ଓ ତଳଗୁମାଣ୍ଡିକୁ ସଂଯୋଗ କରୁଥିବା ବୋରିପୁଟ୍ ରାସ୍ତାରେ ପାହାଡ଼ ଉପରୁ ପଥର ଖସି ରାସ୍ତା ଅବରୋଧ ହୋଇଛି। ୨ ଚକିଆ ଯିବା ଆସିବା କରୁଥିବା ବେଳେ ଅଧାବାଟରୁ ଫେରି ଆସିଛି ଲକ୍ଷ୍ମୀ ବସ୍।

### ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ଝରିଗାଁ, ୧୮।୮ (ଭାସ୍କର ନ୍ୟୁଜ): ମାଡ଼ ମାରି ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ। ଏପରି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ତେଲନଦୀ ପଞ୍ଚାୟତ ଅନ୍ତର୍ଗତ ଢେଫଗୁଡା ଗ୍ରାମରେ ଘଟିଛି। ସ୍ୱାମୀର ମାଡ଼ରେ ସ୍ତ୍ରୀର ମୃତ୍ୟୁ ହେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଅଭିଯୁକ୍ତର ନାମ ଶିଉ ସାନ୍ତା (୬୪) ହୋଇଥିବା ବେଳେ ମୃତକଙ୍କ ନାମ ପୁଦେ ସାନ୍ତା (୬୦) ବୋଲି ଜଣାପଡ଼ିଛି। ପଦେଙ୍କ ଭଉଣୀ ସନ୍ୟା ସାନ୍ତାଙ୍କ ଅଭିଯୋଗ ମୁତାବକ, ବିନା କାରଣରେ ଶିଉ ସାନ୍ତା, ପଦେ ସାନ୍ତାଙ୍କୁ ବାରମ୍ବାର ମାଡ଼ ମାରି ଆସୁଥିଲେ।

ସେନ୍ସେକ୍ସ: ୮୧,୨୭୩.୭୫
ସର୍ବାଧିକ: ୨୯.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୧୮।୮।୨୦୨୫ ର ମତାମତ**

ଇସିଙ୍କ ପକ୍ଷରୁ କରାଯାଉଥିବା ଏସଆଇଆର ଭୋଟରମାନଙ୍କୁ ଲାଭ ଦେବ କି?

| | |
|---|---|
| ହଁ | ୬୫% |
| ନା | ୩୫% |

**ଆଜିର ପ୍ରସଙ୍ଗ**

ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଉଚିତ୍ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ
www.odishabhaskar.com

## ବିଜେଡି ସମର୍ଥନ ଲୋଡ଼ିଲା ଏନ୍‌ଡିଏ

# ନବୀନଙ୍କ ସହ କଥାହେଲେ ରାଜନାଥ






ଭୁବନେଶ୍ୱର,୧୮।୮(ଭାସ୍କର ନ୍ୟୁଜ): ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ସହଯୋଗ ଲୋଡ଼ିଲା ବିଜେପି। ଏ ନେଇ ସୋମବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇଛନ୍ତି। କଂଗ୍ରେସ ଓ ବିଜେପି ଠାରୁ ସମଦୂରତା କଥା କହି ରାଜନୀତି କରୁଥିବା ବିଜେଡି ଉପରାଷ୍ଟ୍ରପତି ନିର୍ବାଚନରେ କାହାକୁ ସମର୍ଥନ କରିବ ତାକୁ ନେଇ ଦୀର୍ଘଦିନ ହେବ ଚର୍ଚ୍ଚା ଲାଗି ରହିଛି। ଯଦିଓ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନଙ୍କୁ ଜିତିବାରେ କୌଣସି ଅସୁବିଧା ନାହିଁ, ତଥାପି ଏନଡିଏ ବିଭିନ୍ନ ଆଞ୍ଚଳିକ ଦଳର ସମର୍ଥନ ଲୋଡୁଛି। ଏପରିକି ଇଣ୍ଡି ମେଣ୍ଟସହ ଆଲୋଚନା କରାଯିବା ନେଇ ମଧ୍ୟ ବିଜେପି ସଂକେତ ଦେଇଛି। ରାଜନାଥ ନବୀନଙ୍କୁ ଟେଲିଫୋନ କରି ଏହି ସମର୍ଥନ ମାଗିଥିବା ସୂଚନା ମିଳିଛି। ତେବେ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବ ନା ଇଣ୍ଡିମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଦେବ ଅଥବା ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରହିବ ସେ ନେଇ ବିଜେଡି ଉପରେ ସବୁଦଳର ନଜର କେନ୍ଦ୍ରୀଭୂତ ହୋଇଛି। ବର୍ତ୍ତମାନ ଉପରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ ତାମିଲନାଡୁ ରାଜନୀତିର ଏକ ବଡ଼ ଚେହେରା ବୋଲି କୁହାଯାଉଛି। ଦକ୍ଷିଣ ଭାରତରେ ବିଜେପି ପାଇଁ ସେ ବହୁବର୍ଷ ଧରି କାମ କରିଛନ୍ତି। ୧୯୫୭ ମସିହା ଅକ୍ଟୋବର ୨୦ରେ ତାମିଲନାଡୁର ତିରିପୁରୁଠାରେ ଜନ୍ମଗ୍ରହଣ କରିଥିବା ରାଧାକ୍ରିଷ୍ଣନ ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ତାମିଲନାଡୁ ରାଜ୍ୟ ବିଜେପି ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୨୪ ଜୁଲାଇ ୩୧ରେ ସେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିପୂର୍ବରୁ ୨୦୨୩ ଫେବୃଆରୀ ୧୮ରୁ ୨୦୨୪ ଜୁଲାଇ ୩୦ ପର୍ଯ୍ୟନ୍ତ ଝାଡ଼ଖଣ୍ଡର • ପୃଷ୍ଠା ୫ ଦେଖନ୍ତୁ

## ମାଲକାନଗିରିରେ ଆରମ୍ଭ ହେଲା

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା





ମାଲକାନଗିରି,୧୮।୮(ଭାସ୍କର ନ୍ୟୁଜ): ରାଜ୍ୟର ପୂର୍ବ ସରକାର ବିଗତ ଦିନରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ମାଲକାନଗିରି ଜିଲ୍ଲାରୁ ଆରମ୍ଭ କରିଥିଲେ। ତେବେ ୨୦୨୩ରୁ ଏହାକୁ ବନ୍ଦ ରଖାଯାଇଥିଲା। ତେବେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ପୁଣିଥରେ ମାଲକାନଗିରି ଜିଲ୍ଲାରୁ ଆରମ୍ଭ ହୋଇଛି। ଏଥିପାଇଁ ୧୨ଜଣିଆ ବିଶେଷଜ୍ଞ ଡାକ୍ତରଙ୍କ ମଧ୍ୟରୁ ୭ଜଣ ବିଶେଷଜ୍ଞ ଡାକ୍ତର ହେଲିକପ୍ଟର ଯୋଗେ ମାଲକାନଗିରିରେ ପହଞ୍ଚିଛନ୍ତି। ୧୮ରୁ ଆରମ୍ଭ ହୋଇଥିବା ଏହି ସ୍ୱାସ୍ଥ୍ୟସେବା କ୍ୟାମ୍ପ ୨୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ନେଫ୍ରୋଲୋଜି, କାର୍ଡିଓଲୋଜି, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଯୋଲୋଜି, ଏଣ୍ଡ୍ରୋପୋଲୋଜି, ଏନାସ୍ଥେସିୟା ବିଶେଷଜ୍ଞ ଡାକ୍ତରମାନେ ମାଲକାନଗିରିରେ ପହଞ୍ଚି ସେବା ଆରମ୍ଭ କରିଛନ୍ତି। ସୋମବାର ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ୧୪୭ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ କାର୍ଡିଓଲୋଜିରେ ୩୫, ନ୍ୟୁରୋଲୋଜିରେ ୩୮, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜିରେ ୧୯, ନେଫ୍ରୋଲୋଜିରେ ୩୬ଜଣ ଓ ୮ଜଣଙ୍କର ଇସିଜି କରାଯାଇଥିଲା। ଏହି ଡାକ୍ତରୀଦଳରେ ସର୍ଜରୀ ସ୍ପେଶାଲିଷ୍ଟ ଡାକ୍ତର ଜ୍ୟୋତିର୍ମୟ ନାୟକ, ବରିଷ୍ଠ • ପୃଷ୍ଠା ୫ ଦେଖନ୍ତୁ

## ଭିଜିଲାନ୍ସ ଜାଲରେ ଅନୁଗୁଳ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର, ୧୮।୮ (ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଜାଲରେ ଅନୁଗୁଳ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା। ଭୁବନେଶ୍ୱର, ରାଉରକେଲା ସୁନ୍ଦରଗଡ଼, ଅନୁଗୁଳ ଓ ଗଞ୍ଜାମରେ ୮ ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଅନୁଗୁଳର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କ ସ୍ୱତନ୍ତ୍ର ବିଚାରପତି, ସୁନ୍ଦରଗଡ଼, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ଓ୍ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି। ଏଥିରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ଜଣ ଏଏସ୍ ?ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଭୁବନେଶ୍ୱର, ରାଉରକେଲା ସୁନ୍ଦରଗଡ଼, ଅନୁଗୁଳ, ଗଞ୍ଜାମରେ ତାଙ୍କ ନିମ୍ନଲିଖିତ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ସୁନ୍ଦରଗଡ଼ ଜିଲ୍ଲା ସୁନ୍ଦରଗଡ଼ରେ ଅବସ୍ଥିତ ତିନି ମହଲା କୋଠା, ରାଉରକେଲାର ଗୋପବନ୍ଧୁ ନଗରର ଛେଣ୍ଡ, ଏମ/୨୦ରେ ଅବସ୍ଥିତ ଦୁଇ ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱରର ଘଟିକିଆରେ ଫ୍ଲାଟ୍ ନଂ.୪୦୩, ଅରୋଭିଲା-୧, ଫେଜ୍-୩, ଭୁବନେଶ୍ୱରର ଘଟିକିଆରେ ଫ୍ଲାଟ୍ ନଂ.୪୦୨, ଅରୋଭିଲା-୧, ଫେଜ୍-୩, ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ପିଏସ୍, ରାଞ୍ଝାଲି ଗ୍ରାମରେ ତାଙ୍କ ପୈତୃକ ଘର, ଗଞ୍ଜାମ ଜିଲ୍ଲା ବେହେରାସାହିର ପୁରୁଷୋତ୍ତମପୁରର ଆଲାଡିଗାଁ ଗ୍ରାମରେ ତାଙ୍କ ଶ୍ୱଶୁର ଘର, ଅନୁଗୁଳର ୩ଆରଏ/୧ ଜଳସେଚନ କଲୋନୀରେ ତାଙ୍କ ଆବାସିକ ସରକାରୀ କ୍ୱାର୍ଟର, ଅନୁଗୁଳର ଜଳସେଚନ ଡିଭିଜନରେ ଶ୍ରୀ ବେହେରାଙ୍କ କାର୍ଯ୍ୟାଳୟ କକ୍ଷରେ ଚଢ଼ଉ ଜାରି ରହିଛି।

## ହସ୍ପିଟାଲ ବେଡ୍‌ରୁ ନବୀନଙ୍କ ବାର୍ତ୍ତା

# ମୋତେ ଦେଖିବାକୁ ଚାହିଁଲେ ନବୀନ ନିବାସ ଆସନ୍ତୁ



ଭୁବନେଶ୍ୱର,୧୮।୮(ଭାସ୍କର ନ୍ୟୁଜ): ଡିହାଇଡ୍ରେସନରେ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ହସ୍ପିଟାଲ ବେଡରୁ ପୁଣି ଏକ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, ମୋତେ ଦେଖିବାକୁ ଚାହିଁଲେ ନବୀନ ନିବାସ ଆସନ୍ତୁ। ଏହି ଅବସରରେ ସେ ଡାକ୍ତରୀ ଟିମ୍, ଦଳୀୟ ନେତା, ସମର୍ଥକ ଓ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପରୋକ୍ଷରେ ହସ୍ପିଟାଲ ଆସି ଗହଳି ନ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରବିବାର ଶ୍ରୀ ପଟ୍ଟନାୟକ ଡିହାଇଡ୍ରେସନରେ ଅସୁସ୍ଥ ହେବାପରେ ତାଙ୍କୁ ସନ୍ଧ୍ୟା ୫.୧୫ରେ ସମ୍ ଅଲ୍ଟିମେଟ ମେଡିକେୟାରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଆଲୋକ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲୁ ରହିଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଓ ସେ ସୁସ୍ଥ ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ପାଇଁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ନବୀନ ହସ୍ପିଟାଲରେ ଭର୍ତ୍ତିହେବା ଖବର ମିଳିବା ପରେ ରବିବାରଠାରୁ ମନ୍ତ୍ରୀ, ବିଧାୟକ, ନେତା, ସମର୍ଥନ ଓ ପ୍ରଶଂସକଙ୍କ ଭିଡ଼ ହସ୍ପିଟାଲ ପରିସରରେ ଲାଗି ରହିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ମେଡ଼ିକାଲରେ ପହଞ୍ଚି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ବୁଝିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି • ପୃଷ୍ଠା ୫ ଦେଖନ୍ତୁ

## ବଙ୍ଗୋପସାଗରରେ ଅବପାତ

# ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୮।୮(ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବା ପରେ ଏବେ ଏହା ଅବପାତରେ ପରିଣତ ହୋଇଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାଛଡ଼ା ଉପକୂଳ ଓଡ଼ିଶା ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ତୁହାକୁ ତୁହା ବର୍ଷା ହେବ ବୋଲି ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୨ରୁ ପୁଣିଥରେ ପବନରେ ପରିବର୍ତ୍ତନ ହେବାକୁ ଥିବାରୁ ରାଜ୍ୟରେ ବର୍ଷାର ମାତ୍ରା ବୃଦ୍ଧି ପାଇପାରେ। ଲଘୁଚାପ ପ୍ରଭାବରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ୨୧ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବ ବୋଲି କୁହାଯାଇଛି। ଏବେ ବଙ୍ଗୋପସାଗରରୁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବିହାରଟା ଏବେ ଉଠୁଛି ପଡୁଛି
ଭୋଅଟ ଯାତ୍ରାରେ ରାହୁଲ,
ଓଡିଶା ଆସେମ୍ଲି ଉଠୁଛି ପଡୁଛି
ସିକ୍ୟୁରିଟି ଅତି ପ୍ରବଳ ।
ନବୀନଙ୍କୁ ନେଇ ଗହଳ,
ବଢିଲେ କି ହେବ ଭେଟିବା ପାଇଁକି
କଟକଣା ନୁହେଁ କୋହଳ !

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବାରିପଦା (ଭାସ୍କର ନ୍ୟୁଜ୍) : ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସର ଅନ୍ତେବାସୀଙ୍କ ଦ୍ୱାରା ପବିତ୍ର ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି ଓ ଓଡିଶା ତଥା ଦେଶବିଦେଶରେ ଏହି ଉତ୍ସବ ପାଳିତ ହେଉଥିବାବେଳେ ପ୍ରତିବର୍ଷ ପରି ଏବର୍ଷ ମଧ ଛାତ୍ରାବାସର କୁନିକୁନି ପିଲାମାନେ କୃଷ୍ଣ, ରାଧା, ବଳରାମ, ସୁଦାମା, କଂସ, ଗୋପୀ ବେଶରେ ସୁସଜ୍ଜିତ ହୋଇ ମହା ଆନନ୍ଦଉଲ୍ଲାସରେ ନାଚ ଗୀତ ପରିବେଷଣ କରିଥିଲେ ଓ ସମସ୍ତ ଅନ୍ତେବାସୀ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ବେଶ ଆନନ୍ଦିତ ଅନୁଭବ କରୁଥିବାର ଲକ୍ଷ୍ୟ କରାଯାଇଥିଲା ଓ ପିଲାମାନଙ୍କ ନାଚଗୀତରେ ବିଦ୍ୟାଳୟରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଓ ପିଲାମାନେ ନିଜେନିଜେ ସଜବାଜ ହେଉଥିବାର ପରିଲକ୍ଷିତ ହୋଇଥିଲା ଓ ପିଲାବେଳୁ ଆମ ପରମ୍ପରା ଓ ସଂସ୍କୃତିକୁ ଉପଲବ୍ଧି କରି ସେମାନଙ୍କ ମନରେ ଭକ୍ତି, ଆଧାତ୍ମିକ ଓ ନୈତିକତା ଭାବ ସୃଷ୍ଟି କରିବା ସକାଶେ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଏ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଥିଲେ ଓ ୱାର୍ଡେନ ସରୋଜ କୁମାର ସାବତ, ଶିକ୍ଷକ ଗଣେଶ ବେହେରାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ଓ ଛାତ୍ରାବାସର ଶିକ୍ଷକ ରବି ମୁଣ୍ଡା, ଶିକ୍ଷୟତ୍ରୀ ନିରୁପମା ସାହୁ ତଥା ବାମାଚରଣ ବାନରା ଓ ଜିତେନ୍ ବାହାଦୁର ଲାମା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

### ସରକାରୀ ନିର୍ଦ୍ଦେଶକୁ ଫୁ...

## ଛାତ୍ରଛାତ୍ରୀଙ୍କ କାନ୍ଧରେ ବସ୍ତାନି ବୋଝ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଛାତ୍ରଛାତ୍ରୀଙ୍କ କାନ୍ଧରେ ଅହେତୁକ ବହି ବସ୍ତାନି ବୋଝ କମାଇବାକୁ ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶ ଜାରି କରିଛି । ଏ ନେଇ କେତେକ ନୀତିନିୟମ ପ୍ରସ୍ତୁତ କରି ଏହାକୁ କଠୋର ଭାବେ ପାଳନ କରିବାକୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଗୁଡିକୁ



କୁହାଯାଇଛି । କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ପାଠପଢାରୁ ଭାରୀ ହେଉଛି ବସ୍ତାନି ବୋଝ । ଓଜନିଆ ବସ୍ତାନି ପାଇଁ ଛାତ୍ରଛାତ୍ରୀଙ୍କ ଯନ୍ତ୍ରଣା ବଢୁଛି । କାନ୍ଧରେ ଦରଜ ହେଉଛି । ମେରୁଦଣ୍ଡ ଉପରେ ଆଘାତ ଲାଗୁଛି । ସମସ୍ୟାକୁ ଗୁରୁତ୍ୱ ଦେଇ ବସ୍ତାନି ବୋଝ ହାଲକା କରିବାକୁ ଆଇନ ପ୍ରଣୟନ କଲେ ସରକାର । ହେଲେ ଏହି ଆଇନ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନି । ଆଜି ବି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଓଜନିଆ ବସ୍ତାନି ବୋହି ଚାଲିଛନ୍ତି । ବିଶେଷ କରି ଅସ୍ତରଙ୍ଗ ଅଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ବସ୍ତାନି ବୋଝ ବଢୁଛି । ଏହିଭଳି ସମସ୍ୟା ଉପରେ ଶିକ୍ଷା ବିଭାଗର ନଜର ପଡୁନି । ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ନାକ ଆଗରେ ଚାଲିଥିବା ଘରୋଇ ବିଦ୍ୟାଳୟର ବସ୍ତାନି ତନଖିବାକୁ ନଜର ଦିଆଯାଉନଥିବା ଅଭିଯୋଗ ହେଉଛି । ୨୦୧୯ରେ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାର୍ଥୀଙ୍କ ବସ୍ତାନି ବୋଝ କମାଇବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ପ୍ରଥମରୁ ଦ୍ୱିତୀୟ ଶ୍ରେଣୀର ପିଲା ଦେଢ଼ କିଲୋ ଓଜନର ବସ୍ତାନି ନେଇ ବିଦ୍ୟାଳୟକୁ ଯିବ । ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲା ଦୁଇ କିଲୋରୁ ୩ କିଲୋ ଓଜନ ବସ୍ତାନି ନେବ । ଆଉ ଷଷ୍ଠରୁ ସପ୍ତମ ଶ୍ରେଣୀର ପିଲାର ବସ୍ତାନି ଓଜନ ଚାରି କେଜିରୁ ବଢିବନି । ଏମିତିକି ଦଶମ ଶ୍ରେଣୀ ପିଲାମାନଙ୍କ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଓଜନର ବସ୍ତାନି ନେବାକୁ ନିର୍ଦ୍ଦେଶ ରହିଛି । ଏହି ନିୟମ ଆଜି ଯାଏଁ କାର୍ଯ୍ୟକାରୀ ହୋଇ ପାରି ନଥିବା ବେଳେ ପୁଣି ସରକାର ଏହି ନିୟମକୁ ଅନୁପାଳନ ପାଇଁ କଡା ତାଗିଦ କରିଛନ୍ତି । ପିଲାଙ୍କ ବସ୍ତାନି ବୋଝ କମାଇବାକୁ ତତ୍ପରତା ପ୍ରକାଶ କରିଛନ୍ତି ସରକାର । ତଦାରଖ ପାଇଁ ମଣ୍ଡଳ ଶିକ୍ଷାଅଧିକାରୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ନିର୍ଦ୍ଦେଶନାମା ସତ୍ତ୍ୱେ ବି ଛାତ୍ରଛାତ୍ରୀ ମାନେ ଓଜନିଆ ବସ୍ତାନି ବୋହୁଛନ୍ତି । କେତେକ ଛାତ୍ରଛାତ୍ରୀ ନିଜ ଶରୀରର ଓଜନ ଠାରୁ ଓଜନିଆ ବସ୍ତାନି ବୋହି ଚାଲିଛନ୍ତି । ଘରୋଇ ବିଦ୍ୟାଳୟରେ ପାଠ ପଢୁଥିବା ପ୍ରଥମ ଶ୍ରେଣୀର ପିଲାର ବସ୍ତାନି ଓଜନ ସରକାରୀ ନିୟମ ଠାରୁ ଢେର ଅଧିକ । ପାଣି ବୋତଲ ଆଉ ଟିଫିନ ବକ୍ସ ବସ୍ତାନି ଓଜନକୁ ବି ବଢ଼ାଇ ଦେଉଛି । ବସ୍ତାନି ପକାଇ ବିଦ୍ୟାଳୟ ଯାଉଥିବା ପିଲାଟି ଆଗକୁ ଝୁଙ୍କିପଡି ଚାଲୁଥିବା ନଜରକୁ ଆସୁଛି । କେତେକ ଅଭିଭାବକ ପିଲାଙ୍କ ବସ୍ତାନିକୁ ନିଜେ କାନ୍ଧରେ ପକାଇ ବିଦ୍ୟାଳୟରେ ପିଲାଙ୍କୁ ଛାଡୁଛନ୍ତି । ଓଜନିଆ ବସ୍ତାନି ପାଇଁ ପିଲାଙ୍କ କାନ୍ଧ ଓ ମେରୁଦଣ୍ଡରେ ଯନ୍ତ୍ରଣା ହେଉଥିବା ଅଭିଭାବକ ବି ଅନୁଭବ କଲେଣି । ହେଲେ ପ୍ରତିଯୋଗିତାମୂଳକ ଦୌଡ଼ରେ ପିଲାର ଯନ୍ତ୍ରଣାକୁ ଭୁଲିଯାଉଛନ୍ତି ଅଭିଭାବକ । ବାସ୍ତବରେ ଏହି ବୋଝ କୋମଳମତି ଛାତ୍ରଛାତ୍ରୀଙ୍କ ବହୁ ଆଘାତ ଦେଉଛି । ସମସ୍ୟା ସମ୍ପର୍କରେ କିଛି ସାଧନ ସଂଯୋଜକ କହିଛନ୍ତି ଆମେ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ସୂଚନା ଦେଇଛୁ ଓ ସଚେତନ କରିଛୁ । କେତେକ ବିଦ୍ୟାଳୟରେ ପିଲାଙ୍କ ବସ୍ତାନି ଓଜନ କରାଯାଇଛି । ଖୁବ ଶୀଘ୍ର ନିଶ୍ଚିତ ଏହା ଉପରେ ନଜର ଦିଆଯିବ । ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି ।

### ରାମଚନ୍ଦ୍ରପୁରରେ ପ୍ରଥମ ଯୁଗ୍ମ

## ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି



ଚିକିଟି (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ବ୍ଲକର ରାମଚନ୍ଦ୍ର ପୁର ପଞ୍ଚାୟତରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ କହଁର ମୁଖ୍ୟ ଅଭିଯୋଗ ଶ୍ରୋତା ରୂପେ ଯୋଗଦାନ କରିଥିବା ବେଳେ ସରପଞ୍ଚ ଡି. ଜ୍ୟୋତି ରେଡ୍ଡୀ, ବ୍ଲକ ଅଧ୍ୟକ୍ଷ ଆପନ୍ନା ସେଠି, ସହାୟକ ଯନ୍ତ୍ରୀ ମନୋଜ ଗୌଡ଼, ଗୀତାଞ୍ଜଳି ପାଣିଗ୍ରାହି ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମୁଖ୍ୟ ରୂପେ ଯୋଗ ଦାନ କରିଥିଲେ । ଉକ୍ତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଚିକିଟି ବ୍ଲକର ସମସ୍ତ ଲାଇନ ଅଧିକାରୀ ମାନେ ଯୋଗ ଦାନ କରି ଆସିଥିବା ଅଭିଯୋଗ ବିଚାରକୁ ନେଇ ଶୀଘ୍ର ସମାଧାନ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ଶହେରୁ ଅଧିକ ବିଭିନ୍ନ ବିଭାଗର ଅଭିଯୋଗ ଆସିଥିବା ବେଳେ କିଛି ଅଭିଯୋଗ ସଙ୍ଗେ ସଙ୍ଗେ ସମାଧାନ ହୋଇଯାଇଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କରିଛନ୍ତି ।

### କାହିଁକି ରଖିବି ଏ ଜୀବନ...

## ଅନ୍ତେବାସୀଙ୍କ କଥା ଶୁଣି ଭୋଭୋ କାନ୍ଦିଲେ ବୋଲଗଡ଼ ବିଡ଼ିଓ

ବୋଲଗଡ,(ଭାସ୍କର ନ୍ୟୁଜ୍): ବୋଲଗଡ଼ ତହସିଲଦାର ତଥା ବିଡ଼ିଓ ବିଜୟ କୁମାର ସେଠୀ ଆରିକମା କୋଶଳାଶୁଣୀ ନିକଟ ବୃଦ୍ଧାଶ୍ରମରେ ପହଞ୍ଚି ବୃଦ୍ଧମାନଙ୍କ ସହ ସମୟ କାଟିବା ସହ ସ୍ୱାଧୀନତା ଦିବସ ପାଳନ କରିଛନ୍ତି । ସେମାନଙ୍କର ପରିବାର ସମ୍ପର୍କ ବୁଝିବା ପରେ କୋହଭରା କଣ୍ଠରେ ଭୋଭୋ କାନ୍ଦିଥିଲେ ବିଡ଼ିଓ । ପରିବାରର ସମସ୍ତେ ଥାଇ କିପରି ଅଲୋଡା ହୋଇଛନ୍ତି ଜାଣି ମର୍ମାହତ ହୋଇଥିଲେ । ଏହି ବୃଦ୍ଧଙ୍କ ମାନଙ୍କର କାହାର ପୁଅ ବୋହୂ ଚାକିରି କରିଛି ତ କିଏ ବଡ଼ ବ୍ୟବସାୟୀ, ପୁଣି କିଏ ଜମି ବାଡ଼ି ନେଇ ଗଲା ପରେ ତଡି ଦେଇଛି । ପୁଣି କିଏ ପିଲାଙ୍କୁ ପଢ଼ାଇବା ପାଇଁ ବାପା ମା କେତେ କଷ୍ଟ କରିଛନ୍ତି । ନିଜର ସର୍ବସ୍ୱ



ହାରିଛନ୍ତି । ଜମିବାଡ଼ି ବିକି ପାଠ ବି ପଢ଼ାଇଛନ୍ତି । ଶେଷରେ ସେଇ ପୁଅ ତାଙ୍କୁ ତଡିଦେବା ଘଟଣା କହି ଅସହାୟ ବାପା ଏଠି ଆଶ୍ରୟ ନେଇଛି । ନିଜର କୋହ ଆଜି ବିଡ଼ିଓଙ୍କ ସମ୍ମୁଖରେ ପ୍ରକାଶ କରି ନିଜର ଶେଷ ସମୟ ତକ କିପରି ନିଜଘରେ ନିଜଗାଁରେ କଟାଇବ ନିବେଦନ କରୁଥିବାର ଚିତ୍ର ବେଶ ହୃଦୟ ବିଦାରକ ଥିଲା । କୋହ ସମ୍ଭରଣ ନ କରିପାରି ବିଡ଼ିଓଙ୍କ ଆଖିରୁ ଧାରଧାର ଲୁହ ଗଡି ଚାଲିଥିଲା । ପରେ ସମସ୍ତଙ୍କ ପାଇଁ ଆଣିଥିବା ଫଳ ଖାଦ୍ୟ ବଣ୍ଟନ କରିଥିଲେ । ଆଶ୍ରମରେ ଥିବା ସମସ୍ତ ଅନ୍ତେବାସୀଙ୍କ ପରିବାରକୁ ଜଣାଯିବ, ନଚେତ ସେମାନଙ୍କ ଉପରେ ଜିଲ୍ଲାପାଳଙ୍କ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି ।

## ଯାଦବ ମହାସଭା ପକ୍ଷରୁ ୪୨ ମୌଜା ଆଇଆଇସି ସମ୍ବର୍ଦ୍ଧିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଓଡିଶା ରାଜ୍ୟ ପୋଲିସ ପକ୍ଷରୁ ରାଜ୍ୟରେ ଥିବା ମୋଟ ୬୧୨ ଗୋଟି ଥାନାର ଇନ୍ସପେକ୍ଟର ମାନଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କିତ ପ୍ରତିଭା ଚୟନରେ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ସର୍ବାଧିକ ୮୬.୫୬ ପ୍ରତିଶତ ନମ୍ବର ରଖି ସାରା ରାଜ୍ୟରେ ପ୍ରଥମ ହେବା ସହ କଟକ କମିଶନରେଟ ପୁଲିସ ଅଧୀନରେ ଥିବା




୪୨ ମୌଜା ଥାନା ରାଜ୍ୟରେ ଥାନାଦ୍ୱାରୀ ହୋଇଥିବା ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନୀରେ ମଧ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି । ଥାନା ଅଧିକାରୀଙ୍କ ଏହି ଅସାଧାରଣ କୃତିତ୍ୱ ପାଇ ବୟାଳିଶ ମୌଜା ଯାଦବ ମହାସଭା ପକ୍ଷରୁ ସଭାପତି ବରିଷ୍ଠ ସାମ୍ବାଦିକ ବୁଲେଇ ବେହେରା ୪୨ ମୌଜା ଥାନା ଆଇଆଇସି ଗିରିଶ ଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦେଶ ମାତୃକାର ସେବାରେ ତାଙ୍କର ମହତ ଅବଦାନ ପ୍ରତି ସାଧୁବାଦ ଜଣାଇଛନ୍ତି ।

## ୭ବର୍ଷର ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ଶାସନ ପଞ୍ଚାୟତ ହେମନ୍ତପାଟଣା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ପରମାନନ୍ଦ ବାରିକ (୭୬ ବର୍ଷ) ଜଣେ ୭ବର୍ଷର ନାବାଳିକାକୁ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ, ହେମନ୍ତପାଟଣା ଗ୍ରାମର ପରମାନନ୍ଦ ବାରିକ ତାଙ୍କ ସାମ୍ନା ଘରର ଏକ ୬ବର୍ଷର ଝିଅକୁ ଡାକି ଚକୋଲେଟ ଲୋଭ ଦେଖାଇଥିଲେ । ପରେ ତାକୁ ସନ୍ଧ୍ୟା ସମୟରେ ଆସିବାକୁ କହିଥିଲେ । ସନ୍ଧ୍ୟାରେ ଆସିବା ପରେ ତାକୁ ଦଶ ଟଙ୍କା ଦେଇ ଅସଦାଚରଣ କରିଥିବା ନେଇ ଝିଅ ପିତା-ମାତାଙ୍କ ଆଗରେ କହିଥିଲା । ସବୁ ଶୁଣିବା ପରେ ପିତା ମାତା ଗ୍ରାମରେ ଏ କଥା ପକାଇଥିଲେ । ମାତ୍ର ସେଠାରେ କୌଣସି ସୁଫଳ ନ ମିଳିବାରୁ ଆଜି ଫତେଗଡ ଥାନାରେ ଅଭିଯୋଗ କରିଥିଲେ । ଫତେଗଡ ପୋଲିସ ପକ୍ଷରୁ ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି । ଫତେଗଡ ଥାନା କେସ ନଂ ୨୬୬/୨୫ରେ ମାମଲା ରଜୁ କରି ଆସାମୀକୁ କୋର୍ଟ ଚାଲାଣ କରାଯାଇଛି । ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

## ସ୍ୱାଧୀନତା ଦିବସରେ ଛତା ବଣ୍ଟନ




ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଜୁନିଅର କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମତଃ ସ୍ୱାଧୀନତା ଦିବସ ଅବସରରେ ଜୁନିଅର କଲେଜର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ଓ ଏଥିରେ ସଫଳତା ଅର୍ଜନ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପରେ କଲେଜର ରେଡକ୍ରସ ପକ୍ଷରୁ ଅସହାୟ ବୃଦ୍ଧ ବୃଦ୍ଧା ମାନଙ୍କୁ ବିଭିନ୍ନ ସାହାଯ୍ୟ-ସହଯୋଗ କରିବା ସହିତ ଛତା ବଣ୍ଟନ କରାଯାଇଥିଲା ବୋଲି ଅଧ୍ୟାପକ ତଥା ରେଡକ୍ରସର ପରାମର୍ଶଦାତା ରଞ୍ଜନ କୁମାର ମହାପାତ୍ର କହିଛନ୍ତି । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ ଜୁନିଅର କଲେଜର ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ, ଅଧ୍ୟାପକ ଶ୍ରୀକାନ୍ତ ଦାସ, ଟାଙ୍ଗୀ ଜୁନିଅର କଲେଜର ପୂର୍ବତନ ସଭାପତି ତଥା ସାମ୍ବାଦିକ ରଘୁନାଥ ସାହୁ ଏବଂ ଭୁବନେଶ୍ୱର ସାଂସଦଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । କଲେଜ ପକ୍ଷରୁ କୃତି ଛାତ୍ରଛାତ୍ରୀ ମାନଙ୍କୁ ଯଥା ସ୍ନିଗ୍ଧାରାଣୀ ବିଶୋଇ, ସାର୍ଥକ ସାମନ୍ତରାୟ, ଦୀପକ କୁମାର ବେହେରା, ନିବେଦିତା ବେହେରା ଓ ସ୍ନିଗ୍ଧା ସରିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟ ପଟରେ ଯୁବ ରେଡ଼କ୍ରସ ପାଣ୍ଠି ତରଫରୁ ବୃଦ୍ଧ-ବୃଦ୍ଧା ମାନଙ୍କୁ ଛତା ବଣ୍ଟନ କରାଯାଇଥିଲା । ସର୍ବ ଶେଷରେ ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୋଳପୂର୍ଣ୍ଣମୀ କମିଟିର ବନ୍ଧୁମିଳନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହର ନିକଟସ୍ଥ ବଡ଼ ଘାଗରାରେ ଦୋଳ ପୂର୍ଣ୍ଣମୀ କମିଟି ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗତ ବର୍ଷରେ ଆଦାୟ ହୋଇଥିବା ଅର୍ଥ ଓ ବ୍ୟୟ ଓ ବଳକା ଅର୍ଥ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ



ଦୋଳପୂର୍ଣ୍ଣମୀ କାର୍ଯ୍ୟକ୍ରମକୁ କିପରି ଆହୁରି ସରସ ସୁନ୍ଦର ଓ ଶୃଙ୍ଖଳିତ କରାଯିବ ସେ ସମ୍ପର୍କରେ ସର୍ବ ସମ୍ମତି ଭାବରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ କମିଟିର ସକ୍ରିୟ ସଦସ୍ୟ ଅନୁପ କୁମାର ମହାନ୍ତି, ବିରେନ୍ଦ୍ର କୁମାର ପଟ୍ଟନାୟକ, ନବ କିଶୋର ସାହୁ, ସୁରେନ କୁମାର ଦାସ, ଅଫଜାଲ ଖାଁ, ଆଦିତ୍ୟ ପ୍ରକାଶ ବେଜ, ଅନ୍ତର୍ଯ୍ୟାମୀ ପତି ଆମର ପଟ୍ଟନାୟକ, ଆନନ୍ଦ ପ୍ରକାଶ ଖଣ୍ଡେଇ, ବିଶ୍ୱଜିତ ପଟ୍ଟନାୟକ, ପ୍ରଭଞ୍ଜନ ପଟ୍ଟନାୟକ, ବିଶ୍ୱନାଥ ବାରିକ, ଯତୀନ୍ଦ୍ର କୁମାର ଜେନା, ଦ୍ୱାରିକାନାଥ ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । କେନ୍ଦୁଝରର ଏହି ବଡ଼ ପର୍ବ ସମସ୍ତେ ଆନନ୍ଦର ସହ ପାଳନ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା ।

## ବିଜେପି ପକ୍ଷରୁ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି



ନିଆଳି, (ଭାସ୍କର ନ୍ୟୁଜ୍) : ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟ ତିଥିରେ ନିଆଳି ବିଜେପି ପକ୍ଷରୁ ବିଜେପି କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ନିଆଳି ବିଜେପି ନେତା ତ୍ରିଲୋଚନ ବେହେରା ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଦେଶର ବିକାଶ ପ୍ରକ୍ରିୟାରେ ବାଜପେୟୀଙ୍କ ଅବଦାନ ଚିର ସ୍ମରଣୀୟ ଏବଂ ପ୍ରେରଣା ଦାୟକ ବୋଲି କହିଥିଲେ । ବାଜପେୟୀ ୧୯୨୪ ଡିସେମ୍ବର ୨୫ରେ ମଧ୍ୟ ପ୍ରଦେଶର ଗ୍ୱାଲିୟରରେ ଜନ୍ମ ଗ୍ରହଣ କରିଥିଲେ । ୨୦୧୮ ଅଗଷ୍ଟ ୧୬ ତାରିଖରେ ତାଙ୍କର ପରଲୋକ ଘଟିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ତୋଫାନ ସିଂ, ତ୍ରିଲୋଚନ ଭୋଇ, ଦିଲୀପ କୁମାର ଜେନା, ସୁମନ୍ତ କୁମାର ସିଂ, ବ୍ରଜବନ୍ଧୁ ସିଂହ, ରାମ ଦାଶ, ସାରଙ୍ଗ ବାରିକ, ପ୍ରକାଶ ନାୟକ, ମାନସ ଦାଶ, ଗୀତାଞ୍ଜଳି ମିଶ୍ର, ମିଲି ସିଂ, ବିନୀତା ଜେନା, ହଯୋ ବିବି, ପୁଷ୍ପରାଣୀ ମିଶ୍ର, ରଞ୍ଜୁ ସ୍ୱାଇଁ ଯୋଗ ଦେଇଥିଲେ ।

## ସଂଗ୍ରାମୀ ଦାଶରଥୀ ପାଣି ଓ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଣିହାଁ, (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ୍ ବିଜିଗୋଳ ପଞ୍ଚାୟତ ପରିସରରେ ନବନିର୍ମିତ ସ୍ୱର୍ଗତ ସଂଗ୍ରାମୀ ଦାଶରଥୀ ପାଣି ଓ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଏବଂ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ସଂଗ୍ରାମୀ ସ୍ୱର୍ଗତ ପାଣିଙ୍କ ଝିଅ ବୀଣାପାଣି ଧର, ବୋହୂ ଅନୁସୂୟା ପାଣି ଓ ନାତୁଣୀ ସ୍ମିତାଞ୍ଜଳି ପାଣି, ସ୍ୱର୍ଗତ ପ୍ରଧାନଙ୍କ ନାତୁଣୀ ତଥା ପ୍ରାକ୍ତନ ବ୍ଲକ୍ ଅଧକ୍ଷା ମଞ୍ଜୁଲତା ପ୍ରଧାନ,



୯ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, କଣିହାଁ ବ୍ଲକ୍ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ସମିତିସଭ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିମାନଙ୍କ ପକ୍ଷରୁ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ ଗ୍ରାମ୍ୟ କମିଟି ସଭାପତି/ ସମ୍ପାଦକ, ୱାଡ ସଭ୍ୟା/ ସଭ୍ୟ, କର୍ମଚାରୀ ଓ ସାଧାରଣ ଜନତା ସାମିଲ ଥିଲେ । ସମାଜସେବୀ ନିର୍ମଳ ସାହୁ ମଞ୍ଚ ପରିଚାଳନା, ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପଞ୍ଚ ଅର୍ଥ କମିଶନ ପକ୍ଷରୁ ଦୁଇଲକ୍ଷ ଟଙ୍କା ବ୍ୟୟ ବରାଦ୍ ହୋଇଥିବା ପଞ୍ଚାୟତ ସୂତ୍ରରୁ ପ୍ରକାଶ । ସମିତିସଭ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ଥାନା ପରିସରରେ ଆଜି ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜେପିର ୧୨ନଂ ଜୋନ୍ ଛତା ମଣ୍ଡଳ ସଭାପତି ଅଶ୍ୱିନୀ ପରିଡ଼ାଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସ ଓ ଥାନାର ଅନ୍ୟ କର୍ମଚାରୀମାନେ ଥାନା ପରିସର ଓ ନିକଟସ୍ଥ ପଡ଼ିଆରେ ବିଭିନ୍ନ ଫୁଲ ଓ ଫଳ ଓ ଔଷଧୀୟ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ବେହେରା, ଗିରିଶ ଦାସ, ଅଜୟ ପ୍ରଧାନ, ପ୍ରଭାସ ପ୍ରଧାନ, ପ୍ରଭାକର ଲେଙ୍କା, କ୍ଷିରୋଦ ବରାଳ, ସୁଶାନ୍ତ କର, ଜିତେନ୍ଦ୍ର ମିଶ୍ର, ହେମନ୍ତ ଦାସ, ରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ସମ୍ମିଳନୀରେ ଦଳକୁ ସୁଦୃଢ଼ କରିବାକୁ ଆହ୍ୱାନ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାର ନିକଟସ୍ଥ ସତ୍ୟମ୍ ପ୍ୟାଲେସ କଲ୍ୟାଣୀ ମଣ୍ଡପରେ ରବିବାର ଦିନ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଢ଼େଙ୍କାନାଳ ଜିଲ୍ଲା କଂଗ୍ରେସ ଦଳର ଓବିସି ସେଲ ସଭାପତି ତଥା ଗତ ସାଧାରଣ ନିର୍ବାଚନରେ ଦଳର ବିଧାୟକ ପ୍ରାର୍ଥୀ ରଞ୍ଜିତ କୁମାର ସାହୁ(ଟୁଟୁ)ଙ୍କ ଆହ୍ୱାନ କ୍ରମେ ଶତାଧିକ କର୍ମୀଙ୍କ ଦ୍ୱାରା ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କଂଗ୍ରେସର ଜିଲ୍ଲା ସଂଯୋଜକ ଛବି ନାରାୟଣ ବିଶ୍ୱାଳ ଯୋଗ ଦେଇ ଦଳର ସାଙ୍ଗଠନିକ ଦିଗରେ ଗୁରୁତ୍ୱାରୋପ କରିଥିଲେ । ପରସ୍ପର ମଧରେ ବାଦବିବାଦ ସୃଷ୍ଟି ନକରି ମିଳିମିଶି ତୃଣମୂଳ ସ୍ତରରୁ କିପରି ସଂଗଠନକୁ ସୁଦୃଢ଼ କରିବା ସେଥି ପାଇଁ ଉପସ୍ଥିତ ସମସ୍ତ କର୍ମୀ ମାନଙ୍କୁ ଶ୍ରୀ ବିଶ୍ୱାଳ ଆହ୍ୱାନ ଦେଇଥିଲେ । ଏଥିସହ ଦଳର ନୂତନ ବ୍ଲକ ସଭାପତି ପଦ ପୂରଣ ପାଇଁ ପ୍ରସ୍ତାବ ଅଣାଯାଇ କର୍ମୀଙ୍କ ପାଖରୁ ଆବେଦନ ଗ୍ରହଣ କରାଯାଇଥିଲା । ଉକ୍ତ ବୈଠକରେ ବ୍ଲକର ପ୍ରାକ୍ତନ କଂଗ୍ରେସ ସଭାପତି ବିଜୟଶ୍ରୀ ରାଉତରାୟ, ନଗେନ ବିନାୟକ, ବରିଷ୍ଠନେତା ଦୟାସାଗର ଦାସ,ସଦାଶିବ ମଲ୍ଲିକ, ଦୀପକ ବେହେରା, ମକରଧ୍ୱଜ ସାହୁ, ପ୍ରକାଶ ବିଶ୍ୱାଳ ସମେତ ଦଳର କର୍ମୀ ମାନେ ସାମିଲ ହୋଇ ସଂଗଠନ ଦିଗରେ ନିଜ ନିଜର ମତ ରଖିଥିଲେ ।

### ମରଣାନ୍ତକ ଆକ୍ରମଣ

## ଅଭିଯୋଗରେ ଜଣେ ଗିରଫ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଥାନା ଅନ୍ତର୍ଗତ ମାଧପୁର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁଙ୍କୁ ସେହି ଗ୍ରାମର ଚରଣ ବାରିକ(୩୪) ନାମକ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗିରଫ୍ ହୋଇ କୋର୍ଟଚାଲାଣ ହୋଇଥିବା ଜଣାପଡ଼ିଛି । ସୂଚନା ଥାଉକି, ମାଧପୁର ଗ୍ରାମର ରାଜ କିଶୋର ସ୍ୱାଇଁଙ୍କ ପୁଅ ସନ୍ତୋଷ କୁମାର ସ୍ୱାଇଁ ଗତ ୧୫ତାରିଖ ଦିନ କିଛି ଗ୍ରାମବାସୀଙ୍କ ସହ ଠିଆ ହୋଇଥିବାବେଳେ ଚରଣ ସେଠାକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଏକ ଲୁହା ରଡ଼ରେ ଆକ୍ରମଣ କରିବା ଫଳରେ ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା । ଏ ନେଇ ସନ୍ତୋଷ ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ଚରଣକୁ ଗିରଫ କରିବା ସହ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରା ସୂଚନା ପ୍ରଦାନ କରିଛନ୍ତି ।

## ବର୍ଷେରୁ ଉର୍ଦ୍ଧ୍ୱ ହେବ ପଡ଼ୋଶୀଙ୍କ ନାକାବନ୍ଦୀରେ ପରିବାର

କେନ୍ଦ୍ରାପଡା, (ଓଡ଼ିଶା ଭାସ୍କର): ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଗୋଟେ ପରିବାରର ଘର ସମ୍ମୁଖରେ ପାଖ ପଡ଼ୋଶୀ ଜୋର ଜବରଦସ୍ତ ସରକାରୀ ଜମିକୁ ଜବରଦଖଲ କରି ଘର ସମ୍ମୁଖରେ କଂକ୍ରିଟ ତାର ବାଡ ପୋତି ରାସ୍ତା ଅବରୋଧ କରିଦେଇଛନ୍ତି । ଫଳରେ ଘରୁ ସେହି ପରିବାରଟି ପଦାକୁ ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି । ଘରର ମୂଲ୍ୟବାନ ଜିନିଷ ସମେତ ଚାଷ କାର୍ଯ୍ୟରେ ବ୍ୟବହାର ପାଇଁ ଆଣିଥିବା ଟ୍ରାକ୍ଟର ମଧ ଅବରୋଧ ଯୋଗୁଁ ନଷ୍ଟ ହେବାକୁ ବସିଲାଣି । ଏହି ଘଟଣା ପାଟକୁରା ସମେତ ପୁରା କେନ୍ଦ୍ରାପଡ଼ା ଜିଲ୍ଲାର ସାଧାରଣରେ ଉକ୍ତ ଘଟଣାକୁ ପ୍ରଶାସନର ନିରବତାକୁ ପ୍ରଶ୍ନ ଉଠାଇଛନ୍ତି । ଏଭଳି ଘଟଣା ପରେ ସମ୍ପୃକ୍ତ ପରିବାର ନ୍ୟାୟ ନପାଇବାରୁ ସମସ୍ତଙ୍କ ମନରେ ନ୍ୟାୟିକ ବ୍ୟବସ୍ଥା ଭୁଷୁଡି ପଡିଥିବା ଆଲୋଚନା ହେଉଛି । ସବୁଠୁ ବଡ଼ କଥା ହେଉଛି ଯେଉଁ ବାବୁମାନେ ସରକାରୀ ପଦପଦବୀରେ ନିଯୁକ୍ତି ଅଛନ୍ତି ତାଙ୍କ ଦାୟିତ୍ୱ ନିର୍ବାହ କରିବା ତ ଦୂରର କଥା ବରଂ ସାଧାରଣ ଲୋକଙ୍କଠୁ ଆହୁରି ଭୟଭୀତ ଅବସ୍ଥାରେ ନିଜର ଆଚରଣ ପ୍ରଦର୍ଶନ କରି ଶେଷରେ ଘଟଣା ସ୍ଥଳରୁ ଫେରିଆସୁଛନ୍ତି । ଯାହାକୁ ନେଇ ଏବେ



ଗରଦପୁର ତହସିଲ ଏବଂ ପାଟକୁରା ଥାନା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନ ମଧ ସୃଷ୍ଟି ହୋଇଛି । ଅଭିଯୋଗ ଅନୁସାରେ ପାଟକୁରା ଥାନା ଅନ୍ତଗତ ପାଟସୁରା ଗ୍ରାମର ନିହାର ରଞ୍ଜନ ପଟ୍ଟନାୟକ ଗତ ୨୮ ଜୁଲାଇ ୨୦୨୪ ତାରିଖରେ ତାଙ୍କ ଘର ପାଖ ପଡ଼ୋଶୀ ସରକାରୀ ଗୋଚର ଜମିକୁ ଜବରଦଖଲ କରି ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରିଥିବା ନେଇ ଏକ ଅଭିଯୋଗ କରିଥିଲେ । ଅଭିଯୋଗର ସମାଧାନ ନହେବାରୁ ଅବରୋଧ ଶିକାର ହୋଇଥିବା ପରିବାର ଶେଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଉପଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜବରଦଖଲ ଉଚ୍ଛେଦ ଲାଗି ନୋଟିସ୍ ମଧ କରିଥିଲେ । ଏହି ନୋଟିସ୍ ପାଇବା ପରେ ସ୍ଥାନୀୟ ପାଟକୁରା ଥାନାର କିଛି ପୋଲିସ୍ କର୍ମଚାରୀଙ୍କୁ ସାଙ୍ଗରେ ଧରି ନିଜେ ତହସିଲଦାର ଯିବା ପରିବର୍ତ୍ତେ ଆରଆଇଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ । ଅବରୋଧ କରିଥିବା ବ୍ୟକ୍ତି ଓ ତାଙ୍କ ପରିବାର ମହିଳା ସଦସ୍ୟମାନେ ସରକାରୀ ନୋଟିସକୁ ଗ୍ରହଣ ନକରି ଓଲଟା ଉଚ୍ଛେଦ ପାଇଁ ଯାଇଥିବା ଅଧିକାରୀମାନଙ୍କୁ ଭୟଭୀତ କରାଇବାରୁ ଶେଷରେ ଯାଇଥିବା ପୋଲିସ୍ କର୍ମଚାରୀ ଓ ଗରଦପୁର ଆରଆଇ ସେଠାରୁ ଦୌଡି ପଳାଇ ଆସିଥିଲେ । ପୁନର୍ବାର ଅବୋରୋଧର ଶିକାର ହୋଇଥିବା ପରିବାର ପୂର୍ବରୁ ଥିବା ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚି ଏହି ବିଷୟରେ ଜଣାଇଥିଲେ । ଜିଲ୍ଲାପାଳ ସଙ୍ଗେ ସଙ୍ଗେ ଘଟଣାକୁ ଗୁରୁତ୍ୱ ଦେବା ସହ ତୁରନ୍ତ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗରଦପୁର ତହସିଲଦାର ତୃପ୍ତି ଦାଶ ଏବଂ ଉପଜିଲ୍ଲାପାଳ ଘଟଣା ସ୍ଥଳରେ ପହଞ୍ଚି ସବୁ ଦେଖି ମଧ ଫେରି ଆସିଥିଲେ । ଘଟଣାକୁ ଦୀର୍ଘ ୯ ମାସ ପରେ ପୁରା ପରିବାର ନିରାଶ ହୋଇ ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିହାର ରଞ୍ଜନଙ୍କ ମାଆ ଫୁଲରାଣି ନାୟକ ଗତ ୩ ମାର୍ଚ୍ଚ ୨୦୨୫ରେ ଅଭିଯୋଗ ମାଧ୍ୟମରେ ଜଣାଇଥିଲେ । ଏହି ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ମଧ ଉଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅନ୍ୟପଟେ ନିଜେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ଗରଦପୁର ତହସିଲଦାର ତୃପ୍ତି ଦାଶଙ୍କୁ ଗତ ଜୁଲାଇ ୧୦ ତାରିଖରେ ବ୍ୟକ୍ତିଗତ ଭାବେ ଫୋନ୍ ଯୋଗେ ଏହି ଘଟଣାରେ ସମ୍ପର୍କରେ ସମ୍ପୂର୍ଣ୍ଣ ରିପୋର୍ଟ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ମନ୍ତ୍ରୀଙ୍କ ଫୋନ୍‌କୁ ଆଜିକୁ ଏକ ମାସ ୬ ଦିନ ବିତିଯାଇଥିଲେ ସୁଦ୍ଧା ଅସହାୟ ପରିବାରକୁ ନ୍ୟାୟ ମିଳିପାରି ନାହିଁ । ଯାହାକୁ ନେଇ ଏବେ ନିହାର ଏବଂ ତାଙ୍କ ପୁରା ପରିବାର ନିରାଶ ହେବା ସହିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ନିଜକୁ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



କଟକ(ଭାସ୍କର ନ୍ୟୁଜ): ଶୁଭେନ୍ଦୁ ଫାଉଣ୍ଡେସନ ଓ ଅଭୀପ୍ସାର ମିଳିତ ଆନୁକୂଲ୍ୟରେ ଶୁଭେନ୍ଦୁ ପତି ସ୍ମାରକୀ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଚୌଧୁରୀ ବଜାରସ୍ଥିତ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ରଥ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରନ ସାହୁ (ମୁଖ୍ୟ ଅତିଥି), ଅଭୀପ୍ସାର ପ୍ରତିଷ୍ଠାତା ସଂପାଦକ ସଂଗ୍ରାମ କେଶରୀ ନାୟକ, ସୁଲତା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ସୁଲତା ପଣ୍ଡା, ଶିକ୍ଷକ ରାଜାରାମ ଜେନା, ପ୍ରସନ୍ନ ଗୋଚ୍ଛାୟତ, ଶିକ୍ଷୟିତ୍ରୀ ମମତା ପଣ୍ଡା ପ୍ରମୁଖ ଅତିଥି ରୂପେ ଉପସ୍ଥିତ ରହି ବିଦ୍ୟାଳୟର ମେଧାବୀ ଛାତ୍ରୀ ତଥା ଉଦୀୟମାନ ନୃତ୍ୟଶିଳ୍ପୀ ଜ୍ୟୋତିସ୍ମିତା ନାୟକଙ୍କୁ 'ଶୁଭେନ୍ଦୁ ପତି ସ୍ମାରକୀ ପୁରସ୍କାର-୨୦୨୫' ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



### ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର, ୫ହଜାରରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଲୋକସେବା ଭବନ ଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଷୟରେ ଆଲୋଚନା କରି ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ଡାକ୍ତର ପଦବୀ ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଲୋଚନାରୁ ଜଣା ଯାଇଛିଯେ, ଖୁବଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ ଏବଂ ଆହୁରି ୫୦୦୦ରୁ ଉର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ ମଧ ନିଯୁକ୍ତି ପାଇବେ । ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧୁଷିତ ଅଂଚଳ ମାନଙ୍କରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆଷୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ ଶୀଘ୍ର ରାଜ୍ୟ ସରକାର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ମେଡିକାଲ କଲେଜରେ ପିଜି ସିଟ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜର ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ସେବା ଛଡା ଅନ୍ୟାନ୍ୟ ଆବଶ୍ୟକୀୟ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥି ନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ, ଅଶ୍ୱଥି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡଃ ବୃନ୍ଦା ଡ଼ି, ଓଡିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ନବୀନଙ୍କ ଆଶୁଆରୋଗ୍ୟ କାମନା କରି ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ଅଖଣ୍ଡଦୀପ ଦାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୋମବାର ଭୁବନେଶ୍ୱର ସାଂଗଠାନିକ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଆସୁଆରୋଗ୍ୟ କାମନା କରି ମହାପ୍ରଭୁଙ୍କ ନିକଟରେ ଅଖଣ୍ଡଦୀପ ଜାଳି ପୂଜାର୍ଚ୍ଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ରର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ଶିବ ପ୍ରସାଦ ବେହେରା, ଚନ୍ଦ୍ର ଶେଖର ମଲ୍ଲିଆ, ଭାରତୀ ସିଂ, ମହାମାୟା ସ୍ୱାଇଁ, ଶିବ ନାରାୟଣ ରାୟ, କେ ଶାନ୍ତି, ଶ୍ରୀଧର ବେହେରା, ଅଜିତ୍ ବେହେରା, କିରଣ ମାଝୀ, ଅଶ୍ୱିନୀ ସୁନ୍ଦରାୟ, ମିହିର ରାଉତ, ସନ୍ତୋଷ ସିଂ, ରଞ୍ଜୁଲତା ରାୟ, ପୁଷ୍ପାଞ୍ଜଳି ସେଠୀ, ପଦ୍ମଯା ଜେନା, ସ୍ମୃତି ରେଖା ବରିସଲ, ଡ ସନ୍ତୋଷ ବେଜ୍, ଦାଶରଥି ଗରାବଡୁ, ଆଲିଅଲି ମଲ୍ଲିକ୍, ହେମାଦ୍ରି ମହାପାତ୍ର, ଶିବପ୍ରସାଦ ମହାପାତ୍ର, ସସ୍ମିତା ଦାସ,ଦୁର୍ଗାଚରଣ ସାମନ୍ତରାୟ, ରାଜେଶ ପାତ୍ର ଏବଂ ଭୁବନେଶ୍ୱର ଆଇନଜୀବୀ ସାମୁଖ୍ୟାର ଡ ସୁରେଶ ବାରିକ ବହୁ ଯୁବ,ଛାତ୍ର ନେତା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ(ଭାସ୍କର ନ୍ୟୁଜ୍): ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୨ ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୫୦ ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ସାମୁହିକ ଅଭିଯୋଗ ଶୁଣାଣି ହୋଇଥିଲା । ଅନୁଷ୍ଠିତ ଶିବିରରେ ୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ୫ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା । ସୂଚନା ଥାଉକି ୭ଟି ଅଭିଯୋଗ ମଧ୍ୟରୁ ଭତ୍ତା, ରାସନ୍ କାର୍ଡ ତଥା ସ୍ୱାସ୍ଥ୍ୟ ଆଦି ସମ୍ପର୍କିତ ବିଭିନ୍ନ ପିକୃତ ଅଭିଯୋଗର ଶୁଣାଣି ହୋଇଥିଲା । ଆରକ୍ଷୀ ଅଧିକ୍ଷକ, (ଗ୍ରାମାଞ୍ଚଳ) ପ୍ରତୀକ ସିଂ, ଡିସିପି, ରିଶିକେଶ ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ସମେତ ସମସ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତି ଥିଲେ ।

## ୨୫ରେ ରାହୁଲଙ୍କ ସହ ସଂଗଠନ ସୃଜନ ପର୍ଯ୍ୟବେକ୍ଷକଙ୍କ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୫ରେ ରାହୁଲଙ୍କ ସହ ସଂଗଠନ ସୃଜନ ପର୍ଯ୍ୟବେକ୍ଷକଙ୍କ ବୈଠକ ବସିବ । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଦାସ । ବୈଠକ ପରେ ଗୋଟିଏ ମାସ ଭିତରେ ନିଯୁକ୍ତ ହେଲେ ଜିଲ୍ଲା ସଭାପତି । ବ୍ଲକ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲା ସଭାପତି ଚୟନ ପରେ ବ୍ଲକ ସଭାପତି ଚୟନ କରାଯିବ ବୋଲି ସେ କହିଛନ୍ତି ।

### ବିଦ୍ୟୁତ ଆଘାତରେ ନାବାଳକ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

## ୪ ଲକ୍ଷ ସହାୟତା ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାଠାରେ ବିଦ୍ୟୁତ ଆଘାତରେ ନାବାଳକଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

## ନିହାରଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଛି । କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ସୋମବାର ହେବାକୁ ଥିବା ବେଳେ ଶୁଣାଣି ସ୍ଥଗିତ ହୋଇ ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଅନୁରୂପ ଭାବେ ଅନ୍ୟ ଅଭିଯୁକ୍ତମାନଙ୍କ ଜାମିନ ଆବେଦନ ମଧ ଘୁଞ୍ଚାଇ ଦିଆଯାଇଛି । ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରା ଉପସଭାପତି ମହାନ୍ତିଙ୍କ ଓ ଅନ୍ୟ ୬ ଜଣଙ୍କୁ ଗିରଫ କରିଥିଲା । ପରେ କ୍ରାଇମବ୍ରା ଦୁଇ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ରଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା ସହ ଅଧିକ ତଥ୍ୟ ସଂଗ୍ରହ କରିଛି ।

## ୪ରେ ରାଜ୍ୟ ନିର୍ବାଚନ କମିଶନ ଆଗରେ ଧାରଣା ଦେବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସ ଭବନରେ ଆଜି ରାଜ୍ୟ କଂଗ୍ରେସ ପିଇସି କମିଟିର ବଡ଼ ବୈଠକ ବସିଛି । ଭୋଟ ଚୋରି ନେଇ କଂଗ୍ରେସ ପିଇସି ବୈଠକରେ ବଡ଼ ନିଷ୍ପତି ହୋଇଛି । ଆସନ୍ତା ୪ ରେ ରାଜ୍ୟ ନିର୍ବାଚନ କମିଶନ ଆଗରେ ଧାରଣା ଦେବ କଂଗ୍ରେସ । ରାଜ୍ୟ କଂଗ୍ରେସ ଭବନରୁ ବାହାରି ନିର୍ବାଚନ କମିଶନ ଯାଏ ପଦଯାତ୍ରାରେ ଯିବେ କଂଗ୍ରେସ ନେତା । ଶିକ୍ଷା କ୍ଷେତ୍ରରେ ଆଡ଼ମିସନ ବେଳେ ଓବିସିକୁ ସଂରକ୍ଷଣ ଦିଆଯାଇ ନାହିଁ । ଆସନ୍ତା ୨୧ ରେ ଶିକ୍ଷା ବିଭାଗ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ । ପିଇସି କମିଟି ବୈଠକରେ ଏ ନେଇ ଆଲୋଚନା ହୋଇଥିବା କହିଛନ୍ତି ପିସିସି ସଭାପତି ଭକ୍ତ ଦାସ । ଏଥିରେ ଦଳର ପିଇସି କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ବେଆଇନ କାର୍ଯ୍ୟକଳାପରେ ସଂପୃକ୍ତି ଅଭିଯୋଗ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ଶ୍ରୀ ସ୍ମୃତି ରଞ୍ଜନ ଦାସଙ୍କର ବେଆଇନ କାର୍ଯ୍ୟକଳାପରେ ସଂପୃକ୍ତି ଅଭିଯୋଗ କାରଣରୁ ଦଳର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଛି । ତେଣୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ସ୍ମୃତି ରଞ୍ଜନ ଦାସଙ୍କୁ ଦଳରୁ ନିଲମ୍ବନ କରାଗଲା ବୋଲି ଶୃଙ୍ଖଳା କମିଟି ରାଜ୍ୟ ଆବାହକ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି ।

## ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର



କଟକ(ଭାସ୍କର ନ୍ୟୁଜ୍): ମୋକିମ ଫାଉଣ୍ଡେସନ ଆନୁକୂଲ୍ୟ ଓ ଆବାସିକ ସଙ୍ଘ ସହଯୋଗରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଉଓଇ ସେକ୍ଟର ୬ ମର୍କତନଗର ସ୍ଥିତ ମଙ୍ଗଳା ମନ୍ଦିର କଟକ ଠାରେ ଡାକ୍ତର ନୟୀମା ତାଜ୍ମୀମଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ ମହମଦ ମୋକିମଙ୍କ ଦ୍ୱାରା ଉଦଘାଟନରେ ଅନୁଷ୍ଠିତ ହୋଇଯାଇଛି । ବାରବାଟୀ କଟକର ବିଧାୟିକା ଇଂ ସୋଫିଆ ଫିଦୋଷ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜିବୀ ସୌରଚନ୍ଦ୍ର ମହାପାତ୍ର, ଗିରିବାଳା ବେହେରା, ଶୈଳବାଳା ଜେନା, ସରୱାର ହସିବ ଓ ଡାକ୍ତର ଆରତୀପ୍ରଭା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ଶିବିରରେ ମେଡ଼ିସିନ ବିଶେଷଜ୍ଞ ଡାକ୍ତର କାମାକ୍ଷା ପ୍ରସାଦ ଭୂଇଁଆ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ରଜତ କୁମାର ବେହେରା, ହୃଦରୋଗ ବିଶେଷଜ୍ଞ ଡାକ୍ତର ଶୁଚିସ୍ମିତା ଭୂଇଁଆ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନ, ଓ ଡାକ୍ତର ଦେବହୂତି ପଟ୍ଟନାୟକ ସିଡିଏ ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା କରିବା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ଶ୍ୱାସ ପରୀକ୍ଷା, ଆଖି ପରୀକ୍ଷା, ବିଭିନ୍ନ ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା । ସତ୍ୟରଞ୍ଜନ କରଙ୍କ ସଂଯୋଜନା ଶିବିର ପରିଚାଳନା କରିଥିଲେ ।

### ଅଟୋରେ ନାବାଳିକାଙ୍କୁ ଅସଦାଚରଣ

## ପୋଲିସର ନୀରବତା ଅଭିଯୋଗ

କଟକ(ଭାସ୍କର ନ୍ୟୁଜ୍): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ନିକଟରେ ଜଣେ ଅଟୋ ଚାଳକ ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସର ନୀରବତାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବିଳମ୍ବରେ ପୋଲିସ ଅଭିଯୁକ୍ତକୁ ଜଗତସିଂହପୁରରେ ଗିରଫ କରିଥିବା କଟକ ଡିସିପି ସୂଚନା ଦେଇଛନ୍ତି । ଅଭିଯୁକ୍ତ ଅଟୋଚାଳକ ଜଣକ ବିଦ୍ୟାଧରପୁର ସିଆରଆରଆଇରେ ରହୁଥିବା ପୁଲିସ ତଦନ୍ତରୁ ଜଣାପଡିଥିଲା । ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ପେଟ୍ରୋଲ ଢ଼ାଳି ମାରିଦେବାକୁ ଧମକ ଦେଇଥିଲେ । ଏନେଇ ନାବାଳିକା ଜଣକ ଚାଉଳିଆଗ ଥାନାରେ ଅଭିଯୋଗ କରିଛନ୍ତି । ପରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ପୋଲିସ ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇଥିଲା । ଘଟଣାରୁ ପ୍ରକାଶ ଯେ, ଗତ ୮ ତାରିଖରେ ନାବାଳିକା ଜଣକ ଜଗତପୁର ଅଞ୍ଚଳରୁ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଦାମବାଡ଼ି ଆସିଥିଲେ । ବାଦାମବାଡ଼ିରୁ କାମ ସାରି ଫେରିବା ବେଳେ ଶିଖରପୁର ନିକଟରେ ଅଟୋ ଚାଳକଙ୍କୁ ପାଣି ମାଗିଥିଲେ । ପାଣି ନଥିବା ଅଟୋ ଚାଳକ କହିଥିଲେ । ସେହି ସମୟରେ ନାବାଳିକାଙ୍କ ସାଙ୍ଗ ପାଣି ଆଣିବା ପାଇଁ ନିକଟରେ ଥିବା ଦୋକାନରୁ ଯାଇଥିଲେ । ଏହାର ସୁଯୋଗ ନେଇ ଅଟୋ ଚାଳକ ଜଣକ ନାବାଳିକାକୁ ଅସଦାଚରଣ କରିଥିଲେ । ବାରମ୍ବାର ତାଙ୍କୁ ଛୁଇଁବା ପାଇଁ ଚେଷ୍ଟା କରିଥିଲେ । ତେବେ ଏ ନେଇ ନାବାଳିକା ଜଣକ ଚାଉଳିଆଗ ଥାନାରେ ଏତଲା ଦେଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଏଥି ସହିତ ନାବାଳିକା ପୀଡ଼ିତାଙ୍କ ଡାକ୍ତରୀ ମାଇନା ମଧ କରିବା ସହ ଶିଖରପୁର ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ତଦନ୍ତ କରିଥିବା ଡିସିପି ସୂଚନା ଦେଇଛନ୍ତି ।

## ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ବିଗତ ଜୁନ୍ ୯ ତାରିଖରେ ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣା ପତ୍ର ଅନୁଯାୟୀ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ, ସ୍ନାତକ (ଭୋକେସ୍‌ନାଲ୍ ଷ୍ଟଡ଼ିଜ), ଟ୍ରାଭେଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିବିଏ, ଏମବିଏ ଆଦି ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି କ୍ରମରେ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମର ପାଠ୍ୟ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି, ଯାହାକୁ ଆଜି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚନ କରିଛନ୍ତି । ଆଗରୁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଦ୍ୱାରା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମକୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ପ୍ରଦାନ କରାଯାଉଥିଲା, ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ମଧ ପ୍ରଦାନ କରାଯିବ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଇଗ୍ନୋ ପକ୍ଷରୁ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଶେଷ ଭାବରେ ଆମ ବାଲ୍ ବାଟିକା ଏବଂ ଅଙ୍ଗନୱାଡ଼ିରେ କାର୍ଯ୍ୟ କରୁଥିବା କର୍ମୀ ଓ ପ୍ରଶିକ୍ଷକମାନେ ନିଜକୁ ଉକ୍ତ ପାଠ୍ୟକ୍ରମରେ ପଞ୍ଜିକୃତ କରି ଉପକୃତ ହୋଇପାରିବେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ପ୍ରାରମ୍ଭିକ ଶିକ୍ଷା ହେଉଛି ଆମ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ । ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିଲେ ଆମ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଇଗ୍ନୋର ଏହି ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇଥିବା ଅଙ୍ଗନବାଡ଼ି କର୍ମୀ ଆଭାସୀ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଇଗ୍ନୋର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୦ରେ ମହାତ୍ମା ଗାନ୍ଧୀଙ୍କ କଟକ କୃଷ୍ଣାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ



କଟକ(ଭାସ୍କର ନ୍ୟୁଜ୍): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କଟକ ସ୍ଥିତ କୃଷ୍ଣାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ ଆୟୋଜନ କରାଯିବ । ପ୍ରକାଶ ଥଉକି ୧୯୨୫ ମସିହା ଅଗଷ୍ଟ ମାସ ୨୦ ତାରିଖରେ ଗାନ୍ଧିଜୀ ଏସିଆର ଏହି ବୃହତ କୃଷ୍ଣାଶ୍ରମ ଆସି ଅନ୍ତେବାସୀଙ୍କ ସେବା କରିବା ସହ ଜନସାଧାରଣଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ନିମନ୍ତେ ସାମାଜିକ ବାର୍ତ୍ତା ଦେଇ ପଦଯାତ୍ରା କରି ଫେରିଥିଲେ । ଏହି ଅଭୁଲା ସ୍ମୃତିର ସ୍ମାରକୀ ସ୍ୱରୂପ ଏକଶତ ବାର୍ଷିକୀ ସମାରୋହ କୃଷ୍ଣାଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳଙ୍କ ସମେତ ବରିଷ୍ଠ ମନ୍ତ୍ରୀ, ସାଂସଦ, ବିଧାୟକ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମସ୍ତ ଚୁଡାନ୍ତ ପ୍ରସ୍ତୁତି ସ୍ୱରୂପ ଅପରାହ୍ନରେ କଟକ ମହାନଗର ନିଗମ ଆୟୁକ୍ତ, କିରଣ ଦୀପ କୌର ସାହୋଟାଙ୍କ ଅଧକ୍ଷତାରେ ଏକ ବୈଠକ ବିଜୁ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି । ସମସ୍ତ ଦିଗରେ ଯତ୍ନବାନ ସହ ତଥା ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ଯ କରିବା ପାଇଁ ବୈଠକରେ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀ ମାନଙ୍କୁ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ ।

## ବିଜେପିରେ ସାମିଲ ହେଲେ ଶତାଧିକ ବିଜେଡି ନେତା ଓ କର୍ମୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି । ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି । ବିଜେଡି ଉପରୁ ଆସ୍ଥା ହରାଇ ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ ରାଜ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ, ସମିତି ସଭ୍ୟ ଅଶୁମତି ସାହୁ, ପ୍ରଦୀପ ନାୟକ, ଭାଗବତ ନାୟକ, ଉତମ ଚନ୍ଦ୍ର ବେହେରା, ଦ୍ରୁପଦୀ ମହନ୍ତ, ସଞ୍ଜୁ ମହନ୍ତ, ଜମ୍ବୁ ନାୟକ, ଜୟନ୍ତି ନାଏକ, ଚନ୍ଦ୍ରମଣି ପାତ୍ର, ଗୋଲକ ବିହାରୀ ନାଏକ ଏବଂ ସରପଂଚ ଝୁମିତା ନାୟକ, ଭାମମଣି ଦାଶ, ରାଉତ ମୁଣ୍ଡା, ହରିଶଙ୍କର ଦେହୁରୀ ପ୍ରମୁଖ ନିର୍ବାଚିତ ଜନପ୍ରତିନିଧିଙ୍କ ସହ ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ସାହାରପଡା ବ୍ଲକର ସମିତି ସଭ୍ୟ ଦିପୁ ମହନ୍ତ, ପରେଶ ଚନ୍ଦ୍ର ସେଠୀ, ଲଳିତ ମୁଣ୍ଡା, ରିନୁ ମୁଣ୍ଡା, ଟିପୁନାଥ ହୋ, ନିରଞ୍ଜନ ଲୋହର, ଅଞ୍ଜୁଲତା ନାଏକ, ବୀରବର ମାଝୀ ଏବଂ ସରପଂଚ ବିଜୁ ନାଏକ, ଜଳଧର ନାଏକ, ବରିଷ୍ଠ ନେତା ସତ୍ୟନାରାୟଣ ନାଏକ, ସୁକାନ୍ତି ମୁଣ୍ଡା, ବିରଂଚି ନାଏକଙ୍କ ସମେତ ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ମିଶ୍ରଣ ପର୍ବରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି । ଭାରତୀୟ ଜନତା ପାର୍ଟି ଏକ ଶକ୍ତିଶାଳୀ ପାର୍ଟି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାରଙ୍କ ମିଳିତ ପ୍ରୟାସରେ ବିଜେପି ସରକାର ଡବଲ ଇଞ୍ଜିନ ସରକାର କରିବାରେ ସଫଳ ହୋଇପାରିଛି । ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସଂପାଦକ ସୀମାଂଚଳ ଖଟେଇ ଓ ରାଜ୍ୟ ସଂପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ରକ୍ତଦାନ ଶିବିର ଶୁଭାରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଏଚଡିଏଫସି ବ୍ୟାଙ୍କ ତରଫରୁ ଆୟୋଜିତ 'ରକ୍ତଦାନ ଶିବିର'ର ଶୁଭାରମ୍ଭ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଅନ୍ୟର ଜୀବନ ରକ୍ଷା ପାଇଁ ରକ୍ତ ଦାନ ଭଳି ଏକ ମହତ କାମ ପାଇଁ ଆଗେଇ ଆସିଥିବା ବ୍ୟାଙ୍କର କର୍ମଚାରୀ ବିଶେଷ କରି ସମସ୍ତ ରକ୍ତଦାତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି । ଏହି ପ୍ରୟାସ ନିଶ୍ଚିତ ଭାବେ ରକ୍ତ ଅଭାବକୁ ଦୂର କରିବା ସହ ଅନ୍ୟମାନଙ୍କୁ ରକ୍ତଦାନ କାର୍ଯ୍ୟରେ ସାମିଲ ହେବା ପାଇଁ ପ୍ରେରଣା ଦେବ ।

## କିଟ୍ ଉଚ୍ଚମାଧମିକ ବିଦ୍ୟାଳୟର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ଉଚ୍ଚ ମାଧମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୨୦୦୪ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଅନେକ ଉତ୍‌ଥାନ ପତନ ଦେଇ ଆଜି ସମଗ୍ର ଓଡ଼ିଶା ତଥା ପାଖପଡୋଶି ରାଜ୍ୟମାନଙ୍କରେ ଗଢିଉଠିଥିବା ଅନେକ ଅନୁଷ୍ଠାନଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିବାର ଅନବଦ୍ୟ ନିରନ୍ତର ପ୍ରଚେଷ୍ଟା, ସର୍ବୋପରି ଏହାର ପ୍ରାଣ ପ୍ରତିଷ୍ଠାତା ଡ଼ଃ. ଚିତ୍ତରଞ୍ଜନ ମିଶ୍ର, ଅଧକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଏବଂ ଧୁରିଣ ଅଧାପକ ମଣ୍ଡଳୀଙ୍କ ଆପ୍ରାଣ ଚେଷ୍ଟା ଏହାକୁ ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟର ଅନୁଷ୍ଠାନ ଗୁଡିକ ମଧ୍ୟରେ ଶ୍ରେଷ୍ଠତା ବଜାୟ ରଖିବାରେ ଯେଉଁମାନଙ୍କ ଉଦ୍ୟମଥିଲା ସେମାନଙ୍କ ସ୍ମୃତିଚାରଣ ସହ ପରପିଢିର ଯୁବସାମଜକୁ ଦିଶା ପ୍ରଦାନରେ ଅଗ୍ରଣୀଭୂମିକା ଗ୍ରହଣ କରିବା ଏକ ଗର୍ବ ଓ ଗୌରବର ବିଷୟ । କଲେଜର ଅଧକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଭାଷଣ କ୍ରମରେ ଯୁବପିଢିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ସହ ଯଦି ଉପରକୁ ଯାଇ ତଳକୁ ନ ଖସିବାକୁ ଚାହୁଁଛ ତେବେ ପ୍ରଥମେ ନିଜର ଅହଂକାରକୁ ପରିତ୍ୟାଗ କର ବୋଲି ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟ ଅତିଥି ତଥା ଓଡ଼ିଶାର ସୁନାମ ଧନ୍ୟ ସ୍ନାୟୁସଲ୍ୟର ଚିକିତ୍ସକ ପଦ୍ମଶ୍ରୀ ଡ଼ଃ. ଅଶୋକ କୁମାର ମହାପାତ୍ର ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧାତ୍ମିକତାକୁ ଯୋଗ କରି ଏକ ସଫଳ ଜୀବନ ନିମନ୍ତେ Education for Elevationକୁ ପାଥେୟ କରି ଚାଲନ୍ତୁ ବୋଲି ମତ ରଖିବା ସହ 'Remember the past, acknowledge the present and look forward to future' ବୋଲି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ଚପଳ ମତି ହୁଅନ୍ତୁ କିନ୍ତୁ wifi-smart class room, digital library, ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ଏବଂ ଅଭିଜ୍ଞ ଅଧାପନା ମଣ୍ଡଳୀଙ୍କ ମାର୍ଗ ଦର୍ଶନକୁ ପାଥେୟ କରି ଲକ୍ଷ୍ୟ ପଥରେ ଆଗେଇ ଯିବାର ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଉପାଧକ୍ଷ ଡ଼ଃ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ 'ଆପ ଆଏ ବାହାର ଆଏ', କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।

-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।

- ଉତ୍କଳମଣି ଗୋପବନ୍ଧୁ ଦାସ



## ‘ଭୋଟ ଚୋରି’କୁ ନେଇ ମୁହାଁମୁହିଁ ସ୍ଥିତି

# ନିର୍ବାଚନ ଆୟୋଗଙ୍କ କଠୋର ଆଭିମୁଖ୍ୟ

ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଗତବର୍ଷ ଅନୁଷ୍ଠିତ ହୋଇଥିବା ଲୋକସଭା ନିର୍ବାଚନ ଓ ପରେ ପରେ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ଭୋଟ ଜାଲିଆତି ଅଭିଯୋଗକୁ ନେଇ ନିର୍ବାଚନ ଆୟୋଗ ଓ ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ଯୁବ ଚେହେରା ରାହୁଲ ଗାନ୍ଧୀ ଏକରକମ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। ଏହିସବୁ ନିର୍ବାଚନରେ କେନ୍ଦ୍ରର କ୍ଷମତାସୀନ ବିଜେପିକୁ ବିଜୟୀ କରିବା ଉଦ୍ଦେଶ୍ୟରେ ‘ଭୋଟ ଚୋରି’ ହୋଇଥିବା ଏବଂ ନିର୍ବାଚନ ଆୟୋଗ ସେଥିରେ ସହଯୋଗ କରିଥିବାର ରହୁଲଙ୍କ ସମେତ ‘ଇଣ୍ଡିଆ’ ମେଣ୍ଟର ସହଯୋଗୀ ଦଳ ଗୁଡ଼ିକ ଅଭିଯୋଗ କରି ଚାଲିଥିବା ବେଳେ ମୁଖ୍ୟ ନିର୍ବାଚନ ଆୟୋଗ ଏହାକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି। ନିଆଁରେ ଘିଅ ଢ଼ାଳିବା ଭଳି ଠିକ୍ ଏତିକି ବେଳେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍.ଆଇ.ଆର୍) ପାଇଁ ନିର୍ବାଚନ ଆୟୋଗଙ୍କ ପଦକ୍ଷେପ ବିରୋଧୀଙ୍କୁ ଅଧିକ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରିବାକୁ ସୁଯୋଗ ଦେଇଛି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ଦ୍ୱାରା ବହୁ ଯୋଗ୍ୟ ଭୋଟର ମତଦାନ ଅଧିକାରରୁ ବଞ୍ଚିତ ହୋଇଥିବାର ସେମାନେ ଅଭିଯୋଗ କରୁଛନ୍ତି। ଏହି ପ୍ରସଙ୍ଗରେ ବର୍ତ୍ତମାନ ଚାଲିଥିବା ସଂସଦର ମୌସୁମୀ ଅଧିବେଶନରେ ଦୀର୍ଘଦିନ ଧରି ହଟ୍ଟଗୋଳ ଲାଗି ରହିବାରୁ ସ୍ୱାଭାବିକ କାର୍ଯ୍ୟ ପରିଚାଳନା ବାଧାପ୍ରାପ୍ତ ହୋଇଛି। ବିରୋଧୀ ଦଳଗୁଡ଼ିକ ଏଥିନେଇ ଗୃହରେ ଆଲୋଚନା କରାଯିବା ଦାବିରେ ଅଟଳ ରହିଥିବାର ଲକ୍ଷ୍ୟ କରାଯାଉଛି। ବିହାର ବିଧାନସଭା ନିର୍ବାଚନକୁ ଆଉ ମାତ୍ର ଦୁଇମାସ ବାକିଥିବା ବେଳେ ନିର୍ବାଚନ ଆୟୋଗ ତରବରିଆ ଭାବରେ ଭୋଟର ତାଲିକା ଯାଞ୍ଚ କାର୍ଯ୍ୟ ହାତକୁ ନେଇ ଯୋଗ୍ୟ ଭୋଟରମାନଙ୍କୁ ମତଦାନ ଅଧିକାରରୁ ଉଦ୍ଦେଶ୍ୟମୂଳକ ଭାବେ ବଞ୍ଚିତ କରୁଥିବାର ରାହୁଲ ଗାନ୍ଧୀ ଓ ତାଙ୍କର ସହଯୋଗୀ ମାନେ ଅଭିଯୋଗ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଫଳରେ ବିହାରରେ ୬୫ଲକ୍ଷ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଛି ଏବଂ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ ଆୟୋଗ ରବିବାର ଦିନ ସେମାନଙ୍କ ନାମ ସାର୍ବଜନୀନ କରିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଗତ କିଛିଦିନ ଧରି ନିର୍ବାଚନ ଆୟୋଗ ଭଳି ଦେଶର ଏକ ସାମ୍ବିଧାନିକ ସଂସ୍ଥା ବିରୋଧରେ ‘ଭୋଟ୍ ଚୋରି’ ଅଭିଯୋଗ ଆଣି ବିଷୋଦ୍‌ଗାର କରିବା ପରେ ମୁଖ୍ୟ ନିର୍ବାଚନ ଆୟୋଗ (ସିଇଓ) ଜ୍ଞାନେଶ କୁମାର ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଥମ ଥର ପାଇଁ ମୁହଁଖୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାହୁଲ ‘ଭୋଟ୍ ଚୋରି’ ନେଇ ଯେଉଁ ଅଭିଯୋଗ ଗଣମାଧ୍ୟମ ଓ ସର୍ବସାଧାରଣରେ କରିଚାଲିଛନ୍ତି, ତାହାର ନିର୍ଦ୍ଦିଷ୍ଟ ପ୍ରମାଣ ସହିତ ସତ୍ୟପାଠ ସାତଦିନ ମଧ୍ୟରେ ଦାଖଲ କରିବାକୁ ମୁଖ୍ୟ ଆୟୋଗ ଚେତାବନୀ ଶୁଣାଇଛନ୍ତି। ଅନ୍ୟଥା ତାଙ୍କର ଅଭିଯୋଗ ‘ଅସତ୍ୟ’ ବୋଲି ବିବେଚନା କରାଯିବା ସଙ୍ଗେ ସଙ୍ଗେ ଏଭଳି ଅସତ୍ୟ ଅଭିଯୋଗ ପାଇଁ ରାହୁଲ ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ପଡ଼ିବ ବୋଲି ମୁଖ୍ୟ ନିର୍ବାଚନ ଆୟୋଗ ମତ ରଖିଛନ୍ତି। ତେବେ ମୁଖ୍ୟ ନିର୍ବାଚନ ଆୟୋଗ କିଛି ଦିନର ନିରବତା ପରେ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ସେପଟେ ରାହୁଲ ଗାନ୍ଧୀ ରବିବାର ବିହାରରେ ୧୬ଦିନ ବ୍ୟାପି ‘ଭୋଟ୍‌ର ଅଧିକାର ଯାତ୍ରା’ ଆରମ୍ଭ କରିଛନ୍ତି। ଏହି ଯାତ୍ରା ରାଜ୍ୟର ୨୦ଟି ଜିଲ୍ଲାରେ ତେରଶହ କିଲୋମିଟର ପଥ ଅତିକ୍ରମ କରିବା ପରେ ରାଜଧାନୀ ପାଟନାର ଗାନ୍ଧୀ ମଇଦାନରେ ସେପ୍ଟେମ୍ବର ପହିଲାରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଆର୍.ଜେ.ଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏହି ଯାତ୍ରାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ପ୍ରମାଣ କରୁଛି ଯେ, ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାହୁଲ ଗାନ୍ଧୀଙ୍କ ଏହା ଏକ ସୁଚିନ୍ତିତ ରଣନୀତି। ସଂସଦୀୟ ଗଣତନ୍ତ୍ରରେ ଉଭୟ ନିର୍ବାଚନ ଆୟୋଗ ଏବଂ ଲୋକସଭା ବିରୋଧୀ ଦଳର ନେତା ସାମ୍ବିଧାନିକ ପଦ ମର୍ଯ୍ୟାଦାର ଅଧିକାରୀ। ଏଣୁ ସେମାନେ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷା କରିବା ସଙ୍ଗେ ସଙ୍ଗେ ଯଥେଷ୍ଟ ତଥ୍ୟ ପ୍ରମାଣ ସହ ନିଜ ନିଜ ମତାମତ ଉପସ୍ଥାପନ କରିବା ବିଜ୍ଞତାର କାର୍ଯ୍ୟ ହେବ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଅଫଗାନିସ୍ତାନର ତାଲିବାନୀ ଦ୍ୱନ୍ଦ୍ୱ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ଅଫଗାନିସ୍ତାନରେ ତାଲିବାନ ଶାସନଭାର ଆମେରିକା ହାତରୁ ଛଡ଼ାଇ ନେଇ ଗ୍ରହଣ କରିବାର ବର୍ତ୍ତମାନ ଚାରିବର୍ଷ ଗଡ଼ିଗଲାଣି। ଏହା ଅଫଗାନିସ୍ତାନରେ ତା’ର ସ୍ଥିତିକୁ ଦୃଢ଼ କରିସାରିଲାଣି। କିନ୍ତୁ ଏହା ବିରୁଦ୍ଧରେ କୌଣସି ବିଶ୍ୱାସନୀୟ ଗୋଷ୍ଠୀ ଏବେ ସେମାନଙ୍କର ଅବସ୍ଥାକୁ ସ୍ଥିର ରଖିପାରୁନାହାନ୍ତି। ଆନ୍ତର୍ଜାତିକ ସମୁଦାୟ ଯାହା ମଧ୍ୟରେ ଭାରତ ଅଛି ସେ କାବୁଲ ସହ ଅଧିକରୁ ଅଧିକ ଭାବରେ ସମ୍ପର୍କ ରଖିଲାଣି। ଯଦିଓ ତାଲିବାନ ସରକାରରେ ସବୁପ୍ରକାର ଗୋଷ୍ଠୀର ଲୋକ ସମ୍ପୃକ୍ତ ନୁହନ୍ତି ସେଠାରେ ଆଇନ ଓ ଶୃଙ୍ଖଳାର ସ୍ଥିତି କ୍ରମଶଃ ଉନ୍ନତିରୁ ଉନ୍ନତର ହେଉଛି। ଏଠାରେ ତାଲିବାନ ସହିତ ସମ୍ପର୍କ ହେଉଛି ଏୟା ଏହା ନିଜକୁ ଅଲଗା କରି ରଖୁଛି। ତାହା ମଧ୍ୟପନ୍ଥୀ ଗୋଷ୍ଠୀ ସହିତ ବା ସଂସ୍କାରବାଦୀ ଗୋଷ୍ଠୀ ସହିତ ମିଳାମିଶା କରୁନାହିଁ। ରୁଷିଆ ହେଉଛି ପ୍ରଥମ ଦେଶ ଯିଏ ଅଫଗାନିସ୍ତାନର ଇସଲାମୀ ଏମିରେଟ୍‌କୁ ସ୍ୱୀକାର କରିଛି। ଏହା ହେଉଛି ଗୋଟିଏ ଦୃଷ୍ଟିଭଙ୍ଗୀ ଯାହା ପ୍ରଥମ ଇସଲାମୀ ଇମିରେଟ୍ ସୃଷ୍ଟି କରିଥିଲା ୧୯୯୬ରୁ ୨୦୦୧ ମଧ୍ୟରେ। ଯେତେବେଳେ ରୁଷିଆ ଅସ୍ତ୍ରଶସ୍ତ୍ର ଯୋଗାଇଥିଲା ଏବଂ ଭାରତ ଓ ଇରାନ ଏହାକୁ ଅର୍ଥ ଯୋଗାଇଥିଲେ ଯେତେବେଳେ ଅହମ୍ମଦ ଶାହ ମସୁଦ ନେତୃତ୍ୱାଧୀନ ଉତ୍ତର ମେଣ୍ଟ(ଏନଏ) ଯାହା ତାଲିବାନ ସହିତ ଯୁଦ୍ଧ କରିଥିଲା। ଭାରତ ସେତେବେଳେ ଏହି ଉତ୍ତର ମେଣ୍ଟ ପାଇଁ ଯୁଦ୍ଧକ୍ଷେତ୍ରରେ ହସ୍ପିଟାଲ ଗୁଡ଼ିକ ତିଆରି କରିଥିଲା ଯେଉଁଗୁଡ଼ିକ ଫାର୍‌ଖୋର୍, ତାଜିକସ୍ତାନ ଇତ୍ୟାଦି ସ୍ଥାନମାନଙ୍କରେ ପ୍ରତିଷ୍ଠିତ ହୋଇଥିଲା। ଯେଉଁଠି ମସୁଦଙ୍କ ଗୁରୁତର ଭାବରେ ଭାରତ ସମର୍ଥକମାନେ ପହଞ୍ଚିଥିଲେ। ଏ ଘଟଣା ଘଟିଥିଲା ଆମେରିକାର ୯/୧୧ ଘଟଣାର ଦୁଇଦିନ ପୂର୍ବରୁ। ମସ୍କୋ ଆଶା କରୁଛି ଯେ, ଆତଙ୍କବାଦୀମାନଙ୍କର ଧମକ ଓ ନିଶା ଔଷଧ ଚୋରା କାରବାର ଅଫଗାନିସ୍ତାନରୁ ବାହାରକୁ ଯାଉଛି ଯାହା ଆନ୍ତର୍ଜାତିକ ଶକ୍ତି ସଂସ୍ଥା ସହିତ ସହଯୋଗ କରୁଛନ୍ତି। ତଥାପି ମଧ୍ୟ ଅଫଗାନିସ୍ତାନର ବିଦ୍ୱାନ ନିଲୋଫର ସାକ୍ଷୀ କହନ୍ତି ଯେ, ରୁଷିଆ ଉପରେ ଏହା ପ୍ରତି ଆଘାତ କରିପାରେ। ରୁଷିଆ ହେଉଛି ଇସଲାମୀ ରାଷ୍ଟ୍ର ଫରାସାନ ପ୍ରଦେଶର ଏକ ବଡ଼ ଅଂଶ। ବିଶେଷକରି ୨୦୨୪ ମାର୍ଚ୍ଚ ମାସରେ ମସ୍କୋରେ କନ୍‌ସର୍ଟ ହଲ୍ ଉପରେ ଆକ୍ରମଣ ହୋଇଥିଲା। ଏଠାରେ ବର୍ତ୍ତମାନ କୌଣସି ସଂକେତ ନାହିଁ ଯେ, ଖୋରାସାନ ପ୍ରଦେଶରେ ଇସଲାମୀ ରାଷ୍ଟ୍ର ସଂଗଠନର ସମ୍ଭାବନା ନଷ୍ଟ ହୋଇଛି। ବିଭିନ୍ନ ଦେଶମାନେ ଅଫଗାନିସ୍ତାନର ଖୁବ୍‌ଶୀଘ୍ର ପଡୋଶୀମାନଙ୍କର ସହିତ ରହିବାକୁ ଚାହୁଁଛନ୍ତି। ବିଶେଷକରି ଚୀନ, ଇରାନ ଓ ପାକିସ୍ତାନ ସହିତ ଅଫଗାନିସ୍ତାନ ରହିବାକୁ ଚାହେଁ।

ଯଦିଓ ଚୀନ ରୁଷିଆର କାର୍ଯ୍ୟକଳାପକୁ ସ୍ୱାଗତ କରିଛି ଏବଂ ସି ଜିନ୍‌ପିଂଗ ମଧ୍ୟ ତାଲିବାନର ଦୂତ ହିସାବରେ ଚୀନରେ ୨୦୨୪ରେ ବେଜିଂର ଗ୍ରେଟ୍ ହଲ୍ ଅଫ୍ ପିପୁଲ୍‌ରେ ସ୍ୱୀକାର କରିଛନ୍ତି। ଏହା ଏ ପର୍ଯ୍ୟନ୍ତ ରୁଷିଆର ଦୃଷ୍ଟାନ୍ତକୁ ଅନୁସରଣ କରିନାହିଁ ଓ ଅଫଗାନିସ୍ତାନକୁ ସ୍ୱୀକୃତି ଏପର୍ଯ୍ୟନ୍ତ ଦେଇନାହିଁ। ଚୀନ ଦେଖୁଛି ଯେ, ଏ ଦେଶ ଅଫଗାନିସ୍ତାନକୁ ସ୍ୱୀକୃତି ଦେଇପାରୁନାହିଁ। ଯାହା ତୁର୍କିସ୍ତାନ ଭାବରେ ପରିଗଣିତ ହୁଏ। ସେଠାରେ ଗୋଟିଏ ତୁର୍କିସ୍ତାନ ଇସଲାମିକ ପାର୍ଟି ଅଛି ଯାହା ହେଉଛି ପୂର୍ବ ତୁର୍କିସ୍ତାନ ଇସଲାମିକ ଆନ୍ଦୋଳନର ଏକ ବଡ଼ ଅଂଶ। ଗୋଟିଏ ଇରାନର ବିଦେଶୀ ଅଫିସର କହିଛନ୍ତି ଯେ, ଦୁଇଦିନ ପୂର୍ବରୁ ଇରାନ ସ୍ୱତପ୍ରବୃତ ଭାବରେ ଅଫଗାନିସ୍ତାନକୁ ସ୍ୱୀକୃତି ଦେବନାହିଁ। ସେଥିପାଇଁ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦେଖାଯିବ ନାହିଁ। ଏ ସମ୍ପର୍କରେ ଆଞ୍ଚଳିକ ପ୍ରାଥମିକତାକୁ ଦେଖାଯିବ। ଯାହା ଏହାର ନିଷ୍ପତ୍ତିକୁ ପ୍ରାଥମିକତା ଦେବ।

ପାକିସ୍ତାନ ଏ ସମ୍ପର୍କରେ କୌଣସି ପ୍ରାଥମିକତା ଦେବ ନାହିଁ ଯାହା ଆନ୍ତର୍ଜାତିକ ଶକ୍ତି ସଂସ୍ଥା ଉପରେ ପ୍ରତିଷ୍ଠିତ। ଏଥିରେ ରାଷ୍ଟ୍ରୀୟ ସ୍ୱାର୍ଥକୁ ନିଆଯିବ ପ୍ରାଥମିକତାକୁ ନେଇ। ଏଗୁଡ଼ିକ ଏହାର ନିଷ୍ପତ୍ତିକୁ ମଧ୍ୟ ସ୍ୱୀକାର କରିବ ନାହିଁ ବା ସ୍ୱାର୍ଥକୁ ମଧ୍ୟ ଦେଖିବ ନାହିଁ। ଏହାର ଆଞ୍ଚଳିକ ପ୍ରାଥମିକତା ଅଛି ଯାହା ନିଷ୍ପତ୍ତି ଗୁଡ଼ିକୁ ମାର୍ଗଦର୍ଶନ କରିବ। ପାକିସ୍ତାନ ଆମେରିକାର ରିପୋର୍ଟିଂକୁ ଏତେ ସହଜରେ ସ୍ୱୀକାର କରିବ ନାହିଁ। ଯାହା ଆନ୍ତର୍ଜାତିକ ଶକ୍ତି ସଂସ୍ଥାକୁ ସ୍ୱୀକାର କରିଥାଏ। ଯେକୌଣସି କ୍ଷେତ୍ରରେ ପାକିସ୍ତାନ ହେଉଛି ଗୋଟିଏ ଦେଶ ଯାହା ମନା କଲେ ଆନୁଷ୍ଠାନିକ ଭାବରେ ସ୍ୱୀକୃତ ଡୁରାଣ୍ଡ ଲାଇନକୁ ଯାହା ଅଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଯାଇଛି। ଆନ୍ତର୍ଜାତିକ ଶକ୍ତି ସଂସ୍ଥା ଯାହା ବିଭିନ୍ନ କାର୍ଯ୍ୟକଳାପମାନଙ୍କୁ ଏପର୍ଯ୍ୟନ୍ତ କୌଣସି ଭାବରେ ଭଙ୍ଗ କରିନାହିଁ। ପାକିସ୍ତାନର ତେହେରିକ୍ ତାଲିବାନ ପାକିସ୍ତାନର ଯୋଦ୍ଧାମାନେ ଯେଉଁମାନେ ତାଲିବାନ ସହିତ ମିଶି ଯୁଦ୍ଧ କରିଥିଲେ ସେମାନେ ନିଜକୁ ଅସ୍ତ୍ରଶସ୍ତ୍ରହୀନ କରିଦେଇଥିଲେ ଓ ଅସ୍ତ୍ରଶସ୍ତ୍ରଗୁଡ଼ିକ ସମର୍ପଣ କରିଦେଇଥିଲେ। ଅନେକ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ନେତାମାନେ ତେହେରିକ୍ ତାଲିବାନ ପାକିସ୍ତାନର ସମ୍ପର୍କରେ ବିଶ୍ୱାସ କରନ୍ତି ଯେ, ଇସଲାମୀବାଦ୍ ହେଉଛି ଅଫଗାନିସ୍ତାନ ପାଇଁ ଭଲ କଥା। କାହିଁକି ଗୋଟିଏ ଇସଲାମୀ ଏମିରେଟ୍ ସୃଷ୍ଟି ହେବ ନାହିଁ ପାକିସ୍ତାନରେ ଏହି ସଂଗଠନ ପ୍ରଶ୍ନ କରେ।

ଗୋଟିଏ ଡଜନ ଦେଶମାନେ ଏ ସମ୍ପର୍କରେ ଆଶା କରନ୍ତି। ସେମାନେ ଭାବନ୍ତି ଭାରତ ମଧ୍ୟ ତାଲିବାନ ସହିତ କଥାବାର୍ତ୍ତା କରୁ ଯେହେତୁ ଏହା ଗୋଟିଏ ଟେକ୍ନିକାଲ ୟୁନିଟ୍‌ର ଗଠନ କରିଛି ଯାହା ଭାରତର କାବୁଲରେ ପ୍ରତିଷ୍ଠିତ ଦୂତାବାସରେ ଅଛି। ଏହା ସଂଯୋଜନା କରୁଛି ଏହାର ଅପମାନକୁ ଯାହା ଯୋଗାଇ ଦେଇଥିଲା ବିଭିନ୍ନ ଦ୍ରବ୍ୟ। ଭାରତର ସହଯୋଗ କ୍ରମେ କ୍ରମେ ବଢ଼ିବାରେ ଲାଗିଛି। ଯାହା ଖାଦ୍ୟ ଦ୍ରବ୍ୟ, କୀଟନାଶକ ଔଷଧ, ଟିକା ଔଷଧ ଏବଂ ବିଭିନ୍ନ ପ୍ରକାର ଲାଗୁଥିବା ସାହାଯ୍ୟ ଦ୍ରବ୍ୟ ଯୋଗାଇ ଦେଉଛି।

ଭାରତ ଏହାର ପ୍ରସ୍ତୁତିକୁ ଯୋଗେଇ ଦେଇଛି ଅଫଗାନ ସ୍ୱାସ୍ଥ୍ୟକ୍ଷେତ୍ରକୁ ଏବଂ ଶରଣାର୍ଥୀମାନଙ୍କର ବସତି ସ୍ଥାପନ ପାଇଁ। ଏହା ହେଉଛି ଗୋଟିଏ ବଡ଼ ଅଂଶ ଯେଉଁଠି କ୍ରିକେଟ୍ ଖେଳାଯାଉଛି ଏବଂ ସେ ସମ୍ପର୍କରେ ସମ୍ପର୍କ ରହିଛି। ଏଥିପାଇଁ ଇରାନରେ ଥିବା ଚାବାହାର ବନ୍ଦରକୁ ବ୍ୟବହାର କରାଯାଉଛି ଯେଉଁଥିରେ ପୁଣି କାମ ଆରମ୍ଭ ହେଉଛି ଅସମାପ୍ତ କାର୍ଯ୍ୟ ସମ୍ପର୍କରେ। ଏଥିରେ ବିକଶିତ ପ୍ରକଳ୍ପମାନଙ୍କର କାର୍ଯ୍ୟ ହେଉଛି ଏବଂ ବିଭିନ୍ନ ପ୍ରକଳ୍ପମାନଙ୍କର କାମ ଲଗାଣ ହେଉଛି ଏହା ହେଉଛି ପରବର୍ତ୍ତୀ ପଦକ୍ଷେପ। ଭାରତର ବର୍ତ୍ତମାନ କାମ ହେଉଛି ଯେ, ଆତଙ୍କବାଦୀମାନଙ୍କର ଗୋଷ୍ଠୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଭାରତ ବିରୁଦ୍ଧରେ ଏମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଯାହା ଅଫଗାନିସ୍ତାନ ଅଞ୍ଚଳରେ ଲାଗୁ ହେବ ନାହିଁ। ଭାରତ ଅଫଗାନିସ୍ତାନ ଅଞ୍ଚଳକୁ ବ୍ୟବହାର କରେନାହିଁ। ଯଦିଓ ଏଥିପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି। ଭାରତର ସୁରକ୍ଷା ଶକ୍ତିମାନେ ରିପୋର୍ଟ କରୁଛନ୍ତି ଯେ, ଆମେରିକା ତିଆରି ଏମ୍-୪ କାର୍ବାଇନ୍ସ ଗୁଡ଼ିକୁ ମରି ଯାଇଥିବା ଆକ୍ରମଣକାରୀମାନଙ୍କ ପାଖରୁ ଆଣିବା ପାଇଁ ଯାହା କାଠୁଆରେ ବ୍ୟବହୃତ ହେବ। ତାହା ମଧ୍ୟ ରିଏସି ଇଷ୍ଟୱାର, ଅଖନୁର, ପୁଞ୍ଚ, ରାଜୌରୀ, ପୁପୱାଡା ଏବଂ ଅତି ନିକଟରେ ଡାର୍ଚିଂଗାମ ଅଞ୍ଚଳ ଯାହା ମହାଦେବ ପର୍ବତ ନିକଟରେ ଅବସ୍ଥିତ ସେଠାରେ ରହିଛି। ଏହି ଏମ୍-୪ କାର୍ବାଇନ ଗୁଡ଼ିକ ଅଫଗାନିସ୍ତାନରେ ରହିଥିଲା ଯେତେବେଳେ ଆମେରିକାର ଶକ୍ତିମାନେ ଅଫଗାନିସ୍ତାନରୁ ନିଜକୁ ପ୍ରତ୍ୟାହୃତ କରିନେଲେ। ବର୍ତ୍ତମାନର ଶେଷ ରିପୋର୍ଟ ପ୍ରତିନିଧିତ୍ୱ କରେ ଯେ, ଜାତିସଂଘର ସୁରକ୍ଷା ପରିଷଦର ବିଶ୍ଳେଷଣାତ୍ମକ ସମର୍ଥନ ଓ ଏହାର ମଞ୍ଜୁରୀ ଗୁଡ଼ିକ ମନିଟର କରନ୍ତି, ସେଗୁଡ଼ିକୁ ଜୁଲାଇ ୩୦ ତାରିଖରୁ। ଏହାଫଳରେ ଗୋଟିଏ ସତର୍କବାଣୀ ଶୁଣାଯାଉଛି ଯେ, କାବୁଲର କର୍ତ୍ତୃପକ୍ଷମାନେ ଗୋଟିଏ ବ୍ୟାପକ ପ୍ରସଙ୍ଗ ଉଠାଇଛନ୍ତି ଯାହା ହେଉଛି କ୍ଷେପଣାସ୍ତ୍ର ଛାଡ଼ିବାର ଗୋଟିଏ ସ୍ଥିତି। ଗୋଟିଏ ଆତଙ୍କବାଦୀ ଗୋଷ୍ଠୀ ଏପରି କ୍ଷେପଣାସ୍ତ୍ରମାନ ଛାଡୁଛି। ତାହା ଆତଙ୍କବାଦୀ ଗୋଷ୍ଠୀମାନଙ୍କ ପାଇଁ କାମ କରୁଛି। ଯାହା ଅଲକାଏଦା ଭାରତରେ ଭାରତୀୟ ମହାଦେଶରେ ରହିବାର ବ୍ୟବସ୍ଥା ହୋଇଛି। ଆଞ୍ଚଳିକ ଆକ୍ରମଣକାରୀମାନେ ହିସାବ କରୁଛନ୍ତି ଯେ, ସେମାନେ ପରସ୍ପର ସହିତ ସଂଗଠନ ଦୃଷ୍ଟିରୁ ଏବଂ ଆଦର୍ଶଗତ ଦୃଷ୍ଟିକୋଣରୁ ଦେଖୁଛନ୍ତି ଯେ ତାଲିବାନର ବିଜୟ ହେଉଛି ଗୋଟିଏ ଉତ୍ସାହିତ କରିବାର କ୍ଷେତ୍ର। ଏହା ବଡ଼ ଜଟିଳ ଯେ, ତାଲିବାନର ଅତ୍ୟଧିକତାକୁ ଏହି ଚାରିବର୍ଷ ମଧ୍ୟରେ ଦେଖାଯାଉଛି। ଅଫଗାନ ମହିଳାମାନେ ସେମାନଙ୍କର ସ୍ୱାଧୀନ ଜୀବିକା ତିଆରି କରିବାକୁ ଭୟଭୀତ ହୋଇଗଲେଣି। ସେମାନେ ସାଧାରଣ ଜୀବନରୁ ଅଲଗା ହୋଇଗଲେଣି। ୪ରୁ ୫ଜଣ ଯୁବ ଅଫଗାନ ମହିଳାମାନେ ଶିକ୍ଷା, ନିଯୁକ୍ତି ଓ ତାଲିମ କ୍ଷେତ୍ରରେ ନାହାନ୍ତି। ରିଚାର୍ଡ ଭେନେଟ ଯିଏକି ମଣିଷର ମାନବିକ ଅଧିକାରର ସ୍ୱତନ୍ତ୍ର ବକ୍ତା କହନ୍ତି ଯେ, ଅଫଗାନିସ୍ତାନରେ ଏହି ସ୍ଥିତି ବର୍ତ୍ତମାନ ଅଲଗା ହେଲାଣି। ଯାହା ଜାତିସଂଘର ସାଧାରଣ ପରିଷଦରେ ଆଲୋଚିତ ହେଉଛି ଯେ, କେମିତି ତାଲିବାନର ନୀତିଗୁଡ଼ିକ ଯାହା ନାରୀମାନଙ୍କର ଅତ୍ୟାଚାର ହେଉଛି ମାନବତା ବିରୁଦ୍ଧରେ ଏକ ଅପରାଧ। ତାଲିବାନ ମଧ୍ୟ ଆନ୍ତର୍ଜାତିକ ଶକ୍ତି ସଂସ୍ଥାକୁ ଅସ୍ତ୍ରଶସ୍ତ୍ର ଯୋଗେଇ ଦେଇଛି। ଏହା ଆନ୍ତର୍ଜାତିକ ଶକ୍ତି ସଂସ୍ଥାର ଆଇନଗତ ଏବଂ ନ୍ୟାୟିକ ବ୍ୟବସ୍ଥାକୁ ଏବଂ ମହିଳା ଓ ଝିଅମାନଙ୍କୁ ସେମାନଙ୍କର ଅଧିକାରକୁ ନଷ୍ଟ କରିଛି। ଯାହା ବିଚାର ଓ ସୁରକ୍ଷାକୁ ନ୍ୟାୟ ଦେଇଛି। ଏହାହେଉଛି ଏକ ଅତ୍ୟାଚାରୀ ଏବଂ ନାରୀ ବିଦ୍ୱେଷୀ ଆଦର୍ଶର କଥା। ମହିଳା ଓ ଝିଅମାନଙ୍କ ଉପରେ ଅତ୍ୟାଚାର ତାଲିବାନ ଶାସନରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି ଯେମିତି ତାଲିବାନ ଶାସକମାନେ ସେମାନଙ୍କର ସ୍ଥିତିକୁ ଦୃଢ଼ କରିନେଇଛନ୍ତି। ଗତବର୍ଷର ପ୍ରଚାର ସର୍ବସ୍ୱ ସାଧୁତା ଯାହା ଏହି ଧରଣର ପାପକୁ ରୋକିବାକୁ ଚେଷ୍ଟା କରିଥିଲା। ଏହାମଧ୍ୟ ନିଯୁକ୍ତି ସମ୍ପର୍କରେ ବିଭିନ୍ନ ପ୍ରତିବନ୍ଧକ ରକ୍ଷା କରିଥିଲା। ଯାହା ମହିଳା ଓ ଝିଅମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦେବାର ବ୍ୟବସ୍ଥା ନଥିଲା। ସେମାନଙ୍କର ଚାଲବୁଲ କରିବାର କାର୍ଯ୍ୟକଳାପକୁ ଦେଖାଉନଥିଲା। ଏଥିରେ ସର୍ବସାଧାରଣର ସ୍ଥାନକୁ ଦିଆଯାଇନଥିଲା। ବିଭିନ୍ନ ସ୍ଥାନରେ ଲୋକମାନଙ୍କୁ ରଖାଯାଇଥିଲା ଓ ସେମାନଙ୍କର ସ୍ୱାଧୀନତାର ଆନ୍ଦୋଳନକୁ ରୋକା ଯାଇଥିଲା। ସେ ସମ୍ପର୍କରେ କର୍ମନିଯୁକ୍ତି ଭାବରେ ଯିବାଆସିବା କରିବାର ପ୍ରବୃତ୍ତି ଏବଂ ବିଭିନ୍ନ ସ୍ଥାନମାନଙ୍କରେ ଲୋକମାନଙ୍କର ସ୍ଥାନକୁ ମାଡ଼ି ବସିବା ଏବଂ ସେବା ସମ୍ପର୍କରେ ସେମାନଙ୍କ ଉପରେ ଏ ଧରଣର କଡ଼ାକଡ଼ି ବ୍ୟବସ୍ଥା ଲାଗୁ ହୋଇଥିଲା। ଏ ସମ୍ପର୍କରେ ଲିଙ୍ଗ ସମ୍ପର୍କୀୟ ବିଭିନ୍ନ ପ୍ରକାର ବ୍ୟବସ୍ଥା ଥିଲା ଯାହାକୁ ଆନ୍ତର୍ଜାତିକ ଅପରାଧ ଅଦାଲତ ଗୋଟିଏ ଗିରଫ ପରୱାନା, ତାଲିବାନ ନେତାଙ୍କ ବିରୁଦ୍ଧରେ ଲଗାଇଥିଲା ଯେଉଁମାନଙ୍କ ମଧ୍ୟରେ ଇଭାତୁଲା ଅପୁନଜାଦା ଏବଂ ମୁଖ୍ୟ ବିଚାରପତି ଅବଦୁଲ ହକ୍କାନୀ ମଧ୍ୟ ସମ୍ପୃକ୍ତ ଥିଲେ। ପୂର୍ବରୁ ବିଭିନ୍ନ ବ୍ୟକ୍ତି, ସାମ୍ବାଦିକ ଏବଂ ସଂଖ୍ୟାଲଘୁ ଏବଂ ରାଜନୈତିକ ବିରୋଧୀମାନେ ଏବଂ ଯେଉଁମାନେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ବିଚାର ବାହାରର ହତ୍ୟାକୁ ସମର୍ଥନ କରୁଥିଲେ ସେମାନେ ମଧ୍ୟ ଥିଲେ।

ଯଦିଓ ସେଠାରେ ଗୋଟିଏ ମିଳିତ ସରକାର ଅଫଗାନିସ୍ତାନରେ ଅଛି ଓ ସେଠାରେ ଅଫଗାନ ମହିଳାମାନଙ୍କର ଅଧିକାର ରହୁଛି ଭାରତ ଏମାନଙ୍କୁ ସ୍ୱୀକାର କରିପାରିବ ନାହିଁ। ଆନ୍ତର୍ଜାତିକ ଶକ୍ତି ସଂସ୍ଥା ଆନୁଷ୍ଠାନିକ ଦୃଷ୍ଟିକୋଣରୁ ଏହା କରିପାରିବ ନାହିଁ। ବାସ୍ତବିକ ଭାବରେ କହିବାକୁ ଗଲେ ଇସଲାମିକ ଲୋକତନ୍ତ୍ରର ତିନି ରଙ୍ଗୀୟ ପତାକା ଓ ଅଫଗାନିସ୍ତାନର ପତାକା ବର୍ତ୍ତମାନ ଦିଲ୍ଲୀର ଅଫଗାନିସ୍ତାନ ଦୂତାବାସ ଉପରେ ଉଡୁଛି। ଏହି ଅଫଗାନ ସରକାରକୁ ରୁଷିଆ ସରକାର ସ୍ୱୀକୃତି ଦେଇଥିଲେ ମଧ୍ୟ ଭାରତ, ଆମେରିକା, ଚୀନ ବା ପାକିସ୍ତାନ ଏଯାଏଁ ଏହାକୁ ସମର୍ଥନ ଦେଇନାହାନ୍ତି। ଏଠାକାର ପ୍ରସଙ୍ଗ ହେଉଛି ମହିଳାମାନଙ୍କର ଦୁରୁପଯୋଗକୁ କେମିତି ରୋକାଯିବ ଏବଂ ଗୋଟିଏ ଆତଙ୍କିସ୍ତାନକୁ କେମିତି ଗଢ଼ାଯିବ ତାହା ହେଉଛି ମୁଖ୍ୟ କଥା।

# ବିଶ୍ୱ ଫଟୋଗ୍ରାଫି ଦିବସ ଅନୁଚିନ୍ତା

ଲକ୍ଷ୍ମୀକାନ୍ତ ଦାସ
ନାହାଳ ପୁର, ବେଣୀରାମ ପୁର, କଟକ
ମୋ: ୯୪୩୯୬୧୪୬୭୭

ସମସ୍ତଙ୍କୁ ବିଶ୍ୱ ଫଟୋଗ୍ରାଫି ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ।

ଆଜ୍ଞା କ୍ୟାମେରା ଧରିଲେ ଜଣେ ଫଟୋ ଉଠାଇ ପାରିବ କିନ୍ତୁ ଗୋଟେ ଫଟୋଗ୍ରାଫର ହୋଇ ପାରିବ ନାହିଁ। କିନ୍ତୁ ଜଣେ ନିରନ୍ତର ପ୍ରୟାସ କଲେ ଜଣେ ଫଟୋଗ୍ରଫର ଭଲ ଫଟୋ ଅର୍ଟିଷ୍ଟ ହୋଇପାରିବ। ଫଟୋଗ୍ରାଫି ଏମିତି ଏକ ଶିକ୍ଷା ଯାହା ଆପଣଙ୍କୁ କେବଳ ରୋଜଗାର ଦେବ ନାହିଁ ବରଂ ଆପଣଙ୍କୁ ଏକ ଭଲ ଶିଳ୍ପୀଟିଏ ମଧ୍ୟ କରିଦେବ। ଯେଉଁଥିରେ ଆପଣ ଆତ୍ମତୃପ୍ତି ଲାଭ କରିବା ସହ ସମାଜକୁ ସୁଧାରିବାରେ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ପ୍ରଦାନ କରେ। ହଁ ଏଥିରେ ଅନେକ ପ୍ରକାର ବାଧାବିଘ୍ନ ଓ ଅନ୍ୟ ବୃତ୍ତିମାନଙ୍କ ପରି ସମସ୍ୟା ରହିଛି ନିଶ୍ଚୟ। କିନ୍ତୁ ପରିଶେଷରେ ଯେଉଁ ଆତ୍ମତୃପ୍ତି ଦେବ ତାହା ଅନ୍ୟ କୌଣସି କ୍ଷେତ୍ରରେ ହାସଲ କରିବା ପାଇଁ ଅନେକ କିଛି ବଳିଦାନ ଦେବାକୁ ପଡ଼ିଥାଏ। ଯାହାକି ଫଟୋଗ୍ରାଫିରେ ଜଣେ ନିରନ୍ତର ପ୍ରୟାସ ଦ୍ୱାରା ହାସଲ କରିଥାଏ। ଏହା ଏକ ଏମିତିକା କଳା ବା ବୃତ୍ତି ଯାହା ଚିର ପ୍ରବାହମାନ ସମୟକୁ ବାନ୍ଧି ରଖିବା ପାଇଁ ସମର୍ଥ। ଯାହା ସମୟକ୍ରମେ ପରବର୍ତ୍ତୀ ପିଢ଼ି ପାଇଁ ଏକ ସତେଜ ସ୍ମୃତି ପାଲଟିଯାଏ।

ଆଜିର ଦିନଟି ବିଶେଷ ଅଟେ। କାରଣ ପ୍ରବାହମାନ ସମୟକୁ ନିଜ କ୍ୟାମେରାର ଲେନ୍ସ ମାଧ୍ୟମରେ ଆବଦ୍ଧ କରି ରଖିବାର ଜ୍ଞାନ କୌଶଳ ଓ ନିଜର ଦକ୍ଷତା ବଳରେ ସମାଜର ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଇତିହାସକୁ ପର୍ଯ୍ୟାଲୋଚନା କରିବା ଓ ସେହି ମଧୁର ସ୍ମୃତିକୁ ଆଲୋକ-ଛାୟା ମାଧ୍ୟମରେ ବାନ୍ଧି ରଖିବାର ଏକ ସାଧନ ଫଟୋଗ୍ରାଫିକୁ ସମ୍ମାନ କରିବାର ଦିନ।

ଫଟୋଗ୍ରାଫିର ଜନ୍ମ ଓ ବିକାଶ: ୧୮୨୬ ମସିହାରେ ୟୁରୋପରେ ଲୁଇସ ଡାଗୁଏରଙ୍କ (Louis Daguerre) ଦ୍ୱାରା “ଡାଗୁଏରୋଟାଇପ” (Daguerreotype) ପ୍ରଣାଳୀ ଉଦ୍ଭାବନ ହେବା ସହିତ ଫଟୋଗ୍ରାଫିର ଆରମ୍ଭ ଘଟିଥିଲା। ଏହା ପରେ କ୍ୟାମେରାର ଧୀରେ ଧୀରେ ପରିବର୍ତ୍ତନ, ଲେନ୍ସ, ଫିଲ୍ମ, କଳା-ଧଳାରୁ ରଙ୍ଗୀନ, ଆନାଲଗ୍‌ରୁ ଡିଜିଟାଲ ଏବଂ ଏବେ ସ୍ମାର୍ଟଫୋନ୍ ପର୍ଯ୍ୟନ୍ତ ରୂପାନ୍ତର ଫଟୋଗ୍ରାଫିକୁ ସରଳ, ସୁବିଧାଜନକ ଓ ଲୋକପ୍ରିୟ କରିଛି।

ଆଜିର ସମୟରେ ଏହି କୌଶଳର ଉଦ୍ଭାବନକୁ ମନେ ପକାଇ ସାରା ବିଶ୍ୱରେ ବିଶ୍ୱ ଫଟୋଗ୍ରାଫି ଦିବସକୁ ବେଶ୍ ଉତ୍ସାହର ସହ ପାଳନ କରାଯିବା ସହ ଏହାର କ୍ରମ ବିକାଶ କିପରି ଏ ସମାଜକୁ ଆହୁରି ବୁଦ୍ଧିମନ୍ତ କରିପାରିବ ସେ ବିଷୟରେ ଚର୍ଚ୍ଚା, ଆଲୋଚନା ଚାଲିଛି। ଯାହା ଏହିପରି ଚାଲି ରହିବ। ଆମ୍ଭ ଅନୁଷ୍ଠାନ ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର ଟ୍ରଷ୍ଟ (ନବୀନ ସୂତ୍ରଧର) ପକ୍ଷରୁ କ୍ରମାଗତ ଭାବେ ଚାରିବର୍ଷ ଧରି ଏହି ପ୍ରୟାସ ଚାଲୁ ରହିଛି। କେବଳ ଗୋଟିଏ ଦିନ ବା କିଛିଦିନ ଏହାକୁ ପାଳନ କରି ଭୁଲିଯିବା ଏହା ଆମର ଉଦ୍ଦେଶ୍ୟ ନୁହେଁ। ଏହି କ୍ଷେତ୍ରରେ ଆମ ସମୟର ଭବିଷ୍ୟତ ପିଢ଼ିଙ୍କୁ ଆହୁରି ଦକ୍ଷ, କୌଶଳ ପୂର୍ଣ୍ଣ କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବା ପାଇଁ ପ୍ରୟାସରତ। ଏହି କ୍ଷେତ୍ରରେ କାର୍ଯ୍ୟ କରିଥିବା ପ୍ରବୀଣମାନଙ୍କୁ ସେମାନଙ୍କ ସହ ଜ୍ଞାନର ଆଦାନପ୍ରଦାନ କରିବା, ସେମାନଙ୍କ ଅନୁଭୂତିକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ଭଳି ଛୋଟ ଛୋଟ ପ୍ରୟାସ ଆମ୍ଭେ ଗୁଣ୍ଡୁଚି ମୂଷା ଭଳି ନିରନ୍ତର କରି ଆସୁଛୁ। ଏଥିପାଇଁ ଏହି କଳାକୁ ଆପଣାଇ ଥିବା ସମସ୍ତ ବ୍ୟକ୍ତି ବିଶେଷ ଆଉ ଏହାକୁ ଭଲ ପାଉଥିବା ଗୁଣି ସଜ୍ଜନ ସମାଜ କିଞ୍ଚିତ ସହଯୋଗର ହାତ ବଢାଇଲେ ଏହି କଳା/ପେଶା ଆମ ରାଜ୍ୟରେ ଏକ ନୂଆ ଶିଖର ଛୁଇଁବ ବୋଲି ମୋର ଆଶା ଓ ଭରଷା।

ସ୍ମୃତିରେ ଫଟୋଗ୍ରାଫି: ଫଟୋଗ୍ରାଫି କେବଳ ଏକ ଶିଳ୍ପ କିମ୍ବା ପେଶା ନୁହେଁ, ଏହା ସମୟକୁ ବାନ୍ଧି ରଖିବାର ଏକ ଅବିସ୍ମରଣୀୟ ମାଧ୍ୟମ। ଗୋଟିଏ ପାରିବାରିକ ଛବି, ଶିଶୁର ପ୍ରଥମ ହସ, କିମ୍ବା ଏକ ସ୍ଥଳର ଚିତ୍ର - ସମୟ ସହିତ ସେଗୁଡିକ ମନର ନିଭୃତ କୋଣରେ ଏକ ସାଇତା ସ୍ମୃତି ପାଲଟି ଯାଏ। ଏକ ଛବି କେବଳ ଦର୍ଶକଙ୍କୁ ସନ୍ତୋଷ ଓ ଆତ୍ମ ତୃପ୍ତି ଦିଏ ନାହିଁ ଏହା ଫଟୋଗ୍ରାଫରଙ୍କ ପାଇଁ ମଧ୍ୟ ଏହା ଅର୍ଥ ଉପାର୍ଜନର ସ୍ୱତନ୍ତ୍ର ସାଧନ। ସେଥିରେ ସେ ନିଜର ଦୃଷ୍ଟିକୋଣ, ଚିନ୍ତାଧାରା ଓ ସୃଜନଶୀଳତାକୁ ପ୍ରକାଶ କରିଥାନ୍ତି।

ପେଶା ଭାବରେ ଫଟୋଗ୍ରାଫି: ଆଜିର ସମୟରେ ଫଟୋଗ୍ରାଫି କେବଳ ସୌଖିନ ପାଇଁ ସୀମିତ ନୁହେଁ। ଏହା ମିଡିଆ, ବିଜ୍ଞାପନ, ବିବାହ ଓ ଆୟୋଜନ, ପ୍ରକୃତି ଫଟୋଗ୍ରାଫି, ୱାଇଲ୍ଡଲାଇଫ୍, ସାଇନ୍ସ, ଫ୍ୟାସନ୍, ସୋସିଆଲ ମିଡିଆଞ୍ଚ ଇତ୍ୟାଦି ଦ୍ୱାରା ଜୀବନ ଜୀବିକା ପୋଷଣ କରିବାର ଏକ ଉତ୍କୃଷ୍ଟ ଉପାଦାନ ହୋଇପାରିଛି। ଜଣେ ସଫଳ ଫଟୋଗ୍ରାଫର ନିଜ ପ୍ରୟାସରେ କେବଳ ଆର୍ଥିକ ସ୍ୱାଧୀନତା ଲାଭ କରେ ନାହିଁ, ସମାଜକୁ ସଚେତନ କରିବା, ପରିବର୍ତ୍ତନ ଆଣିବା ଓ ସମୟର ସତ୍ୟକୁ ଉଜାଗର କରିବାରେ ମଧ୍ୟ ବଡ଼ ଭୂମିକା ନେଇପାରିଛନ୍ତି।

ସମାଜରେ ଫଟୋଗ୍ରାଫିର ପ୍ରଭାବ : ଏକ ଫଟୋ ସମ୍ବାଦିକଦ୍ୱାରା ଉତ୍ତୋଳିତ ଛବି ସମାଜକୁ ସଚେତନ କରିଥାଏ। ଏକ ପ୍ରକୃତିର ଛବି ପରିବେଶ ସୁରକ୍ଷାର ପାଠ ପଢ଼ାଏ। ଏକ କଷ୍ଟକର ସମୟର ଛବି ମାନବତାକୁ ସ୍ମରଣ କରାଏ। ଏକ ସୁନ୍ଦର ଛବି ଶାନ୍ତି ଓ ସୌନ୍ଦର୍ଯ୍ୟର ଭାବକୁ ଲୋକମନଙ୍କ ମନରେ ସ୍ଥାପିତ କରେ। ସେହିପରି, ଫଟୋଗ୍ରାଫି ଆଜି ସମାଜ ପରିବର୍ତ୍ତନରେ ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି।

ସମାଜର ଦାୟିତ୍ୱ ଓ ପ୍ରତିକ୍ରିୟା : ଫଟୋଗ୍ରାଫିକୁ ଅନେକେ ଏଯାବତ୍ ଶୌକ କିମ୍ବା ଅନୁପଯୋଗୀ ପେଶା ଭାବେ ଦେଖୁଛନ୍ତି। କିନ୍ତୁ ସତ୍ୟରେ ଏହା ନୂତନ ପିଢ଼ି ପାଇଁ ସୃଜନଶୀଳତା, ନିଜ ସମାଜ ଆଗରେ ଉପସ୍ଥାପନ କରିବାର ସରଳ ଓ ପ୍ରମୁଖ ଉପାଦାନ ହୋଇ ଉଭା ହୋଇଛି।ଯାହା କି ଆଧୁନିକ ଜ୍ଞାନ କୌଶଳ ଓ ସୃଜନଶିଳାତାର ସମ୍ମିଶ୍ରଣରେ ସମାଜ ପାଇଁ ସେବାର ଏକ ସୁଯୋଗ ଅଟେ।

ଏହିପାଇଁ ସମାଜର ଦାୟିତ୍ୱ : ଫଟୋଗ୍ରାଫିକୁ ସମ୍ମାନ କରିବା। ଯୁବବର୍ଗ ଙ୍କୁ ଏଥିପ୍ରତି ପ୍ରୋତ୍ସାହିତ କରିବା। ସରକାର ଓ ସାମାଜିକ ସଂଗଠନମାନଙ୍କୁ ପ୍ରଶିକ୍ଷଣ, ପ୍ରତିଯୋଗିତା, ପ୍ରଦର୍ଶନୀ, ଅର୍ଥନୈତିକ ସହାୟତାରେ ଆଗକୁ ଆସିବା।

ଏହି ଦିଗରେ ଆମ ସଂଗଠନ ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର ଟ୍ରଷ୍ଟ (ନବିନ ସୂତ୍ରଧର) ବିଗତ ତିନିବର୍ଷ ଧରି ପ୍ରତିବର୍ଷ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଓ ଆଲୋଚନାଚକ୍ରର ଆୟୋଜନ କରିବା ସହ ଫଟୋଗ୍ରାଫି ସମ୍ବନ୍ଧରେ ବିଭିନ୍ନ କର୍ମଶାଳା ଆୟୋଜନ କରୁଛି।

ଆମ ଉଦ୍ଦେଶ୍ୟ : କେବଳ ଦିନିକିଆ ଉତ୍ସବ ପାଳନ ନୁହେଁ ବରଂ ଭବିଷ୍ୟତ ପିଢ଼ିକୁ କୌଶଳୀ, ସଚେତନ ଓ ସମାଜ ହିତ ଉଦ୍ଦେଶ୍ୟରେ କାମ କରିବାକୁ ପ୍ରୋତ୍ସାହିତ କରିବା। ପ୍ରବୀଣ ଫଟୋଗ୍ରାଫରଙ୍କ ଅନୁଭବକୁ ଯୁବବର୍ଗଙ୍କ ନିକଟରେ ପହଞ୍ଚାଇବା। ଫଟୋଗ୍ରାଫିକୁ ଏକ ସୁନ୍ଦର ଓ ସମ୍ମାନନୀୟ ସୁସ୍ଥିର ପେଶା ଭାବେ ସ୍ଥାପନ କରିବା।

ଫଟୋଗ୍ରାଫି ହେଉଛି ସମୟକୁ ବାନ୍ଧିବାର ଏକ ଶିଳ୍ପ। ଏହା ସୌନ୍ଦର୍ଯ୍ୟର ସ୍ମୃତି, ସମାଜର ସତ୍ୟ ଏବଂ ମନର ଶାନ୍ତି। ଯେପରି ସାହିତ୍ୟ ଓ ସଙ୍ଗୀତ ସମାଜକୁ ସଚେତନ କରିଥାଏ, ସେପରି ‘ଫଟୋଗ୍ରାଫି’ ମଧ୍ୟ ଆଜିର ବିଶ୍ୱରେ ସତ୍ୟ, ସୌନ୍ଦର୍ଯ୍ୟ ଓ ଶାନ୍ତିର ମାଧ୍ୟମ ହୋଇଥାଏ। ସେହିପରି, ଆମ ସମସ୍ତଙ୍କର ଦାୟିତ୍ୱ ଏହି କଳାକୁ ସମ୍ମାନ କରିବା, ପ୍ରୋତ୍ସାହନ ଦେବା ଓ ଭବିଷ୍ୟତ ପିଢ଼ିକୁ ଏଥିରେ ଆଗକୁ ବଢ଼ାଇବା।

# ‘ଗୁରୁ ବଚନ କି କରିବ, ଯାହାର ଯେମନ୍ତ ସ୍ୱଭାବ’



ଡ. ସୁରେଶ କୁମାର ନାୟକ
ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ
ସେକ୍ଟର-୯, ସିଡିଏ, କଟକ

ଗୁରୁଦେବ ହେଉଛନ୍ତି ସର୍ବଶକ୍ତିମାନ। କେବଳ ସେତିକି ନୁହେଁ, ତାଙ୍କୁ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସଂପର୍କରେ ସବୁ କଥା ଜଣାଥିଲା। କ’ଣ ଘଟିଛି, କ’ଣ ଘଟୁଛି ଏବଂ କ’ଣ ଘଟିବ ତାହା ଅତି ସହଜରେ ସେ କହିଦେଉଥିବାରୁ ତାଙ୍କୁ ସର୍ବଜ୍ଞାତା କୁହାଯାଏ। ଗୁରୁଦେବଙ୍କୁ ବୁଝିବାକୁ ହେଲେ ବ୍ୟକ୍ତିକୁ ଏହି ବସ୍ତୁବାଦୀ ଦୁନିଆର ସମସ୍ୟା ଠାରୁ ଦୂରରେ ରହି ନିରାସକ୍ତ ଭାବେ ତାଙ୍କ ଉପରେ ଧ୍ୟାନସ୍ଥ ହେବାକୁ ପଡ଼ିବ। ଏହାକଲେ ଗୁରୁଦେବ କ’ଣ କହୁଛନ୍ତି ତାହା ଆମେ ଯେଉଁଠାରେ ଥିଲେ ମଧ୍ୟ ଶୁଣି ପାରିବା। ଭଗବାନଙ୍କ ପ୍ରତି ଯାହାର ଭକ୍ତିଭାବ ଅଧିକ ଏବଂ ଯିଏ ଗୁରୁଙ୍କୁ ଈଶ୍ୱରଙ୍କ ସ୍ୱରୂପ ମନେ କରେ, ସମସ୍ତ ଶାସ୍ତ୍ରର ଶିକ୍ଷା ପାଇବାକୁ ସେ ସମର୍ଥ ହୁଏ। ଗୁରୁଙ୍କର ଉପଦେଶକୁ ଯିଏ ଅକ୍ଷରେ ଅକ୍ଷରେ ପାଳନ କରେ, ତାଙ୍କର ମହିମାକୁ ଅଳ୍ପଜ୍ଞାତ ମାନଙ୍କ ମଧ୍ୟରେ ଜୀବନ ପର୍ଯ୍ୟନ୍ତ ପ୍ରଚାର କରେ ସିଏ ହେଉଛି ପ୍ରକୃତ ଶିଷ୍ୟ। ଯେତେବେଳେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମ ବୃଦ୍ଧି ପାଏ; ଧର୍ମ ସଂସ୍ଥାପନ ନିମିତ୍ତ ଭଗବାନ ଅବତାର ଗ୍ରହଣ କରନ୍ତି। କେତେବେଳେ ସେ ରାମ ରୂପରେ ଆସନ୍ତି, କେତେବେଳେ କୃଷ୍ଣ, କେତେବେଳେ ଶିବ, ଆଉ କେତେବେଳେ ସାଇ ରୂପରେ। ତେବେ ଭଗବାନ ଯେତେବେଳେ ଗୁରୁ ରୂପରେ ଆସନ୍ତି, ତାହା ସର୍ବାପେକ୍ଷା ମହିମାନ୍ୱିତ ହୋଇଯାଏ। କାରଣ ଏହି ରୂପରେ ଭଗବାନଙ୍କୁ କ୍ରୂର ହେବାକୁ ପଡ଼େ ନାହିଁ, ହିଂସାର ଆଶ୍ରୟ ନେବାକୁ ହୁଏନାହିଁ, କାହାର ବିନାଶ କରିବାକୁ ହୁଏନାହିଁ। ଭଗବାନ ଯିଏ ଚିର କଲ୍ୟାଣକାରୀ, ଯିଏ ସକଳ ସୃଷ୍ଟିର ସ୍ରଷ୍ଟା, ତାଙ୍କର ସ୍ୱାଭାବିକ ଗୁଣର ସଜୀବ ପରିପ୍ରକାଶ ହୁଏ ଗୁରୁ ରୂପରେ। କେବଳ କଲ୍ୟାଣ କାମନା ହୋଇଯାଏ ଏହି ଅବତାରର ଅଭିପ୍ରାୟ। ସାଧୁ ଓ ଦୁଷ୍ଟ ସମସ୍ତେ ତାଙ୍କର ସମାନ କରୁଣାର ବରାଭୟରେ ଉପକୃତ ହୁଅନ୍ତି ଆମ ମାନଙ୍କର ପରମ ସୌଭାଗ୍ୟ ଯେ କଳିକାଳର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ତ୍ରାହି ତ୍ରାହି ଡାକ ଦେଉଥିବାବେଳେ ସଦଗୁରୁରୂପୀ ଗୁରୁଦେବଙ୍କର ସାନ୍ନିଧ ଲାଭ କରିବାକୁ ଆମେ ସମର୍ଥ ହୋଇଛୁ। କେତେ ତପସ୍ୟାର ଏହାଫଳ ଇୟତ୍ତା ନାହିଁ। ସୁତରାଂ ଭକ୍ତଗଣ, ଆଶ୍ରିତଗଣ ଆଉ ମୁହୂର୍ତ୍ତେ ବି ହେଳା କରିବା ନାହିଁ। ଗୁରୁକୃପା ବୃଷ୍ଟିକରି ଚାଲିଛନ୍ତି; ଆସ, ସମୟ ଚାଲିଯିବା ପୂର୍ବରୁ ତା’ର ସୁଯୋଗ ନେଇଯିବା।

ଗୁରୁଦେବ ଆମ୍ଭମାନଙ୍କୁ ତାଙ୍କ ମାର୍ଗଦର୍ଶନରେ କହିଛନ୍ତି ଗୁରୁଙ୍କ ଠାରେ ଧ୍ୟାନସ୍ଥ ହେବାର ତିନିଟି ପର୍ଯ୍ୟାୟ ରହିଛି। ପ୍ରଥମ ପର୍ଯ୍ୟାୟରେ ଗୁରୁ ଯାହା କହିବେ ତାହା ମନର ତରଙ୍ଗ ମଧ୍ୟ ଦେଇ ଭକ୍ତ ନିକଟକୁ ଯାଏ। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ତାହା ଶ୍ରବଣ କରେ ଏବଂ ତୃତୀୟ ପର୍ଯ୍ୟାୟରେ ଭକ୍ତ ଶ୍ରବଣ କରିବା ସହିତ ଗୁରୁଙ୍କ ଦର୍ଶନ କରିଥାଏ। ଚେତନା ସ୍ତର ପବିତ୍ର ହେଲେ ଭକ୍ତ ଏହି ତିନିଟି ପର୍ଯ୍ୟାୟ ମଧ୍ୟ ଦେଇ ସହଜରେ ଗତି କରିବା ସହିତ ଗୁରୁଙ୍କ ଆଶୀର୍ବାଦ ଲାଭ କରିଥାଏ। ଗୁରୁଦେବ କହିଛନ୍ତି ଚିତ୍ତ ଯେତେବେଳେ ସ୍ଥିର ଏବଂ ନୀରବ ହୁଏ ସେତେବେଳେ ଆମେ ଈଶ୍ୱରଙ୍କ କଥା ଶୁଣିପାରୁ। ବିବ୍ରତ ଭାବ, ଅସ୍ଥିରତା ଏବଂ ବସ୍ତୁବାଦୀ ଚିନ୍ତାରୁ ମନକୁ ମୁକ୍ତ କଲେ ଶରୀର ଭିତରେ ଥିବା ଠାକୁରଙ୍କୁ ଉପଲବ୍ଧି କରିହେବ। ଅନେକ ସମୟରେ ମନ ଭିତରେ ଥିବା ଏହି ଈଶ୍ୱର ପବିତ୍ର ମାର୍ଗରେ ଯାତ୍ରା କରୁଥିବା ଭକ୍ତମାନଙ୍କୁ ଦର୍ଶନ ଦେବା ନିମନ୍ତେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି ଏବଂ ଆମେ ମାତଙ୍କୁ ଦର୍ଶନ କରିଥାଉ। ତାଙ୍କର ସର୍ବ ବ୍ୟାପକ କ୍ଷମତା ଥିବାରୁ ଏକ ସମୟରେ ସେ ସବୁଠାରୁ ଉପସ୍ଥିତ ଥାଆନ୍ତି।

ଗୁରୁଙ୍କ ଅଧୀନରେ ରହି ସାଧନା କରୁଥିବା ଲୋକଟି କେବେ ବି ବାଟ ବଣା ହୋଇନଥାଏ। ସଦଗୁରୁ ସ୍ୱୟଂ ବ୍ରହ୍ମ ସ୍ୱରୂପ। ଯେଉଁ ଶ୍ରଦ୍ଧାଳୁ ବା ଶିଷ୍ୟ ନିଜର ସର୍ବନିମ୍ନ ସାମାନ୍ୟତମ ଯୋଗ୍ୟତା ରଖିଥାନ୍ତି ତାଙ୍କ ପାଇଁ ଯୋଗ୍ୟ ଗୁରୁ କଦାପି ଅଭାବ ରହିବନାହିଁ। କିନ୍ତୁ ଆମମାନଙ୍କ ଭିତରେ ଥିବା ଅଜ୍ଞାନତା ସେମାନଙ୍କୁ ସହଜରେ ଚିହ୍ନି ପାରିନଥାଏ। ଯେଉଁ କ୍ୱଚିତଙ୍କର ଚିତ୍ତ ବିଶୁଦ୍ଧ, ଯେଉଁମାନଙ୍କ ଠାରେ ସମସ୍ତ ସଦ୍‌ଗୁଣ ପୂର୍ଣ୍ଣ ହୋଇରହିଛି କେବଳ ସେହି ଅଳ୍ପ କେତେଜଣ ସେପରି ମହାତ୍ମା ମାନକୁ ଚିହ୍ନି ପାରନ୍ତି। ମହାତ୍ମା ମାନଙ୍କର ସତସଙ୍ଗର ଉପକାର ଲାଭ କରନ୍ତି। ଏ ସୃଷ୍ଟି, ଏ ଜଗତ ଯେ ଯାଏଁ ନିଜ ସୃଷ୍ଟିତ୍ୱକୁ ବଜାୟ ରଖିଛି ସତ୍ୟାନୁସନ୍ଧନ ପଥରେ ଉଦ୍ୟମୀ ମଣିଷଟିକୁ, ପଥ ଦେଖାଇବା ପାଇଁ ସେତେ ଦିନ ପର୍ଯ୍ୟନ୍ତ ଗୁରୁ ଓ ଭଗବାନ ନିଶ୍ଚିନ୍ତ ଭାବରେ ରହିଛନ୍ତି। ଉଦ୍ୟମୀ ସାଧକ ସମର୍ପିତ ଆଶ୍ରିତ ମାନଙ୍କୁ ନିଶ୍ଚିନ୍ତ ଭାବରେ ଗୁରୁଙ୍କର ସାକ୍ଷାତ ମିଳିବ। ଗୁରୁଦେବଙ୍କ କୃପା ମିଳିଲେ ସକଳ ସନ୍ଦେହ ଦୂର ହୋଇ ଅପରୋକ୍ଷ ଅନୁଭୂତି ଲାଭ ହୋଇଥାଏ। ଗୁରୁଙ୍କ ଆଧାତ୍ମିକ ନିର୍ଦ୍ଦେଶ ଗୁଡ଼ିକ ସ୍ପଷ୍ଟ ଭାବେ ହୃଦୟଙ୍ଗମ କରି ସୂଚାରୁରୂପେ ପାଳନ କଲେ ଗୁରୁଦେବଙ୍କ ଅଖଣ୍ଡ ସୌଭାଗ୍ୟ ଆଶୀର୍ବାଦ ମିଳିଥାଏ। ବ୍ରହ୍ମସ୍ୱରୂପ ଗୁରୁଦେବଙ୍କ ପ୍ରତି ଏହି ଅନୁଚିନ୍ତନ ସମୟରେ ମନେପଡୁଛି ଶ୍ରୀମଦ ଭାଗବତର ପବିତ୍ର ଧାଡ଼ିଟି - ‘ଗୁରୁ ବଚନ କି କରିବ, ଯାହାର ଯେମନ୍ତ ସ୍ୱଭାବ।’



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀ ଅଧୀନ ରାଜକନିକାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ରାଜକନିକା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ମୋଟ ୨୩୪ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ୨୦୨ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଅଭିଯୋଗ ଶୁଣାଣି ପଞ୍ଜିକୃତ ହୋଇଥିବା ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ଦୀପ୍ତି ମହାନ୍ତି ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଆସନ୍ତା ୨୫ ଅଗଷ୍ଟରେ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ।



# ଚୋରି ସାମଗ୍ରୀ ଜବତ, ଦୁଇ ଅଭିଯୁକ୍ତ କୋର୍ଟଚାଲାଣ

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ଥାନା ଅଞ୍ଚଳରେ ମଠ ମନ୍ଦିରରୁ ଚୋରି ଘଟଣାରେ ୨ ଜଣଙ୍କୁ ଧାମନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଦୁହେଁ ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ଯଇପୁର ଗ୍ରାମର ୩୩ ବର୍ଷୀୟ ଯୁବକ ସେକ୍ ମୁସ୍ତାକ, ପିତା ସେକ ମୁଶାରଫ ଓ ଧାମନଗର ଏନ୍ଏସି ଅଧିନ ହବିବନଗରର ୪୦ ବର୍ଷୀୟ ମିର ଅରଫାନ, ପିତା ମିର ଇନୁଇସି । ମୁସ୍ତାକ ବିଭିନ୍ନ ମନ୍ଦିରରୁ ଚୋରି କରିଥିବାବେଳେ ଅରଫାନ ତା ପାଖରୁ ଚୋରି ସାମଗ୍ରୀ ନେଇ ବିକ୍ରି କରିଥାଏ। ତେବେ ୧୬ ତାରିଖ ବିଳମ୍ବିତ ରାତିରେ ଧାମନଗର ଥାନା ର ଏସ ଆଇ ପ୍ରଦୀପ ନାୟକ ଓ ଏଏସଆଇ ନରେନ୍ଦ୍ର ରାଉତ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗୁହାଳିଆ ଛକ ପାଖ ନାୟାରା ପେଟ୍ରୋଲ ଟାଙ୍କୀ ପାଖରେ ଏକ ବାଇକି ରେ ଦୁଇ ଜଣ ଆସୁଥିବା ବେଳେ ପୋଲିସର ସନ୍ଦେହ ହେବାରୁ ପୋଲିସ ତାକୁ କାବୁ କରିବାକୁ ଯିବା ବେଳେ ଜଣେ ଚୋର ଦୌଡ଼ି ପଳେଇ ଥିଲା। ଅନ୍ୟ ଜଣକୁ ପୋଲିସ ଟିମ ତାକୁ ପିଛା କରି କାବୁ କରି ଥାନାକୁ ଆଣିଥିଲା।



ପଚରାଉଚରା ବେଳେ ତା ନାଁ ସେକ ମୁସ୍ତାକ ବୋଲି କହିଥିଲା। ସେକ ମୁସ୍ତାକକୁ ଜେରା କରିବାରୁ ସେ ଅନେକଗୁଡ଼ିଏ ମଠ ମନ୍ଦିର ଚୋରି ଘଟଣାରେ ସାମିଲ ଥିବା ମାନିଥିଲା। ଏହାସହ ସେ ଗତ କିଛି ମାସ ହେବ ଧାମନଗର ହବିବନଗରରେ ଜଣକ ଘରେ ରହୁଥିଲା। ଏ ଅଞ୍ଚଳରେ ବିଭିନ୍ନ ମଠ ମନ୍ଦିରରୁ ଚୋରି କରି ହବିବନଗରର ମିର ଅରଫାନ ନାମକ ବ୍ୟକ୍ତିଙ୍କୁ ବିକ୍ରି କରୁଥିଲା। ଏହାପରେ ପୋଲିସ ମିର ଅରଫାନକୁ ଉଠାଇ ଆଣିଥିଲା। ତାଙ୍କ ପାଖରୁ ବହୁ ପରିମାଣର ପୂଜା ଉପକରଣ, କଂସା ବାସନ ଆଦି ଜବତ ହୋଇଛି। ଦୁହିଁଙ୍କୁ ଜେରା କରିବାରୁ ଧାମନଗର, ଭଣ୍ଡାରିପୋଖରୀ, ଯାଜପୁର ଟାଉନ, ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ଅଞ୍ଚଳର ମଠ ମନ୍ଦିରରୁ ଚୋରି କରିଥିବା ସୂଚନା ଦେଇଥିଲେ। ତଦନ୍ତ ପ୍ରକ୍ରିୟାରେ ଧାମନଗର ପୋଲିସ ଏହି ସବୁ ଥାନାକୁ ସୂଚନା ଦେଇଥିଲା। ତା ସହ କେନ୍ଦ୍ରାପଡ଼ା ଥାନାକୁ ମଧ୍ୟ ଜଣାଇଥିଲା। କେନ୍ଦ୍ରାପଡ଼ା ଥାନା ପୋଲିସର ସୂଚନାକୁ ଆଧାର କରି ଧାମନଗର ଥାନା ଆଇଆଇସି କହିଛନ୍ତି ଯେ, ମୁସ୍ତାକ ବିରୋଧରେ କେନ୍ଦ୍ରାପଡ଼ା ଥାନାରେ ଲୁଟ୍, ଡକାୟତି ଓ ହତ୍ୟା ଭଳି ସଂଗୀନ ଅପରାଧ ଥିବା ୨୦ଟି ମାମଲା ରହିଛି। ଏହାପରେ ତାକୁ କୋର୍ଟ ଚାଲାଣ କରାଯାଇଥିଲା। ସେପଟେ ତାକୁ ରିମାଣ୍ଡରେ ନେବାକୁ ଯାଜପୁର ଟାଉନ, ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ପୋଲିସ କୋର୍ଟରେ ଆବେଦନ କରିଛନ୍ତି। ଏଣ୍ଡା ମାସେ ହେଲା ଧାମନଗର ଓ ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ପ୍ରବଳ ଚୋରି ହେଉଥିଲା। ଚୋରମାନେ ମଠ, ମନ୍ଦିରକୁ ଟାର୍ଗେଟ କରୁଥିଲେ। ତେବେ ଏହି ଚୋରି ସମ୍ପର୍କରେ ଧାମନଗର ଥାନା ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେଉଁଥିରେ ଅନେକ ଏଥିରେ ସାମିଲ ଅଛନ୍ତି ଖୁବ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ । ସମ୍ମିଳନୀରେ ଅଳକୁଣ୍ଡ ଥାନା ଅଧିକାରୀ ଦେବାଶିଷ ଶତପଥୀ, ଏଏସଆଇ ବିଜୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତକଙ୍କ ପରିବାରବର୍ଗଙ୍କୁ ଭେଟିଲେ ସାଂସଦ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ନାଧେରା ପଞ୍ଚାୟତ ଅନ୍ତର୍ଗତ ଉପରବାଘୁଲୁଣ୍ଡୀ ଗ୍ରାମର ବିଶିଷ୍ଟ ସମାଜସେବୀ ହରିହର ନନ୍ଦଙ୍କ ଧର୍ମପତ୍ନୀ ନିରୁପମା ନନ୍ଦ (୭୪)ଙ୍କ ମୃତ୍ୟୁ ଖବର ପାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ତାଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଏହାପରେ ସାଂସଦ ଧଳପୁର ବଜାରରେ ପହଞ୍ଚି ସ୍ଥାନିୟ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ଏହାପରେ ବାଙ୍ଗୁରସିଂ ପଞ୍ଚାୟତ ଏକଘରିଆ ଗ୍ରାମର ସନ୍ତୋଷ କୁମାର ବେହେରା (୫୫) ନଦୀରେ ବୁଡି ମୃତ୍ୟୁବରଣ କରିଥିବା ଖବର ପାଇ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ କି କିପରି ସମସ୍ତ ପ୍ରକାର ଆର୍ଥିକ ସହଯୋଗ ପାଇପାରିବେ ସେନେଇ ଓଡାପଡା ବିଡିଓ ଦିଲ୍ଲିପ କୁମାର ସେଠୀଙ୍କ ସହ ବିଷଦ ଆଲୋଚନା କରିଥିଲେ । ଏହାପରେ ଗୁଡିଆକାଣ୍ଟେଇ ସ୍ଥିତ ବଜାର ରେ ପହଞ୍ଚି ସ୍ଥାନିୟ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକାର ସମସ୍ୟା ଶୁଣି ସେଗୁଡିକର ଯଥାଶିଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଗସ୍ତ ସମୟରେ ତାଙ୍କ ସହ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବିଜେପି ନେତା ସଦଦେବ ପୃଷ୍ଟି, ତପନ ମହାପାତ୍ର, ମନୋଜ ମହାରଣା, ସନ୍ତୋଷ ନାୟକ, ରଣଜିତ ନାୟକ, ସତ୍ୟରଞ୍ଜନ ମିଶ୍ର, ଓଡାପଡା ମଣ୍ଡଳ ସଭାପତି ଶିବଶକ୍ତି ମହାନ୍ତି, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ଅଶୋକ ରାଉତ, ଭାଗିରଥି ନାଥ, ପ୍ରଦିପ ସାହୁ , ସତ୍ୟ ସାହୁ, ସୁଜାତା ସାମଲ, ସଂଯୁକ୍ତା ବେହେରା ଓ ପୁଷ୍ପଲତା ସାହୁ ପ୍ରମୁଖ ବହୁ ଦଳିୟ କାର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସାପ କାମୁଡ଼ାରେ ମହିଳା ମୃତ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ପୋଖରୀ ଗାଁ ପଞ୍ଚାୟତ ରାଣୀପଡ଼ା ଗ୍ରାମର ଲୋଚନ ଦାଶଙ୍କ ସ୍ତ୍ରୀ ରେଣୁବାଳା ଦାଶ (୬୨) ସବୁଦିନ ଭଳି ରବିବାର ରାତିରେ ଖାଇ ଶୋଇଥିବା ବେଳେ ରାତି ୩ଟାରେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକେ ରେଣୁବାଳାଙ୍କୁ ଅଡ଼ଗପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅଡ଼ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ଅବସ୍ଥା ସୃଷ୍ଟି ହୋଇଛି। ଶବ ବ୍ୟବଛେଦ ପରେ ରେଣୁବାଳାଙ୍କ ମୃତଦେହ ରାଣୀପଡ଼ା ଗ୍ରାମରେ ଶେଷକୃତ ସମ୍ପନ୍ନ ହୋଇଥିଲା।

## ଦୁର୍ଘଟଣାରେ ଛାତ୍ରୀ ମୃତ

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ଥାନା ୧୬ ନଂ ଜାତୀୟ ରାଜପଥ ଡିଆରଡିଏ ଛକରେ ଏକ ସ୍କୁଟି ପଛକୁ ଧକ୍କା ଦେଲା ହାଇୱା । ଫଳରେ ସ୍କୁଟିରେ ବସିଥିବା ଛାତ୍ରୀ ଜଣକର ମୃତ୍ୟୁ ଘଟିଛି । ମୃତ ଛାତ୍ରୀଜଣକ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ କାଳିଆବାଲି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଏସ.ଦେବରାଜ ରେଡ୍ଡୀଙ୍କ ଝିଅ ଏସ. ଶ୍ରୁତି ରେଡି (୧୫) । ସେ କେନ୍ଦ୍ରୀୟ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ରୀ ଥିଲେ । ଘଟଣାରୁ ଜଣାପଡିଛି ଯେ ପିତା ଦେବରାଜ ନିଜ ସ୍କୁଟି ଯୋଗେ ଝିଅ ଶ୍ରୁତିକୁ ଧରି ଟ୍ୟୁସନ ଛାଡ଼ିବାକୁ ଛତ୍ରପୁରକୁ ଆସୁଥିବା ସମୟରେ ପଛରୁ ଆସୁଥିବା ଏକ ହାଇବା ନଂ(ଓଡି୦୨ ସିଏମ୍ ୩୧୬୫) ତାଙ୍କୁ ଧକ୍କା ଦେଇଥିଲା, ଫଳରେ ଝିଅ ଶ୍ରୁତି ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଆହତ ସୃତିକୁ ଉଦ୍ଧାର କରି ଛତ୍ରପୁର ମେଡ଼ିକାଲକୁ ନେଇଥିଲେ, ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସ୍ଥଳରେ ଛତ୍ରପୁର ପୋଲିସ ପହଞ୍ଚି ଉକ୍ତ ହାଇୱାକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ପୂର୍ବରୁ ଡିଆରଡିଏ ଓ କଲେଜ ଛକରେ ଏଭଳି ବହୁବାର ଦୁର୍ଘଟଣା ଘଟି ବହୁ ଜୀବନହାନି ଘଟିଛି । ଏଠାରେ ଟ୍ରାଫିକ ବ୍ୟବସ୍ଥା ଲାଗୁ କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ସୁଦ୍ଧା ପୋଲିସ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଏଣୁ ଶୀଘ୍ର ଏହି ଦୁଇ ଛକରେ ଟ୍ରାଫିକ ବ୍ୟବସ୍ଥା ଯୋଗାଇବାକୁ ସାଧାରଣରେ ଦାବି ହେଉଛି ।

## ହୃଦ୍‌ଘାତରେ ହୋମଗାର୍ଡଙ୍କ ମୃତ୍ୟୁ

ବଡ଼ଚଣା(ଭାସ୍କର ନ୍ୟୁଜ): ଗତ ରବିବାର ରାତିରେ ଡିୟୁଟି ଶେଷ କରି ଘରେ ଶୋଇଥିବା ଅବସ୍ଥାରେ ହୃଦଘାତରେ ମୃତ୍ୟୁ ଘଟିଥିବା ଜଣାଯାଇଛି । ସୂଚନା ଅନୁସାରେ ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁଳ ଗ୍ରାମର ପ୍ରଫୁଲ କୁମାର ବେହେରା(୫୯) ରବିବାର ରାତିରେ ରାତି ପାଟ୍ରୋଲିଂ ସାରି ଆଜି ସକାଳେ ଆସି ନିଜ ଘରେ ଶୋଇପଡ଼ିଥିଲେ । ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କର ପରଲୋକରେ ଥାନାରେ ଶୋକ ବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଚଣ୍ଡିଖୋଲ ବିଜ୍ଞାପିତ ଅଞ୍ଚଳ ଘୋଷଣା କେବେ ?

ବଡ଼ଚଣା(ଭାସ୍କର ନ୍ୟୁଜ): ବଡ଼ଚଣା ନିର୍ବାଚନ ମଣ୍ଡଳୀର ଚଣ୍ଡିଖୋଲ ଦୀର୍ଘ ବର୍ଷ ଦାବି ପରେ ପୂର୍ବ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିଲେ ଯାହାକୁ ନେଇ ସେତେବେଳେ ସାଧାରଣ ଲୋକେ ବେଶ ଖୁସି ହୋଇଥିଲେ । କିନ୍ତୁ କିଛି ଦିନ ତଳେ ରାଜ୍ୟ ସରକାର ରାଜ୍ୟର ୭ ଜିଲ୍ଲାରେ ୧୨ଟି ବିଜ୍ଞାପିତ ଅଞ୍ଚଳ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ତେବେ ଏହି ବିଜ୍ଞପ୍ତିରେ ଚଣ୍ଡିଖୋଲ ନାଁ ନଥିବାରୁ ବଡ଼ଚଣା ବହୁ ବୁଦ୍ଧିଜିବିଙ୍କୁ ଆଘାତ ଦେଇଛି । ସୂଚନା ଅନୁସାରେ ସ୍ୱର୍ଗତ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୩ ଜିଲ୍ଲାରୁ ୩୦ ଜିଲା କରିଥିଲେ ଏବଂ ସେହି ସମୟରେ ତତ୍କାଳିନ ବଡ଼ଚଣା କଂଗ୍ରେସ ବିଧାୟକ ସୀତାକାନ୍ତ ମହାପାତ୍ର ଚଣ୍ଡିଖୋଲକୁ ଉତ୍ତର କଟକ ଜିଲା ପାଇଁ ଦାବି କରିଥିଲେ । ତାହା ହୋଇପାରିଲା ନାହିଁ । ଦାସ କମିଶନ ରିପୋର୍ଟ ଅନୁସାରେ ଚଣ୍ଡିଖୋଲକୁ ଉତ୍ତର କଟକ ଜିଲା କରିବାକୁ ଅନୁମତି ଦିଆଯାଇଥିଲା କିନ୍ତୁ ତାହା ମଧ୍ୟ ହୋଇପାରିଲା ନାହିଁ । ତତ୍କାଳିନ ରାଜସ୍ୱମନ୍ତ୍ରୀ ସୁରେନ୍ଦ୍ର ନାୟକ ଚଣ୍ଡିଖୋଲ ସବଡ଼ିଭିଜନ ମାନ୍ୟତା ଦେବାକୁ ପ୍ରତିଶୃତି ଦେଇଥିଲେ ତାହାବି ହୋଇପାରିଲା ନାହିଁ । ଶେଷରେ ଚଣ୍ଡିଖୋଲକୁ ବିଜ୍ଞାପିତ ଅଞ୍ଚଳ କରିବାକୁ ଦୀର୍ଘ ବର୍ଷ ଧରି ସମସ୍ତ ରାଜନୀତିକ ଦଳର କର୍ମକର୍ତ୍ତା ଦାବି କରିବା ସହିତ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ । ଏପରିକି କଂଗ୍ରେସ, ବିଜେପି ଏବଂ ବିଜେଡି ପକ୍ଷରୁ ପୃଥକ ପୃଥକ ଭାବେ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲା । ଆନ୍ଦୋଳନ ପରେ ବାଧହୋଇ ଚଣ୍ଡିଖୋଲକୁ ବିଜ୍ଞାପିତ ଅଞ୍ଚଳ ବିଜେଡି ସରକାର ୨୪.୨.୨୦୨୪ରେ ଘୋଷଣା କରିଥିଲେ । ତେବେ ଚଳିତ ମାସରେ ରାଜ୍ୟ ସରକାର ୧୨ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବା ବେଳେ ସେଥିରେ ଚଣ୍ଡିଖୋଲ ସ୍ଥାନ ନଥିବାରୁ ଏଠାରେ ସାଧାରଣରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି । ନୂତନ ସରକାର ଚଣ୍ଡିଖୋଲ ପ୍ରତି ଏପରି ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ନୂତନ ସରକାର ଚଣ୍ଡିଖୋଲ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାକୁ ଦାବି ହେଉଛି ।

# ଗଣ୍ଡଗୋଳ ଅଭିଯୋଗରେ ଦାଦା-ପୁତୁରା ଅଟକ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅରିଷଣ୍ଡ ପଞ୍ଚାୟତରେ ଦାଦା-ପୁତୁରାଙ୍କ ମଧ୍ୟରେ ତୁମୁଳକାଣ୍ଡ ସୃଷ୍ଟି ହୋଇଥିବା ବେଳେ ପ୍ରତି ସପ୍ତାହରେ ଗଣ୍ଡଗୋଳ କରି ଥାନାକୁ ଆସୁଛନ୍ତି । ପୁଣି ଗଣ୍ଡଗୋଳ କରିଥିବା ବେଳେ ପୋଲିସ ପୃଥକ୍ ମାମଲା ରୁଜୁ କରି ଏହି ଘଟଣାରେ ୩ ଜଣଙ୍କୁ ଥାନାରେ ଅଟକ ରଖିଛି । ଜଣେ କୁଜି ନେତା ଏକ ପକ୍ଷର ସପୋର୍ଟ ନେଇ ଏହି ଗଣ୍ଡଗୋଳ ସୃଷ୍ଟି କରିବାରେ ମାଷ୍ଟର ମାଇଣ୍ଡ୍ ସାଜି ଥିବାରୁ ବାରମ୍ବାର ଏପରି ଘଟଣା ଘଟୁଛି । ଯାହାକୁ ନେଇ ଦଳ ନିନ୍ଦିତ ହେଉଅଛି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଅରିଷଣ୍ଡର ବାଲୁଙ୍କି ବିଶ୍ୱାଳଙ୍କ ପତ୍ନୀ ସଂଯୁକ୍ତା ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି ତାଙ୍କ ପୁତୁରା ସଦାଶିବ ବିଶ୍ୱାଳ, ବିଷ୍ଣୁ ବିଶ୍ୱାଳ, ସୁମିତ୍ରା ବିଶ୍ୱାଳ, ଜାନକି ବିଶ୍ୱାଳ ଘରେ ପଶି ଗାଳି ଗୁଲଜ କରି ମାଡ଼ ମାରିବା ସହ ମହିଳାଙ୍କୁ ଟଣା ଓଟରା କରିଛନ୍ତି ଓ କିଛି ସାମଗ୍ରୀ ଚୋରି କରି ନେଇଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/ ୨୯୬/ ୧୧୫(୨)/ ୧୧୭(୨)/ ୭୪/ ୭୫/ ୭୬/ ୩୦୩(୨)/ ୩୩୩/ ୩୫୧(୨) ରେ ପୋଲିସ ମାମଲା ରୁଜୁ କରିଛି । ଘଟଣାରେ ନିମାପଡ଼ା ଥାନା ପୋଲିସ ସଦାଶିବ ବିଶ୍ୱାଳ ଓରଫ ବୁନାକୁ ଥାନାରେ ଅଟକ ରଖିଛି । ସେହିପରି ଗନ୍ଧର୍ବ ବିଶ୍ୱାଳଙ୍କ ପତ୍ନୀ ଜାନକି ବିଶ୍ୱାଳ ଅଭିଯୋଗ କରିଛନ୍ତି ତାଙ୍କ ପୁତୁରା ଡ଼ମ୍ବରୁଧର ବିଶ୍ୱାଳ, ଯାଆ ସଂଯୁକ୍ତା ବିଶ୍ୱାଳ, ଝିଆରୀ ଟିକିନା ଭଟ୍ଟ, ଟୁଲିଆ ଭଟ୍ଟ, କଣ୍ଢେଇ ମାରଣାସ୍ତ୍ର ଧରି ଆକ୍ରମଣ କରିଛନ୍ତି । ଏହି ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/ ୨୯୬/ ୧୧୫(୨)/ ୭୪/୭୫/୭୬/୩୫୧(୨)ରେ ମାମଲା ରୁଜୁ କରିଛି । ଏହି ଗଣ୍ଡଗୋଳର ଭିଡ଼ିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ବାରମ୍ବାର ଏହି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଥିବା ବେଳେ ପଡ଼ୋଶୀଙ୍କ ଶାନ୍ତି ଭଗ୍ନ ହେଉଛି । ପୋଲିସ ଦୃଢ଼ ପଦକ୍ଷେପ ନେବା ପାଇଁ ଦାବି ହେଉଥିବା ବେଳେ ପୃଥକ୍ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀଙ୍କଠାରୁ ସୂଚନା ମିଳିଛି ।

# ଆବର୍ଜନାପୂର୍ଣ୍ଣ ଏଟିଏମ୍ ପରିସର




ବୋଲଗଡ(ଭାସ୍କର ନ୍ୟୁଜ): ବାଘମାରୀ ବଜାର ପରିସରରେ ଥିବା ଏଟିଏମ୍ ସମ୍ମୁଖଟି ଆବର୍ଜନା ହୋଇ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଯାହାକି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାରରେ ଏଟିଏମ ରହି ଥିବାରୁ ପ୍ରତ୍ୟହ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣଙ୍କ ସମେତ ଯାତ୍ରୀମାନେ ଆବଶ୍ୟକ ଅନୁଯାଇ ଟଙ୍କା ଉଠାଣ କରିଥାନ୍ତି। ତେବେ ଏଟିଏମ ସମ୍ମୁଖରେ ଅଦରକାରୀ କାଗଜ ସହ ଗାଈ ଗୋରୁ ମାନଙ୍କ ମଳ ଓ ମୂତ୍ର ପଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏଥିରୁ ସ୍ପଷ୍ଟ ରୂପେ ବାରି ହୋଇ ପଡୁଛି ଏହା ଗୋରୁ ଗାଈମାନଙ୍କ ଉପଯୁକ୍ତ ଆଶ୍ରୟ ସ୍ଥଳ ହୋଇ ପଡ଼ିଥିବା ବେଳେ ବ୍ୟାଙ୍କ ପକ୍ଷରୁ ଏଟିଏମ ରକ୍ଷଣାବେକ୍ଷଣ କରିବା ପାଇଁ କୌଣସି ପଦକ୍ଷେପ ନିଆ ଯାଉନଥିବା ଦେଖିବାକୁ ମିଳୁଛି। ଏହିଘଟଣାରେ ସମାଜସେବୀ ସନ୍ତୋଷ କୁମାର ପଣ୍ଡା, କୟୁମ ଖାନ(କାଲାଭାଇ) ଓ ପ୍ରସନ୍ନ କୁମାର କହଳସିଂହଙ୍କ ସମେତ ସଚେତନ ନାଗରିକ ମାନେ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ।

# ଆକ୍ସନ ମୋଡ୍‌ରେ ଜିଲ୍ଲା ଖଣି ବିଭାଗ ଓ ପୋଲିସ



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ତହସିଲ ଅଧିନସ୍ତ ଅଣ୍ଡେଇ ସାହି, ବଡ଼ବିଲ ଓ ଝାରପଡାରେ ଦୀର୍ଘଦିନ ହେବ ଚୋରା ବାଲିଘାଟ ଖୋଲି ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଲକ୍ଷାଧିକ ଟଙ୍କା ଚୋରା ବାଲି ଚାଲାଣ କରି ଆଦାୟ କରୁଥିଲେ। ଯାହା ଫଳରେ ପୋଲିସ ଓ ଖଣି ବିଭାଗକୁ ମାଫିଆମାନେ ଖୋଲା ଚ୍ୟାଲେଞ୍ଜ ଦେଇ ସ୍ଥାନୀୟ ନିରୀହ ଜନସାଧାରଣଙ୍କୁ ନାଲି ଆଖି ଦେଖାଇ ବାଲି ଲୁଟୁଥିଲେ। ଜିଲ୍ଲା ଖଣି ବିଭାଗ ଗୋବିନ୍ଦପୁର ପୋଲିସ ଓ କଣ୍ଟାପଡା ତହସିଲଦାରଙ୍କ ଉଦ୍ୟମରେ ସୋମବାର ଦିନ ଅପରାହ୍ନରେ ଜେସିବି ମେସିନ ସହାୟତାରେ ବଡ଼ବିଲ ଚୋରା ବାଲଘାଟ ଗଡାକୁ କାଟି ଦିଆଯାଇଛି। ସଂଧ୍ୟା ହୋଇଯିବାରୁ ମଙ୍ଗଳବାର ଝାରପଡା ଓ ଅଣ୍ଡେଇ ସାହି ବାଲିଘାଟ ଗଡା କଟାଯିବ ବୋଲି ଜିଲ୍ଲା ମାଇନ୍ସ ବିଭାଗ ଅଧିକାରୀ ସମ୍ମିତ ସାହୁ କହିଛନ୍ତି।

# ବିକାଶରେ ବାଧକ ଗାଁ ମୁଣ୍ଡ ପାଣି ଖାଲ

ରଣପୁର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡିଶା ଡାକରା ଦେଇ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଗାଁ ବିକାଶ ପାଇଁ ପ୍ରତି ଗ୍ରାମ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ନିଯୁକ୍ତ କରିଛନ୍ତି। ଗାଁର ବିକାଶ ପାଇଁ ଗ୍ରାମ ପଞ୍ଚାୟତକୁ ଅର୍ଥ ପ୍ରଦାନ କରୁଛନ୍ତି। ଗାଁର ବିକାଶ ପାଇଁ ଆସୁଥିବା ଅର୍ଥର ଆବଶ୍ୟକ ସମସ୍ୟା ଅନୁସାରେ ବ୍ୟୟ କରୁନଥିବା ଅଭିଯୋଗ ହେଉଛି। ସେଭଳି ଦେଖିବାକୁ ମିଳୁଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ବ୍ରଜରାଜପୁର ଗ୍ରାମ ପଞ୍ଚାୟତ ଲତାର ଗ୍ରାମ ବିକାଶ କ୍ଷେତ୍ରରେ। ବ୍ରଜରାଜପୁର ଗ୍ରାମ ପଞ୍ଚାୟତ କୋଡିଏ ୱାର୍ଡ ମଧ୍ୟରୁ ୪ ୱାର୍ଡ ହେଉଛି ହେଉଛି ଲତାର ଗ୍ରାମ। ଜନସଂଖ୍ୟା ପ୍ରାୟ ଏକ ହଜାରରୁ ଉର୍ଦ୍ଧ। ଗାଁର ବିକାଶରେ ବାଧକ ସାଜିଛି ଗାଁ ମୁଣ୍ଡ ପ୍ରାଥମିକ ବିଦ୍ୟାଳୟ ନିକଟ ରାସ୍ତା ମଝିରେ ଥିବା ଖାଲରେ ତିନିଫୁଟ ପାଣି। ଫଳରେ ସ୍କୁଲକୁ ଯାଉଥିବା ଛୋଟ ପିଲାଙ୍କଠାରୁ ଆରମ୍ଭ କରି କଲେଜ, ବଜାର ଓ ରଣପୁର କାର୍ଯ୍ୟାଳୟ ଯାଉଥିବା ଶହ ଶହ ଲୋକ ପ୍ରତିଦିନ ହଇରାଣ ହେଉଛନ୍ତି। ଗାଁ ଦାଣ୍ଡରେ ବର୍ଷାଜଳ ଜମା ହେବା ଦ୍ୱାରା ସମସ୍ୟା ଦେଖା ଦେଉଛି। ଗାଁ ମୁଣ୍ଡ ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଡ୍ରେନକୁ ଗାଁ ଦାଣ୍ଡ ଜଳ ଯିବାପାଇଁ ରାସ୍ତା ନାହିଁ। ଗତବର୍ଷ ଏକା ସମସ୍ୟା ହୋଇଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ସମସ୍ୟା ସ୍ଥାୟୀ ସମାଧାନ ନକରି କେବଳ ପଥର ଗୁଣ୍ଡ ପକାଇ ଦୃଷ୍ଟି ଏଡାଇ ଯାଇଥିଲେ। ପଞ୍ଚାୟତ ଉନ୍ନୟନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ସମୟରେ ଲତାର ଗାଁ ପ୍ରତି ଅଣଦେଖା ଅଭିଯୋଗ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗଦିଶ ସାହୁ କୁହନ୍ତି ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ରଣପୁର ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମିନୀ ଖଟୁଆ କୁହନ୍ତି ସମସ୍ୟା ମୋ ଦୃଷ୍ଟିକୁ ଆସିନଥିଲା। ବିଡିଓଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ। ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ କୁହନ୍ତି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦିଆଯିବ।

# ବିଶ୍ୱକର୍ମା ପୂଜା ପାଇଁ ବିଏମ୍ଏସ୍ ପକ୍ଷରୁ ମଣ୍ଡପ ନିର୍ମାଣର ଶୁଭାରମ୍ଭ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆଗାମୀ ସେପ୍ଟେମ୍ବର ୧୭ରୁ ଅନୁଷ୍ଠିତ ହେବାର ମାସକ ପୂର୍ବରୁ ସ୍ଥାନୀୟ ବିଭିନ୍ନ ସଂଗଠନ, ପ୍ରତିଷ୍ଠାନ, ସଂଘ ପକ୍ଷରୁ ମଣ୍ଡପ, ତୋରଣ ଓ ପ୍ରଭୁ ବିଶ୍ୱକର୍ମାଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳିଲାଣି । ଜୟଦେବ ସଦନ ଛକରୁ ପାରାଦୀପ ପୋର୍ଟ ରିକ୍ରେସନ କ୍ଲବ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏହି ମଣ୍ଡପ ଓ ତୋରଣ ମାନ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରିକ୍ରେସନ କ୍ଲବ ପାର୍ଶ୍ୱ ପଡିଆରେ ଭାରତୀୟ ମଜଦୁର ସଂଘ (ବିଏମଏସ) ସଂଗଠନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଆଜି ମଣ୍ଡପ ଓ ତୋରଣ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ସଂଘର ସଭାପତି ରାକେଶ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟଙ୍କ ସମେତ ଟେଣ୍ଟ ମାଲିକ କୈଳାସ ମଲ୍ଲିକ ଓ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ପୂଜାକୁ ଅଧିକ ସରସ, ସୁନ୍ଦର, ଆକର୍ଷଣୀୟ କରାଯିବା ସହିତ ନାମୀଦାମୀ ସାଂସ୍କୃତିକ ସଂଗଠନ ଓ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସଙ୍ଘର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ସୂତ୍ରରୁ ପ୍ରକାଶ ।

# ଯୋଡ଼ାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ



ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ାରେ ହରେକୃଷ୍ଣ ଭାଗବତ ପ୍ରଚାର କେନ୍ଦ୍ର ଟ୍ରଷ୍ଟ, ଦ୍ୱାରା ଆୟୋଜିତ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହାମହୋତ୍ସବ ଦୁଇଦିନ ଧରି ଯୋଡ଼ା ଇଷ୍ଟ କମ୍ୟୁନିଟି ସେଣ୍ଟର୍‌ରେ ପାଳନ ହୋଇଛି । ମହୋତ୍ସବରେ ନଗର କୀର୍ତ୍ତନ, ଶ୍ରୀକୃଷ୍ଣଙ୍କ ଅଭିଷେକ ତଥା ପ୍ରବଚକ ମହାରାଜ ଦେବକୀ ତନୟ ଦାସଙ୍କ ଦ୍ୱାରା ଭାଗବତ କଥା କୀର୍ତ୍ତନ କରାଯାଇଥିଲା । ତହିଁ ଆର ଦିନ ନନ୍ଦୋତ୍ସବ ପ୍ରଭୁ ପାଦଙ୍କର ଆବିର୍ଭାବ ତିଥିରେ ତାଙ୍କ ଅଭିଷେକ ଓ ଗୁଣ କୀର୍ତ୍ତନ ପରେ ନନ୍ଦୋତ୍ସବ କର୍ଯ୍ୟ କ୍ରମରେ ଯୋଡା ଅଞ୍ଚଳ ର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଭଗବାନ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ବକ୍ତୃତା, ସାଧାରଣ ଜ୍ଞାନ, କୃଷ୍ଣ ବେଶ, ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ଉକ୍ତ ଉତ୍ସ୍ୱ ରେ ବଡବିଲ ତହସିଲଦାର, ଯୋଡା ବିଡିଓ, ବଡ଼ବିଲ ଏସଡିପିଓ ଏବଂ ଯୋଡା ଟାଟା ଷ୍ଟିଲର ମୁଖ୍ୟ ଅତିଥି ରୂପେ ଯୋଗଦେବା ସହିତ ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିଥିଙ୍କୁ ହରେକୃଷ୍ଣ ଭାଗବତ ପ୍ରଚାର କେନ୍ଦ୍ର ତରଫରୁ ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରାଯାଇଥିଲା । ଦୁଇ ଦିନ ଧରି ଟ୍ରଷ୍ଟର ସଭାପତି ଶ୍ରୀ ପାଦ ହଳଧର ରୂପ ଦାସଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୁପେ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ୧୦୦୦ରୁ ଉର୍ଦ୍ଧ ଶ୍ରଧାଳୁ ଭାଗ ନେଇ ପ୍ରସାଦ ସେବନ କରିଥିଲେ ।

# ଛିଡିଲା ବିଦ୍ୟୁତ୍ ତାର, ଅଳ୍ପକେ ବର୍ତ୍ତିଲେ ଯୁବକ



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ସହର ଦେଇ ଯାଇଥିବା ୧୬ ନଂ ଜାତୀୟ ରାଜପଥ ଶନି ମନ୍ଦିର ଛକ ନିକଟରେ ୧୧ କେଭି ବିଦ୍ୟୁତ ତାର ହଠାତ୍ ଛିଡ଼ି ପଡ଼ିଥିଲା । ସେହିରାସ୍ତା ଦେଇ ବାଇକ ନଂ( ଓଡି୦୭ ଏବି-୪୨୫୫)ରେ ଯାଉଥିବା ଯୁବକଙ୍କ ଉପରେ ତାର ପଡିଯାଇଥିଲା । ଫଳରେ ଯୁବକ ଜଣକ ଆହତ ହୋଇଥିଲେ । ଆହତ ଯୁବକ ଜଣଙ୍କ ହେଲେ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ ବଲ୍ଲକୋଟ ଗ୍ରାମର ମୁନା ସାଗର ନାୟକ । ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ୍ ଜାମ୍ ହୋଇ ଯାତାୟାତ ଠପ ହୋଇପଡିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗଞ୍ଜାମ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ଘଟଣା ସ୍ଥଳରେ ଗଞ୍ଜାମ ଥାନା ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଖବର ପାଇ ଗଞ୍ଜାମ ବିଦ୍ୟୁତ କର୍ମଚାରୀ ବିଦ୍ୟୁତ ସରବରାହ ବନ୍ଦ କରି ଯୁଦ୍ଧ କାଳୀନ ଭିତରେ ସଜାଡିଥିଲେ ।

# ଏନ୍ଆଇସି କମ୍ପ୍ୟୁଟର ଓ ପ୍ରେସ୍ କ୍ଲବ୍ ସହଯୋଗରେ ରକ୍ତଦାନ ଶିବିର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରେସ୍ କ୍ଲବ୍ ଓ ନିମାପଡ଼ାର ଆଇଟି ସଂସ୍ଥା ଏନ୍ଆଇସି କମ୍ପ୍ୟୁଟର ମିଳିତ ସହଯୋଗରେ ମେଗା ରକ୍ତଦାନ ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୯ ବର୍ଷ ଧରି ପ୍ରତିଷ୍ଠା ଦିବସକୁ ରକ୍ତଦାନ ଦିବସ ଭାବେ ପାଳନ କରି ଆସୁଛି ଏହି ସଂସ୍ଥା । ସୋମବାର ସ୍ଥାନୀୟ କେନାଲ ରୋଡ୍ ନିକଟସ୍ଥ ଏନ୍ଆଇସି କମ୍ପ୍ୟୁଟର ଏଜୁକେସନ୍‌ର ୨୯ତମ ପ୍ରତିଷ୍ଠା ଦିବସ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନରେ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରା, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏନ୍ଏସି ଅଧକ୍ଷା ସସ୍ମିତା ସାହୁ, ଏନ୍ଆଇସି ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଭୁବନେଶ୍ୱର ମହାନଗର ନିଗମ ରକ୍ତ ଭଣ୍ଡାର ପକ୍ଷରୁ ଡ଼ଃ କଲ୍ୟାଣ କୁମାର ସରକାର ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ୨୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଅମୂଲ୍ୟ ସାହୁ, ପ୍ରିତିଶ କୁମାର ସାହୁ, ତ୍ରିଲୋଚନ ଭୋଇ ପ୍ରମୁଖ ରକ୍ତଦାତା ରକ୍ତଦାନ କରି ବ୍ଲଡ଼୍ ବ୍ୟାଙ୍କ ତରଫରୁ ଟି ସାର୍ଟ, ସାର୍ଟିଫିକେଟ୍ ଗ୍ରହଣ କରିଥିଲେ । ବିଭିନ୍ନ ବର୍ଗର ଯୁବଗୋଷ୍ଠୀ ସ୍ୱଇଚ୍ଛାରେ ରକ୍ତଦାନ କରିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ । ନିମାପଡ଼ା ପ୍ରେସ୍ କ୍ଲବ୍ ସଦସ୍ୟ ଏବଂ ଏନ୍ଆଇସି ଅନୁଷ୍ଠାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ହାଇଟେକ୍‌ରେ ୭୯ ତମ ସ୍ୱାଧିନତା ଦିବସ ପାଳିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭୯ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫିଜିଓଥେରାପି, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, +୨ ସାଇନ୍ସ କଲେଜର ସହସ୍ରାଧିକ ବିଦ୍ୟାର୍ଥୀ ଉପସ୍ଥିତ ରହି ସ୍ୱାଧୀନତା ଦିବସ ମହାସମାରୋହ ପାଳନ କରିଛନ୍ତି। ହାଇଟେକ୍ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ପତାକା ଉତ୍ତୋଳନ କରିବା ସହ ଏକବିଂଶ ଶତାବ୍ଦୀରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଁଞ୍ଚି ସାରିଛି, କିନ୍ତୁ ହାଇଟେକ୍ ଗ୍ରୁପ୍ ତାକୁ ପରବର୍ତ୍ତି ସମୟରେ ସମସ୍ତଙ୍କ ଦ୍ୱାର ମୁହଁରେ ପହଁଞ୍ଚାଇବାର ପ୍ରତିଶୃତି ଏବଂ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡକ୍ଟର ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରିପାଠୀଙ୍କ ସମେତ ସମସ୍ତ ମହାବିଦ୍ୟାଳୟର ଅଧକ୍ଷମାନେ ଯୋଗଦେଇ ଏହି ଦିବସକୁ ଉତ୍ସବମୁଖର କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷାନୁଷ୍ଠାନର କୃତକାର୍ଯ୍ୟ ବିଦ୍ୟାର୍ଥୀ ଏବଂ ବିଶିଷ୍ଟ ଚିକିତ୍ସାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିମାପଡ଼ାରେ ପହଞ୍ଚିଲା ଅଗଷ୍ଟ କ୍ରାନ୍ତି ରଥ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅଗଷ୍ଟ କ୍ରାନ୍ତି ରଥ ଭଦ୍ରକ ଜିଲ୍ଲାର ମାଥିଲରୁ ଆସି ସୋମବାର ନିମାପଡ଼ା ସହୀଦ ପୀଠରେ ପହଞ୍ଚି ଥିଲା । ଏହି ରଥରେ ଶହୀଦ ତୀର୍ଥ ଯାତ୍ରାର ସଭାପତି ବୈଲୋଚନ ଜେନା ଓ ତାଙ୍କ ଧର୍ମପତ୍ନୀ ବନଲତା ଜେନାଙ୍କ ସମେତ ୫ ଶହୀଦ ତୀର୍ଥଯାତ୍ରୀ ଦିନ ୧୨ଟାରେ ନିମାପଡ଼ା ସହୀଦ ସ୍ମୃତି ସ୍ତମ୍ଭରେ ଶହୀଦ ଉଚ୍ଛବ ମଳିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଶହୀଦ ପୀଠଠାରୁ ମାଟି ନେଇ ସହୀଦ କଳସ ସହ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିଲେ । ସହିଦ ତୀର୍ଥ ଯାତ୍ରୀଙ୍କୁ ନିମାପଡ଼ା ସହୀଦ ସ୍ମୃତି ସଂସଦର ସଂପାଦକ ଡ଼ଃ ବେଣୁଧର ସେନାପତି, କୋଷାଧକ୍ଷ ଦୟାନିଧି ସାହୁ, ସଦସ୍ୟ ଜୀବନାନନ୍ଦ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଦାୟଦ ସଂଘର ସଭାପତି ଆର୍ତ୍ତବନ୍ଧୁ ସେନାପତି, ନିମାପଡ଼ା ଏନ୍ଏସି ଉପାଧକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ଟେକ୍ ମହିନ୍ଦ୍ରା ଫାଉଣ୍ଡେସନ୍‌ର ଲୋକେସନ ମ୍ୟାନେଜର ରଶ୍ମି ରଂଜନ ମହାନ୍ତି, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷା ମୀନତି ସେନାପତି, ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପାତ୍ର, ରୁଚିକା ସମାଜ ମଙ୍ଗଳ ସଂଗଠନର ଶ୍ରଦ୍ଧାଳୀ ଲାଲା, ଭାଗ୍ୟଶ୍ରୀ ପରିଜା, ଲକ୍ଷ୍ମୀପ୍ରିୟା ମହାପାତ୍ର, ଇସାନ୍ କୁମାର ବାରିକ ଇତ୍ୟାଦି ସ୍ୱାଗତ କରିଥିଲେ । ଏହି ଅବସରରେ ସହୀଦ ତୀର୍ଥ ଯାତ୍ରୀ ସଂଗଠନର ସଭାପତି ଶ୍ରୀ ଜେନା କହିଲେ ଏହି ଯାତ୍ରାର ଆଭିମୁଖ୍ୟ ହେଉଛି ସହିଦ ଓ ସଂଗ୍ରାମୀଙ୍କ ବଳିଦାନକୁ ଲୋକ ଲୋଚନକୁ ଆଣିବା ଓ ଭାରତ ସମ୍ବିଧାନର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଇବା । ସଂସଦର ସଂପାଦକ ଡ଼. ସେନାପତି କହିଲେ ନିମାପଡ଼ାରେ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ପ୍ରଯୋଜିତ ହୋଇଥିବା ଭାରତଛାଡ଼ ଆନ୍ଦୋଳନରେ ୧୯୪୨ ମସିହା ସେପ୍ଟେମ୍ବର ୧୬ରେ ନିଶସ୍ତ୍ର ସଂଗ୍ରାମୀଙ୍କ ଉପରକୁ ପୋଲିସ ଗୁଳି ଚଳାଇଥିଲା । ଏହି ଗୁଳିରେ ଉଚ୍ଛବ ମଲ୍ଲିକ ସହିଦ ହୋଇଥିଲେ ଓ ୨୦ ସଂଗ୍ରାମୀ ପୋଲିସ ଗୁଳିର ଶୀକାର ହୋଇଥିଲେ । ଏହା ବ୍ୟତୀତ ୩୬ ସଂଗ୍ରାମୀଙ୍କୁ ଗିରଫ କରାଯାଇଥିଲା । ନିମାପଡ଼ାର ସହୀଦ ଉଚ୍ଛବ ମଳିକଙ୍କୁ ମିଶାଇ ଓଡ଼ିଶାରେ ମୋଟ ୭୨ ସଂଗ୍ରାମୀ ସହିଦ ହୋଇଥିଲେ ।






ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତା ନିର୍ବାଚନ ଗତକାଲି ରବିବାର ଦିନ ଝାରସୁଗୁଡ଼ା ସ୍ଥିତ ହୋଟେଲ ମାଇକ୍ରୋ କଣ୍ଟିନେଟାଲ ସଭା ଗୃହରେ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାଜେନ୍ଦ୍ର ଦାଶ ଓ ମନୋଜ ସାକୁନିଆ ନିର୍ବାଚନ ଅଧିକାରୀ ଭାବରେ ରହି ବିଦ୍ଧିବଦ୍ଧ ଭାବରେ ନିର୍ବାଚନ ପରିଚାଳନା କରିଥିଲେ। ପୂର୍ବରୁ ସଭାପତି ଥିବା ଜୟନ୍ତ ଦୀକ୍ଷିତ ପୁଣି ଥରେ ୩ ବର୍ଷ ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଏଥରକୁ ମିଶାଇ ତୃତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ଜିଲ୍ଲା ର ସମସ୍ତ ସଦସ୍ୟ ମାନଙ୍କୁ ଧନ୍ୟବାଦ୍ ଓ କୃତଜ୍ଞତା ଜଣାଇଛନ୍ତି। ଜୟନ୍ତ ପଶ୍ଚିମ ଓଡ଼ିଶା ଔଷଧ ବ୍ୟବସାୟୀ ସଂଘର ଉପସଭାପତି ବର୍ତ୍ତମାନ ଅଛନ୍ତି। ସାଧାରଣ ସଂପାଦକ ଭାବେ ଅମିତ ସ୍ୱରଗୀ, କୋଷାଧକ୍ଷ ଭାବେ ସୁଜିତ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଗତକାଲିର ଏହି ନିର୍ବାଚନରେ ରାଜ୍ୟ ସଂଘ ସାଧାରଣ ସଂପାଦକ ପ୍ରଶାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ସଂଘ ସଂଗଠନ ସଂପାଦକ ଦିପକ ଆଚାର୍ଯ୍ୟ, ସମ୍ବଲପୁର ସଂଘ ସାଧାରଣ ସଂପାଦକ ଜୟ ପ୍ରକାଶ ତନ୍ତୀ, ସୁନ୍ଦରଗଡ଼ ସଂଘ ସଭାପତି ଅନିଲ ଅଗ୍ରୱାଲ, ସାଧାରଣ ସଂପାଦକ ଶ୍ରୀପତି ରଞ୍ଜନ ଜେନା, ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବରଗଡ଼ ସଂଘ ସଭାପତି ଦେବଦତ୍ତ ଦାଶ ମଞ୍ଚାସିନ ରହି ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେଇଥିଲେ। ଗତକାଲିର କାର୍ଯ୍ୟକ୍ରମକୁ ମନୋଜ ବଂଶଲ ପରିଚାଳନା କରିଥିଲେ।

## ପଞ୍ଚଭୂତରେ ଲୀନ ହେଲେ ଓଡ଼ିଆ ବୀର ଯବାନ



ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନାର ଦଦରାଘାଟି ଫାଣ୍ଡି ଅଧିନସ୍ଥ ମାଣିକମରା ଗ୍ରାମର ବିନୋଦ ବିଶ୍ୱାଳଙ୍କ ପୁଅ ମନୋଜ ବିଶ୍ୱାଳ (୫୦ବର୍ଷ) କାଶ୍ମୀରର କେସ୍ତିଓ୍ୱାଡାରେ ଗୁରୁବାର କାର୍ଯ୍ୟରତ ଥିବାବେଳେ କଳାହାଣ୍ଡିଆ ମେଘର ପ୍ରଭାବରେ ମାଟି ଅତଡ଼ା ଖସିବାରୁ ସେଠାରେ ତାଙ୍କର ନିଖୋଜ ହୋଇ ଯାଇଥିବା ଜଣାପଡିଥିଲା। ମନୋଜ ସିଆଇଏସ୍ଏଫ ଯବାନ ଭାବେ ତାଳଚେର ଥର୍ମାଲ ରୁ ଯାଇ କାଶ୍ମୀର ରେ କାର୍ଯ୍ୟ କରୁଥିଲା ବେଳେ ବହୁ ଖୋଜା ଖୋଜି ପରେ ଶନିବାର ତାଙ୍କର ମରଶରୀର ମାଟିତଳୁ ଉଦ୍ଧାର କରାଯାଇଥିଲା। ସହିଦ ମନୋଜଙ୍କ ପରିବାରରେ ତାଙ୍କର ସ୍ତ୍ରୀ ଓ ଦୁଇଟି ଝିଅ ଥିବାବେଳେ ପରିବାର ଏବଂ ଗ୍ରାମବାସୀ ଏଭଳି ଦୁଃଖଦ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୋମବାର ମନୋଜଙ୍କ ମରଶରୀରକୁ ବିଭାଗୀୟ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ପୈତୃକ ଗ୍ରାମ ମାଣିକମରା ଗ୍ରାମକୁ ଅନ୍ତିମସଂସ୍କାର ପାଇଁ ପରିବାର ନିକଟକୁ ଅଣାଯାଇଥିଲା। ସେ ଜଣେ ମିଷ୍ଟଭାଷୀ, ଲୋକପ୍ରିୟ, ପରୋପକାରୀ ବ୍ୟକ୍ତି ଥିଲେ। ଦେଶମାତୃକା ପାଇଁ ଅବଦାନ ଥିବା ପରିବାରରେ ତାଙ୍କର ପିତା ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଓ ସାନ ଭାଇ କାର୍ଯ୍ୟରତ ଥିବା ଜଣେ ସିଆଇଏସଏଫ ଯବାନ ହୋଇଥିବା ବେଳେ ମନୋଜଙ୍କ ବିୟୋଗ ଖବର ଶୁଣି ଅଞ୍ଚଳବାସୀ, ସହକର୍ମୀ ଓ ବିଭିନ୍ନ ମହଲରେ ଦୁଃଖ ପ୍ରକାଶ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି ।

### ଲଗାଣ ବର୍ଷାରେ ବୁଡିଲା ପୋଲ

## ୧୪ଘଣ୍ଟା ପରେ ଯାତାୟତ ସ୍ୱାଭାବିକ





ମାଲକାନାଗିରି/କାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା। ଲଗାଣ ବର୍ଷରେ ରାସ୍ତା ଉପରେ ପାଣି ଚାଲୁଥିବାରୁ ୩୨୬ ନମ୍ବର ଜାତୀୟ ରାଜପଥରେ ଅଟକି ରହିଛି ଆମ୍ବୁଲାନ୍ସ, ବସ୍, ଟ୍ରକ ଓ ବହୁ ଛୋଟ ବଡ଼ ଗାଡି। ମାଲାକାନଗିରିରୁ ମୋଟୁ ସମେତ ଦୁଇ ରାଜ୍ୟକୁ ଯୋଗାଯୋଗ ବିଚ୍ଛିନ୍ନ। ଗତକାଲି ରାତିରେ ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ୩୨୬ ନମ୍ବର ଜାତୀୟ ରାଜପଥ ଥିବା କାଙ୍ଗୁରୁକୁଣ୍ଡା ପୋଲ ଉପରେ ଚାଲିଛି ୨ଫୁଟର ପାଣି। ଅତ୍ୟାଧିକ ବର୍ଷା ଯୋଗୁଁ ମାଲାକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ବନ୍ୟା ପାଣିରେ ପୋଲ ବୁଡ଼ି ଯାଇଛି। ପୋଲ ଉପରେ ୨ରୁ୩ ଫୁଟ ଉଚ୍ଚରେ ପାଣି ପ୍ରଭାବିତ ହେଉଥିବାରୁ ଏହି ରାସ୍ତା ଦେଇ ଯାଉଥିବା ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। କାଙ୍ଗୁରୁକୋଣ୍ଡା, ଏମ୍ଭି ୯୦ ନମ୍ବର, ଏମ୍ଭି-୯୬ ପୋଲ ଓ କନ୍ୟା ଆଶ୍ରମ ପୋଲ ଉପରେ ପାଣି ଚାଲିଥିବା ବେଳେ, ପଟେରୁ ପୋଲ ଉପରେ ଦୁଇରୁ ତିନି ଫୁଟର ପାଣି ପ୍ରାବାହିତ ହେଉଛି। କାଳିମେଳା ପୋଲିସ କର୍ମଚାରୀମାନେ ପୋଲ ପାର ହେବାକୁ ଲୋକଙ୍କୁ ବାରଣ କରୁଛନ୍ତି। ପ୍ରଶାସନ ପକ୍ଷରୁ ପୋଲର ଉଭୟ ପାର୍ଶ୍ୱରେ ଦଉଡି ବନ୍ଧାଯାଇ ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଯାତାୟତ କରୁଥିବା ସମସ୍ତ ସରକାରୀ ଓ ବେସରକାରୀ ବସ୍ ସେଠାରେ ଅଟକି ରହିଛି। ଯାହା ଫଳରେ ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ କାଲିଠାରୁ ବର୍ଷା ଲାଗିରହିଥିବା ବେଳେ ଜଳସ୍ତର ଆହୁରି ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଛି। ସେହିପରି ପଡ଼ିଆକୁ ସଂଯୋଗ କରୁଥିବା କନ୍ୟାଶ୍ରମ ପୋଲ ଉପରେ ୨ରୁ୪ଫୁଟ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଯାହାଫଳରେ କାଳିମେଳା ଠାରୁ ପଡ଼ିଆ ଯାତାୟତରେ ବାଧକ ସୃଷ୍ଟି କରିଛି। ବର୍ଷାକୁ ନଜରରେ ରଖି ପ୍ରଶାସନିକ ଅଧିକାରୀମାନେ ସଜାଗ ରହିଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କାଙ୍ଗୁରୁକୋଣ୍ଡା ଗସ୍ତ କରି ସ୍ଥିତି ଉପରେ ନଜର ରଖୁଛନ୍ତି। କାଳିମେଳା ବିଡିଓ, ମଟୁ ତହସିଲଦାର ଓ କାଳିମେଳା ଥାନା ଅଧିକାରୀ ବୁଡ଼ି ଯାଇଥିବା ପୋଲ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଜିଲ୍ଲା ପ୍ରଶାସନକୁ ଅବଗତ କରାଉଛନ୍ତି। ମାଲକାନଗିରି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସଦର ଦେଇ ଯାଇଥିବା ଜାତୀୟ ରାଜପଥରେ ପାଣି। ଯାତାୟାତରେ ସମସ୍ୟା ଉପୁଜିବା ସହ ବିଭିନ୍ନ ଦୋକାନ ଓ ଘରେ ପଶିଲା ପାଣି। ଜିଲ୍ଲା ସଦରରେ ଆଜି ସକାଳୁ ବର୍ଷା ଲାଗି ରହିଥିବା ବେଳେ ସନ୍ଧ୍ୟା ସମୟରୁ ଲଗାଣ ବର୍ଷା ଯୋଗୁଁ ଜିଲ୍ଲା ସଦର ଦେଇ ଯାଇଥିବ ୩୨୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ପାଣି ଜମିବାରେ ଲାଗିଛି। ଜିଲ୍ଲା ସଦର ଏସ୍‌ପି ଅଫିସ ନିକଟରେ ଓ ମୁଖ୍ୟ ଚିକିସାଳୟ ନିକଟରେ ରାସ୍ତା ଉପରେ ୩ଫୁଟରୁ ଅଧିକ ପାଣି ଜମିବାରୁ ମୋଟର ସାଇକେଲ ଓ ଛୋଟ ଗାଡି ଯିବା ଆସିବା କଷ୍ଟକର ହୋଇପଡିଛି। ଏହା ସହ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ବିଭିନ୍ନ ଦୋକାନ ଏବଂ ଘର ମଧ୍ୟରେ ପାଣି ପଶି ବ୍ୟାପକ ସାମଗ୍ରୀ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଏପରି ସ୍ଥିତି ଉପୁଜିବା ବେଳେ ଦୋକାନୀ ଓ ସ୍ଥାନୀୟ ଲୋକେ ନିଜ ଦୋକାନ ଏବଂ ଘରୁ ପାଣି ବାହାର କରିବାରେ ଲାଗିପଡିଛନ୍ତି। ପ୍ରଶାସନ ପକ୍ଷରୁ ମଧ ପାଣି ବାହାର କରିବା ପାଇଁ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳିଛି।

## ‘ଅରୁଣିମା:ନୂତନ ସୂର୍ଯ୍ୟର ଆଭା’ ଶୀର୍ଷକ ସ୍ୱାଗତ ସମାରୋହ



ଗୁଣପୁର (ଭାସ୍କର ନ୍ୟୁଜ୍) : ଗୁଣପୁର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ସମ୍ପ୍ରତି ନୂତନ ଯୋଗଦାନ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ‘ଅରୁଣିମା: ନୂତନ ସୂର୍ଯ୍ୟର ଆଭା‘ ଶୀର୍ଷକ ଏକ ସ୍ୱାଗତ ସମାରୋହର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଶଶିଭୂଷଣ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଓ ସଭାର ସଭାପତି ଭାବରେ କାର୍ଯ୍ୟ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନ ବିଭାଗର ସତୀଶ କୁମାର ପଟ୍ଟନାୟକ, ରାଜନୀତି ବିଜ୍ଞାନର ଅଧ୍ୟାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଏବଂ ତାମିଲା ପରାସେଠ୍ ଏବଂ ବାଣିଜ୍ୟ ବିଭାଗର ଅଧ୍ୟାପକ ବିକାଶ ରଞ୍ଜନ ଭୂୟାଁ ସାମିଲ ଥିଲେ। ବିଭାଗ ମୁଖ୍ୟ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଆୟୁଷୀ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ, ଛାତ୍ର ବେଣୁଧର କଣ୍ଡାଗରି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ତରଫରୁ ଅଧକ୍ଷ ମହାନ୍ତିଙ୍କୁ ତାଙ୍କର ଅସାଧାରଣ ନେତୃତ୍ୱ ଏବଂ ଅନୁଷ୍ଠାନ ପ୍ରତି ସମର୍ପଣ ପାଇଁ ସମ୍ମାନିତ କରାଯାଇଥିଲା। ଅଧକ୍ଷ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଆଗ୍ରହ ଅନୁସନ୍ଧାନ କରିବାକୁ, ଅର୍ଥପୂର୍ଣ୍ଣ ସମ୍ପର୍କ ଗଠନ କରିବାକୁ ଏବଂ ଶିକ୍ଷା ତଥା ପାଠ୍ୟକ୍ରମିକ କାର୍ଯ୍ୟକଳାପରେ ଉତ୍କର୍ଷତା ପାଇଁ ଚେଷ୍ଟା କରିବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଗଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନ ଗଠନ ଓ ଉନ୍ନତ ପରିବର୍ତ୍ତନର ପ୍ରକ୍ରିୟା କିପରି ସୁଗମ ହେବ ସେ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍‌ସହିତ ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧିରେ ସେମାନଙ୍କର ଭୂମିକାକୁ ଦର୍ଶାଇଥିଲେ। ବିଭାଗୀୟ ଅଧ୍ୟାପକ ପ୍ରିୟବ୍ରତ ମହାକୁର ଓ ବାଗ୍ମୀ ରଞ୍ଜନ ଷାଣ୍ଡ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସମଗ୍ର କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

## ରାସ୍ତା ମରାମତି ପାଇଁ ଅନୁରୋଧ

ବସ୍ତା, (ଭାସ୍କର ନ୍ୟୁଜ୍) ବସ୍ତା ବ୍ଲକ୍ ନିକଟସ୍ଥ କଟିପୁଲ ଠାରୁ ଇଡଦା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ। ଆଜକୁ ୬ ମାସ ହେବ ରାସ୍ତାର ଏତାଦୃଶ ଶୋଚନୀୟ ଅବସ୍ଥା। ଅଞ୍ଚଳ ବାସିନ୍ଦା ଅନେକ ଥର ପ୍ରଶାସନ ଅଧିକାରୀଙ୍କ ପାଖରେ, ଯଥା କନିଷ୍ଠ ଯନ୍ତ୍ରୀ ଓ ବିଡ଼ିଓଙ୍କୁ ଦରଖାସ୍ତ ଲେଖିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଯାହା ଦ୍ୱାରା ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ବସ୍ତା ପଞ୍ଚାୟତ ସମିତି ସାମ୍ନାରେ ଧାରଣା ଦେଇଛନ୍ତି ଓ ଏହି ରାସ୍ତାର ମରାମତି ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୨୯ ଅଭିଯୋଗ ପଞ୍ଜିକୃତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ସୋମବାର ଦିନ ସ୍ଥାନୀୟ ପୌରପରିଷଦ ସଭା ଗୃହରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୨୯ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ସୂଚନା ଦିଆଯାଇଛି।୨୯ ଟି ଅଭିଯୋଗ ମଧ୍ୟରୁ ୧୯ ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ଆଉ ୧୦ଟି ଗୃପ ଅଭିଯୋଗ ହୋଇଥିଲା। ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ପୌରପରିଷଦ ଅଧକ୍ଷ କୃଷ୍ଣ ଗୋପାଳ ସୀତାନି, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଏସପି ଜେମେସ ସାମଦ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଓ ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ।




## ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ପାଳିତ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ କଲେଜ ଅଡିଟୋରିୟମ୍ ହଲରେ ପାଳିତ ହୋଇଯାଇଛି। କଲେଜର ଅଧକ୍ଷ ମନୋରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସ୍ୱତନ୍ତ୍ର ଅତିଥି ଭାବରେ ଉପ ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା, ପୂର୍ବତନ ମହାବିଦ୍ୟାଳୟର ଅଧକ୍ଷା ସଂଯୁକ୍ତା ଜୀ, ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡଃ ପ୍ରବୋଧ କୁମାର ସତପଥି ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହା ବିଦ୍ୟାଳୟର ପ୍ରତିଷ୍ଠାତା ମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ୩୪୬ ଜଣ ଉପକୃତ

ମୁରିବାହାଲ /ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅଲଣ୍ଡା ପଞ୍ଚାୟତ ପରିସରରେ ସରପଞ୍ଚ ନିବେଦିତା ବାଗ, କଣ୍ଟାବାଞ୍ଜି ପ୍ରେସ କ୍ଲବ ଏବଂ ସୁୟଶ ହସ୍ପିଟାଲ ରାୟପୁର ସହଯୋଗରେ ଏକ ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି, ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରତିନିଧି ଯୋବନ ବାଗ, ସମ୍ମାନୀତ ଅତିଥି ଅଲଣ୍ଡା ସରପଞ୍ଚ ନିବେଦିତା ବାଗ, ସମାଜସେବୀ ଯୁବରାଜ ବାଗ, ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ସଭାପତି ପ୍ରବଜିତ ସିଂହ ସାଲୁଜା, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ, ସକାଳ ୧୦ରୁ ଅପରାହ୍ନ ୨ଟା ଯାଏ ଚାଲିଥିବା ଏହି ଶିବିରର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସମୀର ମିତ୍ତଲ, ପେଟ ରୋଗ ବିଶେଷଜ୍ଞ ଡ଼ାକ୍ତର ଅଭିଷେକ ସିଂହ ଚନ୍ଦେଲ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିକିତା ଶ୍ରୀବାସ, ମେଡ଼ିସିନ ବିଶେଷଜ୍ଞ ଡାକ୍ତର ରମେଶ ବର୍ମା ଉପସ୍ଥିତ ରହି ରୋଗୀଙ୍କୁ ମାଗଣା ପରାମର୍ଶ ଦେଇଥିଲେ ଏହି ଶିବିର ୩୪୬ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ରକ୍ତଚାପ, ମଧୁମେହ, ଇସିଜି ମଧ ନିଶୁଳ୍କ ପରୀକ୍ଷା କରାଯାଇଥିଲା। ଉକ୍ତ ଶିବିରରେ ଏସ୍‌ସିଡ଼ି ଚକ୍ଷୁ ଚିକିତ୍ସାଳୟ ଟିଟିଲାଗଡ ତରଫରୁ ଚକ୍ଷୁ ପରୀକ୍ଷା ମଧ କରାଯାଇଥିଲା, ତେବେ ଏହି ଶିବିରକୁ ସଫଳ କରିବା ପାଇଁ ଅଲଣ୍ଡା ସରପଞ୍ଚ ନିବେଦିତା ବାଗ , ଯୁବରାଜ ବାଗ,ପ୍ରେସ କ୍ଲବ୍ କଣ୍ଟାବାଞ୍ଜିରୁ ଅନିଲ ତ୍ରିପାଠୀ, ପ୍ରଭଜିତ ସିଂହ ସାଲୁଜା, ପରାମର୍ଶ ଦାତା ଆଶିଷ ଖେତାନ , ହନି ସିଂହ,ସୁବ୍ରତ ମହାକୁର, କେଦାର ବଡଜେନା, ଅମରେଶ ମାଝୀ, ଦେବେଶ ଅଗ୍ରୱାଲ,ସହ ପଞ୍ଚାୟତ ସମସ୍ତ କର୍ମଚାରୀ, ୱାର୍ଡ ମେମ୍ବର, ସ୍ୱେଚ୍ଛାସେବୀ ସଂଗଠନ ଆର୍ମି ଲୋବର, ଅଲଣ୍ଡା ୟୁଥ୍, ଆଜାଦ କମିଟି, ସମାଜସେବୀ ଯୁବରାଜ ବାଗଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କଣ୍ଟାବାଞ୍ଜିରୁ ପ୍ରମୋଦ ବେହେରା, ସମାଜସେବୀ ବଜରଙ୍ଗ ଅଗ୍ରୱାଲ ସହ ସୁୟଶ ହସ୍ପିଟାଲ୍ ରାୟପୁର ଭୂପେନ୍ଦ ସାହୁ, ଯୋବିନ ଜେଶଜି, ରାଜେନ୍ଦ୍ର ସାହୁ, ହରିଶ ଠାକରେ, ପ୍ରମୁଖ ଯୋଗ ଦେଇଥିଲେ, ଗ୍ରାମାଞ୍ଚଳରେ ହେଇଥିବା ଏହି ସ୍ୱାସ୍ଥ୍ୟ ଶିବିର ପାଇଁ ଅଞ୍ଚଳବାସୀ ପ୍ରେସ କ୍ଲବ୍ କଣ୍ଟାବାଞ୍ଜି ଓ ସରପଞ୍ଚ ନିବେଦିତା ବାଗଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।



## ୧୩୩ ଜଣଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ମାଥିଲି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ୍‌ର ମହୁପଦର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଜି ଆୟୋଜିତ ଯୁଗ୍ମ ଜନଶୁଣାଣିରେ ମୋଟ ୧୩୩ଟି ଅଭିଯୋଗର ଶୁଣାଣି କରିଲେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ। ସହିତରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ୍ ମଧ ଉପସ୍ଥିତ ଥିଲେ। ଜନସାଧାରଣଙ୍କର ରାସ୍ତାଘାଟ, ପେନସନ୍, ଆବାସ ଓ ରାସନ୍ କାର୍ଡ ସମସ୍ୟା ସହିତ ବିଭିନ୍ନ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ରାସନ୍ କାର୍ଡ, ପେନସନ୍ ଓ ଆବାସ ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଆଦେଶ ଦେଲେ ଜିଲ୍ଲାପାଳ। ଏହି ଜନଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ବାସୁଦେବ ନାୟକ, ମାଥିଲି ବିଡିଓ ପ୍ରମୋଦ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ, ଜିପିଓ ରତନ ରାୟ ସହିତ ଜିଲ୍ଲାର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସୁଯୋଗରେ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ସାଲିମି ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀକକ୍ଷ ନିର୍ମାଣ ଓ ମେକା ପଞ୍ଚାୟତର କାଳିଆଗୁଡା ସେତୁର କାର୍ଯ୍ୟାରମ୍ଭ ଏବଂ ତୁଳସୀ ବାସୀଙ୍କ ମୌଳିକ ସୁବିଧା ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।



## ସ୍ୱତନ୍ତ୍ର ପିଟିଏମ୍ ବୈଠକରେ ଗଣଶିକ୍ଷା ମନ୍ତ୍ରୀ



ଉମରକୋଟ, (ଭାସ୍କର ନ୍ୟୁଜ୍): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ସାଂସଦ ଶ୍ରୀଯୁକ୍ତ ବଳଭଦ୍ର ମାଝୀ ଉମରକୋଟ ବ୍ଲକ ଅନ୍ତର୍ଗତ ସେମଳା କ୍ଲଷ୍ଟର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ମେନ୍ଦାବେଡା ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ବାସିନୀ ଠାରେ ଅତିରିକ୍ତ ଶ୍ରେଣୀ ଗୃହ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏଇ ବିଦ୍ୟାଳୟ ଗୁଡିକରେ ଗୋଟିଏ ଶ୍ରେଣୀଗୃହରେ ଶତାଧିକ ପିଲାଙ୍କୁ ବସାଇ ଶିକ୍ଷାଦାନ ଦିଆଯାଉଥିଲା। ଆଗାମୀ ଦିନରେ ଶିକ୍ଷାର ବିକାଶ ପାଇଁ ଏଇ ଭଳି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସାଂସଦ ଶ୍ରୀ ମାଝୀ। ଏହି ଦିନ ବଡ଼ବାସିନୀ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଈଆସ ଆମେ ସ୍କୁଲ ଯିବାଈ ପି ଟି ଏମ ବୈଠକ ରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗ ଦେଇଥିଲେ। ସାନ ବାସିନୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଗୀତା ଚୌଧୁରୀ ସାନ ବାସିନୀ ଗ୍ରାମରୁ ସିଟିଏସ ସର୍ଭେ ମାଧ୍ୟମରେ ବାହାର କରିଥିବା ଥିବା ଆଠ ଜଣ ଛାତ୍ର ଛାତ୍ରୀଙ୍କର ନାମ ମନ୍ତ୍ରୀଙ୍କ ଉପସ୍ଥିତି ରେ ବଡ଼ବାସିନୀ ଉଚ୍ଚ ବିଦ୍ୟାଳୟ ଠାରେ ଲେଖାଇ ଥିଲେ। ପାଠ ପଢା ଅଧାରୁ ନଛାଡି ଜାରି ରଖିବା ସହିତ ଓଡିଶା ସରକାରଙ୍କର ବିଦ୍ୟାଳୟ ସ୍ତରରେ ଦିଆ ଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ ଓ ତାଙ୍କ ପରିବାର ବର୍ଗଙ୍କୁ ବୁଝେଇ ଥିଲେ। ଏଇ କାର୍ଯ୍ୟକ୍ରମରେ ଭଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ବିଡ଼ିଓ ମନୋଜ କୁମାର ମେହେର, ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ବୈଷୟିକ ପରାମର୍ଶଦାତା ମନୋରଞ୍ଜନ ଭୋଇ, କନିଷ୍ଠ ଯନ୍ତ୍ରୀ ରୁଦ୍ର ପାତ୍ର, ବିଇଓ ଈଶ୍ୱର ଚନ୍ଦ୍ର ମାଝୀ, ଏବିଇଓ ପୁରୁଷୋତ୍ତମ ମାଝୀ, ସିଆରସିସି ଶିବାନନ୍ଦ ମାଟିଆ ଏବଂ ବିଜେଡି ନେତା ଦେବିସିଂ ମାଝୀ, ମନ୍ଦିରା ନାୟକ, ପ୍ରଭାତ ନାୟକ, ସତ୍ୟ ବେହେରା, ମିଲୁ ପଣ୍ଡା, ସନ୍ତୋଷ ନାୟକ,ଜଟି ପଟ୍ଟନାୟକ, ଟିଙ୍କୁ ଦାସ ଭଳି ସମସ୍ତ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥା ଘେରରେ ଫୁଲବାଣୀ ମ୍ୟୁନିସିପାଲିଟି !

କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲାରେ ଗୋଟିଏ ମ୍ୟୁନିସିପାଲଟି ଥିବାବେଳେ ବାରମ୍ବାର ଏକ୍ସିକ୍ୟୁଟିଭ ଅଫିସର୍ ପରିବର୍ତ୍ତନ ଦ୍ୱାରା ଓ ଜିଲ୍ଲା ପ୍ରଶାସନର ଆନ୍ତରିକତା ଅଭାବ ପାଇଁ ସହରରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନାହିଁ। ସହରର ମୁଖ୍ୟ ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ସଫା ନହେବା ପାଇଁ ଟିକେ ବର୍ଷା ହେଲେ ରୋଡ୍ ଉପରେ ଅଳିଆ ଆବର୍ଜନା ଭରି ରହୁଛି। ଯାହାଦ୍ୱାରା ଯାତାୟତରେ ବାଧା ସୃଷ୍ଟି ହେଉଛି। ଡ୍ରେନ୍ ଉପରେ ଚାଲିବା ପାଇଁ ଫୁଟ୍ ପାଥ୍ ହୋଇ ଥିବାବେଳେ ବ୍ୟବସାୟ କରୁଥିବା ଦୋକାନୀ ମାନେ ତାଙ୍କ ଜିନିଷ ପତ୍ର ଧରି ଉପରେ ବସି ପଡୁଛନ୍ତି। ଯାହାଦ୍ୱାରା ଯାତାୟାତରେ ବାଧା ସୃଷ୍ଟି ହେଉଛି। ଫୁଲବାଣୀ ଏନ୍ଏସି ଥିବାବେଳେ ତଥା ବର୍ତ୍ତମାନ ମ୍ୟୁନିସିପାଲଟି ହେବା ପରେ ଅନେକ ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଛି କିନ୍ତୁ ତାର ସଠିକ୍ ମରାମତି କରାଯାଉନି ଯାହାଦ୍ୱାରା ହଜାର ହଜାର ଟଙ୍କା ବ୍ୟବସାୟୀ ମାନେ ପଇଠ କରୁଛନ୍ତି କିନ୍ତୁ ମ୍ୟୁନିସିପାଲଟି କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି। ଫୁଲବାଣୀ ଏନ୍ଏସି ଥିବାବେଳେ କୋର୍ଟ ଛକ ଠାରେ ଗେଷ୍ଟ ହାଉସ୍ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ତା ସହିତ କୋର୍ଟ ଛକ ମାର୍କେଟ କମ୍ପ୍ଲେକ୍ସ ଉପରେ ତିଆର ହୋଇଥିବା ହୋର୍ଡିଂର ଅବସ୍ଥା ନ କହିବା ଉଚିତ୍। ଆରମ୍ଭରୁ ଦୀର୍ଘ ୨୫ ବର୍ଷ ହେଲା ସେମିତି ପଡ଼ିରହିଛି। ତାହା ପ୍ରତି କାହାର ଦୃଷ୍ଟି ପଡୁନାହିଁ। ମାର୍କେଟ କମ୍ପ୍ଲେକ୍ସର କେତେକ ଦୋକାନୀ ବର୍ଷ ବର୍ଷ ଧରି ଅନ୍ୟ ମାନଙ୍କୁ ଉଚ୍ଚା ଦରରେ ଭଡ଼ା ଦେଇଥିବା ନଜରକୁ ଆସିଛି। ସେହିପରି କିଛି ଦୋକାନୀ ମ୍ୟୁନିସିପାଲଟି କର୍ମଚାରୀ ମାନଙ୍କୁ ଧରି ଦୋକାନ ଘର ସରକାରୀ ଜାଗାରେ ପଛ ପଟୁ ବଢାଇ ଗୋଦମ୍ ଘର କରି ଭଡାରେ ଦେଇ ଥିବା ନଜରକୁ ଆସିଛି। ବିନା ଟେଣ୍ଡରରେ ମ୍ୟୁନିସିପାଲଟି କର୍ମଚାରୀ ଅଧିକା ଅର୍ଥରେ ଅର୍ଥ ଲୋଭରେ ନିଜେ ଠିକ୍ କରି ଅନ୍ୟ ନାମରେ କରିଥିବା ବିଷୟ ଚର୍ଚ୍ଚା ହେଉଛି। ଜିଲ୍ଲାପ୍ରଶାସନ ଓ ମ୍ୟୁନିସିପାଲିଟି ଏକ୍ସିକ୍ୟୁଟିଭ ଅଫିସର୍ ଏହାର ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ଜନସାଧାରଣ ରେ ଚର୍ଚ୍ଚା ହେଉଛି।

## ମା ସୁଆଣି ଦେବୀ ପାହାଡ଼ ପରିଦର୍ଶନ କଲେ ପ୍ରତ୍ନତତ୍ତ୍ୱ ବିଭାଗ



ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ପ୍ରାକ ଐତିହାସିକ ଯୁଗ ଠାରୁ ଐତିହାସିକ ଯୁଗ ପର୍ଯ୍ୟନ୍ତ ସବୁ ସମୟରେ ରେଢ଼ାଖୋଲ ଏକ ସ୍ଥାନ ଯେଉଁଠି ସବୁ ସମୟରେ ମାନବ ସଭ୍ୟତା ଗଢି ଉଠିଥିଲା। କିନ୍ତୁ ସେଭଳି ଭାବେ ଏହି ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ଗୁରୁତ୍ୱ ଦିଆ ଯାଇନଥିବା କହିଛନ୍ତି ପ୍ରତ୍ନତତ୍ତ୍ୱ ବିଭାଗ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ଡ଼. ଅତୁଳ କୁମାର ପ୍ରଧାନ। ଏନେଇ ବିଭାଗ ତରଫରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ଅତୁଳ କୁମାର ପ୍ରଧାନଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଟିମ ରେଢ଼ାଖୋଲ ଅଞ୍ଚଳର ପୁରୁଣାଗଡ଼ ଏବଂ ବଂଶାଜାଲ ଗ୍ରାମ ନିକଟସ୍ଥ ସୁହାଣି ପାହାଡ ବୁଲି ସର୍ଭେ କରିଥିଲେ। ସର୍ଭେ ସମୟରେ ସୁହାଣୀ ପାହାଡରେ ଥିବା ମାଁ ସୁହାଣୀ ଦେବୀଙ୍କ ମୂର୍ତ୍ତିରେ ବ୍ରାହ୍ମୀ ଲିପିରେ ଖୋଦିତ ପ୍ରସ୍ତର ଦେଖିବାକୁ ମିଳିଥିଲା। ଏଥିରୁ ସୁହାଣି ମା’ ମୂର୍ତ୍ତିଟି ପାଖାପାଖି ପନ୍ଦର ଶହ ବର୍ଷ ପୂର୍ବର ବୋଲି ଅନୁମାନ କରାଯାଉଥିବା ଜଣାପଡିଛି। ସେହି ସମୟରୁ କିମ୍ବା ତାଠାରୁ ଆହୁରି ଆଗରୁ ଏଠାରେ ସଭ୍ୟତା ଗଢି ଉଠିଥିଲା। ଯାହାକି ଏ ଅଞ୍ଚଳକୁ ଆହୁରି ଅଧିକ ସର୍ଭେ କଲା ପରେ ଯାଇ ଜଣାପଡିବ। ଭୀମମଣ୍ଡଳୀ, ଖୋଲଗଡ଼, ସୁହାଣି ପାହାଡ଼, ପୁରୁଣାଗଡ଼,ଏହି ସବୁ ସ୍ଥାନକୁ ନେଇ ବାରମ୍ବାର ସର୍ଭେ କରାଗଲେ ଯାଇ ଆହୁରି ଅନେକ ତଥ୍ୟ ମିଳିବ ବୋଲି ଅନୁମାନ କରାଯାଇପାରେ। କିନ୍ତୁ ଦୁଃଖର ବିଷୟ ରେଢ଼ାଖୋଲ ଅଞ୍ଚଳକୁ ପୂର୍ବରୁ କେବେ ଗୁରୁତ୍ୱ ଦିଆ ଯାଇନଥିଲା ବୋଲି କହିଥିଲେ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରଫେସର ଡ଼. ଅତୁଳ ପ୍ରଧାନ। ରେଢ଼ାଖୋଲ ଅଞ୍ଚଳର ଏହିସବୁ ସ୍ଥାନ ଗୁଡିକ ପ୍ରାକ ଐତିହାସିକ ଯୁଗର ଏବଂ ଐତିହାସିକ ଯୁଗର ବୋଲି ବର୍ତ୍ତମାନ ଅନୁମାନ କରାଯାଉଛି। ଭବିଷ୍ୟତରେ ସର୍ଭେ କାର୍ଯ୍ୟ କରିବା ପରେ ଆହୁରି ଅନେକ ତଥ୍ୟ ଆସିବ ବୋଲି ଆଶା କରାଯାଇପାରେ। ଏହି ଅଞ୍ଚଳର ଜନସାଧାରଣଙ୍କ ମନରେ ଏ ବିଷୟକୁ ନେଇ ଅନେକ ଉତ୍ସାହ ଖେଳିଯାଇଛି। ଭବିଷ୍ୟତରେ ଏହି ଅଞ୍ଚଳର ବିକାଶ ହେବ ବୋଲି ଆଶା କରାଯାଉଛି। ତାହାଛଡା ମାଁ ସୁହାଣୀ ପିଠ ଏଭଳି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପାହାଡ଼ ଉପରେ ରହିଛି ଯେଉଁ ଜାଗାରେ ବିଭିନ୍ନ ଶିଳା ଓ ପୌରାଣିକ ଶିଳାଲିପି ଦେଖିବାକୁ ମିଳିଛି। ଏହାକୁ ନେଇ ଆହୁରି ଗବେଷଣା ପରେ ସଠିକ୍ ତଥ୍ୟ ସଂଗ୍ରହ ହୋଇପାରିବ ବୋଲି ସେ କହିଛନ୍ତି। ଏହି ପରିଦର୍ଶନ ସମୟର ଗ୍ରାମର ସଂଜୟ ସାଗର (ସ୍ୱେଚ୍ଛାସେବୀ ଓ ସୂଚନା କର୍ମୀ, ମାଁ ଶୁଆନୀ ଦେବୀ କଳାପରିଷଦ,(ସଭାପତି)ବଂଶା ଜାଲ, ପ୍ରବୀଣ ଦେହୁରୀ (ମୁଖ୍ୟ ପୂଜକ), ଗୁଣନିଧି ପ୍ରଧାନ(ପୂର୍ବତନ ସରପଞ୍ଚ), ରତନ କୁମାର ରଣା (ପୂର୍ବତନ ନାଏବ ସରପଞ୍ଚ), ହାଡିବନ୍ଧୁ ପ୍ରଧନ(ଉପ-ସଭାପତି) ଓ ଗ୍ରାମବାସୀ ଏବଂ ମାଁ ଶୁଆନୀ ଦେବୀ କଳା ପରିଷଦର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

## ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଉପରେ ଲାଗିବ ଲଗାମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସରକାର ଗୁଣାତ୍ମକ ଶିକ୍ଷା ପାଇଁ ସରକାର ଚିନ୍ତିତ ଥିବାବେଳେ ବିଦ୍ୟାଳୟ ଚର୍ତୁପାଶ୍ୱରେ ଗୁଟଖା ଏବଂ ମଦ ବିକ୍ରି ବନ୍ଦ କରି ନାହାଁନ୍ତି। ରାଜ୍ୟରେ ସବୁ ସ୍କୁଲ, କଲେଜ ଗୁଡିକର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉ ଥିବାବେଳେ ଏଣିକି ସ୍କୁଲ ନିକଟରେ ସିଗାରେଟ, ବିଡି,ପାନ,ଗୁଟଖା ବ୍ୟବହାର ଉପରେ କଟକଣା କରାଯାଇଥିଲେ ହେଁ ଏହା କେନ୍ଦୁଝର ଜିଲ୍ଲାରେ କଡାକଡି ଭାବେ ଲାଗୁ କରାଯାଇନାହିଁ। ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ଏବଂ ଗୁଟଖା ବିକ୍ରି ବନ୍ଦ ପାଇଁ ସରକାରଙ୍କ ଅଣ୍ଟା ଭିଡିଛନ୍ତି। ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାରେ ଚଳିତବର୍ଷ ୨୮ଟି ସ୍କୁଲ ଏବଂ ୧୩ଟି କଲେଜକୁ ନିଶା, ତମାଖୁ ବିକ୍ରି ଉପରେ ଲଗାମ ଲାଗିବ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ବିଡିଓ ମାନଙ୍କୁ ଚିଠି କରାଯାଇ ସଂପୃକ୍ତ ସ୍କୁଲ ଏବଂ କଲେଜକୁ ନିଶାମୁକ୍ତ ଅଞ୍ଚଳ ଘୋଷଣା କରାଯିବ। ସ୍କୁଲ କଲେଜ ପରିସରରେ ‘ତମାଖୁ ମୁକ୍ତ ଅଞ୍ଚଳ’ ଲେଖା ପ୍ରଦର୍ଶନ ହେବ। ପ୍ରବେଶ ପଥରେ ‘ତମାଖୁ ମୁକ୍ତ ଶିକ୍ଷା ଅନୁଷ୍ଠାନ’ ବୋର୍ଡ ଲାଗିବ। ସ୍କୁଲ ପରିସରରେ ତମାଖୁ ବ୍ୟବହାର ଲାଗି କୌଣସି ମାଧ୍ୟମ ରହିବନି। ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା ବାବଦରେ ସଚେତନ ସାମଗ୍ରୀ ପ୍ରଦର୍ଶନ କରାଯିବ। ପ୍ରତି ୬ମାସରେ ଅତିକମରେ ଥରେ ଏକ ତମାଖୁ ନିୟନ୍ତ୍ରଣ ଗତିବିଧି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍କୁଲର ଆଚାର ସଂହିତାରେ ତମାଖୁ ମୁକ୍ତ ନୀତି ସାମିଲ ହେବ। ଶିକ୍ଷାନୁଷ୍ଠାନ ଚାରିପଟେ ୧୦୦ ମିଟର ଦୂରତା ଭିତରେ ପରିସରକୁ ତମାଖୁ ମୁକ୍ତ କ୍ଷେତ୍ର ଘୋଷଣା କରାଯିବ। କୌଣସି ଦୋକାନୀ ବା ବିକ୍ରେତା ୧୦୦ ମିଟର ପରିସୀମା ଭିତରେ ଯେମିତି ତମାଖୁ ଉତ୍ପାଦ ବିକ୍ରି ନ କରନ୍ତି ତାହା ସୁନିଶ୍ଚିତ କରାଯିବ ବୋଲି ଜଣାପଡିଛି। ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଏହାକୁ କଡାକଡି ପାଳନ କରୁନଥିବାରୁ ଗତ ବର୍ଷ ୧୨ ଥର କୋଟପା ସ୍କାର୍ଡ ଦୋକାନ ବଜାରରେ ଚଢଉ କରି ୮୪ ଜଣ ଆଇନ ଉଲଘଂନକାରୀଙ୍କୁ ୩୪ ହଜାର ୬୧୪ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ନିଷିଦ୍ଧ ଗୁଟଖା ଯୋଗାଣ କରୁଥିବା ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଅବାଧରେ ଏହା ସ୍କୁଲ ନିକଟରେ ବିକ୍ରି ହେଉଛି ଏବଂ ସ୍କୁଲ ଏବଂ କଲେଜ ଛାତ୍ର ଗୁଟଖା ସେବନ କରୁଛନ୍ତି। ଯଦି କୌଣସି ଶିକ୍ଷକ ବା କର୍ମଚାରୀ ଅବକାରୀ ଖାଉଥିବାର ଅଭିଯୋଗ ପ୍ରମାଣିତ ହୁଏ ତେବେ ସେମାନଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ହେବ । ତାହା ମଧ ସଠିକ୍ ଅନୁପାଳନ ହେଉନାହିଁ । ସମ୍ପୃକ୍ତ ନିୟମକୁ ପୋଲିସ,ଅବକାରୀ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଯାଂଚ ନକରିବା ଫଳରେ ସ୍କୁଲ ନିକଟରେ ଅବାଧରେ ଏହି ସବୁ ଅବକାରୀ ବିକ୍ରୀ ହେଉଛି । ତମାଖୁ ସେବନ ଦ୍ୱାରା କ୍ୟାନସର, ହୃଦଘାତ, ଶୁକ୍ରହୀନତା, ଅନ୍ଧତ୍ୱ, ଯକ୍ଷ୍ମା ଆଦି ରୋଗର ସମ୍ଭାବନା ଥିବାବେଳେ ଧୂମପାନ ଦ୍ୱାରା ଅନେକ ଅପକାରୀତା ସଂପର୍କରେ ସଚେତନ କରାଯାଉନାହିଁ। ପ୍ରଶାସନ ପକ୍ଷରୁ ୧୦୦ମିଟର ପରିଧିରେ ଗୁଟଖା,ସିଗାରେଟ,ପାନ ବିକ୍ରୀ ହେଲେ ସଂପୃକ୍ତ ଦୋକାନୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଫାଇନ ଆଦାୟ କରାଯିବାକୁ ସାଧାରଣରେ ଦାବି ହେଉଛି।




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ରାଜ୍ୟ ସରକାର ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଅସ୍ତରଙ୍ଗ ଥାନାରେ ଥାନା ଅଧିକାରୀ ପଦ ଶୂନ୍ୟ ପଡ଼ିଥିବା ଜଣାପଡ଼ିଛି। ପୁରୀ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଥାନା ହେଉଛି ଅସ୍ତରଙ୍ଗ ଥାନା। ଏହି ଅଂଚଳର ଭୌଗୋଳିକ ସ୍ଥିତି ଓ ଅପରାଧିକ ଭିତ୍ତିଭୂମି ଅନ୍ୟ ଥାନା ଠାରୁ ବେଶ ଆଗରେ। ପ୍ରତି ମାସରେ କିଛି ନା କିଛି ଚୋରି, ଲୁଟ ଏବଂ ଗଣ୍ଡଗୋଳ ଠାରୁ ଆରମ୍ଭ କରି ଅପରାଧ ବିଭିନ୍ନ ପ୍ରକାର ମାମଲା ପ୍ରତ୍ୟେକ ଦିନ ଥାନାକୁ ଆସୁଛି। କିନ୍ତୁ କିଛିଦିନ ହେବ ଅସ୍ତରଙ୍ଗ ଥାନା ମୁରବି ଶୂନ୍ୟ ହୋଇ ପଡିଛି। ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିବା ରାଜେଶ ବଳିୟାର ସିଂ ନିଜ ପଦପଦବୀର ଅପବ୍ୟବହାର ପାଇଁ ଡିଜିପି ୱାଇ. ବି. ଖୁରାନିଆ ନିଲମ୍ବନ କରିଛନ୍ତି। ଶୁକ୍ରବାର ନିଲମ୍ବନ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ନୂତନ ଥାନା ଅଧିକାରୀଙ୍କୁ ଏଠାରେ ନିଯୁକ୍ତି କରାଯାଇ ନାହିଁ। ପ୍ରତିଦିନ ବିଭିନ୍ନ ପ୍ରକାର ଘଟଣା ଦୁର୍ଘଟଣା ଏବଂ ଚୋରି, ଲୁଟ ଘଟୁଥିବା ବେଳେ ସାଧାରଣ ଲୋକେ ଭୟଭୀତ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। କର୍ମଚାରୀ ଅଭାବରୁ ବରିଷ୍ଠ ନାଗରିକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଲୋକଙ୍କୁ ଉପଯୁକ୍ତ ସେବା ମିଳୁନଥିବା ଅଭିଯୋଗ ହେଉଛି। ଖୁବ ଶୀଘ୍ର ଥାନା ଅଧିକାରୀ ଯୋଗାଇ ଦେବାକୁ ଦାବି ହେଉଛି।

### ରାଜସ୍ୱ କ୍ଷେତ୍ର କର୍ମଚାରୀ ଅତିଷ୍ଠ
## ୧୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ




ଚିକିଟି (ଭାସ୍କର ନ୍ୟୁଜ) : ରାଜ୍ୟରେ ରାଜସ୍ୱ ବିଭାଗର କ୍ଷେତ୍ର ପରିଦର୍ଶନ ଅଧିକାରୀ ମାନେ ଅଣରାଜସ୍ୱ କାମ କରି କରି ଅତିଷ୍ଠ ହୋଇସାରିଲେଣି। ଇତିମଧ୍ୟରେ ରାଜ୍ୟରେ ଉକ୍ତ ଅଣରାଜସ୍ୱ କାମ କରିବା ସହ ନିଜ ବିଭାଗୀୟ କାମ ମଧ୍ୟ ତୁଲାଇବା ମଧ୍ୟରେ ଅନେକ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ଆବଶ୍ୟକ ମୁତାବକ କର୍ମଚାରୀ ନଥିବା ମଧ୍ୟ ଅତ୍ୟନ୍ତ ପୀଡାଦାୟକ ହେଉଥିବା ବେଳେ ଅଧିକାରୀ ମାନେ ଆନ୍ଦୋଳନକୁ ଓହ୍ଲାଇବା ନିମନ୍ତେ ମେଳି ବାନ୍ଧିଛନ୍ତି। ସୂଚନା ପ୍ରକାରେ ପ୍ରାୟ ଅଫିସ ଗୁଡିକରେ ଏକାକୀ କର୍ମଚାରୀମାନେ କାମ କରୁଛନ୍ତି। ଓଡ଼ିଶା ଜନସେବା ଅଧିକାର ଆଇନ ଅଧୀନରେ ସେବା ଗୁଡିକ ଏକାକି ତୁଲାଇ ଆସୁଛନ୍ତି। ସେଭଳି କିନ୍ତୁ ସି-୨ସି କାର୍ଯ୍ୟକ୍ରମରେ ପ୍ରତିଦିନ ପନ୍ଦରଟି ଆବେଦନ ଲକ୍ଷ୍ୟ ଚାପ ଦେଇଛନ୍ତି। ଏହି ଲକ୍ଷ୍ୟ ପୂରଣ ନହେଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ଦରମା ବନ୍ଦ ଧମକ ମିଳୁଛି। ମହିଳା ଉତ୍ତରାଧିକାରୀଙ୍କ ନାମରେ ଅନ୍ତର୍ଭୁକ୍ତ ସାମାଜିକ ପ୍ରତିଶୋଧ ରହିଛି ଏଥିରେ ପ୍ରକୃତ ତଥ୍ୟ ଲୁଚାଇ ରଖୁଥିବାରୁ ମୃତ ପ୍ରଜାଙ୍କ ବଂଶାବଳି ସଂଗ୍ରହ କରିବା କଷ୍ଟସାଧ୍ୟ ହେଉଥିବା ମଧ୍ୟ କ୍ଷେତ୍ରୀୟ ଅଧିକାରୀ ମାନେ ପ୍ରକାଶ କରିଛନ୍ତି। କୃଷକଙ୍କ ବଂଶାବଳି ପ୍ରମାଣପତ୍ର ଜାରି କରିବା କଷ୍ଟସାଧ୍ୟ ହେଉଛି। ସେଭଳି ବସୁନ୍ଧରା ଯୋଜନା ମୁତାବକ ମାସିକ କୋଡିଏଟି ହିତାଧିକାରୀ ଚିହ୍ନଟ କରି ପଟ୍ଟା ବଣ୍ଟନ କରାଯିବା ସକାଶେ ଲକ୍ଷ୍ୟ ରଖାଯାଇଛି। ଏତଦ୍‌ବ୍ୟତୀତ ଅଣରାଜସ୍ୱ କାମ ଗୁଡିକ ମଧ୍ୟ ବୋଝ କରି ଲଦାଯାଉଛି। ଅଣ ରାଜସ୍ୱ କାମ ଗୁଡ଼ିକ ହେଲା ସୁଭଦ୍ରା ଯୋଜନାର ହିତାଧିକାରୀ ତଥ୍ୟ ଆଗ୍ରୋଷ୍ଟିକ ଆପ୍‌ରେ କୃଷକ ପଞ୍ଜିକରଣ, ଧାନ ମଣ୍ଡିର ନୋଡାଲ ଅଫିସର ଆଦି କୃଷିବିଭାଗର ମୁଖ୍ୟ ଭୂମିକା ମଧ୍ୟ ତୁଲାଇବା ଦାୟିତ୍ୱ ନ୍ୟସ୍ତ କରାଯାଉଛି। ଏସବୁକୁ ପ୍ରତିବାଦ କରି ଗଞ୍ଜାମ ଜିଲ୍ଲାର ରାଜସ୍ୱ କ୍ଷେତ୍ର ଅଧିକାରୀ ମାନଙ୍କ ସଭାପତି ଅଶ୍ୱିନୀ କୁମାର ରାଉଳ, ଜିଲ୍ଲା ସମ୍ପାଦକ ନୀଳାଞ୍ଚଳ ବେହେରାଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ତିଆରି କରାଯାଇ ଆଗାମୀ ଅଠର ତାରିଖରେ ଆନ୍ଦୋଳନ ଜାରି ରଖିବେ ବୋଲି ନିଷ୍ପତି ନେବା ସହ ପ୍ରତି ତହସିଲରେ ଉପରିସ୍ଥ ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି କ୍ରମରେ ଆଜି ଚିକିଟି ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘ ସଭାପତି ବିଶ୍ୱନାଥ ବେହେରାଙ୍କ ନେତୃତ୍ୱରେ ଚିକିଟି ତହସିଲଦାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି କ୍ରମରେ ଜ଼ିଲ୍ଲା ସଭାପତି ଅଶ୍ୱିନୀ କୁମାର ରାଉଳ, ବଳରାମ ପ୍ରଧାନ,ରଜନୀ ପ୍ରଧାନ, ସଚ୍ଚିଦାନନ୍ଦ, ଦେବରାଜ ନାୟକ, ରମା ଗମାଙ୍ଗ, ହରିହର ବେହେରା, ଜୟନ୍ତୀ ପାଇକାଣୀ, ଆଦି ରାଜସ୍ୱ ନିରକ୍ଷକ ଅଧିକାରୀଙ୍କ ସହ ଉମାଶଙ୍କର ପାଢ଼ୀ ସହାୟକ ନିରୀକ୍ଷକ ଉପସ୍ଥିତ ଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡ଼ିସିନ୍ ପୋଡ଼ା ଘଟଣା
## ମେଡ଼ିକାଲ୍ ଅଫିସରଙ୍କ ସହ ୩ ଜଣଙ୍କୁ ବଦଳି





ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ସପ୍ତାହରେ ହୋଇଥିବା ମେଡ଼ିସିନ୍ ପୋଡ଼ି ଘଟଣାରେ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦଳି କରାଯାଇଥିବା ବେଳେ, ବହୁମୁଖି ସ୍ୱାସ୍ଥ୍ୟ ସୁପରଭାଇଜର ସୁରେଶ ଦାସଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଫାର୍ମାଶିଷ୍ଟ ନବଘନ ଘଡ଼େଇଙ୍କୁ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକୁ ପଠାଇ ଦିଆଯାଇଛି। ସେହିପରି ଘରୋଇ ସଂସ୍ଥା ଦ୍ୱାରା ନିଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା କର୍ମଚାରୀ ବିକାଶ କୁମାର ଜେନାଙ୍କୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଦାୟିତ୍ୱମୁକ୍ତ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିକାରୀ ଘରୋଇ ସଂସ୍ଥାକୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ବେହେରାଙ୍କ ସ୍ଥାନରେ ଡାକ୍ତର ଦେବାଶିଷ ସାହୁଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ଦିଆଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି.କେ. ପ୍ରହରାଜ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଚଳିତ ମାସ ୯ ତାରିଖ ଶନିବାର ଦିନ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିପୁଳ ପରିମାଣରେ ଔଷଧ ପୋଡ଼ାଯାଉଥିବା ଘଟଣା ମୋବାଇଲରୁ ମୋବାଇଲ୍ ଭାଇରାଲ ହେବାରେ ଲାଗିଥିଲା। ପୋଡାଯାଉଥିବା ଔଷଧ ମଧ୍ୟରେ ୨୦୨୬ ମସିହା ଡିସେମ୍ବର ମାସ ଯାଏ ଅବଧି ଥିବା ଔଷଧକୁ ମଧ୍ୟ ପୋଡ଼ାଯାଉଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀମାନଙ୍କୁ ସଠିକ ଭାବରେ ଔଷଧ ମିଳୁନଥିବା ବେଳେ ଏତେପରିମାଣରେ ଔଷଧ ପୋଡ଼ାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏ ସମ୍ପର୍କରେ ଜନୈକ ଗଣମାଧ୍ୟମର ପ୍ରତିନିଧି ଏହି ଭିଡ଼ିଓ ଉତ୍ତୋଳନ କରିବା ସମୟରେ ଏହାକୁ ବାରଣ କରାଯାଇ ଘଟଣାକୁ ଚପାଇବା ପାଇଁ ତାଙ୍କୁ ଲାଞ୍ଚ ମଧ୍ୟ ଯଚା ଯାଇଥିଲା। ଏହିସବୁ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ଓ ଭିଡ଼ିଓ ଭାଇରାଲ ହେବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରହରାଜଙ୍କ ନେତୃତ୍ୱରେ ଅନ୍ୟତମ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଓଡ଼ିଶା ମେଡ଼ିକାଲ କର୍ପୋରେସନ୍‌ର ଫାର୍ମାଶିଷ୍ଟ ସ୍ୱାଗତିକାଙ୍କ ସମେତ ଏକ ପାଞ୍ଚ ଜଣିଆ ଟିମ୍ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତକାରୀ ଟିମ୍ ଡାକ୍ତର ବେହେରାଙ୍କ ସମେତ ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟଙ୍କ ସହିତ ଅନ୍ୟ କର୍ମଚାରୀମାନଙ୍କୁ ପଚରାଉଚୁରା କରିବା ସହିତ ଗଣମାଧ୍ୟମକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

### ଟ୍ରମ୍ପଙ୍କ ଟାରିଫ୍ ବୋମା
## କମିଲା ଚିଙ୍ଗୁଡ଼ି ଦର, ଚାଷୀ ନିରାଶ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ସପ୍ତାହ ତଳେ ଚିଙ୍ଗୁଡ଼ି କେଜି ପ୍ରତି ୪ଶହ ଟଙ୍କାରେ ମିଳୁଥିଲା। ବର୍ତ୍ତମାନ ଏହାର ଦର ଅନେକ ସ୍ଥାନରେ କମି ଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ପ୍ରତିଶତ ଟାରିଫ (ଶୁଳ୍କ) ଲଗାଇବା ପରେ ଏହାର ପ୍ରଭାବ ଚିଙ୍ଗୁଡ଼ି ରପ୍ତାନି ଉପରେ ପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ନଦୀ ଓ ସମୁଦ୍ର କୂଳରେ ଯେଉଁ ଚିଙ୍ଗୁଡ଼ି ଚାଷ ହେଉଛି ତାହାର ରପ୍ତାନି ଉପରେ ପ୍ରଭାବ ପଡିବ। କାରଣ ଚିଙ୍ଗୁଡ଼ି ବିକ୍ରି କ୍ଷେତ୍ରରେ ବିଶ୍ୱରେ ସୁପର ମାର୍କେଟ ହେଉଛି ଆମେରିକା। ଓଡ଼ିଶା ସମେତ ସାରା ଦେଶର ଚିଙ୍ଗୁଡ଼ି ବ୍ୟବସାୟୀ ବର୍ଷକୁ ୨୫ହଜାର କୋଟି ଟଙ୍କାର ଚିଙ୍ଗୁଡ଼ି ବ୍ୟବସାୟ କରନ୍ତି। ଏବେ ଭାରତ ଉପରେ କ୍ରୋଧିତ ହୋଇ ଟ୍ରମ୍ପ ଚିଙ୍ଗୁଡ଼ି ବ୍ୟବସାୟ ଉପରେ ୫୦% ଟିକସ ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯେଉଁ ଚିଙ୍ଗୁଡ଼ି ପୂର୍ବରୁ ୨୦ଗ୍ରାମ ଓଜନର ଚିଙ୍ଗୁଡ଼ି କିଲୋ ୩ଶହ ଟଙ୍କା ଥିବାବେଳେ ଏବେ ସ୍ଥାନୀୟ ବଜାରରେ ୨୮୦ଟଙ୍କା ରହିଛି। ସେହିଭଳି ୩୦ଗ୍ରାମ ଓଜନର ଚିଙ୍ଗୁଡ଼ି କିଲୋ ୩୫୦ଟଙ୍କା ଥିବା ବେଳେ ଏହାକୁ ୩୨୦କୁ ଖସାଇ ଦେଇଛନ୍ତି। ମୋଟ ଉପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ରେ ଚିଙ୍ଗୁଡ଼ି ମୂଲ୍ୟ କିଲୋ ପ୍ରତି ୨୦ରୁ ୩୦ଟଙ୍କା ଖସି ଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମେରିକାକୁ ଭିଏତନାମ, ଜାପାନ, ଚୀନ, ହକଂ, ଇଣ୍ଡୋନେସିଆ ଆଦି ଦେଶରୁ ଯେଉଁ ଚିଙ୍ଗୁଡ଼ି ରପ୍ତାନି ହୁଏ ତାହା ଉପରେ ଟିକସ କେଉଁଠି ୫ରୁ ୧୫ପ୍ରତିଶତ ପର୍ଯ୍ୟନ୍ତ ଲାଗୁଥିବା ବେଳେ କେବଳ ଭାରତ ପାଇଁ ଏହା ୫୦ପ୍ରତିଶତ ଟାରିଫ ହୋଇଛି। ଓଡ଼ିଶା ଚାଷୀ ଭିଏତନାମକୁ ଚିଙ୍ଗୁଡ଼ି ରପ୍ତାନି କଲେ ଭିଏତନାମ ମଧ୍ୟ ସେହି ଆମେରିକା ସୁପରମାର୍କେଟକୁ ଓଡ଼ିଶା ଚିଙ୍ଗୁଡ଼ି ପଠାଇବ। କିନ୍ତୁ ଓଡ଼ିଶାରୁ ଭିଏତନାମ ଏବଂ ସେଠାରୁ ଆମେରିକା ଟାରିଫ ପରେ ଟାରିଫ ଲାଗି ପହଞ୍ଚିଲା ବେଳକୁ ଏହା ମଧ୍ୟ ମହଙ୍ଗା ହେବ। ଅନ୍ୟପକ୍ଷରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେବୀ ନଦୀ ଓ ସମୁଦ୍ର ଜୁଆର ଆସୁଥିବା ସ୍ଥାନରେ ଧାନ ଚାଷ ବନ୍ଦ କରି କିଛି ବର୍ଷ ହେଲା ଚିଙ୍ଗୁଡ଼ି ଚାଷ କରୁଥିବା ସ୍ଥାନୀୟ ଲୋକେ ଏବେ କ୍ଷତିରେ ପଡିବେ। ବିଶେଷ କରି ଅସ୍ତରଙ୍ଗ ଅଞ୍ଚଳର ସହନ, ସୁଦିକେଶର, ବଳଭଦ୍ରପୁର, ଛୁରିଆନା, ନୂଆଗଡ, ଅସ୍ତରଙ୍ଗ, ନଗର, ଶିଶୁଅ ଆଦି ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ ଏବେ ପ୍ରଭାବିତ ହେବ।

## ପୋଖରୀକୁ ଓଲଟିଲା ଚୋରା କୋଇଲା ବୋଝେଇ ପିକ୍‌ଅପ୍, ଅଳ୍ପକେ ବର୍ତ୍ତିଲେ ଚାଳକ



ଚାନ୍ଦବାଲି (ଭାସ୍କର ନ୍ୟୁଜ) : ପୋଖରୀକୁ ଓଲଟିଲା ଚୋରା କୋଇଲା ବୋଝେଇ ପିକପ ଭ୍ୟାନ, ଅଳ୍ପକେ ବର୍ତ୍ତିଲେ ଚାଳକ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ-ଚାନ୍ଦବାଲି ରାସ୍ତାର କୁଆଁରସର ଛକ ନିକଟରେ। ସୂଚନା ମୁତାବକ ଭଦ୍ରକ-ଧାମରା ରେଳପଥ ଦେଇ ଚାଲାଣ ହେଉଥିବା କୋଇଲାକୁ ଚୋରି କରି ମାଫିଆମାନେ ଚୋରା ଚାଲାଣ କରିଥାନ୍ତି। ପ୍ରତିଦିନ ବାଂଶଡ଼ା ଥାନା ମାଣିପୁର ଓ ବିରିହର ପୁରରୁ ଥାନା ଓ ଫାଣ୍ଡିର ତଳିଆ କର୍ମଚାରୀଙ୍କୁ ହାତ କରି ଗାଡି ପିଛା ୪ହଜାର ନେଇ ଗାଡି ପାର୍ କରୁଥିବା ବେଳେ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ୩୦ରୁ ଉର୍ଦ୍ଧ୍ୱ ଚୋରା କୋଇଲା ଗାଡିରେ କେନ୍ଦ୍ରାପଡା ଜିଲ୍ଲାକୁ ଚୋରା ଚାଲାଣ ହେଉଛି। ଏହି ଗାଡି ଗୁଡ଼ିକ ଚାନ୍ଦବାଲି ଥାନା ସମ୍ମୁଖ ଦେଇ ଅତିକ୍ରମ କରୁଥିଲେ ମଧ୍ୟ ଚାନ୍ଦବାଲି ପୋଲିସ ଟେର୍ ପାଉନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କେବଳ କେଉଁ ଗାଡିର ଚକାଫାଟି ଗଲେ ବା ଦୁର୍ଘଟଣା ଘଟିଲେ ଗାଡି ଜବତ କରି ବାହା ବାହା ନେଉଛି ଚାନ୍ଦବାଲି ପୋଲିସ। ଏଥିପ୍ରତି ଭଦ୍ରକ ଏସ୍‌ପି ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ମାଟ୍ରିକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭାପୁର (ଭାସ୍କର ନ୍ୟୁଜ) : ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ମୋହିନୀ ପ୍ରଧାନଙ୍କ ସ୍ମୃତିରେ ୨୦୧୮ମସିହାରୁ ତାଙ୍କ ନାମରେ ଏକ ମେମୋରିଆଲ ଟ୍ରଷ୍ଟ ଖୋଲାଯାଇ ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ ତଥା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବାଘୁଆପଲ୍ଲୀ ପଞ୍ଚାୟତରେ ଥିବା ଦୁଇଟି ହାଇସ୍କୁଲ ବଳଦିଆନୂଆଗାଁ ଏବଂ ବାଘୁଆପଲ୍ଲୀ ଉଚ୍ଚବିଦ୍ୟାଳୟରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ୮ମ ବର୍ଷରେ ଏହି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବାଘୁଆପଲ୍ଲୀ ହାଇସ୍କୁଲର ୨୦୨୫ ମସିହାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ପ୍ରଭାତ କୁମାର ଦାସ, ଦ୍ୱିତୀୟରେ ସମୀର ପ୍ରଧାନ ଏବଂ ତୃତୀୟରେ ପାର୍ଥ ମହାରଣାଙ୍କୁ ଅର୍ଥରାଶି ପୁରସ୍କାର ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ବଳଦିଆନୂଆଗାଁ ହାଇସ୍କୁଲର ପ୍ରଥମ ସ୍ଥାନ ଗ୍ରହଣ କରିଥିବା ରାକେଶ ମହାପାତ୍ର, ଦ୍ୱିତୀୟରେ ଶୀମା ପ୍ରଧାନ ଏବଂ ତୃତୀୟରେ ରାମେଶ୍ୱର ଦାସଙ୍କୁ ଅର୍ଥରାଶି ପୁରସ୍କାର ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବାଘୁଆପଲ୍ଲୀ ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ରୁର ରାଉତ, ବଳଦିଆନୂଆଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଗଦାଧର ପଣ୍ଡା, ସରପଞ୍ଚ ଇନ୍ଦୁମତି ସାହୁ, ନବକିଶୋର ସାହୁ, ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟାପକ ବେଣୁଧର ପ୍ରଧାନ, ଟ୍ରଷ୍ଟର ମୁଖ୍ୟ ଅବସରପ୍ରାପ୍ତ ସେନା ଅଧିକାରୀ କାଳନ୍ଦୀ ଚରଣ ପ୍ରଧାନଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଏଟିଏମ୍ ଚୋର ଗିରଫ

ଡେରାବିଶ (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅଞ୍ଚଳର ଚାନ୍ଦୋଳ ବଜାରରୁ ଆଜି ଜଣେ ଏଟିଏମ୍ ଲୁଟେରାକୁ ଗିରଫ କରାଯାଇଛି। ଏହି ଲୁଟେରା ଜଣକ ଯୁଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଂଚଳରେ ହୋଇଥିବା ଏକ ଏଟିଏମ୍ ଲୁଟ ଘଟଣାରେ ସମ୍ପୃକ୍ତ ଥାଇ କିଛି ମାସ ହେବ ଫେରାର ରହିଥିଲା। ଆଜି ସମ୍ପୃକ୍ତ ଲୁଟେରା ଜଣକ ଚାନ୍ଦୋଳ ବଜାରରେ ବୁଲୁଥିବା ସମ୍ପର୍କରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ସମ୍ପୃକ୍ତ ଯୁବକଙ୍କୁ କୌଶଳକ୍ରମେ କାବୁ କରିଥିଲେ। ତେବେ ଏହି ଯୁବକଙ୍କ ଅନ୍ୟ ଚାରି ସହଯୋଗୀ ଏବେ ବି ଫେରାର ରହିଥିବା ସୂଚନା ମିଳିଛି। ଧରାପଡ଼ିଥିବା ଯୁବକ ଜଣକ ନାମରେ ପୂର୍ବରୁ ଅନ୍ୟ ମାମଲା ରହିଛି।

## ହତାଶ ଚାଷୀ ଗୁହାରି କରିବ କାହାକୁ ?



ମାଥିଲି (ଭାସ୍କର ନ୍ୟୁଜ): ବର୍ତ୍ତମାନ ଖରିଫ ଋତୁ ଚାଲିଛି। ଏହି ସମୟରେ ଧାନ ଚାଷ ପାଇଁ ୟୁରିଆ ଅତ୍ୟନ୍ତ ଜରୁରି କିନ୍ତୁ ସରକାରଙ୍କ ତରଫରୁ ୟୁରିଆ ଯୋଗାଇ ପାରୁ ନଥିବା ଅଭିଯୋଗ ହେଉଛି। ଏମିତି କି ବହୁମୁଖି ସମବାୟ ସମିତିରେ ଗୋଟେ ଗୋଟେ ୟୁରିଆ ମିଳୁଥିବା ବେଳେ ସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନରେ ମଧ୍ୟ ୟୁରିଆ ନଥିବାରୁ ଚାଷୀମାନେ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଠାରେ ଥିବା ସରକାରୀ ବହୁମୁଖୀ ସମବାୟ ସମିତି ପକ୍ଷରୁ ସରକାରୀ ଦରରେ ୟୁରିଆ ବିକ୍ରୟ କରାଯାଉଛି, କିନ୍ତୁ ସେଠାରେ ୟୁରିଆ କମ୍ ଆସୁଥିବାରୁ ଚାଷୀମାନଙ୍କୁ ଗୋଟିଏ ଗୋଟିଏ ୟୁରିଆ ବସ୍ତା ଦେଇ ଚାଷୀଙ୍କୁ ଆଶ୍ୱାସନା ଦେବାକୁ ପଡୁଛି। ସମବାୟ ସମିତି କର୍ତ୍ତୃପକ୍ଷଙ୍କୁ ଅନ୍ୟପକ୍ଷରେ ଘରୋଇ ଦୋକାନୀମାନେ ଖରିଫ ଚାଷ ସମୟରେ ୟୁରିଆ ଆଣି ବିକ୍ରୟ କରିବେ ବୋଲି ନାମ ପଞ୍ଜିକରଣ କରି ହାତ ବାନ୍ଧି ବସିଛନ୍ତି। ସେମାନଙ୍କୁ ମଧ୍ୟ ୟୁରିଆ ମିଳୁନାହିଁ। ଆଜି ମାଥିଲି ଅଞ୍ଚଳରେ ଜଣେ ଲାଇସେନ୍ସ ପ୍ରାପ୍ତ ଦୋକାନରେ ଚାଷୀମାନେ ପହଞ୍ଚି ଦୋକାନୀଙ୍କୁ ବିଭିନ୍ନ ପ୍ରଶ୍ନ କରି ଘେରିଥିଲେ। ଚାଷୀମାନେ ୟୁରିଆ ମାରିବା ସମୟ ଯଦି ସରକାର ହାତ ଟେକି ଦେବେ ଆଉ ୟୁରିଆ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇବେ ନାହିଁ ତା'ହେଲେ ବିଚରା ଚାଷୀ କରିବ କ'ଣ? ଏଠି ଭାଗ୍ୟକୁ ଆଦରିବା ଛଡ଼ା ଆଉ କିଛି ଉପାୟ ନାହିଁ। କଥାରେ ଅଛି ପରା ଚାଷ ଅଛି ଯାହାର କି ସୁଖ ତାହାର, କିନ୍ତୁ ଏଠି ତାହାର ସଂଜ୍ଞା ଠିକ୍ ଓଲଟା ଚାଷ ଅଛି ଯାହାର କି ଦୁଃଖ ତାହାର। ଚାଷୀଟିଏ ଧାନ ଚାଷ ଆରମ୍ଭ ପାଖରୁ ଧାନ ବିକ୍ରୟ ପର୍ଯ୍ୟନ୍ତ ମଣ୍ଡିରେ ମଧ୍ୟ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଥାଏ। ଏହି ସମସ୍ୟା କେବେ ଦୂର ହେବ ବିଚରା ଚାଷୀ ମୁଣ୍ଡରେ ହାତ ଦେଇ ଅପେକ୍ଷା କରିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଚାଷୀ ମାନଙ୍କ ସଠିକ ସମୟର ୟୁରିଆ ଯୋଗାଇ ଦେବାକୁ ଚାଷୀ ମାନେ ଅନୁରୋଧ କରିଛନ୍ତି।

## ୬୦ ୟୁନିଟ ରକ୍ତ ସଂଗୃହିତ



କନ୍ଧମାଳ (ଭାସ୍କର ନ୍ୟୁଜ) : ବୌଦ୍ଧ ଜିଲ୍ଲା ସଦର ବ୍ଲକ ଦହ୍ୟା ସ୍ଥିତ ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଠାରେ କଲେଜର ଯୁବ ରେଡକ୍ରସ୍ ଓ ସମ୍ବାଦ ଆମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ରକ୍ତ ଭଣ୍ଡାର ବିଶେଷଜ୍ଞମାନଙ୍କ ଦ୍ୱାରା ସର୍ବମୋଟ ୬୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ସ୍ୱତନ୍ତ୍ର ଅତିଥି ଭାବରେ ଏସ୍‌ପି ରାହୁଲ ଗୋଏଲ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେର କଲେଜ ପରିଚାଳନା କମିଟି ସଭାପତି କିଶୋର ମେହେର, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରକ୍ସା ସରପଞ୍ଚ ବିଭୁତି ଭୂଷଣ ଡାଙ୍ଗ, ମନୁପାଲି ସରପଞ୍ଚ ଭାରତୀ ମଲ୍ଲିକ, ରକ୍ସା ପେକ୍ସ ସଭାପତି ଶିବଶଙ୍କର କର୍ଣ୍ଣ, ସମାଜସେବୀ ଶାନ୍ତନୁ ଥାଟି, ଶମ୍ଭୁ ମଲ୍ଲିକ, ପୁରୋହିତ ସୁନା, ରବୀନ୍ଦ୍ର ସାହୁ, ରାଜେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବାଉଁଶୁଣି ଡାକ୍ତରଖାନାର ଡାକ୍ତର ବିମଳ କୁମାର ସାହୁ, ବୌଦ୍ଧ ବ୍ଲଡ୍ ବ୍ୟାଙ୍କର ଲାବୋଟେରୀ ଟେକ୍ନିସିଆନ ଦିଲ୍ଲୀପ କୁମାର ଭୋଇ, କାଉନସିଲର ପ୍ରମୋଦ କୁମାର ମହାରଣା, ଆଷ୍ଟେଣ୍ଡାଣ୍ଟ ସୁରଜ କୁମାର ଭୁକ୍ତା, ନର୍ସିଂ ଅଫିସର ଯଦୁ ଶବର ପ୍ରମୁଖ ଶିବିର ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଗୁରୁ, ଅଧ୍ୟାପକ ପ୍ରହଲ୍ଲାଦ ପାତ୍ର, ଗୋପବନ୍ଧୁ ରାଜହଂସ, ସୂର୍ଯ୍ୟକାନ୍ତ ନାୟକ, ରାଜେନ୍ଦ୍ର ଦଣ୍ଡସେନା, କୁନା ମହାକୁଡ଼ ଦିଲ୍ଲୀପ କୁମାର ସାହୁ, ଜ୍ୟୋତିର୍ମୟୀ ପ୍ରଧାନ, ବିଶ୍ୱାମିତ୍ର ମହଲା, ଦିଲ୍ଲୀପ ପାତ୍ର, ଭକ୍ତବନ୍ଧୁ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ।

## କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର (ଭାସ୍କର ନ୍ୟୁଜ) : ଅନାଦି ଚାରିଟେବୁଲ ଟ୍ରଷ୍ଟପକ୍ଷରୁ ପ୍ରତିଭା ଅନ୍ୱେଷଣ ଉତ୍ସବ ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ସୋମବାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାସଙ୍କ ଅଧକ୍ଷତାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ବାବାଜୀ ଚରଣ ସାହୁ ଯୋଗଦେଇ ଛାତ୍ର ଜୀବନ ଶୃଙ୍ଖଳିତ ହେବା ସହିତ ସେମାନେ କିପରି ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହୋଇ ରାଜ୍ୟ ତଥା ଦେଶର ଟେକ ରଖିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଟ୍ରଷ୍ଟର ପ୍ରତିଷ୍ଠାତା ବିଭୁତି ମହାପାତ୍ରଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ଟ୍ରଷ୍ଟର ସମ୍ପାଦିକା ସ୍ମିତା ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସଚେତନତା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ନିଜ ମତାମତ ଉପସ୍ଥାପନା କରିଥିଲେ। ଚଳିତବର୍ଷ ବିଦ୍ୟାଳୟ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଛାତ୍ରୀ ସ୍ମିତିପ୍ରଜ୍ଞା ପଣ୍ଡା ରାଷ୍ଟ୍ରୀୟ ଅଭିନବ କର୍ଯକ୍ରମ ପ୍ରେରଣାରେ ଭାଗନେଇ ଭାରତର ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିବା ଓ ତାଙ୍କ ମାର୍ଗ ଦର୍ଶିତା ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣା ରାଉତଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟରେ ଶୌଚାଳୟ ଦୂରାବସ୍ଥା, ଅଭିଭାବକ ମହଲରେ ଅସନ୍ତୋଷ

ପାରାଦୀପ (ଭାସ୍କର ନ୍ୟୁଜ) : ପାରାଦୀପରେ ପ୍ରତିଷ୍ଠିତ କେନ୍ଦ୍ରୀୟ ବିଦ୍ୟାଳୟରେ ଶୌଚାଳୟ ଅବ୍ୟବସ୍ଥା ଯୋଗୁଁ ଛାତ୍ରଛାତ୍ରୀମାନେ ଶୌଚ କାର୍ଯ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି। ଏ ବାବଦରେ ପିଲାମାନେ ସେମାନଙ୍କ ଅଭିଭାବକଙ୍କ ନିକଟରେ ଅଭିଯୋଗ କଲା ପରେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଦେଖିବାକୁ ମିଳୁଛି। ସୂଚନାଥାଉକି ଏହି ବିଦ୍ୟାଳୟ ସମୂହକୁ କେନ୍ଦ୍ର ସରକାର ଭଲ ଅନୁଦାନ ଦେଉଥିବା ଏବଂ ପାରାଦୀପ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟକୁ ପାରାଦୀପ ବନ୍ଦର ପ୍ରାଧିକରଣ ମୋଟାଅଙ୍କର ଅର୍ଥରାଶି ଅନୁଦାନ ଦେଉଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ କ'ଣ ପାଇଁ ସାମାନ୍ୟ ଏହି ଶୌଚାଳୟର ସଠିକ ରକ୍ଷଣାବେକ୍ଷଣ ଓ ପରିଷ୍କାରର ବ୍ୟବସ୍ଥା କରୁନାହାନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ବାବଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାକମାନେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରତିକାର ହୋଇନଥିବାରୁ ଅଭିଭାବକ ମହଲରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଥିବା ଜଣାପଡିଛି। ତେବେ ଏ ବାବଦରେ ଅଭିଭାବକ ମାନେ ପାରାଦୀପ ବନ୍ଦର ଅଧକ୍ଷ ଓ ବିଦ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡିଛି।

## ରାଶିଫଳ

**ମଙ୍ଗଳବାର, ୧୯ ଅଗଷ୍ଟ ୨୦୨୫**



**ମେଷ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶ୍ୱଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତାରେ ପକାଇପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରିବେ। ବ୍ୟବସାୟୀମାନଙ୍କ ପାଇଁ ଆଜି ମଧ୍ୟ ଏକ ଭଲ ଦିନ ହେବ।




**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୈଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢ଼ିପାରେ।




**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।



**କନ୍ୟା:** ଆଜି ଆପଣଙ୍କ ଦିନ ଟିକିଏ ଦୁର୍ବଳ ହେବ। ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି। ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍। କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।




**ବିଛା:** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।




**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।




**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୈଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ସ୍ୱାଧୀନତା ଦିବସ ଗଜପତି ଷ୍ଟାଡ଼ିୟମ ଠାରେ ମୋହାଡମ୍ବରେ ପାଳନ କରାଯାଇଅଛି । ଆଜିର ଜିଲ୍ଲା ସ୍ତରୀୟ ଉତ୍ସବରେ ବିଭୂତି ଭୂଷଣ ଜେନା, ବାଣିଜ୍ୟ ଓ ପରିବହନ, ଇସ୍ପାତ୍ ଓ ଖଣି ବିଭାଗ ଓଡ଼ିଶା ,ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶାନ୍ତି, ମୈତ୍ରୀ, ସମୃଦ୍ଧି ଓ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ା, ଦଶମ ଶ୍ରେଣୀ ପରୀକ୍ଷା ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗଜପତି ଜିଲ୍ଲାପାଳ ମଧୁମିତା ,ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ. ନାଗାରାଜୁ ,ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ଓ ମୁନିନ୍ଦ୍ର ହୋନେଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, କମାଣ୍ଡାଣ୍ଟ ୩ୟ ବାଟାଲିୟନ ଶ୍ରୀ ଅଶୋକ କୁମାର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନୀଲ କାନ୍ତ ମହାନ୍ତି ଓ ଉପଜିଲ୍ଲାପାଳ ଅନୁପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ରାଇଘରକୁ ଏନ୍ଏସି ମାନ୍ୟତା ଦାବି
## ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଇଘର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକକୁ ବିଜ୍ଞାପିତ ପରିଷଦ ଅଞ୍ଚଳ (ଏନ୍ଏସି) ଭାବେ ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ବିଭିନ୍ନ ଦିଗରୁ ଏହି ବ୍ଲକଟି (ଏନ୍ଏସି) ଭାବେ ଯୋଗ୍ୟ ହେଉଥିବା ଦାବି କରି ଓଡିଶା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଗତକାଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ସୀମାନ୍ତରେ ଥିବା ଏହି ରାଇଘର ବ୍ଲକରେ ମୋଟ ୨୬ ଗୋଟି ପଂଚାୟତ ରହିଥିବା ବେଳେ ଗୋଟାଏ ତହସିଲ ଏବଂ ୯ ଗୋଟି ରାଜସ୍ୱ କାର୍ଯ୍ୟାଳୟ ରହିଛି । ଏଥିସହ ଏହି ବ୍ଲକରେ ୧୧୭ ଗୋଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ଏହାର ଭୌଗୋଳିକ ଏରିଆ ୮୭୬.୬୧ ବର୍ଗ କିଲୋମିଟର ରହିଛି । ୨୦୧୧



ଜନଗଣନା ଅନୁଯାୟୀ ମୋଟ ୧ ଲକ୍ଷ ୮୨ହଜାର ୨୮୫ ଜଣ ଲୋକ ବସବାସ କରୁଥିବା ବେଳେ ସୁରକ୍ଷା ବ୍ୟବସ୍ଥା ପାଇଁ ଦୁଇ ଗୋଟି ପୁଲିସ ଷ୍ଟେସନ ମଧ୍ୟ ରହିଛି। ସ୍ୱାସ୍ଥ୍ୟ ସେବା ନିମନ୍ତେ ଗୋଟାଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୮ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉଚ୍ଚ ଶିକ୍ଷା ପାଇଁ ୩ଗୋଟି କଲେଜ ରହିଛି । ଏଣୁ ଏହି ବ୍ଲକଟି ପୌରପାଳିକା ଆଇନ ୧୯୫୦ ଅନୁଯାୟୀ ସମସ୍ତ ଦିଗରୁ ଯୋଗ୍ୟ ରହିଥିବା ଯୋଗୁଁ ଏହାକୁ ଏନ୍ଏସି ମାନ୍ୟତା ଦେବାକୁ ଦାବୀ କରିଛନ୍ତି । ଏହା ବ୍ୟତୀତ ରାଇଘର ଅଞ୍ଚଳ ପ୍ରଦୂଷଣ, ଭିତ୍ତିଭୂମି ଏବଂ ବାଣିଜ୍ୟିକ କାର୍ଯ୍ୟକଳାପରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ଏହାପରେ ମଧ୍ୟ ଏକ ଆନୁଷ୍ଠାନିକ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ଅନୁପସ୍ଥିତି, ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା ରକ୍ଷଣାବେକ୍ଷଣ ଏବଂ ସାର୍ବଜନୀନ ସେବାରେ ଏହି ବ୍ଲକ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେଉ ଥିବାରୁ ନୂତନ ଏନ୍ଏସି ପ୍ରତିଷ୍ଠା ଦ୍ୱାରା ସଂରଚିତ ଶାସନ ଏବଂ ଯୋଜନାବଦ୍ଧ ବିକାଶକୁ ସକ୍ଷମ କରିବ ବୋଲି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ପୌରପାଳିକା ଆଇନ, ୧୯୫୦ର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ରାଇଘରରେ ଏନଏସି ର ବିଜ୍ଞପ୍ତି ଏବଂ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପଦକ୍ଷେପ ଆରମ୍ଭ କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଅନୁରୋଧ ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ମହାପାତ୍ର, ଯତୀନ୍ଦ୍ର ଗଣ୍ଡ, ପ୍ରତିସ୍ମିତା ମହାପାତ୍ର, ସୁଦର୍ଶନ ମାଝୀ ଗଣେଶ କୁମ୍ଭାର , ଅଶୋକ ପାଢ଼ୀ, ଶରତ ଜେନା, ଟୁକୁନା ସାମନ୍ତରାୟ, ରିଙ୍କୁ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ ।

### ନାଳାଝର ଜଙ୍ଗଲରେ ଏନକାଉଣ୍ଟର
## ଜଣେ ଆହତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କୋଣ୍ଡାଗାଓଁ ଜିଲ୍ଲାରେ, କେଶକାଲର ନାଳାଝର ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ନକ୍ସଲ ମଧ୍ୟରେ ଏକ ଏନକାଉଣ୍ଟର ହୋଇଛି। ଏଥିରେ ଜଣେ ଗ୍ରାମବାସୀ ଆହତ ହୋଇଛନ୍ତି ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନକାଉଣ୍ଟର ପରେ, ସୁରକ୍ଷା ବାହିନୀ ଘଟଣାସ୍ଥଳରୁ ୨ଟି ବନ୍ଧୁକ, ୟୁନିଫର୍ମ ଏବଂ ନକ୍ସଲ ସାହିତ୍ୟ ଜବତ କରିଛନ୍ତି। ନକ୍ସଲମାନଙ୍କୁ ଖୋଜିବା ପାଇଁ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସହିଦଙ୍କ ଶେଷକୃତ୍ୟ ସମ୍ପନ୍ନ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ଉତ୍ତରାଖଣ୍ଡରେ ସହିଦ ହୋଇଥିବା କନ୍ଧମାଳର ଯବାନ ସୁରେଶ ମଲ୍ଲିକଙ୍କ ମୃତଶରୀର କନ୍ଧମାଳ ଜିଲ୍ଲା ଖଜୁରିପଡା ବ୍ଲକ ତାଙ୍କ ନିଜ ଗ୍ରାମ ଗୁଦାରୀରେ ରବିବାର ପହଞ୍ଚିଥିଲା। ଏକ ଭାବବିହ୍ୱଳ ପରିବେଶ ଭିତରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସୂଚନା ଅନୁସାରେ ସୁରେଶ ମଲ୍ଲିକ ଭାରତୀୟ ସୈନ୍ୟ ବାହିନୀର ବିହାର ରେଜିମେଣ୍ଟରେ ହାବିଲଦାର ଭାବେ କାର୍ଯ୍ୟରତ ଥିଲେ । ଅପରେସନ ସିନ୍ଦୂର ବେଳେ ଅଣ୍ଟାରେ ଲାଗିଥିବା ଆଘାତ ଯୋଗୁଁ ତାଙ୍କୁ ଦିଲ୍ଲୀ ଆର୍ମି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ସେ ଚଳିତ ମାସ ସ୍ୱାଧୀନତା ଦିବସ ୧୫ ତାରିଖ ରାତିରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ପ୍ରଥମେ ଏୟାର ବେଶ୍ ସାହାଯ୍ୟରେ ଦିଲ୍ଲୀରୁ ଭୁବନେଶ୍ୱର ପରେ ସେନାବାହିନୀର ଏକ ସ୍ୱତନ୍ତ୍ର ଗାଡି ଯୋଗେ ତାଙ୍କ ମୃତଦେହକୁ ନିଜ ଗ୍ରାମ ଖଜୁରୀପଡା ବ୍ଲକ ଗୁଦାରୀକୁ ଅଣାଯାଇଥିଲା । ସେଠାରେ ପରିବାର ଲୋକ, ଗ୍ରାମବାସୀ, ଜିଲ୍ଲା ପ୍ରଶାସନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ଏୟାର ଡିଫେନ୍ସ ତରଫରୁ ତୋପ ଦ୍ୱାରା ରାଷ୍ଟ୍ରୀୟ ମର୍ଯ୍ୟାଦା ଦ୍ୱାରା ସଲାମୀ ଦିଆଯାଇଥିଲା ।

## ନିଟ୍ ପରୀକ୍ଷାରେ ଶିବମଙ୍କ ସଫଳତା

ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମା ଗ୍ରାମର ଶିବମ ସର୍ବ ଭାରତୀୟ ନିଟ ପରୀକ୍ଷା ରେ ୨୬ ନମ୍ବର ର୍ୟାଙ୍କ ରଖି ସଫଳତା ପାଇଛନ୍ତି। ବର୍ତ୍ତମାନ ସେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ରେ ଡାକ୍ତରୀ ପାଠ ପଢ଼ିବା ପାଇଁ ସିଟ ମିଳିଛି। ଶିବମଙ୍କ ବାପା ପବିତ୍ର ମୋହନ ନାୟକ ଜଣେ ଶିକ୍ଷକ ଓ ମା' ସସ୍ମିତା ନାୟକ ଗୃହିଣୀ। ଶିବମ୍ ତାଙ୍କ ପ୍ରାଥମିକ ଶିକ୍ଷା ଅଞ୍ଚଳ ଗୁମା ସରସ୍ୱତୀ ଶିଶୁ ମନ୍ଦିର ଠାରେ ପଞ୍ଚମ ଶ୍ରେଣୀ ଯାଏଁ ପଢ଼ି ଥିଲେ। ଏହା ପରେ ତେନ୍ତୁଳିଖୁଣ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ି ଥିଲେ । ଦଶମ ଶ୍ରେଣୀ ରେ ୪୯୧ ମାର୍କ ୯୦.୨% ପ୍ରତିଶତ ମାର୍କ ରଖି ଥିଲେ। ମ୍ୟାଟ୍ରିକ ପରେ ସେ ଯୁକ୍ତ ୨ ଭୁବନେଶ୍ୱର ଆଇକୋନିକ ରେ ପାଠ ପଢ଼ି ୪୭୪ ମାର୍କ ୯୪.୮% ରଖି ଥିଲେ। ତେବେ ଯୁକ୍ତ ୨ ପଢିଲା ବେଳେ ଭୁବନେଶ୍ୱର ସ୍ଥିତ ଆକାଶ ପ୍ରତିଷ୍ଠାନ ଠାରେ କୋଚିଂ ନେଇ ସମୁଦାୟ ୭୨୦ ମାର୍କ ରୁ ୪୩୩ ମାର୍କ ରଖି ବର୍ତ୍ତମାନ ସେ ନିଟ୍ ରେ ସଫଳତା



ପାଇଛନ୍ତି । ଶିବମ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମସ୍ତଙ୍କ ପାଇଁ ଗୌରବ ଆଣିବା ସହ ଉଦାହରଣ ପାଲଟିଛନ୍ତି । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଏବଂ ଆପ୍ରାଣ ଉଦ୍ୟମ ବଳରେ ଶିବମ ଙ୍କୁ ଏହି ସଫଳତା ମିଳିଛି । ଯାହାକି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଉଦାହରଣ ପାଲଟିଛନ୍ତି ।ବର୍ତ୍ତମାନ ବାପା ଓ ମା ଙ୍କ ସ୍ୱପ୍ନ ସାକାର ହେବାକୁ ଯାଇଛି । ଶିବମ ତାଙ୍କର ଏହି ସଫଳତା ର ଶ୍ରେୟ ବାପା ମାଁ ସହ ନିଜ ଗ୍ରାମ ଅଞ୍ଚଳଗୁମା ସ୍ଥିତ ଶିଶୁମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଛନ୍ତି। ଶିବମ ନିଜ ଗ୍ରାମ ଅଞ୍ଚଳଗୁମା ତଥା ତେନ୍ତୁଳିଖୁଣ୍ଟି ବ୍ଲକ ସମେତ ସମଗ୍ର ନବରଙ୍ଗପୁର ଜିଲ୍ଲା ପାଇଁ ଗୌରବ ଆଣଛନ୍ତି । ଶିବମ ଙ୍କ ଏହି ସଫଳତା ଅବସରେ ଗ୍ରାମର ବୁଦ୍ଧିଜିବି ,ଶିଶୁ ମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲକଡି ପଲା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବିଭିନ୍ନ ଗଣ ମାଧ୍ୟମ ଗ୍ରୁପ୍ ଓ ଜନସାଧାରଣ ତରଫରୁ ଶୁଭେଚ୍ଛା ସୁଅ ଛୁଟୁଛି ।

## କବି ରୋହିତ କୁମାର ଦାଶଙ୍କୁ 'ଡ଼ ନୀଳ ମାଧବ ପାଣିଗ୍ରାହୀ' ପୁରସ୍କାର

ବରଗଡ, (ଭାସ୍କର ନ୍ୟୁଜ୍): ବରଗଡର ବହୁ ପ୍ରତିଷ୍ଠିତ କବି ରୋହିତ କୁମାର ଦାଶଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ବହନି ପୁସ୍ତକ ସକାଶେ ୨୦୨୪ ମସିହା ପାଇଁ ସମ୍ମାନଜନକ ଡ଼ ନୀଳ ମାଧବ ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରାଯାଇଛି । ଜ୍ୟୋତି ବିହାରର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଗଙ୍ଗାଧର ମେହେରଙ୍କ ୧୭୪ ତମ ଜୟନ୍ତୀ ପାଳନ ଅବସରରେ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରା ଯାଇଥିଲା । ଅନୁଷ୍ଠାନର କୁଳପତି ଡ଼ ବିଧୁ ଭୂଷଣ ମିଶ୍ର, ଭିସୁଟର କୁଳପତି ଡ଼ ଦୀପକ



ମିଶ୍ର, କୁଳ ସଚିବ ଅଶୋକ ବେହେରା,ଅବସର ପ୍ରାପ୍ତ ପ୍ରଫେସର ଡ଼ କାଳିଦାସ ମିଶ୍ର, ସ୍ନାତକୋତ୍ତର ବିଭାଗର ମୁଖ୍ୟ ତୁଷାରକାନ୍ତି ଦାଶ, ସପ୍ତର୍ଷି ର ପରିଚାଳନା ସମ୍ପାଦକ ଡ଼ ଗୋପୀନାଥ ବାଗ ଆଦି ବିଶିଷ୍ଟ ଅତିଥିଗଣଙ୍କ ଉପସ୍ଥିତିରେ ଶ୍ରୀ ଦାଶ ସମ୍ମାନ ଗ୍ରହଣ କରିଥିଲେ । ପୁରସ୍କାରର ଉତ୍ତରରେ ଶ୍ରୀ ଦାଶ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେବା ସହ ସମ୍ବଲପୁରୀ ସାହିତ୍ୟରେ ଆହୁରି କାମ କରିବାପାଇଁ ସେ ସଂକଳ୍ପବଦ୍ଧ ଓ ଏ ପୁରସ୍କାର ତାଙ୍କୁ ସମ୍ବଲପୁରୀ ସାହିତ୍ୟ କ୍ଷେତ୍ରରେ ଆହୁରି ଅନେକ କାମ କରିବା ପାଇଁ ପ୍ରେରିତ କରିଛି ବୋଲି କହିଥିଲେ । ସଭାରେ ଅନ୍ୟାନ୍ୟ ବିଭାଗର ପ୍ରଫେସର, ଗ୍ରନ୍ଥାଗାର ର ମୁଖ୍ୟ ନୀଳରଞ୍ଜନ ବାରିକଙ୍କ ସହ ବହୁ ବିଶିଷ୍ଟ କବି, ଲେଖକ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପୁରସ୍କାର ପାଇବା ପରେ ସାରା ରାଜ୍ୟରୁ ଶ୍ରୀ ରୋହିତ ଦାଶଙ୍କ ପାଖକୁ ଅଭିନନ୍ଦନ ବାର୍ତ୍ତା ମାନ ପହଞ୍ଚିବାରେ ଲାଗିଛି ।

## ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସାଧାରଣ ସଭା

ପାରଳାଖେମୁଣ୍ଡି , (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ର ବରିଷ୍ଠ ନାଗରିକମାନଙ୍କ ସାଧାରଣ ସଭା ରାଜ ପ୍ରସାଦ ନିକଟରେ ଥିବା ବଡ଼ ରାଧାକାନ୍ତ ମଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଇଂ. ଲକ୍ଷ୍ମୀ ନରି ସିଂହ ରଥ ଦ୍ୱାରା ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପରେ ୨ ଜଣଙ୍କୁ ସମ୍ମାନିତ ସୋମନାଥ ଦାସ ଓ ଜଗଦୀଶ ଚନ୍ଦ୍ର ମାହାପାତ୍ର ମାନ ପତ୍ର ସହ ଉପଢ଼ୌକନ ପ୍ରଦାନ କରାଯାଇଛି। ଏଥିରେ ଏଥିରେ ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଇଂ. ସଂଜୀବ କୁମାର ରଥ, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ୍ ଗୌରଚନ୍ଦ୍ର ପଣ୍ଡା , ମୁଖ୍ୟ ଅତିଥି ଭାବରେ ପାରଳା ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ସଂପାଦକ ହରି ମୋହନ ପଟ୍ଟନାୟକ, ସହ ସିସିଡି ର ପରିଚାଳନା ଅଧ୍ୟକ୍ଷ ଜେ, ଜଗନ୍ନାଥ ରାଜୁ ଉପସ୍ଥିତ ଥିଲେ। ପ୍ରଥମେ ୨ ଜଣ ପୂର୍ବତନ ବରିଷ୍ଠ ନାଗରିକ ମୃତ୍ୟୁବରଣ କରିଥିଲେ। ସେମାନଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସେମାନଙ୍କ ଦାବି ଯେ ଗୁଣପୁର ଠାରୁ ବିଶାଖାପାଟଣା ଯାଉଥିବା ଟ୍ରେନ୍ ରେ ପୁର୍ନବାର ଏସି କୋଚ୍ ବ୍ୟବସ୍ଥା ଦାବି କରାଯାଇଛି । ସହରରେ ଯେକୌଣସି ସ୍ଥାନକୁ ଗଲେ ବସ୍ ସୁବିଧା ମିଳିପାରୁନାହିଁ । ଟାଉନ୍ ବସ୍ ଚଳାଚଳ କରିବା ଦାବି ହୋଇଛି ।

## ଲ୍ୟାମ୍ପରେ ମିଳୁନି ସାର, ଚଢ଼ା ଦରରେ କିଣୁଛି ଚାଷୀ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ଆରମ୍ଭରୁ ସାର କଳା ବଜାରୀ ହେଉଥିବା ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରଚାର ଓ ପ୍ରକାଶ ପାଇବା ପରେ ମଧ୍ୟ ଚେତିଲେନି କୃଷି ବିଭାଗ। ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ର ଲ୍ୟାମ୍ପ ରେ ସାର କଳା ବଜାରୀ ହେଉଥିବାରୁ ଚାଷୀ ମୁଣ୍ଡ ହାତ ଦେଇ ଚିନ୍ତାରେ ବସିଛି। ଅନ୍ୟପଟେ ବେପାରୀଙ୍କ ଠାରୁ ଚଢ଼ାଦରରେ ଚାଷୀ କିଣିବା ପାଇଁ ବାଧ ହେଉଛି। ଏହି ବ୍ଲକର ଚାଷୀଙ୍କ ହିତରେ ଆସୁଥିବା ଲ୍ୟାମ୍ପରେ ଦୁଇଟି ଗଦାମରେ ସାର ବର୍ତ୍ତି ହୋଇଥିବା ସତ୍ତେ ମିଳୁନଥିବାରୁ ଚାଷୀ ବାଧ ହୋଇ ହଟାପାଟି ହୋଇ ଲ୍ୟାମ୍ପରେ ତାଲା ପକାଇଥିବା ଦେଖିବାକୁ ମିଳିଛି। ଲ୍ୟାମ୍ପରେ ୟୁରିଆ, ପୋଟସ, ଡିଏପି,୨୦-୨୦, ଚାଷୀଙ୍କୁ ସୁଲଭ ମୂଲ୍ୟରେ ଦେବା କଥା। କିନ୍ତୁ ପ୍ରାଥମିକତା ଦୃଷ୍ଟିରୁ ଲୋନ ଚାଷୀମାନଙ୍କୁ ପ୍ରଦାନ କରୁଥିବାରୁ ଅନ୍ୟ ଚାଷୀମାନଙ୍କୁ ଲ୍ୟାମ୍ପ ବିକ୍ରି କରୁନଥିବାରୁ କଳା ବଜାରୀ ବଢ଼ି ଚାଲିଛି। କୃଷି ବିଭାଗର ଜାଣତରେ ଚାଲୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ୱୀକୃତି ପ୍ରାପ୍ତ ଦୋକାନ ଓ ଅଣ ସ୍ୱୀକୃତି ପ୍ରାପ୍ତ ଦୋକାନରେ ୟୁରିଆ ବସ୍ତା ପିଛା ତିଶହ ଟଙ୍କା ଅଧିକା ନେଉଥିବା ବେଳେ ଡିଏପି ଓ ୨୦-୨୦ ଚାରିଶହ ଟଙ୍କା ଅଧିକା ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଲ୍ୟାମ୍ପ ଚାଷୀଙ୍କ ପ୍ରତିବର୍ଷ ଆକଳନ କରି ସାର ଆଣିବା କଥା କିନ୍ତୁ କେଜାଣି ଚଳିତ ବର୍ଷ ଅତି କମ ସାର ଆଣି ସରି ଯାଇଥିବାରୁ ଲୋନ ଚାଷୀଙ୍କୁ ମଧ୍ୟ ସାର ମିଳୁନି କି ଅନ୍ୟ ଚାଷୀଙ୍କୁ ସାର ପ୍ରଦାନ କରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ଓ ବଜାରରୁ ଅଧିକା ମୂଲ୍ୟରେ କିଣିବାକୁ ପଡୁଛି ଚାଷୀଙ୍କୁ। ବେପାରୀ ଓ ବିଭଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଏଠାରୁ ସ୍ପଷ୍ଟ ହୋଇଛି ବୋଲି ଚାଷୀ ଅଭିଯୋଗ କରିଛି। କଲ୍ୟାଣସିଂହପୁର ବ୍ଲକଗୋଟିଏ କୃଷି ପ୍ରବଣ ଅଞ୍ଚଳ ଯେ ହେତୁ ଚାଷୀକୁ ପ୍ରାଧାନ୍ୟ ଦେଇଥିବା ବେଳେ ଲ୍ୟାମ୍ପର ଅଣଦେଖା ହେତୁ ଠିକ ସମୟରେ ବିହନ ଠୁ ସାର ପର୍ଯ୍ୟନ୍ତ ଚାଷୀ ପାଇ ପାରୁନନାହାଁନ୍ତି ବାଧ ହୋଇ ଚଢା ଦରରେ କିଣୁଛନ୍ତି। ଏମଡି ତାରିଣୀ ପ୍ରସାଦ ତ୍ରିପାଠୀ ଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି ।ଆଜକୁ ଚାରି ଦିନ ହେବ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଗି ସାର ନପାଇ ଫେରି ଯାଉଥିବାରୁ ଆଜି ବାଧ ହୋଇ ଲ୍ୟାମ୍ପରେ ତାଲାପକାଇ ଥିଲେ। ଏଣୁ ଏହି ଏମଡି କୁ ପରିବର୍ତ୍ତନ କରିବା ପାଇଁ ଚାଷୀ ଦାବି କରିଛନ୍ତି।

## ସେମଲାରେ ଜନ୍ମାଷ୍ଟମୀ ପାଳିତ

ଉମରକୋଟ, (ଭାସ୍କର ନ୍ୟୁଜ୍): ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉମରକୋଟ ବ୍ଲକରେ ସେମଲା ଠାରେ ବଡ଼ ଧୁମଧାମ ସହକାରେ ପାଳିତ ହେଇଛି। ପ୍ରାତଃ କାଳରୁ ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମାଳା, ଦୀପ ଓ ଆଲୋକ ସଜାରେ ସମଗ୍ର ମନ୍ଦିର ପରିସର ଆଲୋକିତ ହୋଇଥିଲା। ସ୍ଥାନୀୟ ଯୁବକ ମଣ୍ଡଳୀ ଓ ମହିଳା ସମିତି ମାନେ ମିଶି ଭଜନ, କୀର୍ତ୍ତନ, ଝୁଲା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ସଭାପତି ଧନେଶ୍ୱର ଗୌଡଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ବିଭିନ୍ନ ସ୍ଥାନରେ ଅମଲା ସଂଘର ଆନ୍ଦୋଳନ ଜାରି

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତିର ସମସ୍ତ କାର୍ଯ୍ୟାଳୟର ଅମଲାମାନେ ଗତ ୧୧ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଜିଲ୍ଲା ଶାଖା ରାଜସ୍ୱ ଅମଲା ସଂଘ କାର୍ଯ୍ୟ ବନ୍ଦ କରି ଧାରଣା ବସିଛନ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ । ସେମାନଙ୍କ ମୁଖ୍ୟ ଦାବି ୯ ଦଫା ଦାବି ପୂରଣ ନିମନ୍ତେ ଏକ ଦାବି ପତ୍ର ମଧ୍ୟ ପ୍ରଦାନ କରିଥିଲେ। ପ୍ରକାଶଥାଉ କି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦାବି ଗୁଡିକ ମଧ୍ୟ ରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା



ମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ- ୯ କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୮୯୮ ତାରିଖ – ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମଶିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲା ମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନା କୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀ ଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି । କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି । ରାଜ୍ୟ ସରକାରଙ୍କୁ ଅନୁରୋଧ କ୍ରମେ ଜଣାଉଛୁ ଯେ ରାଜସ୍ୱ ଅମଲା ସଂଘ ର ୯ ଦଫା ଦାବି ଶୀଘ୍ର ପୂରଣ କରାଯାଉ ।

ନୂଆପଡା, (ଭାସ୍କର ନ୍ୟୁଜ୍): ନୂଆପଡାରେ ରାଜସ୍ୱ ଅମଲା ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ୯ ଦିନରେ ପହଞ୍ଚିଛି। ଫଳରେ ଜିଲ୍ଲାରେ ବିଭିନ୍ନ ପ୍ରକାର ସେବା ବ୍ୟାଘାତ ହୋଇଛି । ଅମଲା ସଂଘ ପକ୍ଷରୁ ୯ ଦଫା ଦାବିରେ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଦାବି ସରକାର ଶୁଣୁନଥିବା ପ୍ରକାଶ କରିଛନ୍ତି। ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍ଏସ୍ପି୨୦୧୭ ନିୟମ ଅନୁଯାୟୀ ଲେବେଲ- ୯ କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୮୯୮ ତାରିଖ – ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ (ଯାହାଦ୍ୱାରା ସମସ୍ତ କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ ପଦବୀ ସୃଷ୍ଟି ହୋଇପାରିବ) । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମଶିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲା ମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନା କୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀ ଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ



ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି । କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ରାଜସ୍ୱ ଅମଲା ସଂଘ ନୂଆପଡା ଜିଲ୍ଲା ଶାଖା ଜିଲ୍ଲା ସଭାପତି, ତ୍ରିଲୋଚନ ରଥ , ସମ୍ପାଦକ, ମଦନ ସୁନ୍ଦର ସାହୁ , କାର୍ଯ୍ୟକାରୀ ସଭାପତି ଶ୍ରୀ ମନୋଜ କୁମାର ମହାରଣା ପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟ ସମ୍ପାଦକ, ମମତା ଶବର, ବରିଷ୍ଠ ସଦସ୍ୟା, ଶ୍ରୀମତୀ ମିନାକ୍ଷୀ ଦାସ , ରେଶମ ସାହୁ, ଅପର୍ଣ୍ଣା ଅଗସ୍ତ୍ୟ , ରୀତା ବେହେରା ରାଜ କିଶାନ ଡୋରା , ଶ୍ରୀ କେଶବ ରାମ ପୁଞ୍ଜି ମିନେଶ କୁମାର ଧରୁଆ, , ଗୋକୁଳ ଯାନୀ, ଅଂବରୀଶ ମିଶ୍ର , ଅରତତ୍ରାଣ ମିଶ୍ର , , ପୂଜା ଅରପିତା ଦାସ, କ୍ଷେତ୍ର ନାଏକ, , ବିକ୍ରମ ହେର୍ଣ୍ଣା , ବିରାଞ୍ଚି ନାଏକ, ହରିସିଙ୍ଘ ରାଜପୁତ , ଗୁପ୍ତେଶ୍ୱର ବେହେରା, , ହିତେଶ ମେହେର, ବିକ୍ରମ ମାଝୀ, ବିଜୟଲକ୍ଷ୍ମୀ ଶବର , ସଞ୍ଜିତା ସାହୁ , ପ୍ରଭୃତି ଉପସ୍ଥିତ ଥିଲେ ।

### ଭରତାପୁର ଗ୍ରାମୀଣ ପାର୍କ ନିର୍ମାଣ କାମରେ ଦୁର୍ନୀତି
## ୨ଫୁଟ ବିଶିଷ୍ଟ ଅଧାଗଢ଼ା ପାଚେରୀରେ ସରିଛି ୧୦ଲକ୍ଷ

ରେଢ଼ାଖୋଲ (ଭାସ୍କର ନ୍ୟୁଜ୍): ସରକାର ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ଗାଁ ଗୁଡ଼ିକର ତଥା ପଞ୍ଚାୟତ ଗୁଡ଼ିକର ବିଭିନ୍ନ ଉନ୍ନତୀକରଣ ପାଇଁ ଯୋଜନା ମାଧ୍ୟମରେ ବିଭିନ୍ନ କାମ କରି ଆସୁଛନ୍ତି । ଏହି ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବଡ଼ବଡ଼ ଖେଳପଡିଆ ନିର୍ମାଣ କରାଯାଉଛି । ହେଲେ ଏଗୁଡ଼ିକ ପଞ୍ଚାୟତ ସ୍ତରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମରେ କାମ ଆଣି କାମକୁ ଠିକ୍ ଭାବରେ ନକରି ବାଟମାରଣା କରାଯାଉଥିବା ବେଳେ ଅତି ନିମ୍ନ ମାନର ଅଧାଗଢ଼ା କାମରେ ବିଲକରି ସରକାର ଙ୍କୁ ଠକି ମାଲାମାଲ ହେଉଛନ୍ତି ଠିକାଦାର୍ ତଥା କାମକରୁଥିବା ବ୍ୟକ୍ତି । ଏହି ସବୁ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ କରି ଗାଁ କୁ ଏକ ସୁନ୍ଦର ଗାଁ ଗଢିବାରେ ଏହା ସରକାରଙ୍କ ଏକ ସୁନ୍ଦର ପଦକ୍ଷେପ ।



ହେଲେ ଏହି ଯୋଜନାରେ ବିଭିନ୍ନ କାମ ଆଣି ତାହାକୁ ଅତି ନିମ୍ନ ମାନର କରି ସରକାରୀ ଅର୍ଥ କୁ ହେରଫେର କରି ଠିକ୍ ଭାବରେ କାମ ନକରି ଅଧାପନ୍ତରିଆ କରି ଟଙ୍କା ହେରଫେର କରିବାରେ ଠିକାଦାର୍ ତଥା ପଞ୍ଚାୟତ ଗୁଡ଼ିକରେ ସରପଞ୍ଚ ମାନଙ୍କ ମଧ୍ୟରେ ଚାଲିଛି ମଧୁଚନ୍ଦ୍ରିକା । କାମ ଆସୁଛି ଜଣଙ୍କ ନାଁ ରେ ଆଉ କାମ କରୁଛି ଜଣେ । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଭରତାପୁର ପଞ୍ଚାୟତ ରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ ନିର୍ମିତ ଗ୍ରାମୀଣ ପାର୍କ ଯାହା ୨୦୨୦ ବର୍ଷ ଏପ୍ରିଲ ମାସରେ ଆରମ୍ଭ ହୋଇଥିବା ବେଳେ ଆଜି ସୁଧା ତାହା ଶେଷ ହୋଇ ପାରୁନି । ଏହି କାମଟି ଲିଙ୍ଗରାଜ ପ୍ରଧାନ ନାମକ ଜଣେ କାର୍ଯ୍ୟାଦେଶ ପାଇ କାମ କରିଥିବା ବେଳେ । ଏଥିରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଫଳକରେ ଆବୃତ ହୋଇଅଛି । ହେଲେ ଆପଣ ଦେଖିଲେ ପାର୍କ ତ ନୁହେଁ ଜଣଙ୍କ ଗୋଚର ଜମି ବାଡ ଦେଇ ରଖାଯାଇଥିବା ଜଣାପଡୁଛି । ଯାହା ଅଧାରେ ଅଟକି ରହିଥିବା ବେଳେ ଭିତରେ ୧ଲକ୍ଷ ଟଙ୍କା ର ପୁରୁଷ ଓ ମହିଳା ୨ଟି ପରିଶ୍ରାଗାରା ମଧ୍ୟ ଭଗ୍ନ ଅବସ୍ଥାରେ ପଡ଼ିରହିଛି । ପାର୍କ ଭିତରେ ପଳସା ଗଛ, ଘାସ,ବୁଦା ହୋଇ ପଡିଥିବାବେଳେ ଗାଈଗୋରୁ ଚରୁଥିବା ଦେଖାଯାଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଜେ ସରକାର ଙ୍କ ଅର୍ଥକୁ କିଭଳି ହରିଲୁଟ୍ କରାଯାଉଛି । କାମ ନାହିଁ କିନ୍ତୁ ବିଲ୍ କରି ରାଜସ୍ୱ ଅର୍ଥ ହଡପ କରିବାରେ ଲୋକେ କେତେ ତତ୍ପର । ଏହାକୁ ନେଇ ଭରତାପୁର ସରପଞ୍ଚ ଙ୍କୁ ପଚାରିବାରୁ ତାହା ମୁଁ କରିନାହିଁ ପୂର୍ବରୁ ଯେଉଁ ସରପଞ୍ଚ ଥିଲେ ସେ କାମ କରିଛନ୍ତି କହି ଅଣଦେଖା କରିଛନ୍ତି । ଏଥି ପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଭରତାପୁର ଗ୍ରାମବାସୀ କହିଛନ୍ତି ।

## କଳାବଜାରୀଙ୍କ ଦ୍ୱାରା ଜର୍ଜରିତ ମାଲକାନଗିରି ଚାଷୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଚାଷୀ ସ୍ୱାବଲମ୍ବୀ ହେଲେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହେବ ଏ କଥାର ବାସ୍ତବତା ଯଦି ଖୋଜିବା ତା ହେଲେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭିନ୍ନ,କାରଣ ମାଲକାନଗିରି ଜିଲ୍ଲାର ଚାଷୀମାନେ ୟୁରିଆ ସାରର ଘୋର ଅଭାବର ସମ୍ମୁଖୀନ ହେଉଛନ୍ତି,ଗୋଟିଏ ପ୍ରକାର ଚାଷୀଙ୍କୁ ଅଣଦେଖା କରାଯାଉଛି କହିଲେ କିଛି ଭୁଲ ହେବନାହିଁ । ଯାହା ସେମାନଙ୍କର ଚାଷ କରାଯାଇଥିବା ଧାନ ଫସଲକୁ ବର୍ତ୍ତମାନ ସୁରକ୍ଷା ପାଇଁ ୟୁରିଆ ସାର ଅଭାବରୁ କୃଷି କାର୍ଯ୍ୟରେ ବାଧକ ସାଜିଛି । ସରକାରଙ୍କ ଦ୍ୱାରା ପ୍ରତି ବସ୍ତା ପିଛା ମୂଲ୍ୟ ୨୭୫ ଟଙ୍କା ସ୍ଥିର କରାଯାଇଥିଲେ ମଧ୍ୟ, କଳାବଜାରୀ ବ୍ୟବସାୟୀମାନେ ଏହାକୁ ୫୦୦ ରୁ ୬୦୦ ଟଙ୍କାରେ ବିକ୍ରି କରୁଛନ୍ତି ।ଚାଷୀମାନେ କହିଛନ୍ତି ଯେ



ସେମାନେ ଏହି ମହଙ୍ଗା ସାର କିଣିବାକୁ ବାଧ ହେଉଛନ୍ତି, କାରଣ ଏହା ବିନା ସେମାନଙ୍କର ଫସଲ ନଷ୍ଟ ହୋଇପାରେ ।ଯାହା କି ଚାଷୀ ମାନେ ଠିକ୍ ସମୟରେ ନିଜ ଧାନ ଚାଷ ଜମିରେ ସାର ମାରିବା ପାଇଁ ଦୋକାନକୁ ସାର କିଣିବାକୁ ଯାଇଥାନ୍ତି କିନ୍ତୁ ସେତେବେଳେ ଜାଣି ଶୁଣି ବ୍ୟବସାୟୀ ୟୁରିଆ ସାର ନାହିଁ ବୋଲି କୁହନ୍ତି ପରବର୍ତ୍ତୀ ସମୟରେ ସାର ଅଭାବର ସୁଯୋଗ ନେଇ କିଛି ବ୍ୟବସାୟୀ ଓ ଅଣ ବ୍ୟବସାୟି ଗୁପ୍ତ ଭାବରେ ୟୁରିଆ ସାର ବସ୍ତାକୁ ନିଜ ଘରେ ବା ଦୋକାନରେ ଲୁକ୍କାୟିତ ରଖି ଉଚ୍ଚ ମୂଲ୍ୟରେ ବିକ୍ରି କରୁଛନ୍ତି ।ଏହା ଚାଷୀଙ୍କ ଚାଷ ଖର୍ଚ୍ଚ ବୃଦ୍ଧି କରୁଛି ଏବଂ ସେମାନଙ୍କର ବିପୁଳ ଆର୍ଥିକ କ୍ଷତି ହେଉଛି ।ସ୍ଥାନୀୟ ପ୍ରଶାସନ ଏବଂ କୃଷି ବିଭାଗ ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ଚାଷୀମାନେ ଦାବି କରୁଛନ୍ତି ଯେ ସରକାରୀ ଦୋକାନ ଏବଂ ସମବାୟ ସମିତିରେ ୟୁରିଆର ଉପଲବ୍ଧତା ସୁନିଶ୍ଚିତ କରାଯିବା ଉଚିତ ଏବଂ କଳାବଜାରୀକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଯଦି ଏହି ସମସ୍ୟାର ସମାଧାନ ସମୟ ମଧ୍ୟରେ ନହୁଏ, ତେବେ ଆଗାମୀ ସମୟରେ ଚାଷୀଙ୍କ ଆର୍ଥିକ ଅବସ୍ଥା ଆହୁରି ଖରାପ ହୋଇପାରେ ବୋଲି ବୁଦ୍ଧିଜିବି ମାନେ ପ୍ରକାଶ କରିଛନ୍ତି ।



କଟକ(ଭାସ୍କର ନ୍ୟୁଜ୍): କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲରେ ଓଡିଶାର ଜଣେ ସୁନାମଧନ୍ୟ ମଞ୍ଚ, ଧାରାବାହିକ ଓ ଚଳଚିତ୍ର ଅଭିନେତ୍ରୀ ସୁଷମା ଛାଟୋଇଙ୍କ କର୍କଟ ରୋଗ ରେ ଆକ୍ରାନ୍ତ ହୋଇ ୬୫ ବର୍ଷ ବୟସରେ ଦେହାନ୍ତ ଘଟିଛି। ସ୍ୱର୍ଗତା ଛାଟୋଇଙ୍କ ଅମର ଆତ୍ମାର ସଦଗତି ଓ ଦିବଂଗତ ଆତ୍ମାର ସ୍ମୃତି ଚାରଣ ସଭା କଟକ ବାଙ୍କା ବଜାର ସ୍ଥିତ ଜନତା ରଙ୍ଗ ମଞ୍ଚ ଠାରେ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଅଭୟ କୁମାର ଦାସଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା ସରସ୍ୱତୀ ମଞ୍ଚ କଳାକାର ସଙ୍ଘ, କଟକ ଓ ସଂସ୍କୃତି କଳା ପରିଷଦ, ଓଡିଶା, ଚୌଦ୍ୱାରର କଟକ ଶାଖା ର ସମସ୍ତ ଅଭିନେତା ଓ ଅଭିନେତ୍ରୀ ମାନେ ଅଂଶ ଗ୍ରହଣ କରି ସ୍ୱର୍ଗତା ଛାଟୋଇଙ୍କୁ ନୀରବ ପ୍ରାଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ଦୁଇ ସଙ୍ଘର ସଭାପତି ଚିନ୍ମୟ ଛାଟୋଇ ଓ ସୁଶ୍ରୀ ଅମ୍ବିକା ଗ୍ରହଚାର୍ଯ୍ୟଙ୍କ ସହାୟତାରେ ଦିବଂଗତ ଅଭିନେତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।



## ଚୌଦ୍ୱାର କଲେଜର ୪୭ତମ ପ୍ରତିଷ୍ଠା ଦିବସ ପାଳିତ

# ମାନବିକ ମୂଲ୍ୟବୋଧର ବିକାଶ ଦିଗରେ ଛାତ୍ରଛାତ୍ରୀ ବ୍ରତୀ ହେବାକୁ ଆହ୍ୱାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଯେକୌଣସି ଶିକ୍ଷାନୁଷ୍ଠାନର ବିକାଶରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଅତୀତର ଅନୁଭୂତି ଓ ଅଭିଜ୍ଞତାକୁ ଆଧାର କରି ସେମାନେ ସେବା ମନ୍ତ୍ରରେ ଦୀକ୍ଷିତ ହେବା ସଂଗେସଂଗେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତି ସାଧନ ନିମନ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ଚୌଦ୍ୱାର କଲେଜର ୪୭ତମ ପ୍ରତିଷ୍ଠା ଦିବସ ସମାରୋହ ଗୋପବନ୍ଧୁ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ପକ୍ଷରୁ ଆୟୋଜିତ ଏହି ଭବ୍ୟ ସମାରୋହରେ ଅତିଥିମାନେ ମାନବିକ ମୂଲ୍ୟବୋଧର ବିକାଶ, ସମାଜସେବା ଓ ଆଦର୍ଶ ପ୍ରତିଷ୍ଠା ଦିଗରେ ଛାତ୍ରଛାତ୍ରୀ ବ୍ରତୀ ହେବାକୁ ଆହ୍ୱାନ ଜଣାଇଛନ୍ତି। ପୁରାତନ ଛାତ୍ରସଂସଦର ସଭାପତି ତଥା ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରସଂସଦ କଲେଜର ଏକ ଅବିଚ୍ଛେଦ୍ୟ ଅଙ୍ଗ ସଦୃଶ୍ୟ ଏବଂ କଲେଜର ସାମୂହିକ ବିକାଶରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି ବୋଲି କହିଥିଲେ। ସମାରୋହରେ ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଶ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ, ଅବସରପ୍ରାପ୍ତ ସି.ଆର.ପି.ଏଫ୍. ଆଇ.ଜି. ତ୍ରୈଲୋକ୍ୟନାଥ ଖୁଣ୍ଟିଆ, ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ର ସଂସଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷା ଶ୍ରୀମତୀ ରାଉତରାୟ କଲେଜର ବିଭିନ୍ନ ସମସ୍ୟା ଓ ଅଭାବ ଅସୁବିଧା ପ୍ରତି ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ କେଶବ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲା ବେଳେ ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ସାହୁ, ରବୀନ୍ଦ୍ର କୁମାର ମହାପାତ୍ର, ରେଣୁବାଳା ସ୍ୱାଇଁ ପ୍ରମୁଖ କଲେଜର ପ୍ରତିଷ୍ଠା ଦିଗରେ ସ୍ୱର୍ଗତ ରାଜକିଶୋର ରାମଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଲେଜର ପ୍ରଥମ ବ୍ୟାଚ୍ (୧୯୭୮) ଛାତ୍ରୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅଞ୍ଜନା ସ୍ୱାଇଁ, ସମାଜସେବା ପାଇଁ ବିଶିଷ୍ଟ ଉଦ୍ୟୋଗୀ ବିବେକାନନ୍ଦ ବେହେରା (୧୯୭୯) ଓ ଅଞ୍ଜନ ଜେନା, ଦେଶର ସୁରକ୍ଷା କ୍ଷେତ୍ରରେ ଅବଦାନ ପାଇଁ ଅବସରପ୍ରାପ୍ତ ଆଇ.ଜି. ସିଆରପିଏଫ୍ ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଓ ପୋଲିସ୍ ସେବାରେ ସଫଳତା ପାଇଁ ମିନାକ୍ଷୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଲେଜର ବିଭିନ୍ନ ବର୍ଗର କୃତି ଶିକ୍ଷାର୍ଥୀଙ୍କୁ ମଧ୍ୟ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମାରୋହ ପୂର୍ବରୁ କଲେଜର ପ୍ରାଣ ପ୍ରତିଷ୍ଠାତା ରାଜକିଶୋର ରାମଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ସହ କଲେଜ ପରିସରରେ ବୃକ୍ଷରୋପଣ କରିଥିଲେ। ସଭା ଶେଷରେ ପୁରାତନ ଛାତ୍ର ସଂସଦର ସକ୍ରିୟ ସଦସ୍ୟ ତଥା ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ବେହେରା, ଝୁଲେନ୍ଦ୍ର ନାୟକ, ମୁରଲୀଧର ବେହୁରା, କବିତା ପରିଡ଼ା, ଅମିତା ଦାସ, ବିଚିତ୍ରାନନ୍ଦ ସାହୁ, ଗଙ୍ଗାଧର ସାହୁ, ଶ୍ରୀନିବାସ ସାହୁ, ପ୍ରମୋଦ ଓଝା, ହରିହର ପରିଡ଼ା ପ୍ରମୁଖ ବହୁ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଏଥିରେ ଯୋଗଦେଇଥିଲେ।

# ରଥଯାତ୍ରାରେ ଭରସାଯୋଗ୍ୟ ବିଦ୍ୟୁତ୍ ସରବରାହ ପାଇଁ ଟିପିସିଓଡିଏଲ ସମ୍ମାନିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପୁରୀରେ ଅନୁଷ୍ଠିତ ପବିତ୍ର ରଥଯାତ୍ରା ୨୦୨୫ରେ ଭରସାଯୋଗ୍ୟ ବିଦ୍ୟୁତ୍ ସରବରାହ ସୁନିଶ୍ଚିତ କରି 'ରଥସେବା ସମ୍ମାନ ୨୦୨୫'ରେ ସମ୍ମାନିତ ହୋଇଛି। ପୁରୀର ସାଂସଦ ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଏବଂ ନାଗରିକ ପ୍ରତିନିଧିମାନେ ମହାପ୍ରଭୁ ଜଗନ୍ନାଥଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପର୍ବରେ ଟିପିସିଓଡିଏଲର ଅବିଶ୍ରାନ୍ତ ପ୍ରୟାସକୁ ପ୍ରଶଂସା କରିବା ସହ ଏହି ସମ୍ମାନ ପ୍ରଦାନ କରିଥିଲେ। ଟିପିସିଓଡିଏଲର ପୁରୀ ଡିଭିଜନାଲ ମ୍ୟାନେଜର ଶ୍ରୀ ସ୍ମୃତିରଞ୍ଜନ ସ୍ୱାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ' ସାଂସଦ ଏବଂ ପୁରୀ ବାସୀଙ୍କ ପକ୍ଷରୁ ଦିଆଯାଇଥିବା ଏହି ସମ୍ମାନ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏହା ଆମ ଟିମର ଅବଦାନକୁ ପ୍ରତିଫଳିତ କରୁଛି ଯେଉଁମାନେ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଭାରସାଯୋଗ୍ୟ ଅନୁଭୂତି ନିଶ୍ଚିତ କରିବା ପାଇଁ ଦିନରାତି କାର୍ଯ୍ୟ କରିଥିଲେ। ପବିତ୍ର ପୁରୀ ସହର ଏବଂ ଏଠାକାର ଲୋକମାନଙ୍କୁ ସେବା ପ୍ରଦାନ କରିଥିବାରୁ ଆମେ ଗର୍ବିତ।''

## ମଇଁଷି ପିଛା ୧ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚିଙ୍ଗୁଡ଼ି ମାଫିଆ ନଈପାଣିରେ ବିଷ ମିଶେଇ ମାଛ ମାରୁଥିବା ଯୋଗୁଁ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଏକମାଣିଆ ଗ୍ରାମର ତିନୋଟି ମଇଁଷି ରଖୁଆଳ ପରିବାରର ୭୩ଟି ମଇଁଷିଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିଛି । ଏକକାଳୀନ ୭୩ଟି ମଇଁଷିର ମୃତ୍ୟୁ କେବଳ ଦୁଃଖଦାୟକ ନୁହେଁ, ବେଦନା ଦାୟକ ମଧ୍ୟ ଏବଂ ଓଡ଼ିଶା ଇତିହାସରେ ପ୍ରଥମ । ଏହି ମଇଁଷି ମୃତ୍ୟ ଯୋଗୁଁ ତିନୋଟି ପରିବାର ନିଜର ଜୀବନ ଜୀବିକା ହରାଇ ସର୍ବସ୍ୱାନ୍ତ ହୋଇଯାଇଛନ୍ତି ବୋଲି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଭିଯୋଗ କରିବା ସହିତ ମଇଁଷି ପିଛା ୧ ଲକ୍ଷ ଟଙ୍କା କରି ମୋଟ୍ ୭୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ମହାସଂଘର ସଭାପତି ରବି ବେହେରା ଏକ ଚିଠି ଲେଖି କ୍ଷତିପୂରଣ ଦାବି କରିଛନ୍ତି । ଆଗାମୀ ବିଧାନସଭା ଅଧିବେଶନ ସମୟରେ ନଇ, ନାଳରେ ବିଷ ମିଶେଇ ପରିବେଶ ପ୍ରଦୂଷଣ କରୁଥିବା ଓ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ହେଉଥିବା ମାଫିଆଙ୍କ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଆଇନ୍ ଆଣିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି ।


## AFFIDAVIT

By virtue of an affidavit sworn before the Executive Magistrate, Khordha, on dt.05.08.2025. I, Tuni Dalei. W/o- Sharat Chandra Dalei, At-Bhabanipur, Po-Arikama, Ps-Bolagarh, Dist-Khordha have declared that after my marriage with Sharat Chandra Dalei I am known as Tuni Dalei, but before marriage my name was Parbati Rout. Tuni Dalei and Parbati Rout is one and same person.Henceforth, I shall be known as Tuni Dalei for all purposes.

Tuni Dalei

## ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ର ଡିଭିଜନାଲ ରେଳ ମ୍ୟାନେଜର (ଇଞ୍ଜିନିୟରିଂ)ଙ୍କ ଦ୍ୱାରା ଉଲ୍ଲେଖିତ ତାରିଖରେ ୧୫:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି ଏବଂ ଏହା ୧୫:୩୦ ଘଣ୍ଟାରେ ଖୋଲାଯିବ। କ୍ରମିକ ନଂ.: ୧; ଟେଣ୍ଡର ନଂ.: ଇ-କେଜିପିଡବ୍ଲୁ-ଡିଇଏନ୍-୦୮-୨୦୨୫; କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲୁଏସ୍‌ପି/କେଜିପିଡବ୍ଲୁଙ୍କ ଅଧିକାର କ୍ଷେତ୍ର ଅଧୀନରେ ଖଡ଼ଗପୁର କାରଖାନାରେ କ୍ୟାରେଜ୍ ଲିଫ୍ଟିଂ ଦୋକାନର କ୍ଷମତା ଏବଂ କୋଟିଂ ଷ୍ଟକ୍ ରକ୍ଷଣାବେକ୍ଷଣ ପାଇଁ ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତିକରଣ। ଟେଣ୍ଡର ମୂଲ୍ୟ: ଟ.୪,୨୯,୩୦,୩୩୮.୮୮; ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୩,୬୪,୭୦୦.୦୦; ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ଟ.୦.୦; ଖୋଲିବାର ତାରିଖ: ୦୪.୦୯.୨୦୨୫; କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ। ବିଡ୍ ଆରମ୍ଭ ତାରିଖ: କ୍ରମାଙ୍କ ସଂଖ୍ୟା: ୧ ପାଇଁ, ୨୧.୦୮.୨୦୨୫ ରୁ ଏବଂ ୦୪/୦୯/୨୦୨୫ ତାରିଖ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ। (PR-528)

## AFFIDAVIT

By virtue of an affidavit sworn before the Executive Magistrate, Kakatpur, dated: 05.08.2025, I Reena Mallick, Address: At-Mahadebbasta, Po-Mahadebbasta, Ps-Kakatpur, Dist- Puri, Odisha, PIN-752107, declare that I have changed my name from Reena Biswal to Reena Mallick. Henceforth, I shall be known as Reena Mallick for all purposes.

Sd/- Reena Mallick

## ପୌରପାଳିକା, ନବରଙ୍ଗପୁର

C-912

### OFFICE OF THE MUNICIPALITY, NABARANGPUR

NABARANGPUR (ODISHA), PIN-764059
TEL / FAX NO-06858-222031, E-mail-municipalityngpr@gmail.com

### Quotation Call Notice

No. 3489 Date- 18.08.2025

Nabarangpur Municipality is seeking sealed quotations from reputable suppliers/ dealers/firms for the supply and installation of various materials, **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter ,3D acrylic or stainless-steel letters with lights, Wire, Light and Barbed Wire etc..** All details are listed in the quotation document. The quotations must be submitted to the office of the Executive Officer of Nabarangpur Municipality during office hours on all working days until **29.08.2025 at 1:00 PM** from the date of publication. Any quotations received after the due date will not be considered. The quotations will be opened on **29.08.2025 at 4:00 PM** in the presence of the quoters or their authorized agents. A refundable **Earnest Money Deposit** (EMD) of **Rs. 10,000/-** in the form of a Bank Draft or Banker's Cheque made out to the **Executive Officer, Nabarangpur Municipality** must be submitted along with the quotations. Quotations lacking valid documentation are subject to rejection.

The quotation/tender document contains essential bid Technical and Financial information, along with terms and conditions for the procurement of **Mahatma Gandhi Statue, Vertical Garden Pots, Plants, Automatic Irrigation system, Acrylic letter, 3D acrylic or stainless-steel letters with lights, Wire, Light and Barbed Wire** . All the necessary details are outlined in the quotation document, which will be available for purchase on any working day during office hours (10 AM to 4 PM) from **August 19, 2025, to August 29, 2025**, at Nabarangpur Municipality. The cost of the document is **Rs. 5,000.00**.

The authority reserves the right to accept or reject any or all the Tender without assigning any reason thereof.

OIPR 13065/11/0023/2526

Sd/-Executive Officer
Nabarangpur Municipality.


## ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଝାରସୁଗୁଡା ବିଧାୟକଙ୍କ ଆଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରସୁଗୁଡା ସହରର ସର୍ବାଙ୍ଗୀନ ବିକାଶ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସହ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆଲୋଚନା କରିଛନ୍ତି । ଝାରସୁଗୁଡାକୁ ଏକ ଅତ୍ୟାଧୁନିକ ସହର କରିବା ପାଇଁ ସବୁଜ ସୁନ୍ଦର ଝାରସୁଗୁଡା ଗଠନ କରିବା ଆଲୋଚନା ହୋଇଛି । ଆଲୋଚନା ପରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ମ୍ୟୁନିସପାଲିଟି ତରଫରୁ ଯାହା ଯାହା ଦାବି ଜଣାଇଲୁ ତାହାକୁ ମନ୍ତ୍ରୀ ଅନୁମୋଦନ କଲେ । ଅର୍ଥ ବ୍ୟୟ ବରାଦ ମଧ କଲେ। ଝାରସୁଗୁଡା ସହରକୁ ଆଗାମୀ ୫୦ ବର୍ଷ ପାଇଁ କିପରି ବ୍ୟାପକ ଟାଉନ ପ୍ଲାନ ସହ ସୁନ୍ଦର ସହର ଗଠନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ମନ୍ତ୍ରୀ ଓ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହି ଉନ୍ନତି ଭବନରେ ଆଲୋଚନା ହୋଇଛି। ଝାରସୁଗୁଡାରେ ଓଡ଼ିଶାର ଦ୍ୱିତୀୟ ବିମାନ ବନ୍ଦରର ଉନ୍ନତି ହେବାକୁ ଯାଉଛି । ତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ବଡ ସହର ଭାବରେ ପରିଗଣିତ କରିବା ପାଇଁ ଯାହା ଯାହା ଆବଶ୍ୟକ ସେନେଇ ଆଲୋଚନା ହୋଇଛି।


## AFFIDAVIT

By virtue of an affidavit sworn before the Executive magistrate tentulikhunnti Dtd : 04/ 08.2025 I SAPAN BAGH S/O BIJAIDAN BAGH ,permanent resident of village / po- kamta ,ps Tentulikhunti dist- nabarangpur , declare that I have changed my minor doughter s name from ARYA BAGH to YAMIRANI BAGH Hence forth she shall be know as YAMIRANI BAGH for all records deeds and writing in all proceeding ,dealing and transaction private as well as public and upon all occasions whatsoever ,use and sign her name of YAMIRANI BAGH instead of ARYA BAGH .

Sd- SAPAN BAGH

## NOTICE

By virtue of an affidavit No.15, sworn before Executive Magistrate, Bhubaneswar, dated: 25.08.2025, I Swarnalata Raul, W/o- Purna Chandra Panda, permanent resident of vill- Purusandha, Po- Rench, Ps. Nimapara, Dist- Puri, Odisha, PIN-752114, declare that I have change my name from Swarna Lata Panda to Swarnalata Raul. Henceforth, I shall be known as Swarnalata Raul for all purposes.

Sd/- Swarnalata Raul

## AFFIDAVIT

By virtue of an affidavit sworn before the Executive Magistrate, Nayagarh, dated: 03.04.2025, I Kalyani Pradhan, Address: At-Padmadeipur, Po-Padmadeipur, Ps-Sarankul, Dist- Nayagarh, Odisha, PIN-752070, declare that I have changed my son's name from Ayush Kumar Pradhan to Shantanu Kumar Pradhan. Henceforth, He shall be known as Shantanu Kumar Pradhan for all purposes.

Sd/- Kalyani Pradhan

## AFFIDAVIT

By virtue of an affidavit sworn before the Executive Magistrate, Telkoi, Keonjhar, dated: 2.08.2025, I Naran Munda, Address: At-Katarapali, Po- Oriya, Ps-Telkoi, Dist- Keonjhar, Odisha, PIN-758019, declare that I have changed my name from Sardar Munda to Naran Munda. Henceforth, I shall be known as Naran Munda for all purposes.

Sd/- Naran Munda

## कार्यपालक अभियंता का कार्यालय
## भवन निर्माण विभाग,
## भवन प्रमंडल सं0–2, राँची

### शुद्धि –पत्र

एतद् द्वारा भवन निर्माण विभाग के संबन्धित श्रेणी में निबन्धित संवेदकों को सूचित किया जाता है, कि इस कार्यालय का निविदा संख्या–05/2025-26/EE/BCD/DIV-2,RANCHI जिसका P.R. No. 359614 Building (25-26):D है जिसमें UCAN Registration Mandatory को विलोपित किया जाता है।

शेष शर्त यथावत् रहेगी।

कार्यपालक अभियन्ता,
भवन निर्माण विभाग,
भवन प्रमंडल सं0–2, राँची

PR 359721 (Building)25-26*D

## OFFICE OF THE DG & IG OF POLICE, DHURWA, RANCHI-834004

### Corrigendum Notice

With reference to advertisement ID - 348093 under PR No. 358728 / (Police) 2025-26 regarding **High Quality 12 Volt Battery – 14 Nos.** Tender No – 10 / 2025-26 by Police Headquarters following modification have been made:-

1. The last date for submission of Tender Document is amended as 25.08.2025 by 16:00 hrs.
2. Opening of the tender paper is amended as 29.08.2025 by 12:00 hrs.
3. Other terms and conditions remain unchanged.

I.G. of Police (Provision),
Jharkhand, Ranchi.

PR 359758 (Police)25-26*D

### Corrigendum Notice

## OFFICE OF THE DG & IG OF POLICE, DHURWA, RANCHI-834004

With reference to advertisement ID-348100 under PR No. 358735 / (Police) 2025-26 regarding **Prodder Metallic / Non-Metallic – 25 Nos.** Tender No – 12 / 2025-26 by Police Headquarters following modification have been made:-

1. The last date for submission of Tender Document is amended as 25.08.2025 by 16:00 hrs.
2. Opening of the tender paper is amended as 29.08.2025 by 12:00 hrs.
3. Other terms and conditions remain unchanged.

I.G. of Police (Provision),
Jharkhand, Ranchi.

PR 359764 Police(25-26)D

## JHARIA REHABILITATION AND DEVELOPMENT AUTHORITY, DHANBAD

### e-Procurement Notice

**Tender Reference No: JRDA/CIVIL/ 25-26/09/513 Date:24.07.2025**

| | | |
|---|---|---|
| 1. | Name of Work | Strengthening of road and laying Paver Blocks at Phase 2 and Phase 3 at Belgoria, Dhanbad |
| 2. | Estimated Cost | Rs. 2,35,10,640.00 |
| 3. | EMD | Rs. 4,70,00.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 04 months |
| 6. | Date/Time from which bid is available for online bidding | 14.08.2025 at 03:00 PM |
| 7. | Last Date/Time for on-line submission of bids | 28.08.2025 at 05:00 PM |
| 8. | Date and Time of Bid Opening | 30.08.2025 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More, Golf Ground Road, Hirapur, Dhanbad -826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in

Head of Department (Civil),
JRDA, Dhanbad

PR 359713 (Rural Development)25-26*D


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋତେ ଦେଖିବାକୁ...

ମେଡ଼ିକାଲ ବୁଲେଟିନକୁ ଅପେକ୍ଷା କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସମ୍ଭବତଃ ମଙ୍ଗଳବାର ସକାଳୁ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବେ ବୋଲି ସୂଚନା ଦିଆଯାଇଛି। ଏଥିପୂର୍ବରୁ ଶ୍ରୀ ପଟ୍ଟନାୟକ ମୁମ୍ବାଇର କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ନିଜର ଅସ୍ତ୍ରୋପଚାର କରାଇଥିଲେ।

## ସେପ୍ଟେମ୍ବରରୁ...

ତୀବ୍ରରୂପ ଧାରଣ କରିଛି। ଏହାକୁ ନେଇ ଦେଶର ରାଜନୀତି ମଧ୍ୟ ସରଗରମ ହୋଇ ଉଠିଛି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବା ସହ ବିହାରରୁ ରବିବାରଠାରୁ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଛନ୍ତି।

## ନବୀନଙ୍କ ସହ...

ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରୁ ଜୁଲାଇ ପର୍ଯ୍ୟନ୍ତ ତେଲଙ୍ଗାନାର ରାଜ୍ୟପାଳ ଏବଂ ମାର୍ଚ୍ଚରୁ ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ ପୁଡୁଚେରୀର ଉପରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୧୯୯୮ ଓ ୧୯୯୯ରେ ସେ କୋଏମ୍ବାଟୁର ସଂସଦୀୟ କ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଭାରତୀୟ ଜନସଂଘରୁ ସେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ।

## ମୁଖ୍ୟମନ୍ତ୍ରୀ ବାୟୁ...

କାର୍ଡିଓଲୋଜି ଆଭାଂଶ ଟଙ୍କ, ନେଫ୍ରୋଲୋଜି ବିଶେଷଜ୍ଞ ଧୀରଜ କୁମାର ଲେଙ୍କା, ଡାକ୍ତର ସଂଘମିତ୍ରା ସାହୁ, ସୀତାକାନ୍ତ ପଣ୍ଡା, ରାକେଶ ମହାନ୍ତି ଓ ରାଜକୁମାର ମହାପାତ୍ର ପ୍ରମୁଖ ସେବା ଯୋଗାଇଥିଲେ। ଉପାନ୍ତ ଅଞ୍ଚଳର ଲୋକଙ୍କ ପାଇଁ ଏହି ସେବା ସଞ୍ଜିବନୀ ପାଲଟିଛି ବୋଲି ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି। ସୂଚନାଯୋଗ୍ୟ ଯେ ମାଲକାନଗିରି ଭଳି ପଛୁଆ ଜିଲ୍ଲାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଲୋକଙ୍କୁ ଯୋଗାଇବାପାଇଁ ପୂର୍ବ ସରକାର ଏହି ସ୍ୱାସ୍ଥ୍ୟସେବା ଆରମ୍ଭ କରିଥିଲେ। ଏହି ଯୋଜନା ଦ୍ୱାରା ମାଲକାନଗିରି ଜିଲ୍ଲା ଏବଂ ଏହାର ଆଖପାଖ ଅଞ୍ଚଳର ଗୁରୁତର ରୋଗୀଙ୍କୁ ଜିଲ୍ଲା ସଦର ହସ୍ପିଟାଲରେ ହିଁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିଲା। ରୋଗୀଙ୍କ ପାଇଁ ଏହି ସେବା ବରଦାନ ପାଲଟିଥିଲା। ତେବେ ଏହା ବନ୍ଦ ହୋଇଯାଇଥିବାବେଳେ ପୁଣିଥରେ ସୋମବାରଠାରୁ ଆରମ୍ଭ ହୋଇଛି। ପୂର୍ବରୁ ଏହି ଯୋଜନାରେ ବିଶେଷଜ୍ଞ ଡାକ୍ତରମାନେ ସ୍ୱତନ୍ତ୍ର ବିମାନଯୋଗେ ଜିଲ୍ଲାକୁ ଆସି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିଲେ। ମୋଟ ୫୪୧ ଜଣ ରୋଗୀ ଏହି ସେବାରୁ ଉପକୃତ ହୋଇଥିଲେ। ତେବେ ଏହିସେବା ପୁଣିଥରେ ଆରମ୍ଭ ହୋଇଥିବାରୁ ମାଲକାନଗିରିବାସୀ ଖୁସି ପ୍ରକଟ କରିଛନ୍ତି।

## ପ୍ରବଳ ବର୍ଷା...

ରାଜ୍ୟରେ ପବନ ପ୍ରବାହିତ ହେଉଥିବାବେଳେ ଆଗକୁ ଆରବ ସାଗରରୁ ପବନ ପ୍ରବାହିତ ହେବ। ଏହାର ପ୍ରଭାବରେ ବର୍ଷାର ମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ସେହିପରି ୨୪ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି। ବର୍ଷା ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାପାଇଁ ବାରଣ କରାଯାଇଛି। ଅନ୍ୟପକ୍ଷରେ ଲାଗି ରହିଥିବା ବର୍ଷାରେ ମାଲକାନଗିରି ବିମାନବନ୍ଦର ପାଚେରୀ ଭୁଶୁଡ଼ି ପଡ଼ିଛି। କିଛିଦିନ ତଳେ ଏହି ପାଚେରୀ ଭୁଶୁଡ଼ି ୨ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଲଗାଣ ବର୍ଷାରେ କୋରାପୁଟର ଅବସ୍ଥା ବେହାଲ ହୋଇପଡ଼ିଛି। ଭୂସ୍ଖଳନ ଯୋଗୁ ରାସ୍ତା ଅବରୋଧ ହୋଇଥିବା ଖବର ମିଳିଛି। ବସ୍ ଚଳାଚଳ କରୁନଥିବାରୁ ଲୋକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।


## ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍

MANAPPURAM HOME FINANCE LTD.

ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୧୨୦୧୦ପିଆଇସି୦୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ୍, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

### ଡିମାଣ୍ଡ ନୋଟିସ୍

ଯେହେତୁ ପ୍ରାଧିକୃତ ଅଧିକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ ଯାହାର ରେଜିଷ୍ଟ୍ରର ଅଫିସ ୪/୪୭୦ଏ (ପୁରୁଣା) ଡବ୍ଲୁ୬୩୮ଏ (ନୂଆ) ମନପୁରମ ହାଉସ୍ ଭଲପାର, ତ୍ରିଶୂର, କେରଳ ୬୮୦୫୬୭ ଏବଂ ଯାହାର ଶାଖାଗୁଡ଼ିକ ଭାରତର ବିଭିନ୍ନ ସ୍ଥାନରେ ରହିଛି (ପରବର୍ତ୍ତୀ ପର୍ଯ୍ୟାୟରେ ମାହୋଫିନ୍ ନାମରେ ପରିଚିତ, ଯାହାକି କମ୍ପାନୀ ରେଜିଷ୍ଟ୍ରର ଆଇନ ୧୯୫୬ ଅନୁଯାୟୀ ପଞ୍ଜିକୃତ ଏବଂ ଏକ ଆର୍ଥିକ ଅନୁଷ୍ଠାନ ଯାହା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ର ଉପଧାରା (୧) ଅନୁଯାୟୀ (ପରବର୍ତ୍ତୀ ପର୍ଯ୍ୟାୟରେ ଆଇନଭୁକ୍ତ) ବିଜ୍ଞପ୍ତି ନଂ ଏସଓ୩୪୬୬(ଇ) ତାରିଖ: ୧୮ ଡିସେମ୍ବର ୨୦୧୫, ଯାହାକି ଅର୍ଥ ମନ୍ତ୍ରଣାଳୟ, ନୂଆଦିଲ୍ଲୀଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ । ଏହି ସଂସ୍ଥା ନିର୍ମାଣ କ୍ଷେତ୍ରରେ ଏବଂ ଘର ପର୍ଚେଜ କ୍ଷେତ୍ରରେ କାର୍ଯ୍ୟ କରୁଅଛି। ସେହି ଅନୁଷ୍ଠାନ ପକ୍ଷରୁ କଲମ ୨ରେ ଦିଆଯାଇଥିବା ଋଣଗ୍ରହୀତା/ସହଗ୍ରହୀତାଙ୍କୁ ସର୍ଫେସେଇ ଆକ୍ଟ ଅନୁଯାୟୀ ସିକ୍ୟୁଓର୍ଡ କ୍ରେଡିଟର ଭାଗେ ଗ୍ରହଣ କରାଯାଇଛି। କମ୍ପାନୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ରୁଲ୍ ୨ର ଉପଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ ଡିମାଣ୍ଡ ନୋଟିସ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଏହି ନୋଟିସ୍‌ଗୁଡ଼ିକ ପ୍ରଦାନ କରାଯାଇପାରି ନଥିଲା। ତେଣୁ ଏହି ଉଦ୍ଦେଶ୍ୟରେ ସେହି ଋଣଗ୍ରହୀତାଙ୍କୁ ଏହି ନୋଟିସ ମାଧ୍ୟମରେ ଋଣ ପରିଶୋଧ ପାଇଁ ପରାମର୍ଶ ଦିଆଯାଇଛି।

| କ୍ର ନଂ | ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ/ଶାଖା | ଯେଉଁ ଉଦ୍ଦେଶ୍ୟରେ ଏହା ଉଲ୍ଲେଖ କରାଯାଇଛି ତାହା ବନ୍ଧକ ରହିଥିବା ସମ୍ପତ୍ତିର ବିବରଣୀ | ଏନପିଏ ତାରିଖ | ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ |
|---|---|---|---|---|
| ୧ | ମଞ୍ଜୁଲତା ଦାସ, ରବିନ୍ଦ୍ର ଦାସ, ଶିକାରୀ ଦାସ/ ଏମ୍‌ଏଚ୍‌ଏଲ୦୦୭୬୦୦୧୮୬୦୬ ଭଦ୍ରକ | ମ୍ୟୁଟେସନ ଆରଓଆର ନଂ ୧୧୬୯/୧୩୬୯, ପ୍ଲଟ ନଂ ୩୧୬୦, ଏରିଆ: ଏ.୦.୧୦୦ ଡିସିମିଲ, ଗ୍ରାମ- ଅଧୁଆନ, ପିଏସ୍- ବାସୁଦେବପୁର, ପିଏସ୍ ନଂ ୨୮, ଜିଲ୍ଲା- ଭଦ୍ରକ, ତହସିଲ- ବାସୁଦେବପୁର, ଓଡ଼ିଶା-୭୫୬୧୨୫, ପୂର୍ବ- ସର୍ବସାଧାରଣ ରାସ୍ତା, ପଶ୍ଚିମ- ଇଜିମାଇଲ ପୋଖରୀ, ଦକ୍ଷିଣ- ଗୋପାଳ ମାଝୀ, ଉତ୍ତର- ଦୋଳଗୋବିନ୍ଦ ମଲ୍ଲିକ | ୧୪.୦୭.୨୦୨୫ | ୧୬.୦୭.୨୦୨୫ ଏବଂ ଟ. ୨,୩୮,୬୬୮/- |

ଏତଦ୍ୱାରା ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କୁ ଏହି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ କରିବା ପାଇଁ ପରାମର୍ଶ ଦିଆଯାଉଛି। ଯଦି ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତା ସମସ୍ତ ଋଣ ଓ ସୁଧ ତଥା ପରବର୍ତ୍ତୀ ସୁଧ ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ମୋହଫିନ୍ ଧାରା ୧୩(୪) ଅନୁଯାୟୀ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନେବେ। ତେଣୁ ସମସ୍ତ ଋଣ, ସୁଧ ଏବଂ ଅନ୍ୟାନ୍ୟ ସର୍ତ୍ତ ସହ କମ୍ପାନୀ ବନ୍ଧକ ଥିବା ସମ୍ପତ୍ତିକୁ ବିକ୍ରିକରି ବା ନିଲାମ କରି ଆଦାୟ କରିପାରିବ, ଯାହାକି ସର୍ଫେସାଇ ଆକ୍ଟର ଧାରା ୧୩(୮) ଅନୁଯାୟୀ ପ୍ରଯୁଜ୍ୟ।

ସର୍ଫେସାଇ ଆକ୍ଟର ଏସ୍-୧୩ (୧୩) ଅନୁଯାୟୀ ବନ୍ଧକ ଥିବା ସମ୍ପତ୍ତିକୁ କୌଣସି ଉପାୟରେ ବିକ୍ରି, ଲିଜ୍ କିମ୍ବା ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ।

ତାରିଖ: ୧୯.୦୮.୨୦୨୫, ସ୍ଥାନ: ଓଡ଼ିଶା — ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ

## ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍

IDFC FIRST Bank

(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

### ଆପେଣ୍ଡିକ୍ସ ୫ (ରୁଲ୍ ୮(୧)
### ପଜେସନ ନୋଟିସ
### (ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୦.୦୫.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ଲିପନ ସୁନ୍ଦରା,୨. ଦୁର୍ଗ୍ଗା ସୁନ୍ଦରା,** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୫,୯୫,୩୦୦.୩୨/-** (ପାଞ୍ଚଲକ୍ଷ ପଞ୍ଚାନବେ ହଜାର ତିନିଶହ ଏବଂ ବତିଶି ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୦୯.୦୫.୨୦୨୪** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୩ ଅଗଷ୍ଟ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୫,୯୫,୩୦୦.୩୨/-** (ପାଞ୍ଚଲକ୍ଷ ପଞ୍ଚାନବେ ହଜାର ତିନିଶହ ଏବଂ ବତିଶି ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

**ବନ୍ଧକ ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଖାତା ନଂ ୭୯୯/୪୩୮, ପ୍ଲଟ ନଂ ୧୨୩୦/୨୫୬୮, ଏରିଆ ଏସି.୦.୦୧୧୭ ଡିସିମିଲ, ମୌଜା ଅବସ୍ଥିତି: ବ୍ରହ୍ମଗିରି, ଏସଆରଓ/ ତହସିଲ- ବ୍ରହ୍ମଗିରି, ଜିଲ୍ଲା- ପୁରୀ, ଓଡ଼ିଶା-୭୫୨୦୧୧, ଏବଂ ବାଉଣ୍ଡରୀ: ପୂର୍ବ- ଜଟାଧାରୀ ସୁନ୍ଦରା, ପଶ୍ଚିମ- ବିମଳ ସୁନ୍ଦରା, ଉତ୍ତର- କ୍ରେତା, ଦକ୍ଷିଣ- ରାସ୍ତା।

ତାରିଖ : ୧୩.୦୮.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୧୦୩୮୭୩୮୯୧

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)



ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେନା ପ୍ରଶିକ୍ଷଣ ସମୟରେ ଆଘାତ ବା ଅକ୍ଷମତା ହେଉଥିବା କ୍ୟାଡେଟମାନଙ୍କୁ ବୀମା ସୁରକ୍ଷା ଯୋଗାଇ ଦିଆଯାଉ। ଜଷ୍ଟିସ ବି. ଭି. ନାଗରତ୍ନା ଓ ଆର. ମହାଦେବନଙ୍କ ବେଞ୍ଚ କହିଛନ୍ତି, 'ଆମେ ଚାହୁଁଛୁ ଏହି ସାହସୀ କ୍ୟାଡେଟମାନେ ସେନାରେ ଯୋଗଦେଉ। ଆଘାତ ବା ଅକ୍ଷମତା ସେମାନଙ୍କ ପାଇଁ ବାଧକ ହେବା ଉଚିତ ନୁହେଁ।' ଏହି ମାମଲାରେ ସୁପ୍ରିମକୋର୍ଟ ନିଜ ଆଡ଼ୁ ସଂଜ୍ଞାନ ନେଇ କେନ୍ଦ୍ର ଓ ପ୍ରତିରକ୍ଷା ବିଭାଗଙ୍କ ନିକଟରୁ ସେପ୍ଟେମ୍ବର ୪ ସୁଦ୍ଧା ଉତ୍ତର ମାଗିଛନ୍ତି। କୋର୍ଟ ପ୍ରଶିକ୍ଷଣରେ ଅକ୍ଷମ ହୋଇଥିବା କ୍ୟାଡେଟମାନଙ୍କ ପାଇଁ ଗ୍ରୁପ ବୀମା ଯୋଜନା, ବର୍ତ୍ତମାନର ୪୦,୦୦୦ ଟଙ୍କାର ଏକକାଳୀନ ଅନୁକମ୍ପା ରାଶି ବୃଦ୍ଧି ଏବଂ ପୁନର୍ବାସନ ଯୋଜନା ଅନୁସନ୍ଧାନ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି।

## ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସହିତ କଥା ହୋଇଛନ୍ତି। ଏହା ଦେଶ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା। ସାକ୍ଷାତ ସମୟରେ, ଦୁହେଁ ମହାକାଶରେ ଶ୍ରୀ ଶୁକ୍ଲାଙ୍କ ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତର ଅଗ୍ରଗତି ଏବଂ ଦେଶର ମହତ୍ୱାକାଂକ୍ଷୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ-ଗଗନଯାନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି: 'ଶୁଭାଂଶୁ ଶୁକ୍ଲାଙ୍କ ସହ ବହୁତ ଭଲ ଆଲୋଚନା ହୋଇଛି। ଆମେ ମହାକାଶରେ ତାଙ୍କର ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ପ୍ରଗତି ଏବଂ ଭାରତର ମହତ୍ୱାକାଂକ୍ଷୀ ଗଗନଯାନ ମିଶନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲୁ। ଭାରତ ତାଙ୍କ ସଫଳତା ପାଇଁ ଗର୍ବିତ।'

## ପୁଟିନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଠାରୁ ଟେଲିଫୋନ୍ କଲ୍ ପାଇ ତାଙ୍କ ସହିତ କଥା ହୋଇଛନ୍ତି। ରାଷ୍ଟ୍ରପତି ପୁଟିନ୍ ଗତ ସପ୍ତାହରେ ଆଲାସ୍କାଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ତାଙ୍କର ସାକ୍ଷାତ ସମ୍ପର୍କରେ ନିଜର ଆକଳନ ବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ରାଷ୍ଟ୍ରପତି ପୁଟିନଙ୍କୁ ଧନ୍ୟବାଦ ଜଣାଇବା ସହିତ କୂଟନୀତି ଏବଂ ଆଲୋଚନା ଜରିଆରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତର ସ୍ଥିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏ ଦିଗରେ ସବୁପ୍ରକାର ପ୍ରୟାସକୁ ଭାରତ ସମର୍ଥନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ଭାରତ ଏବଂ ରୁଷ ମଧ୍ୟରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ରଣନୀତିକ ଭାଗିଦାରୀକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ଦ୍ୱିପାକ୍ଷିକ ସହଯୋଗ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଦୁଇ ନେତା ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଦୁଇ ନେତା ପରସ୍ପର ସହ ନିବିଡ଼ ସମ୍ପର୍କ ବଜାୟ ରଖିବାକୁ ସହମତ ହୋଇଥିଲେ।

## ଯବାନଙ୍କୁ ମାଡ ଘଟଣାରେ ୬ ଗିରଫ



ମିରଟ : ମିରଟରେ ଟୋଲ ପ୍ଲାଜାରେ ସୋମବାର ମଧ୍ୟାହ୍ନ ୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବଡ ଧରଣର ହଙ୍ଗାମା ଦେଖିବାକୁ ମିଳିଥିଲା । ମିରଟ-କରନାଲ ଜାତୀୟ ରାଜପଥରେ ଥିବା ଭୁନି ଟୋଲ ପ୍ଲାଜାରେ ରବିବାର ରାତିରେ ଜଣେ ସେନା ଯବାନଙ୍କୁ ମାଡ ମାରିବା ଘଟଣାରେ ଲୋକମାନେ ଭଙ୍ଗାରୁଜା କରିବା ସହ ମାଡ ମାରିଥିଲେ। ଗୋଟକା ଓ ଆଖପାଖ ଗାଁର ୫୦୦ରୁ ଅଧିକ ଲୋକ ଭୁନି ଟୋଲ୍ ପହଞ୍ଚି ଟୋଲ ଅଫିସ ଭଙ୍ଗାରୁଜା କରିଥିଲେ । ଲୋକମାନେ ପଥର ମାଡ କରିବା ସହ କମ୍ପ୍ୟୁଟର, ଏସି, ଆସବାବପତ୍ର ଭାଙ୍ଗିଦେଇଥିଲେ। ଟୋଲକର୍ମୀଙ୍କୁ ଆକ୍ରମଣ ଉଦ୍ୟମ କରିଥିବାବେଳେ ସେମାନେ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ । ଏହା ପରେ ଆକ୍ରମଣକାରୀ ଘଟଣାସ୍ଥଳରେ ଧାରଣାରେ ବସିଥିଲେ। ସୂଚନା ପାଇ ଏସପି, ଏଡିଏମ୍, ଏସଡିଏମଙ୍କ ସମେତ ୮ଟି ଥାନାର ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ। ସୂଚନାଯୋଗ୍ୟ ଯେ, ରବିବାର ରାତିରେ ସେନାର ଯବାନ କପିଲଙ୍କୁ ଟୋଲକର୍ମୀମାନେ ଏକ ଖୁମ୍ବରେ ବାନ୍ଧି ମାଡ ମାରିଥିଲେ । ସେ ଶ୍ରୀନଗରରେ ରାଜପୁତ ବାଟାଲିୟନରେ ନିୟୋଜିତ ଅଛନ୍ତି । ବୋଲବମ୍ ପାଇଁ ସେ ଛୁଟିରେ ଆସିଥିଲେ । ରବିବାର ଶ୍ରୀନଗର ଫେରୁଥିଲେ । ସୋମବାର ସକାଳ ୫ଟାରେ ଫ୍ଲାଇଟ ଥିଲା । ରାତି ପ୍ରାୟ ୮ଟା ସମୟରେ ସେ ନିଜ ଭାଇ ସହିତ କାରରେ ଫେରୁଥିଲେ । ଟୋଲ ପ୍ଲାଜାରେ ଲମ୍ବା ଲାଇନ୍ ଥିଲା । ସେ ଟୋଲ କର୍ମୀଙ୍କୁ ନିଜ ଆର୍ମି କାର୍ଡ ଦେଖାଇ ଜଲଦି ଛାଡିଦେବାକୁ କହିଥିଲେ । ନଚେତ୍ ତାଙ୍କ ଫ୍ଲାଇଟ୍ ମିସ୍ ହେବ ବୋଲି ଜଣାଇଥିଲେ । କିନ୍ତୁ ଟୋଲ୍ କର୍ମୀ ତାଙ୍କ ସାଙ୍ଗରେ ଯୁକ୍ତି କରିଥିଲେ । ଶେଷରେ କପିଲଙ୍କୁ ଏକ ଖୁମ୍ବରେ ବାନ୍ଧି ମାଡ ମାରିଥିଲେ। ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ପୁଲିସ ।

## ସନ୍ତାନ ଜନ୍ମ ଦେବ ରୋବୋଟ୍



ନୂଆଦିଲ୍ଲୀ: ଚୀନର ବୈଜ୍ଞାନିକମାନେ ଏଭଳି ଏକ ରୋବୋଟ୍ ନିର୍ମାଣ କରୁଛନ୍ତି ଯିଏ କି ଗର୍ଭଧାରଣ କରିପାରିବ। ଏହାର ପ୍ରଥମ ପୋଟୋଟାଇପ ୨୦୨୬ରେ ଲଞ୍ଚ କରାଯିବ। ଭ୍ରୁଣକୁ କୃତ୍ରିମ ଗର୍ଭାଶୟରେ ରଖାଯିବ। ଏକ ପାଇପ ଜରିଆରେ ଭ୍ରୁଣଟି ଆବଶ୍ୟକ ପୋଷକ ତତ୍ତ୍ୱ ଗ୍ରହଣ କରିବ। ଏହି ପ୍ରକ୍ରିୟା ଗର୍ଭଧାରଣଠାରୁ ଆରମ୍ଭ କରି ସନ୍ତାନ ଜନ୍ମ ପର୍ଯ୍ୟନ୍ତ ଜାରି ରହିବ। ତେବେ ଡିମ୍ବାଣୁ ଏବଂ ଶୁକ୍ରାଣୁ ମଧ୍ୟରେ ପ୍ରଜନନ ପ୍ରକ୍ରିୟା କିପରି ହେବ ତାହା ଏଯାଏ ଜଣାପଡ଼ିନାହିଁ। ବୈଜ୍ଞାନିମାନଙ୍କ କହିବା ଅନୁସାରେ, ଯେଉଁ ଦମ୍ପତି କୌଣସି କାରଣରୁ ସନ୍ତାନ ଲାଭ କରିପାରୁ ନାହାନ୍ତି ସେମାନଙ୍କ ପାଇଁ ଏହା ଲାଭବାନ ହେବ। ସେହିପରି ଯେଉଁ ମହିଳା ମାତୃତ୍ୱ ଲାଭ କରିପାରୁ ନାହାନ୍ତି ବା ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବାକୁ ଚାହୁଁନାହାନ୍ତି ତାଙ୍କ ପାଇଁ ବି ଏହା ବେଶ୍ ଉପଯୋଗୀ ହେବ। ଏହି ରୋବୋଟ୍ ନିର୍ମାଣ ପ୍ରୋଜେକ୍ଟ ଉପରେ ଗୁଆଙ୍ଗଝୌର କାଇୱା ଟେକ୍ନୋଲୋଜି କାମ କରୁଛି। ଡା. ଝାଙ୍ଗ କ୍ୟୁଫେଙ୍ଗଙ୍କ ନେତୃତ୍ୱରେ ଏକ ଟିମ ଗବେଷଣା ଜାରି ରଖିଛି। ଯେଉଁ ବୈଷୟିକ ଉପାୟରେ ଏସବୁ କାର୍ଯ୍ୟ କରାଯିବ ତାହାର ବିକାଶ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତାହାକୁ ରୋବୋଟ୍ ପେଟରେ ପ୍ରତ୍ୟାରୋପଣ କରାଯିବ। ଯାହାଫଳରେ ଜଣେ ମଣିଷ ଏବଂ ରୋବୋଟ ପରସ୍ପର ସହିତ ସମ୍ବନ୍ଧ ରଖିବେ ଏବଂ ରୋବୋଟ୍ ଗର୍ଭଧାରଣ କରିପାରିବ। ଏହା ପରେ ଭ୍ରୁଣ ଗର୍ଭାଶୟରେ ବିକଶିତ ହେବ। ଏହି ରୋବୋଟର ପ୍ରୋଟୋଟାଇପ ନିର୍ମାଣ ପାଇଁ ପ୍ରାୟ ୧୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ। ତେବେ ଏଭଳି ପ୍ରକ୍ରିୟାକୁ ନେଇ ସାମାଜିକ ଏବଂ ନୈତିକ ପ୍ରଶ୍ନ ଉଠିଛି।

## ଭିଲାଇ ନଗର ନିଗମ କାର୍ଯ୍ୟାଳୟ କୋଠା ପାଇଁ ୨୦ କୋଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ରାୟପୁର, (ଭାସ୍କର ନ୍ୟୁଜ୍): ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ କହିଛନ୍ତି ଯେ ରାୟପୁର, ଦୁର୍ଗ, ଭିଲାଇ ଏବଂ ରାଜନନ୍ଦଗାଓଁ ସମେତ ସମଗ୍ର ଅଞ୍ଚଳ ରାଜ୍ୟ ରାଜଧାନୀ ଅଞ୍ଚଳରୁ ଉପକୃତ ହେବ। ସେ କହିଛନ୍ତି ଯେ ସହରାଞ୍ଚଳ ସଂସ୍ଥା ନିର୍ବାଚନରେ ଜାରି କରାଯାଇଥିବା ଅଟଳ ବିଶ୍ୱାସ ପାତ୍ରଙ୍କ ସମସ୍ତ ପ୍ରତିଶ୍ରୁତି ଗୋଟିଏ ପରେ ଗୋଟିଏ ପୂରଣ ହେବ। ମୁଖ୍ୟମନ୍ତ୍ରୀ ସାଏ ଭିଲାଇରେ ନଗର ନିଗମ କ୍ଷେତ୍ର ପାଇଁ ୨୪୧.୫୦କୋଟି ଟଙ୍କାର ବିକାଶ କାର୍ଯ୍ୟର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଉଦବୋଧନ ଦେଉଥିଲେ। ଏହି ଅବସରରେ, ସେ ଭିଲାଇ ନଗର ନିଗମର ନୂତନ କାର୍ଯ୍ୟାଳୟ କୋଠା ପାଇଁ ୨୦ କୋଟି ଟଙ୍କା ଘୋଷଣା କରିଥିଲେ। ସେ କହିଛନ୍ତି ଯେ ରାଜ୍ୟରେ ସୁଶାସନ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସୁଶାସନ ଏବଂ ସମନ୍ୱୟ ବିଭାଗ ଗଠନ କରାଯାଇଛି। ସାରା ରାଜ୍ୟରେ ପ୍ରଶାସନକୁ ଡିଜିଟାଲ ଏବଂ ସ୍ୱଚ୍ଛ କରାଯାଉଛି, ଯାହାର ସିଧାସଳଖ ଲାଭ ନାଗରିକମାନେ ପାଉଛନ୍ତି। ସେ ସୂଚନା ଦେଇଛନ୍ତି ଯେ ରାଜ୍ୟର ୧୪୬୦ ଗ୍ରାମ ପଞ୍ଚାୟତରେ ଅଟଳ ଡିଜିଟାଲ ସେବା କେନ୍ଦ୍ର ଆରମ୍ଭ ହୋଇଛି। ଆଗାମୀ ଛଅ ମାସରେ ଆହୁରି ୫ ହଜାର ପଞ୍ଚାୟତକୁ ଏହି ଯୋଜନା ସହିତ ଯୋଡାଯିବ। ୨୪ ଏପ୍ରିଲ ୨୦୨୬, ପଞ୍ଚାୟତିରାଜ ଦିବସରେ, ଛତିଶଗଡ଼ର ସମସ୍ତ ଗ୍ରାମ ପଞ୍ଚାୟତରେ ଅଟଳ ଡିଜିଟାଲ ସେବା କେନ୍ଦ୍ର ଆରମ୍ଭ ହେବ। ସାଏ ଆହୁରି କହିଛନ୍ତି ଯେ ଗତ ୨୦ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧିକାଂଶ ଗ୍ୟାରେଣ୍ଟି ପୂରଣ କରିଛି। ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ, ପ୍ରତି ଏକର ୨୧ କ୍ୱିଣ୍ଟାଲ ଧାନ କିଣାଯାଇଛି ଏବଂ ପ୍ରତି କ୍ୱିଣ୍ଟାଲ ୩୧୦୦ ଟଙ୍କା ହାରରେ ଦେୟ ସୁନିଶ୍ଚିତ କରାଯାଇଛି। ମହତାରୀ ବନ୍ଦନା ଯୋଜନା ଅଧୀନରେ ମହିଳାମାନଙ୍କୁ ପ୍ରତି ମାସରେ ୧୦୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଦୀନଦୟାଲ ଉପାଧ୍ୟାୟ ଭୂମିହୀନ କୃଷି ଶ୍ରମିକ ଯୋଜନା ଅଧୀନରେ, ଭୂମିହୀନ କୃଷି ଶ୍ରମିକମାନଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ରାମଲାଲା ଦର୍ଶନ ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୨୨ ହଜାରରୁ ଅଧିକ ଭକ୍ତ ଅଯୋଧ୍ୟା ଗସ୍ତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଅରୁଣ ସା କହିଛନ୍ତି ଯେ ରାଜ୍ୟରେ ସରକାର ଗଠନ ହେବା ପରେ, ଗତ ଏକ ବର୍ଷ ମଧ୍ୟରେ ସମସ୍ତ ସହରାଞ୍ଚଳ ସଂସ୍ଥାର ବିକାଶ ପାଇଁ ସାତ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅବସରରେ ବିଧାୟକ ଲଳିତ ଚନ୍ଦ୍ରକାର, ପୂର୍ବତନ ବିଧାନସଭା ବାଚସ୍ପତି ପ୍ରେମପ୍ରକାଶ ପାଣ୍ଡେ, ପୂର୍ବତନ ମନ୍ତ୍ରୀ ରାମଶିଳା ସାହୁ ଏବଂ ପୂର୍ବତନ ବିଧାୟକ ଲାଭଚାନ୍ଦ ବାଫନାଙ୍କ ସହିତ ବହୁ ଜନପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ନାଗରିକ ଉପସ୍ଥିତ ଥିଲେ।

## ସ୍କୁଲକୁ ବୋମା ଧମକ: ସରକାରଙ୍କୁ କେଜରିୱାଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ: ସୋମବାର ରାଜଧାନୀ ଦିଲ୍ଲୀରେ ଏକକାଳୀନ ତିନୋଟି ସ୍କୁଲକୁ ବୋମା ବିସ୍ଫୋରଣ ଧମକ ମିଳିଛି। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍କୁଲ ପ୍ରଶାସନକୁ ବୋମା ଧମକ ମିଳିବା ମାତ୍ରେ ପୋଲିସକୁ ତୁରନ୍ତ ସୂଚନା ଦିଆଯାଇଥିଲା। ସୂଚନା ପାଇବା ମାତ୍ରେ ପୋଲିସ, ବୋମା ସ୍କ୍ୱାଡ୍ ଏବଂ ଦିଲ୍ଲୀ ଅଗ୍ନିଶମ ସେବାର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି, ସ୍କୁଲ ପରିସରକୁ ତୁରନ୍ତ ଖାଲି କରାଯାଇଛି। ବର୍ତ୍ତମାନ, ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ୍ କରାଯାଉଛି। ସୋମବାର ଦିଲ୍ଲୀ ପବ୍ଲିକ୍ ସ୍କୁଲ (ଡିପିଏସ୍) ଦ୍ୱାରକା, ମଡର୍ଣ୍ଣ କନଭେଣ୍ଟ ସ୍କୁଲ ଦ୍ୱାରକା ଏବଂ ଗ୍ରେଟର କୈଳାସରେ ଥିବା ବ୍ଲୁ ବେଲ୍ସ ସ୍କୁଲକୁ ବୋମା ଧମକ ଫୋନ୍ କଲ୍ ଆସିଥିଲା। ଦିଲ୍ଲୀ ଅଗ୍ନିଶମ ସେବା କହିଛି ଯେ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଦ୍ୱାରକାରେ ଆଜି ଏକ ବୋମା ଧମକ କଲ୍ ଆସିଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, କର୍ତ୍ତୃପକ୍ଷ ସ୍କୁଲ ପରିସରକୁ ଖାଲି କରିଦେଇଛନ୍ତି। ସନ୍ଧାନ ପାଇଁ ଘଟଣାସ୍ଥଳକୁ ପୋଲିସ ଏବଂ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଛି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏକ୍ସରେ ଲେଖିଛନ୍ତି, 'ଦିଲ୍ଲୀ ପବ୍ଲିକ୍ ସ୍କୁଲ, ଦ୍ୱାରକା ଏବଂ ଦ୍ୱାରକାର ଅନେକ ସ୍କୁଲକୁ ଆଜି ପୁଣି ଥରେ ବୋମା ଧମକ ମିଳିଛି। ଦିଲ୍ଲୀର ସ୍କୁଲଗୁଡ଼ିକୁ ବାରମ୍ବାର ଧମକ ମିଳୁଥିବା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ବିଜେପି ଦିଲ୍ଲୀକୁ ସମ୍ଭାଳି ପାରୁ ନାହିଁ କିମ୍ବା ଦିଲ୍ଲୀର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ। ବିଜେପିର ୪ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି।'

### ଶୋଭାଯାତ୍ରା ବେଳେ ଅଘଟଣ
## ବିଦ୍ୟୁତ୍ ଆଘାତରେ ୫ ମୃତ

ହାଇଦ୍ରାବାଦ: ରାମନ୍ତପୁରରେ ଜନ୍ମାଷ୍ଟମୀ ଶୋଭାଯାତ୍ରା ସମୟରେ ରଥଟି ବିଦ୍ୟୁତ୍ ତାରରେ ସଂସ୍ପର୍ଶରେ ଆସିବାରୁ ବିଦ୍ୟୁତ୍ ଆଘାତରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ରବିବାର ରାତି ପ୍ରାୟ ୧୨ଟା ସମୟରେ ରାମନ୍ତପୁରର ଗୋପାଳନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ରିପୋର୍ଟ ଅନୁଯାୟୀ, ଏହି ଦୁର୍ଘଟଣାରେ କେନ୍ଦ୍ର ମନ୍ତ୍ରୀ କିଶନ ରେଡ୍ଡୀଙ୍କ ସୁରକ୍ଷା କର୍ମୀ ମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଗୋପାଳନଗରର ଯାଦବ ଫଙ୍କସନ୍ ହଲ୍ ନିକଟରେ ଏହି ଘଟଣା ଘଟିଥିଲା। ରଥ ଉପର ଦେଇ ଯାଉଥିବା ଏକ ହାଇଟେନସନ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ଏବଂ ମୃତକଙ୍କ ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ନିସାନ ମୋଟର ଇଣ୍ଡିଆ ପକ୍ଷରୁ ଏହାର ନୂଆ ନିସାନ ମାଗ୍ନାଇଟ ପାଇଁ ପ୍ରଥମ ଧରଣର ୧୦ ବର୍ଷର ଏକ୍ସଟେଣ୍ଡେଡ ୱାରେଂଟି ପ୍ଲାନ ଶୁଭାରମ୍ଭ କରାଯାଇଛି। ନୂଆ ନିସାନ ମାଗ୍ନାଇଟ ଏଓପି (ଆଡଲ୍ଟ ଅକ୍ୟୁପାଂଟ ସେଫ୍ଟି)ରେ ୫ ଷ୍ଟାର ରେଟିଂ ସହିତ ସାମଗ୍ରିକ ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ରେଟିଂ ହାସଲ କରିବାର ତତ୍କାଳ ପରେ ଏହି ପ୍ଲାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ଲାନ ୩ ବର୍ଷର ଷ୍ଟାଣ୍ଡାର୍ଡ ୱାରେଂଟି ପ୍ରଦାନ କରୁଛି, ଯାହାକି ୧୦ ବର୍ଷ ପର୍ଯ୍ୟନ୍ତ ଏକ ବର୍ଦ୍ଧିତ ୱାରେଂଟି ପ୍ଲାନର ନମନୀୟ ଯୋଜନା ମାଧ୍ୟମରେ ବୃଦ୍ଧି କରାଯାଇପାରିବ। ଏହି ପ୍ଲାନର ସୁରକ୍ଷା କେବଳ ୨୨ ପଇସା/ପ୍ରତି କିମି କିମ୍ବା ୧୨ଟଙ୍କା/ ପ୍ରତି ଦିନର ଏକ ସୁଲଭ ମୂଲ୍ୟରେ ୧୦ ବର୍ଷ / ୨ ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଅବଧି ପାଇଁ ପ୍ରଯୁଜ୍ୟ ରହିବ। ଏହି ୱାରେଂଟି ପ୍ଲାନକୁ ଗ୍ରାହକଙ୍କୁ ଉନ୍ନତ ଆତ୍ମବିଶ୍ୱାସ ଓ ମାନସିକ ଶାଂତି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏ ସମ୍ପର୍କରେ ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ବତ୍ସ କହିଛନ୍ତି, 'ନୂଆ ନିସାନ ମାଗ୍ନାଇଟ ଭାରତୀୟ ଗ୍ରାହକଙ୍କ ପାଇଁ ଗୁଣବତା, ନିର୍ଭରଯୋଗ୍ୟତା, ସୁରକ୍ଷା ଓ ଦୀର୍ଘାବଧି ମୂଲ୍ୟର ଏକ ପ୍ରତୀକ ଭାବେ ଉଭା ହୋଇଛି। ଗ୍ଲୋବାଲ ଏନସିଏପିଠାରୁ ଏହା ସମ୍ମାନଜନକ ୫ ଷ୍ଟାର ସେଫ୍ଟି ରେଟିଂ ହାସଲ କରିଥିବାରୁ ଆମେ ଖୁବ୍ ଗର୍ବିତ ଅନୁଭବ କରୁଛୁ।

## ୫ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବ୍ୟୟ ଅତିକ୍ରମ କଲା ବେଦାନ୍ତ



ନୂଆଦିଲ୍ଲୀ: ବେଦାନ୍ତ ଲିମିଟେଡ୍ (ଏନଏସଇ:ଭିଇଡିଏଲ) ଏକ ପ୍ରମୁଖ ମାଇଲଖୁଂଟ ଘୋଷଣା କରିଛି - ଦେଶ ଭିତରେ ଏହାର ମୋଟ ଯୋଜନାବଦ୍ଧ ୮.୫ ବିଲିୟନ ଆମେରିକୀୟ ଡଲାର ବ୍ୟୟରୁ ଭାରତରେ ୫ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବ୍ୟୟ ଅତିକ୍ରମ କରିଛି। ଏହି ନିବେଶଗୁଡ଼ିକ କ୍ଷମତା ବିସ୍ତାର, ପଛୁଆ ସମନ୍ୱୟ ଏବଂ କଂଚାମାଲ ସୁରକ୍ଷା ପ୍ରକଳ୍ପ ଉପରେ କେନ୍ଦ୍ରିତ, ସମ୍ବଳ ଆତ୍ମନିର୍ଭରତା ଆଡ଼କୁ ଭାରତର ଯାତ୍ରାକୁ ମଜବୁତ କରିବା ସହିତ ବିଶ୍ୱ ବଜାର ଅସ୍ଥିରତାକୁ ସହ୍ୟ କରିବାକୁ ସକ୍ଷମ ଏକ ସ୍ଥିର ଶିଳ୍ପ ଭିତିଭୂମି ନିର୍ମାଣ କରିବ। ବେଦାନ୍ତ ଦେଶର କିଛି ବୃହତ ଏବଂ ସବୁଠାରୁ ରଣନୈତିକ ପ୍ରାକୃତିକ ସମ୍ପଦ ପରିଚାଳନା କରେ, ଯେଉଁଥିରେ ବିଶ୍ୱର ସର୍ବବୃହତ ଏକକ-ସ୍ଥାନ ଆଲୁମିନିୟମ୍ ସ୍ମେଲ୍ଟର, ବିଶ୍ୱର ସର୍ବବୃହତ ଭୂତଳ ଜିଙ୍କ୍ ଖଣି ସ୍ଥଳ, ବିଶ୍ୱର ସର୍ବବୃହତ ଏକକ ସ୍ଥାନ ଜିଙ୍କ୍-ଲିଡ୍ ସ୍ମେଲ୍ଟର ଏବଂ ଭାରତର ସର୍ବବୃହତ ଅନ୍-ଶୋର ତୈଳ କ୍ଷେତ୍ର ଅନ୍ତର୍ଭୁକ୍ତ। କେବଳ ଗତ ଦୁଇଟି ଆର୍ଥିକ ବର୍ଷରେ, କମ୍ପାନୀ ଭାରତରେ ଉତ୍ପାଦନ କ୍ଷମତା ବୃଦ୍ଧି, ପଛୁଆ ସମନ୍ୱୟକୁ ସୁଦୃଢ଼ କରିବା, ନୂତନ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ଏବଂ ଏହାର ମୂଲ୍ୟଯୁକ୍ତ ଉତ୍ପାଦ ପୋର୍ଟଫୋଲିଓକୁ ବିସ୍ତାର କରିବା ପାଇଁ ପ୍ରାୟ ୨.୫ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ, ବେଦାନ୍ତର ସହାୟକ ବ୍ୟବସାୟ ହିନ୍ଦୁସ୍ତାନ ଜିଙ୍କ ଏହାର ବୋର୍ଡ-ଅନୁମୋଦିତ ପ୍ରଥମ ପର୍ଯ୍ୟାୟ କ୍ଷମତା ଯୋଜନାର ଅଂଶ ଭାବରେ ୧.୪ ବିଲିୟନ ଆମେରିକୀୟ ଡଲାର ନିବେଶ ଘୋଷଣା କରିଛି। ଏହି ନିବେଶ ଖଣି ଏବଂ ମିଲ୍ ସମ୍ପ୍ରସାରଣ ସହିତ ଉଦୟପୁରରେ ଏକ ୨୫୦ କେଟିପିଏ ସମନ୍ୱିତ ସ୍ମେଲ୍ଟିଂ କମ୍ପ୍ଲେକ୍ସ ସ୍ଥାପନ କରିବା ଉପରେ କେନ୍ଦ୍ରିତ। ଜିଙ୍କରେ, ବେଦାନ୍ତ ଘରୋଇ ପ୍ରାଥମିକ ବଜାରରେ ୭୭% ବଜାର ଅଂଶୀଦାର ଏବଂ ଦେଶର ୧୦୦% ବିକ୍ରୟ ସହିତ ଭାରତର ରୂପା ଚାହିଦାର ପ୍ରାୟ ୧୦ ପ୍ରତିଶତ ପୂରଣ କରେ। ତୈଳ ଏବଂ ଗ୍ୟାସ କାର୍ଯ୍ୟ ଦେଶର ପ୍ରାୟ ଏକ ଚତୁର୍ଥାଂଶ ହାଇଡ୍ରୋକାର୍ବନ ଉତ୍ପାଦନ କରେ ଏବଂ ଆରମ୍ଭରୁ ପ୍ରାୟ ୧.୪ ବିଲିୟନ ବ୍ୟାରେଲ ତୈଳ ସମତୁଲ୍ୟ ଉତ୍ପାଦନ କରିଛି। କମ୍ପାନୀର ଇସ୍ପାତ ଉତ୍ପାଦନ ସମ୍ପୂର୍ଣ୍ଣ ଭାବରେ ଘରୋଇ ବଜାରକୁ ପୂରଣ କରେ। ନିକେଲ ପାଇଁ, ବେଦାନ୍ତ ଭାରତରେ ନିକେଲର ଏକମାତ୍ର ଉତ୍ପାଦକ ଏବଂ ଧାତୁର ୮୦% ଘରୋଇ ବଜାରରେ ବିକ୍ରି ହୁଏ। ଆମର ସମନ୍ୱିତ କାର୍ଯ୍ୟ, ପରିମାଣ ଏବଂ ନିରନ୍ତର ନିବେଶ ଆମକୁ ବିଶ୍ୱସ୍ତରୀୟ ଉତ୍ପାଦ ସହିତ ଘରୋଇ ଚାହିଦା ପୂରଣ କରିବାକୁ ସକ୍ଷମ କରିଥାଏ ଏବଂ ଅର୍ଥନୀତିକୁ ଅସ୍ଥିର ବିଶ୍ୱ ବାଣିଜ୍ୟ ନୀତି ଏବଂ ଭୂ-ରାଜନୈତିକ ଅନିଶ୍ଚିତତାରୁ ରକ୍ଷା କରିଥାଏ ବୋଲି ବେଦାନ୍ତର ଜଣେ ମୁଖପାତ୍ର କହିଛନ୍ତି।

## ଡିଆର୍‌ଏଚ୍‌ପି ଦାଖଲ କଲା ଆର୍‌ଏସ୍‌ବି ରିଟେଲ ଇଣ୍ଡିଆ

ନୂଆଦିଲ୍ଲୀ : ଆରଏସବି ରିଟେଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ କରିବା ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ଡିଆରଏଚପି ଅନୁସାରେ ହାଇଦ୍ରାବାଦର ଏହି କମ୍ପାନି ୫୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରିବ ଏବଂ ଅଫର ଫରସେଲରେ ଅଂଶଧନକାରୀମାନେ ୨.୯୮ କୋଟି ଇକ୍ୱିଟି ସେୟାର ବିକ୍ରି କରିବେ। ଅଫର ଫରସେଲରେ ପୋଟି ଭେଙ୍କଟେଶ୍ୱରୁଲୁ, ଶ୍ରୀନାରାଜ ମଉଳି, ତିରୁଭେଦୁଲା ପ୍ରସାଦ ରାଓ, ପୋଟି ଭେଙ୍କଟସାଇ ଅଭିନୟ, ଶ୍ରୀନାସୁରେଶ, ତିରୁଭେଦୁଲା ରାକେଶ, ତିରୁଭେଦୁଲା କେଶବଗୁପ୍ତା, ମାଟ୍ଟୁରୁଭେଙ୍କଟା ଲକ୍ଷ୍ମୀସିନ୍ଧୁ, ଗେରି ସେଟ୍ଟି ଲଳିତା ଓ ପୋଟିମଲାଥି ଲକ୍ଷ୍ମୀକୁମାର ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ସେଥିରୁ୨୭୫ କୋଟି ଟଙ୍କାକୁ କମ୍ପାନି ଋଣ ପରିଶୋଧ କରିବାରେ, ୧୧୮ କୋଟି ଟଙ୍କାକୁ ଆରଏସ ବ୍ରଦର୍ସ ଆଣ୍ଡ ସାଉଥ ଇଣ୍ଡିଆ ସପିଂମଲ ଫର୍ମାଟରେ ନୂଆ ଷ୍ଟୋର ଖୋଲିବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ କାର୍ଯ୍ୟରେ ବ୍ୟବହା ରକରିବାକୁ ପ୍ରସ୍ତାବ ଦେଇଛି।

## ଟାଫେର ମାସି ଡାଇନାଷ୍ଟାର ପ୍ରତିଯୋଗିତା ସଫଳତାର ସହ ଶେଷ



ହାଇଦ୍ରାବାଦ: ଟାଫେ - ଟ୍ରାକ୍ଟର ଏବଂ ଫାର୍ମ ଇକ୍ୟୁପମେଣ୍ଟ ଲିମିଟେଡ୍, ବିଶ୍ୱର ସର୍ବବୃହତ ଟ୍ରାକ୍ଟର ନିର୍ମାତାମାନଙ୍କ ମଧ୍ୟରୁ ଗୋଟିଏ ଏବଂ ଭାରତରେ ପ୍ରସିଦ୍ଧ ମାସି ଫର୍ଗୁସନ ଟ୍ରାକ୍ଟରର ନିର୍ମାତା, ଏହାର ମାସି ଡାଇନାଷ୍ଟାର ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ - ସିଜିନ୍ ୨, ୨୦୨୫ ସଫଳତାର ସହ ସମାପ୍ତ କରିଛି। ପ୍ରତିଯୋଗିତାର ସିଜିନ୍ ୨ କୁ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳରୁ ୧୬,୦୦୦+ ପ୍ରବେଶ ମିଳିଛି, ଯାହା ଭାରତର କୃଷି ଭୂଦୃଶ୍ୟର ଉଲ୍ଲେଖନୀୟ ବିବିଧତାକୁ ପ୍ରତିଫଳିତ କରେ। ଏହି ପୁଳରୁ, ଆସାମ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶ - ୭ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷି-ଛାତ୍ରଙ୍କ ଏକ ଗତିଶୀଳ ମିଶ୍ରଣରେ ସାମିଲ ଥିଲେ, ଯେଉଁମାନେ ତୃଣମୂଳ ସ୍ତରରେ ନବସୃଜନର ଏକ ସ୍ପନ୍ଦନଶୀଳ ସଂସ୍କୃତି ପ୍ରଦର୍ଶନ କରିଥିଲେ। ମାସି ଫର୍ଗୁସନ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ଚାଳିତ ଏକ ମୋବାଇଲ୍ ସ୍ଲରି ଡିୱାଟରିଂ ମେସିନ୍ ପାଇଁ ଏକ ଅଭିନବ ଧାରଣା ଉପସ୍ଥାପନ କରିଥିବା କର୍ଣ୍ଣାଟକର ବେଲଗାମ୍‌ରୁ ଆଇଟି କର୍ମଚାରୀ ହୋଇଥିବା ଅଭିନାଶ ଦେଶାଇଙ୍କୁ ମହାନ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ପ୍ରାୟ ଟ.୮.୨ ଲକ୍ଷ ମୂଲ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଏମଏଫ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ପୁରସ୍କାର ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏକ ସୌରଚାଳିତ ସ୍ଥାୟୀ ଶକ୍ତି କେନ୍ଦ୍ରର ଧାରଣା ପାଇଁ ଦିଆଯାଇଥିଲା, ଏଥିପାଇଁ ତାଙ୍କୁ ୮ ଗ୍ରାମ ସୁନା ମୁଦ୍ରା ପ୍ରଦାନ କରାଯାଇଥିଲା। ତୃତୀୟ ପୁରସ୍କାର ଥିଲା ପଟିଆଲା, ପଞ୍ଜାବର ଅମ୍ରିତ ଜୋତ ସିଂହଙ୍କୁ ଏମଏଫ୍ଡାଇନାଟ୍ରାକ୍୨୪୧ ଦ୍ୱାରା ଚାଳିତ ଜଳ ବିଶୋଧନ ୟୁନିଟ୍ ର ଧାରଣା ପାଇଁ ୮ ଗ୍ରାମ ସୁନା ମୁଦ୍ରା ପ୍ରଦାନ କରାଯାଇଥିଲା। ଜୁରି'ସ ଚଏସ୍ ପୁରସ୍କାର ଆସାମର କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସଅଧିକାରୀ ଡକ୍ଟର ଜୟକୁମାର କାରୁପ୍ପସାମିଙ୍କୁ ପ୍ରଦାନ କରାଯାଇଥିଲା, ଯିଏ ଏକ ବହୁମୁଖୀ କୃଷି ମେସିନ ପ୍ରସ୍ତାବ କରିଥିଲେ ଏବଂ ତାଙ୍କୁ ୫୦ ଗ୍ରାମ ରୂପା ମୁଦ୍ରାରେ ସମ୍ମାନିତ କରାଯାଇଥିଲା। ଏହି ସଂସ୍କରଣର ସଫଳତା ଉପରେ ଆଧାର କରି, ଟାଫେଘୋଷଣା କରି ଖୁସି ହେଉଛି ଯେ ମାସି ଡାଇନାଷ୍ଟାର ପ୍ରତିଯୋଗିତା ଆସନ୍ତା ବର୍ଷ ପୁଣି ଥରେ ଫେରିବ ଏବଂ ସିଜିନ୍ ୩ ପହଞ୍ଚିବା, ପରିସର ଏବଂ ପ୍ରଭାବରେ ଆହୁରି ବ୍ୟାପକ ହେବାର ପ୍ରତିଶ୍ରୁତି ଦେବ।

## 'ଟ୍ରିପ୍ ଫ୍ରି' ସହର ହେବ ବାଲେଶ୍ୱର, ମିଳିବ ନିର୍ଭରଯୋଗ୍ୟ ବିଜୁଳି ସେବା



ବାଲେଶ୍ୱର (ଭାସ୍କର ନ୍ୟୁଜ୍): ଏଣିକି ପ୍ରତିକୂଳ ପାଣିପାଗରେ ବି ବାଲେଶ୍ୱର ସହରକୁ ମିଳିବ ନିର୍ଭରଯୋଗ୍ୟ ବିଜୁଳି ସେବା। ୫ଡ ବର୍ଷା ହେଉ ଅବା କାଳବୈଶାଖୀ ବିଦ୍ୟୁତ ବିଭ୍ରାଟକୁ ଏଡ଼ାଇବା ପାଇଁ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଟିପିଏନଓଡିଏଲ ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଲାଗି ଆଉ ଏକ ପଦକ୍ଷେପ ରୂପେ ବାଲେଶ୍ୱର ସହରକୁ ଏକ 'ଟ୍ରିପ୍ ଫ୍ରି' ସହର ଭାବେ ପରିଣତ କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡ଼ିଏମଏଫ) ଯୋଜନା ଅଧୀନରେ ବ୍ୟାପକ ଉନ୍ନତିକରଣ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ପିଏସଏସରୁ ୯.୬ କିଲୋମିଟର ୩୩କେଭି ଏବଂ ୪.୯ କିଲୋମିଟର ୧୧କେଭି ଭୂତଳ କେବୁଲକୁ ବିଦ୍ୟୁତ୍ ଯୋଗାଣ ଲାଗି ଗ୍ରୀଡ ସହ ସଂଯୁକ୍ତ କରାଯାଇଛି। ଏହା ସହିତ ଏଥିରେ ୨ଟି ୩୩କେଭି ଆରଏମୟୁ(ରିଙ୍ଗ ମେନ ୟୁନିଟ) ଓ ୫ଟି ୧୧କେଭି ଆରଏମୟୁ ସ୍ଥାପନ କରାଯାଇଛି। ଏହି ପଦକ୍ଷେପ ବାଲେଶ୍ୱର ଫିଡରର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ସହ ଓଭରହେଡ ଏବଂ ଭୂତଳ ଲାଇନ ଦ୍ୱାରା 'ଏନ-୧' ପଦ୍ଧତିରେ ଉନ୍ନତମାନର ସେବା ଯୋଗାଇବ। ସରକାରୀ କାର୍ଯ୍ୟାଳୟ ଓ ଅନ୍ୟ ଜରୁରୀକାଳିନ ସ୍ଥାନଗୁଡିକୁ ମଧ୍ୟ ପ୍ରତିକୂଳ ପାଣିପାଗ ସ୍ଥିତିରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବ ବୋଲି ଟିପିଏନଓଡ଼ିଏଲ ଦର୍ଶାଇଛି।

## ଇନ୍‌ଫିନିକ୍ସ ଜିଟି ୩୦ ୫ଜି+ ସେଲ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ସବୁଠାରୁ ପ୍ରତିଯୋଗୀପୂର୍ଣ୍ଣ ଗେମିଂ ସ୍ମାର୍ଟଫୋନ ମଧ୍ୟରୁ ଅନ୍ୟତମ ଇନ୍‌ଫିନିକ୍ସ ଜିଟି ୩୦ ୫ଜି+ ଫ୍ଲିପକାର୍ଟରେ ଏହି ସ୍ମାର୍ଟଫୋନର ସେଲ୍ ଘୋଷଣା କରିଛି। ଏହି ସେଲ୍ ଲାଇଭ ରହିଥିବା ବେଳେ ଏହା ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ସୀମିତ ଅବଧି ପାଇଁ ସମସ୍ତ ଲଂଚ ଅଫର ସହିତ ୧୭,୯୯୯ ଟଙ୍କାର ଏକ ସ୍ୱତନ୍ତ୍ର ମୂଲ୍ୟରେ ସୀମିତ ୟୁନିଟ୍ ସହ ଉପଲବ୍ଧ ହେବ। ଜିଟି ୩୦ ୫ଜି+ ସାଇବର ମେକା ୨.୦ ଡିଜାଇନ ସହ ସ୍ୱଷ୍ଟ ଜିଓମେଟ୍ରିକ ଲାଇନଗୁଡିକୁ ଏକତ୍ରିତ କରିଛି ଏବଂ ସାଇବର ଗ୍ରୀନ, ପଲ୍ସ ବ୍ଲୁ ଓ ବ୍ଲେଡ ହ୍ୱାଇଟ କଲରରେ ଆସୁଛି। ମୋବାଇଲ ଗେମରଙ୍କ ପାଇଁ ଡିଜାଇନ ହୋଇଥିବା ଜିଟି ୩୦ ୫ଜି+ ସେଗମେଂଟ ପ୍ରଥମ ଜିଟି ସୋଲ୍ଡର ଗେମିଂ ଟ୍ରିଗରର ଶୁଭାରମ୍ଭ କରିଛି, ଯାହା ସ୍କ୍ରିନ ସ୍ପେଶ ସହ ସାଲିସ ନକରି ଖେଳାଳିଙ୍କୁ କନ୍‌ସୋଲ-ଗ୍ରେଡ କଂଟ୍ରୋଲ ପ୍ରଦାନ କରୁଛି। ଏହି ଟ୍ରିଗରଗୁଡିକୁ ସ୍ପ୍ଲିଟ-ସେକେଣ୍ଡ ରେସ୍‌ପନ୍ସିଭନେସ ପାଇଁ ସୁଟିଂ କିମ୍ବା ଏମିଂ ଭଳି ଇନ-ଗେମ ଆକ୍ସନ କିମ୍ବା ଆପ୍ ଲଂଚ , ଆପ୍ ସର୍ଟକର୍ଟସ ଓ ମିଡିଆ କଂଟ୍ରୋଲ ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ମ୍ୟାପିଂ କରାଯାଇପାରିବ। ୭୭୯,୦୦୦ରୁ ଅଧିକ ଆନଟୁଟୁ ସ୍କୋର ଓ ୧୬ ଜିବି ପର୍ଯ୍ୟନ୍ତ ଏଲପିଡିଡିଆର୫ଏକ୍ସ ରାମ (ଭର୍ଚୁଆଲ ରାମ ସମେତ) ପ୍ରଦାନ କରୁଥିବା ମିଡିଆଟେକ ଡାଇମେନସିଟି ୭୪୦୦ ପ୍ରୋସେସର ଦ୍ୱାରା ପରିଚାଳିତ ଜିଟି ୩୦ ୫ଜି+ କ୍ରାଫ୍ଟନ-ସାର୍ଟିଫାଏଡ ବିଜିଏମଆଇ ୯୦ଏଫପିଏସ ସପୋର୍ଟ ହାସଲ କରିଛି। ୨୦% ଉନ୍ନତ ଉତାପ ବିତରଣ ପାଇଁ ଏଥିରେ ଥିବା ୬-ଲେୟର ୩ଡି ଭାପୋର ଚାମ୍ବର କୁଲିଙ୍ଗ ସିଷ୍ଟମ ଏହାର ଅନୁଭୂତିକୁ ଉନ୍ନତ କରୁଛି। ଜିଟି ୩୦ ୫ଜି+ କ୍ରୟ ପାଇଁ ଫ୍ଲିପକାର୍ଟରେ ଉପଲବ୍ଧ ହେଉଛି। ଗ୍ରାହକମାନେ ଆଇସିଆଇସିଆଇ ଡେବିଟ / କ୍ରେଡିଟ କାର୍ଡ ସହିତ ୧୫୦୦ ଟଙ୍କାର ତତ୍କାଳ ରିହାତି ପାଇପାରିବେ କିମ୍ବା ସମାନ ମୂଲ୍ୟର ଏକ୍ସଚେ ବୋନସ୍ ପାଇପାରିବେ, ଯାହା ଏହାର ମୂଲ୍ୟକୁ ଷ୍ଟକ ଶେଷ ହେବା ପର୍ଯ୍ୟନ୍ତ ଯଥାକ୍ରମେ ୧୭,୯୯୯ ଟଙ୍କା (୮ଜିବି+୧୨୮ଜିବି) ଓ ୧୯୪୯୯ ଟଙ୍କା (୮ଜିବି+୨୫୬ଜିବି)କୁ ହ୍ରାସ କରୁଛି। ଗ୍ରାହକମାନେ ନିର୍ଦ୍ଦିଷ୍ଟ ରିଟେଲ ଷ୍ଟୋର ଓ ବ୍ରାଣ୍ଡ ୱେବସାଇଟରୁ ଇନ୍‌ଫିନିକ୍ସ ଜିଟି ୩୦ ୫ଜି+କୁ କ୍ରୟ କରିପାରିବେ ଏବଂ ସୀମିତ ସମୟ ପାଇଁ ଏକାଧିକ ଅଫର ମଧ୍ୟ ପାଇପାରିବେ। ବିନା ଅଫରରେ ଇନ୍‌ଫିନିକ୍ସ ଜିଟି ୩୦ ୫ଜି+ କ୍ରୟ ପାଇଁ ୧୯,୪୯୯ ଟଙ୍କା (୮ଜିବି+୧୨୮ଜିବି) ଓ ୨୦,୯୯୯ ଟଙ୍କା (୮ଜିବି+୨୫୬ଜିବି) ମୂଲ୍ୟରେ ଉପଲବ୍ଧ ହେବ।

## ସିପିଏଲ୍‌ର ତ୍ରୈମାସିକ ଫଳାଫଳ ଘୋଷଣା

ନୂଆଦିଲ୍ଲୀ : କ୍ୟାପ୍‌ଟେନ ପଲିପ୍ଲାଷ୍ଟ ଲିମିଟେଡ, (ସିପିଏଲ୍) କ୍ଷୁଦ୍ର ଜଳସେଚନ ସମାଧାନର ଏକ ଅଗ୍ରଣୀ ନିର୍ମାତା, ରପ୍ତାନିକାରୀ, ଏବଂ ଏହାର କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସୌର ଇପିସି ସେଗମେଂଟ୍‌ରେ ବିବିଧତା ଆଣିଛି । କମ୍ପାନୀ ଆର୍ଥିକ ବର୍ଷ ୨୦୨୬ର ପ୍ରଥମ ତ୍ରୟମାସ ପାଇଁ ଏକକ ନିଟ୍ ଲାଭରେ ବାର୍ଷିକ ୫୧% ବୃଦ୍ଧି ଘଟିଛି। କ୍ୟାପଟେନ ପଲିପ୍ଲାଷ୍ଟ ଲିମିଟେଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରିତେଶ ଖିଚାଡିଆ କହିଛନ୍ତି ଯେ 'ଆମେ ନୂତନ ଆର୍ଥିକ ବର୍ଷକୁ ଦୃଢ଼ ଭାବରେ ଆରମ୍ଭ କରିଛୁ, ରଣନୈତିକ ପ୍ରାଥମିକତା ମଧ୍ୟରେ ଅଗ୍ରସର ହୋଇଛୁ ଏବଂ ଆମର ଅଭିବୃଦ୍ଧି ଧାରାକୁ ବଜାୟ ରଖିଛୁ । ଆମେ ଇବିଆଇଟିଡିଏ ମାର୍ଜିନରେ ସମ୍ପ୍ରସାରଣ ସହିତ ବାର୍ଷିକ ୭% ରାଜସ୍ୱ ଅଭିବୃଦ୍ଧି ରେକର୍ଡ କରିଛୁ ଯାହା ଫଳରେ ବାର୍ଷିକ ୫୧% ନିଟ୍ ଲାଭ ଅଭିବୃଦ୍ଧି ଘଟିଛି।' ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ଟ ବିଜୁଳି ଯୋଜନା ଏବଂ ପ୍ରତି ବୁନ୍ଦା ଅଧିକ ଫସଲ ଭଳି ପଦକ୍ଷେପ ମାଧ୍ୟମରେ ଶିଳ୍ପଜଗତ ସୁଦୃଢ ହେଉଥିବାରୁ ଉଭୟ ସୌର ଇପିସି ଏବଂ କ୍ଷୁଦ୍ର ଜଳସେଚନ ବ୍ୟବସାୟରେ ଆମର ଦୃଢ଼ ଚାହିଦା ଦେଖିବାକୁ ମିଳୁଛି । ଆବାସିକ ଛାତ ଉପରେ ସୌର ଗ୍ରହଣ ତ୍ୱରାନ୍ୱିତ ହେଉଛି ଏବଂ କୃଷକମାନେ ଆଧୁନିକ ଜଳସେଚନ ଜ୍ଞାନକୌଶଳ ପ୍ରତି କ୍ରମାଗତ ଭାବରେ ଆକୃଷ୍ଟ ହେଉଛନ୍ତି - ଯାହା ସିଧାସଳଖ ଆମର ଶକ୍ତି ସହିତ ଖେଳୁଛି ।



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫କୁ ଆଉ କେଇଟା ଦିନ ବାକି ରହିଛି। ଏଥର ଏସିଆ କପ୍ ୟୁଏଇର ଦୁଇଟି ସହର ଦୁବାଇ ଓ ଆବୁଧାବିରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୯ରେ ଖେଳାଯିବ। ଭାରତ ସେପ୍ଟେମ୍ବର ୧୦ରୁ ୟୁଏଇ ବିପକ୍ଷ ମ୍ୟାଚ୍‌ରୁ ନିଜର ଅଭିଯାନ ଆରମ୍ଭ କରିବ। ଆସନ୍ତା ୧୯ ତାରିଖରେ ଭାରତୀୟ ଦଳ ଘୋଷଣା ହେବ। ଏହା ପୂର୍ବରୁ ଭାରତୀୟ ଦଳ ଏବଂ ପ୍ରଶଂସକଙ୍କ ପାଇଁ ଆସିଛି ଖୁସିର ଖବର। ଏସିଆ କପ୍ ପୂର୍ବରୁ ଭାରତୀୟ ଦଳ ଆହୁରି ମଜବୁତ ହେବାକୁ ଯାଉଛି। ଷ୍ଟାର ଦ୍ରୁତ ବୋଲର ଯଶପ୍ରୀତ ବୁମରା ଖୋଦ୍ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଉପଲବ୍ଧ ଥିବା ଚୟନକର୍ତ୍ତାଙ୍କୁ ଜଣାଇଛନ୍ତି। ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବୁମରା ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟିକୁ ଅବଗତ କରାଇ ଦେଇଛନ୍ତି ଯେ, ସେ ସଂପୂର୍ଣ୍ଣ ଫିଟ୍ ଅଛନ୍ତି ଏବଂ ଟି-୨୦ ଫର୍ମାଟ୍ ?ରେ ଖେଳା ଯିବାକୁ ଥିବା ଏସିଆ କପ୍ ଖେଳିବାକୁ ଉତ୍ସୁକ ଅଛି। ବୁମରା ଗତ ବର୍ଷ ଟି-୨୦ ବିଶ୍ୱକପ୍ ପରଠୁ ଭାରତୀୟ ଦଳ ପାଇଁ ଧଳା ବଲ୍ କ୍ରିକେଟ୍ ଖେଳି ନାହାନ୍ତି। ବୁମରା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବାର୍ବାଡୋସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ହୋଇଥିବା ଫାଇନାଲ୍ ମ୍ୟାଚ୍‌ରେ ବୁମରା ୧୮ ରନ ଦେଇ ୨ଟି ୱିକେଟ୍ ନେଇଥିଲେ। ଏବେ ବୁମରା ଏସିଆ କପ୍ ଖେଳିବା ଭାରତକୁ ପ୍ରସ୍ତୁତ ଥିବା କହିଛନ୍ତି।

# ମାସ୍କଟ 'ଚାନ୍ଦ' ଏବଂ ଟ୍ରଫି କଲେ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ହକି ଏସିଆ କପ୍




ପାଟନା: ବିହାରର ଐତିହାସିକ ସହର ରାଜଗିରରେ ଅନୁଷ୍ଠିତ ହେବାକୁ ଥିବା ହିରୋ ଏସିଆ କପ୍ ହକି ୨୦୨୫ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ତେବେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମାସ୍କଟ 'ଚାନ୍ଦ' ଏବଂ ଟ୍ରଫିକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ, ସେ ଟ୍ରଫି ଗୌରବ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ, ଯାହା ବିହାରର ସମସ୍ତ ଜିଲ୍ଲା ଏବଂ ଅନ୍ୟାନ୍ୟ ରାଜ୍ୟକୁ ଯାତ୍ରା କରିବ। ଚେନ୍ନାଇ, ଚଣ୍ଡିଗଡ଼, ଦିଲ୍ଲୀ, ଓଡ଼ିଶା, ଆସାମ ଏବଂ ଝାଡ଼ଖଣ୍ଡ ଦେଇ ଟ୍ରଫି ଯାତ୍ରା କରିବ। ଏହାର ଉଦ୍ଦେଶ୍ୟ ହେଉଛି ହକି ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଏବଂ ଏହି ଐତିହାସିକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା। ପ୍ରଥମ ଥର ପାଇଁ ବିହାର, ପୁରୁଷ ହିରୋ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣ ଆୟୋଜନ କରିବ । ଯାହା ୨୯ ଅଗଷ୍ଟରୁ ୭ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରାଜଗିର ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଅତ୍ୟାଧୁନିକ ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି ଯେ, ବିହାରରେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ପ୍ରତିଷ୍ଠିତ ପୁରୁଷ ହକି ପ୍ରତିଯୋଗିତା ରାଜ୍ୟ ପାଇଁ ଗର୍ବର ବିଷୟ। ଏହି କାର୍ଯ୍ୟକ୍ରମ କେବଳ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ଇଭେଣ୍ଟ ଆୟୋଜନ କରିବାର ବିହାରର କ୍ଷମତାକୁ ପ୍ରଦର୍ଶନ କରିବ ନାହିଁ,କିନ୍ତୁ ଏହା ପର୍ଯ୍ୟଟନ, କଳା ଏବଂ ସଂସ୍କୃତି କ୍ଷେତ୍ରରେ ରାଜ୍ୟର ବିଶ୍ୱସ୍ତରୀୟ ପ୍ରତିଛବିକୁ ମଧ୍ୟ ସୁଦୃଢ଼ କରିବ। ହିରୋ ଏସିଆ କପ୍ ୨୦୨୫ ମାସ୍କଟ 'ଚାନ୍ଦ' ଭାରତର ଜାତୀୟ ପଶୁ ବାଘ ଦ୍ୱାରା ଅନୁପ୍ରାଣିତ, ଯାହା ସାହସ, ଚପଳତା ଏବଂ ଦକ୍ଷତାର ପ୍ରତୀକ। ଯାଦୁଗରଙ୍କ ଟୋପି ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରେ। 'ଚାନ୍ଦ' ନାମଟି ମେଜର ଧ୍ୟାନଚାନ୍ଦଙ୍କ ଦ୍ୱାରା ପ୍ରେରିତ । ସେ ଚାନ୍ଦିନୀ ରାତିରେ ଅଭ୍ୟାସ କରି ହକି ଇତିହାସ ସୃଷ୍ଟି କରିଥିଲେ। ଏହି ମାସ୍କଟଟି ବିହାରର ବାଲ୍ମୀକି ବ୍ୟାଘ୍ର ଅଭୟାରଣ୍ୟର ବାଘଙ୍କଠାରୁ ମଧ୍ୟ ପ୍ରେରଣା ନେଇଛି।

## ପ୍ୟାରିସ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଋତୁପର୍ଣ୍ଣା, ଶ୍ୱେତପର୍ଣ୍ଣା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ଦୁଇ ଭଉଣୀ ତଥା ବ୍ୟାଡମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ଅଗଷ୍ଟ ୨୫ରୁ ୩୧ ତାରିଖ ମଧ୍ୟରେ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି। ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଭାରତର ପ୍ରଥମ ଭଗିନୀ ଯୋଡ଼ି ଭାବେ ମହିଳା ଡବଲ୍ସରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏହା ସହିତ ସେମାନେ ଓଡ଼ିଶାରୁ ଆସିଥିବା ପ୍ରଥମ ମହିଳା ବ୍ୟାଡମିଣ୍ଟନ ଯୋଡ଼ି ଭାବେ ଏକ ଗୌରବମୟ ମୁହୂର୍ତ୍ତ। ସୋସିଆଲ ମିଡିଆରେ ଏହି ଖବର ପ୍ରଶଂସାର ପାତ୍ର ପାଲଟିଛି। ଓଡ଼ିଶାବାସୀ ଏହି ଦୁଇ ଭଉଣୀ ତଥା ଯୋଡ଼ିଙ୍କୁ ସମର୍ଥନ ଓ ଶୁଭକାମନା ଜଣାଇବା ସହିତ ତାଙ୍କର ଉତ୍ତମ ପ୍ରଦର୍ଶନ ପାଇଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ପୂର୍ବାଞ୍ଚଳ ଦୁଲୀପ ଟ୍ରଫି ଦଳରେ ଆଶୀର୍ବାଦ ସାମିଲ




ରାଉରକେଲା (ଭାସ୍କର ନ୍ୟୁଜ୍) : ଆରଏସପି ଫାବ୍ରିକେସନ୍ ସପ୍ ବିଭାଗର ଜୁନିଅର ଇଞ୍ଜିନିୟର ବିକ୍ରମ କୁମାର ସ୍ୱାଇଁ ଏବଂ ଲିଲି ସ୍ୱାଇଁଙ୍କ ପୁଅ ଆଶୀର୍ବାଦ ସ୍ୱାଇଁ ସମ୍ମାନଜନକ ଦୁଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ପୂର୍ବ ଜୋନ୍ ଦଳରେ ମନୋନୀତ ହୋଇଛନ୍ତି। ଏହି ପ୍ରତିଭାବାନ ୱିକେଟକିପର ଓ ବ୍ୟାଟସମ୍ୟାନ ଆଶୀର୍ବାଦ, ଆଘାତ ଯୋଗୁଁ ବାଦ ପଡିଥିବା ଷ୍ଟାର ଭାରତୀୟ କ୍ରିକେଟର ଇଶାନ କିଶାନଙ୍କ ସ୍ଥାନ ନେଇଛନ୍ତି। ଉଲ୍ଲେଖନୀୟ ଯେ, ଅଗଷ୍ଟ ୨୮ତାରିଖରେ ପୂର୍ବ ଜୋନ୍ ଉତ୍ତର ଜୋନ୍ ସହିତ ତାଙ୍କର ଅଭିଯାନ ଆରମ୍ଭ କରିବ। ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ନିଜର କ୍ରିକେଟ୍ ଯାତ୍ରା ଆରମ୍ଭ କରିଥିବା ଏହି କ୍ରିକେଟ୍ ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସେ ୧୯ ବର୍ଷରୁ କମ୍ 'କୁଚ୍ ବିହାର ଟ୍ରଫି' ଏବଂ 'ଭିନୁ ମଙ୍କଡ ଟ୍ରଫି'ରେ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟକତ୍ୱ କରିଛନ୍ତି। ସେଲ୍ ପରିବାରର ଏହି ଉଦୀୟମାନ ଯୁବ ପ୍ରତିଭା ୨୦୧୯ ମସିହାରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ। ୱିକେଟ୍ କିପର ଭାବରେ ଷ୍ଟମ୍ପ ପଛରେ ନିଜର ଚପଳତା ଏବଂ ଦକ୍ଷତା ପାଇଁ ଜଣାଶୁଣା ଏହି ଯୁବ କ୍ରିକେଟର ଇନିଂସରେ ଓପନିଂ ମଧ୍ୟ କରନ୍ତି। ୨୦୨୫-୨୬ର ଭାରତୀୟ ଘରୋଇ କ୍ରିକେଟ ଅଗଷ୍ଟ ଶେଷରେ ଦୁଲିପ ଟ୍ରଫିରୁ ଆରମ୍ଭ ହେବ, ଯାହା ଦୀର୍ଘ ଘରୋଇ ଟେଷ୍ଟ ପାଇଁ ପ୍ରସ୍ତୁତି ଭାବେ ଆୟୋଜିତ ହେବ। ଗତ ବର୍ଷ ଚାରି-ଦଳଗତ ପ୍ରଣାଳୀ ବଦଳରେ ଜୋନାଲ ପ୍ରଣାଳୀ ଫେରିଛି, ଯେଉଁଥିରେ ଗତ ୨୦୨୩ର ଅର୍ଦ୍ଧପ୍ରାକ୍କାଳୀନରେ ଦକ୍ଷିଣ ଜୋନ୍ ଓ ପଶ୍ଚିମ ଜୋନ୍ ସିଧାସଳଖ ଅର୍ଦ୍ଧପ୍ରାକ୍କାଳୀନରେ ଯୋଗ ଦେବେ। ଟୁର୍ଣ୍ଣାମେଣ୍ଟ ଉତ୍ତର ଜୋନ୍ ଓ ଇଷ୍ଟ ଜୋନ୍, ସହିତ ମଧ୍ୟ ଜୋନ୍ ଓ ଉତ୍ତର-ପୂର୍ବ ଜୋନ୍ ମଧ୍ୟରେ କ୍ୱାର୍ଟର ଫାଇନାଲ୍‌ରୁ ଆରମ୍ଭ ହେବ। ଇଷ୍ଟ ଜୋନ୍ ଦଳ: ଅଭିମନ୍ୟୁ ଇଶ୍ୱରନ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ବିରାଟ ସିଂ, ଡିନିଶ ଦାସ, ଶ୍ରୀଦାମ ପାଉଲ, ଶରନଦୀପ ସିଂ, କୁମାର କୁଶଗ୍ର, ରିୟାନ ପରାଗ, ଉତ୍କର୍ଷ ସିଂ, ମନୀଷୀ, ସୁରଜ ସିନ୍ଧୁ ଜୟସ୍ୱାଲ, ମୁକେଶ କୁମାର, ଆକାଶ ଦୀପ, ମହମ୍ମଦ ଶାମୀ।

# 'ମିଟ୍ ଇୟୋର୍ ଏକ୍ସପର୍ଟ' ଆପ୍ କ୍ରୀଡ଼ା ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଖେଳାଳି ଓ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ ପେସାଦାରଙ୍କ ମଧ୍ୟରେ ଥିବା ବଡ଼ ବ୍ୟବଧାନକୁ ହ୍ରାସ କରିବା ଏବଂ ସମନ୍ୱୟ ରଖି ବିଭିନ୍ନ ଶାରୀରିକ ସମସ୍ୟା ତଥା ଫିଟ୍‌ନେସ୍ ବଜାୟ ରଖିବା ଲକ୍ଷ୍ୟ ନେଇ ପ୍ରସ୍ତୁତ ମୋବାଇଲ୍ ଆପ୍ 'ମିଟ୍ ଇୟୋର୍ ଏକ୍ସପର୍ଟ' (Meeturexpert/ ME) ରବିବାର ଉନ୍ମୋଚିତ ହୋଇଯାଇଛି। ଭାରତୀୟ କ୍ରୀଡ଼ା ଦୁନିଆ ପାଇଁ ଏହି ଅଭିନବ ପ୍ରୟାସଟି ଆରମ୍ଭ ହୋଇଛି ଓଡ଼ିଶାରୁ। ଭାରତୀୟ ହକି ଦଳର ପୂର୍ବତନ ଅଫିସିଆଲ୍ ତଥା ଖ୍ୟାତନାମା ଫିଜିଓ ମୁକ୍ତି ପ୍ରସାଦ ଦାଶଙ୍କ ମାନସପୁତ୍ର ଏହି ଆପ୍ ସବୁସ୍ତରର ଖେଳାଳିଙ୍କ ମଧ୍ୟରେ ଉପ ?ଯୋଗୀ ସାବ୍ୟସ୍ତ ହେବ ଏବଂ ନୂଆ ଜୀବନରେଖା ଭଳି କାମ କରିବ ବୋଲି ରବିବାରର ଉନ୍ମୋଚନ ଉତ୍ସବରେ ବକ୍ତାମାନେ ଆଶା ପ୍ରକଟ କରିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉନ୍ମୋଚନ କରିବା ସହ ଶୁଭକାମନା ଜଣାଇଛନ୍ତି। କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ ସେଣ୍ଟର୍ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଏକ ଉତ୍ସବରେ ଅନ୍ୟତମ ଅତିଥିଭାବେ ବିଶିଷ୍ଟ କ୍ରୀଡ଼ା ଅସ୍ଥିଶଲ୍ୟ ବିଶେଷଜ୍ଞ ରଂଜିତ ପାଣିଗ୍ରାହୀ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ହକି ପ୍ରଶିକ୍ଷକ ଅଜୟ କୁମାର ବଂଶଲ, ଓଡ଼ିଶା ହକି ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇଏଏସ୍ ? ଦୀପଙ୍କର ମହାପାତ୍ର, ପ୍ରଥମ ଓଡ଼ିଆ ଅର୍ଜୁନ ପୁରସ୍କାର ବିଜୟିନୀ ସାଇକ୍ଲିଷ୍ଟ୍ ମିନତି ମହାପାତ୍ର, ଅଲିମ୍ପିଆନ୍ ଧାବିକା ଶ୍ରାବଣୀ ନନ୍ଦ ପ୍ରମୁଖ ଏହି ଆପ୍‌ର ଆବଶ୍ୟକତା ଅପରିହାର୍ଯ୍ୟ ଥିଲା ବୋଲି ମତ ବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ପରିଚୟ ପ୍ରଦାନ କରିଥିଲେ। ଆଥ୍‌ଲାଇନ୍ ଏଜୁଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡକ୍ଟର ମୁକ୍ତି ପ୍ରସାଦ ଦାଶ ଆପ୍‌ରେ ଉପଲବ୍ଧ ୧୬ଟି ବିଭାଗ ଜଣେ ଖେଳାଳି ପାଇଁ ଅତ୍ୟନ୍ତ ଉପକାରିତା ଆଣିଦେବ ବୋଲି ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ଆଲୋଚନାଚକ୍ରରେ କ୍ରୀଡ଼ା ମନସ୍ତତ୍ତ୍ୱବିତ୍ ଯୋଗମାୟା ପଣ୍ଡା, ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସମ୍ପାଦକ ସୁରେଶ ସ୍ୱାଇଁ ଅନ୍ୟମାନଙ୍କ ସହ ସାମିଲ ହୋଇ ତୃଣମୂଳସ୍ତରରେ ଏହି ଆପ୍‌ର ଚାହିଦା ରହିବ ବୋଲି ମତ ରଖିଥିଲେ। ଏହି ଅବସରରେ କ୍ରୀଡ଼ାକ୍ଷେତ୍ରରେ ଅବଦାନ ରଖିଥିବା ନବକୁମାର ମିଶ୍ର, ଆରଏନ୍ ରାଉତରାୟ, ରଶ୍ମିରଂଜନ ପରିଡ଼ା, ନିପେନ ଦାସ, ଦିଲୀପ ମୋଟ୍‌ୱାନୀ, ଯୋଗମାୟା ପଣ୍ଡା ଓ ସୁରେଶ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆପ୍‌ରେ କ୍ରୀଡ଼ା ବିଜ୍ଞାନୀଙ୍କ ସହ କ୍ରୀଡ଼ା ଚିକିତ୍ସକ, ଡାଏଟିସିଆନ୍, ଫିଜିଓଥେରାପିଷ୍ଟ, ସ୍ପୋର୍ଟସ ସାଇନ୍ସ ଏକ୍ସପର୍ଟ, ଫିଟ୍‌ନେସ୍ ଟ୍ରେନର ଓ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ କଣ୍ଡିସନିଂ କୋଚ୍, ଭିଡିଓ ଆନାଲିଷ୍ଟ, ସ୍ପୋର୍ଟସ ମେନେଜ୍ ଏକ୍ସପର୍ଟ, ସାଇକୋଲୋଜିଷ୍ଟ, ବାୟୋମେକାନିକ୍ ସ୍ପେଶାଲିଷ୍ଟ, ସ୍ପୋର୍ଟସ ଯୋଗା ପ୍ରଫେସନାଲ୍ସ, ଏକ୍ସରସାଇଜ୍ ଫିଜିଓଲଜିଷ୍ଟ, ସ୍ପୋର୍ଟସ ଡାଏଗ୍ନୋଷ୍ଟିକ୍ସ ଏକ୍ସପର୍ଟ ଆଦି ୧୬ଟି ବର୍ଗର ଉପକାରିତା ମିଳିବ।

# ବିଏମ୍‌ସି ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାୟତ୍ତ ଶାସନ ଦିବସ ଅବସରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ରିକ୍ରିଏସନ କ୍ଲବ ପକ୍ଷରୁ ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ଟସ୍ ଜିଣି କମିଶନର ଏକାଦଶ ବ୍ୟାଟିଂ ସାଇଡ୍ ନେଇଥିଲା । ପ୍ରଥମେ ମାନନୀୟା ମେୟର ସୁଲୋଚନା ଦାସ ବଲ୍ ପକାଇ ଖେଳର ଶୁଭାରମ୍ଭ କରିଥିବା ବେଳେ କମିଶନର ଚଞ୍ଚଳ ରାଣା ବ୍ୟାଟିଂର ଶୁଭାରମ୍ଭ କରିଥିଲେ । ୧୨ ଓଭର ବିଶିଷ୍ଟ ଏହି ମ୍ୟାଚରେ ଓପନର ଭାବେ କମିଶନର ଏକାଦଶର କ୍ୟାପଟେନ ତଥା କମିଶନର ଚଞ୍ଚଳ ରାଣା ଓ ଭାଇସ୍ କ୍ୟାପଟେନ ତଥା ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ପଡିଆକୁ ଓହ୍ଲାଇଥିଲେ । ଅଧିନାୟକ ଶ୍ରୀ ରାଣା ଆକର୍ଷଣୀୟ ଛକା ମାରି ସମସ୍ତଙ୍କୁ ସମ୍ମିଭୁତ କରିଥିଲେ । ଜୋନାଲ କମିଶନର ରାକେଶ ପାତ୍ର, ଇଂଜିୟର ତାରସ ମାରାଣ୍ଡି, ଜୋନାଲ କମିଶର ମନ୍ମଥ କୁମାର ନାୟକ, ଧନଞ୍ଜୟ ମହାନ୍ତ ପ୍ରମୁଖ ଭଲ ଖେଳ ପ୍ରଦର୍ଶନ କରିଥିଲେ । ୫ ୱିକେଟ୍ ବିନିମୟରେ କମିଶନର ଏକାଦଶକୁ ୧୭୬ ରନରେ ଶାନ୍ତ ହେବାକୁ ପଡିଥିଲା । ୧୭୭ ରନ୍ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ମେୟର ଏକାଦଶର କ୍ୟାପଟେନ ମହିର କୁମାର ରାଉତ ଓ ତାଙ୍କ ଟିମ୍ । ଅଲ ରାଉଣ୍ଡର ଶେକ୍ ନୁର୍ ହାସନ ଛକା ଚୌକାର ବର୍ଷା କରି ଦଳକୁ ୧୫୧ ରନରେ ପହଁଞ୍ଚାଇ ଦେଇଥିଲେ । ସେ ବ୍ୟକ୍ତିଗତ ଭାବେ ଏକାକି ୭୦ ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଛନ୍ତି । ମେୟର ଏକାଦଶ ପକ୍ଷରୁ ବିରଞ୍ଚି ନାରାୟଣ ମହାସୂପକାର, ରାମଚନ୍ଦ୍ର ରଣସିଂହ, ଅଜିତ୍ ବେହେରା, ନୃପେଶ କୁମାର ନାୟକ, କୁମାରେନ୍ଦ୍ର ମହାପାତ୍ର, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଏଥିରେ ଭଲ ଖେଳ ପ୍ରଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁଙ୍କ ସହ ବହୁ କର୍ପୋରେଟର, ବିଏମ୍‌ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ବିଏମ୍ ସି ରିକ୍ରିଏସ କ୍ଲବର ସାଧାରଣ ସଂପାଦକ ଶୁଭକାନ୍ତ ପାଢୀ ।

# ପ୍ରଶାସନ ଓ ନାଗରିକ ଏକାଦାଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍



ସମ୍ବଲପୁର (ଭସ୍କର ନ୍ୟୁଜ୍): ସ୍ୱାଧୀନତା ଦିବସରେ ସମ୍ବଲପୁରର ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ୪ସି ପଡିଆଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଦୁଇ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ମନ୍ତ୍ରୀ କହିଥିଲେ ଯେ, ସମ୍ବଲପୁରର ଏହା ଏକ ନିଆରା ପରମ୍ପରା। ଅନେକ ବର୍ଷ ହେଲା ଜିଲା ପ୍ରଶାସନ ସହିତ ନାଗରିକଙ୍କର କେମିତି ଏକ ସୁନ୍ଦର ଭାବ ବିନିମୟ ହେବ ଏବଂ ଗୋଟେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରହିବ ସେଥିପାଇଁ ବିଭିନ୍ନ ବିଶେଷ ଦିନରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଓ ଫୁଟବଲ ମ୍ୟାଚ ଆୟୋଜନ କରାଯାଇଥାଏ। ମନ୍ତ୍ରୀ ବ୍ୟାଟିଂ କରି ମ୍ୟାଚକୁ ଉଦଘାଟନ କରିଥିଲେ। ନାଗରିକ ଏକାଦଶର ଅଧିନାୟକ ସୁଧୀର ବହିଦାର ଓ ପ୍ରଶାସନ ଏକାଦଶର ଅଧିନାୟକ ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇ ନିଜ ନିଜ ଦଳର ଖେଳାଳିଙ୍କ ସହ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ପୂଜାରୀ, ସମ୍ମାନିତ ଅତିଥି ଜିଲାପାଳ ସିଦ୍ଧେଶ୍ୱରବଳିରାମ ବୋନ୍ଦର, ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଓ ମହାନଗର ନିଗମର ଆୟୁକ୍ତ ରୋହନ କ୍ଷେତ୍ରୀଙ୍କୁ ପରିଚିତ କରାଇଥିଲେ। ପ୍ରଥମେ ବ୍ୟାଟିଂ କରି ନାଗରିକ ଏକାଦଶ ୧୦ ଓଭରରେ ୧୧୮ ରନ କରିଥିବା ବେଳେ ପ୍ରଶାସନ ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୧୧୮ ରନ କରି ଅଲଆଉଟ ହୋଇଯାଇଥିଲେ। ଫଳରେ ଅମ୍ପାୟାର ସୁରଜ ବାଗ ମ୍ୟାଚକୁ ଡ୍ର ଘୋଷଣା କରିଥିଲେ। ଶେଷରେ ବିନା ହାର ଜିତରେ ଶେଷ ହୋଇଥିବା ମ୍ୟାଚ ରେ ପ୍ରଶାସନ ଏକାଦଶ ନାଗରିକ ଏକାଦଶ କ ବିଜେତା ଟ୍ରଫି ପ୍ରଦାନ କରିବା ସହ ବନ୍ଧୁତ୍ୱ ଭାବର ପରିପ୍ରକାଶ କରିଥିଲେ।

# ଏସିଆ କପ୍‌ରୁ ବାଦ୍ ପଡିବେ ଗିଲ୍, ଶ୍ରେୟସଙ୍କୁ ମିଳିବ ସୁଯୋଗ !




ନୂଆଦିଲ୍ଲୀ: ଏସିଆ କପ୍‌କୁ ନେଇ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। କିଏ ରହିବେ କିଏ ବାଦ୍ ପଡିବେ ଚାଲିଛି ଅଙ୍କ କଷା। ଏଥିନେଇ ଆସନ୍ତାକାଲି ବସିବ ବୈଠକ। ଅଜିତ ଅଗରକରଙ୍କ ନେତୃତ୍ୱରେ ପୁରୁଷ ଜାତୀୟ ଚୟନ କମିଟି ଟିମ୍ ଚୟନ କରିବାକୁ ବୈଠକ ବସିବ । ତେବେ ଆଶ୍ୱସ୍ତିକର କଥା ହେଉଛି, ସୂର୍ଯ୍ୟକୁମାର ଯାଦବ ଫିଟନେସ୍ ଟେଷ୍ଟରେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। କିଛି ଦିନ ପୂର୍ବରୁ ସୂର୍ଯ୍ୟଙ୍କର ଅସ୍ତ୍ରୋପଚାର ହୋଇଥିଲା, ଯାହା ପରେ ସେ ଫିଟନେସ୍ ପରୀକ୍ଷାରେ ପାସ୍ କରିଛନ୍ତି। ତଥାପି ଚୟନକର୍ତ୍ତାଙ୍କ ସମ୍ମୁଖରେ ଅନେକ ସମସ୍ୟା ରହିଛି । ସେମାନଙ୍କୁ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ । ତେବେ ବଡ଼ ପ୍ରଶ୍ନ ହେଉଛି ଶୁବମନ ଗିଲ୍ ଏବଂ ଯଶସ୍ୱୀ ଜୟସୱାଲଙ୍କ ପାଇଁ ଦଳରେ ସ୍ଥାନ ମିଳିବ କି ନାହିଁ। ରିପୋର୍ଟ ଅନୁଯାୟୀ, ଶ୍ରେୟସ ଆୟରଙ୍କୁ ଦଳରେ ସାମିଲ କରାଯିବ। ଶୁବମନ ଗିଲଙ୍କ ଅନୁପସ୍ଥିତି ଓ ରୋହିତ ଶର୍ମାଙ୍କ ଅବସର ପରେ, ସଞ୍ଜୁ ସାମସନ୍ ଓ ଅଭିଷେକ ଶର୍ମାଙ୍କୁ ଟି-୨୦ରେ ଓପନିଂ କରିବାର ସୁଯୋଗ ମିଳିଥିଲା। ଯାହା ସେମାନେ ପୂର୍ଣ୍ଣ ଉପଯୋଗ କରିଛନ୍ତି। ତେଣୁ, ଫିଟ୍ ଥିବା ସମୟରେ ସେମାନଙ୍କୁ ବାଦ ଦେବାର କୌଣସି ଅର୍ଥ ନାହିଁ। ଶୁଭମାନ ଗିଲ୍ ଏବଂ ଯଶସ୍ୱୀ ଜୟସୱାଲ ଭାରତୀୟ ଦଳର ବଡ଼ ନାମ । ତେଣୁ ଚୟନକର୍ତ୍ତାମାନେ ଉଭୟଙ୍କୁ ବାଦ ଦେବାର ସାହସିକ ନିଷ୍ପତ୍ତି ନେଇପାରିବେ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ। ରିପୋର୍ଟ ଅନୁଯାୟୀ, ଚୟନକର୍ତ୍ତାମାନେ ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି । ଶୁବମନ ଗିଲ ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ଏସିଆ କପ୍ ଦଳରୁ ବାହାରେ ରଖିବାକୁ ଯୋଜନା ଚାଲିଛି । ଅଜିତ ଅଗରକର ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ସମ୍ପ୍ରତି ଟି-୨୦ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଦଳକୁ ବଜାୟ ରଖିବାକୁ ପ୍ରସ୍ତୁତ ହେଉଛନ୍ତି। ଏସିଆ କପ୍ ୨୦୨୫ର ଶେଷ ମ୍ୟାଚ୍ ୨୮ ସେପ୍ଟେମ୍ବରରେ ଖେଳାଯିବ । ଯାହା ପରେ ଭାରତ ୨ ଅକ୍ଟୋବରରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏକ ଟେଷ୍ଟ ସିରିଜ୍ ଖେଳିବ। ତେଣୁ, ଅଧିନାୟକ ଗିଲ ଏବଂ ଜୟସ୍ୱାଲଙ୍କୁ ସେହି ସିରିଜ୍ ପାଇଁ ପ୍ରସ୍ତୁତ ରଖିବା ପାଇଁ ମଧ୍ୟ ଏହା କରାଯାଇପାରିବ। ସମାନ ରିପୋର୍ଟରେ କୁହାଯାଇଛି ଯେ ଚୟନକର୍ତ୍ତାମାନେ ଶ୍ରେୟସ ଆୟରଙ୍କୁ ଦଳରେ ଓ ଜିତେଶ ଶର୍ମାଙ୍କୁ ଦ୍ୱିତୀୟ ୱିକେଟକିପର ଭାବରେ ସାମିଲ କରିପାରିବେ। ଜିତେଶ ଆଇପିଏଲ୍‌ରେ ଆର୍‌ସିବି ପାଇଁ ଖେଳୁଥିବା ସମୟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଆର୍‌ସିବିକୁ ପ୍ରଥମ ଟାଇଟଲ୍ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେହି ସମୟରେ, ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ ଆୟରଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ମଧ୍ୟ ଉତ୍କୃଷ୍ଟ ଥିଲା । ଶ୍ରେୟସ ଆୟର ଆଇପିଏଲ ୨୦୨୫ରେ ଖେଳାଯାଇଥିବା ୧୭ ମ୍ୟାଚରେ ୧୭୫.୦୭ ଷ୍ଟ୍ରାଇକ ରେଟରେ ୬୦୪ ରନ କରିଥିଲେ । ଯେଉଁଥିରେ ୬ ଅର୍ଦ୍ଧଶତକ ମଧ୍ୟ ସାମିଲ ଥିଲା । ତାଙ୍କ ଅଧିନାୟକତ୍ୱରେ ପଞ୍ଜାବ ଫାଇନାଲରେ ପହଞ୍ଚିଥିଲା। ରିପୋର୍ଟ ଅନୁଯାୟୀ, ୟୁଏଇର ପରିସ୍ଥିତିକୁ ବିଚାର କରି ଚୟନକର୍ତ୍ତାମାନେ ଦଳରେ ଜଣେ ଅଭିଜ୍ଞ ମଧ୍ୟମ କ୍ରମ ବ୍ୟାଟସମ୍ୟାନ ଚାହାଁନ୍ତି। ଏହି କାରଣରୁ, ଦଳରେ ଶ୍ରେୟସ ଆୟରଙ୍କ ଚୟନ ନିଶ୍ଚିତ ବୋଲି ବିବେଚନା କରାଯାଉଛି। ୟୁଏଇରେ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତ ବିଜୟରେ ଆୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହାର ଫାଇନାଲରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରି ଟାଇଟଲ ଜିତିଥିଲା। ଫାଇନାଲରେ ଆୟର ୪୮ ରନ କରିଥିଲେ। ଯଦି ଶ୍ରେୟସ ଆୟରଙ୍କୁ ଏସିଆ କପ୍ ଦଳରେ ସାମିଲ କରାଯାଏ । ତେବେ ରିଙ୍କୁ ସିଂହ ଓ ଶିବମ ଦୁବେଙ୍କ ମଧ୍ୟରୁ ଜଣଙ୍କୁ ବାଦ ଦେବାକୁ ପଡ଼ିପାରେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ଦଳ ଚୟନ ପାଇଁ ବୈଠକରେ ଯୋଗଦେବେ।

# ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି: ମନ୍ଦାକିନୀଙ୍କୁ ଯୁଗଳ ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ଯୁଗ୍ମସମ୍ପାଦକ ସଂଜୀବ ବିଶ୍ୱାଳ ଡକ୍ଟର ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ କ୍ରୀଡ଼ା ସାମ୍ବାଦିକଙ୍କ ମଧ୍ୟରେ ବଂଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାହୁକୁସ୍ତିରେ ୭୫ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ ନନ୍ଦ, ରଂଜନ ରାୟ ଏବଂ ୭୫ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଂଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ବଂଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଂଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ଜିତିଥିଲେ। ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ବିବେଚିତ ହୋଇ ଦ୍ୱିମୁକୁଟ ସହ ଯୁଗଳ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ। ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ବେଣୁଧର ଦାସ, ବିମ୍ବଳ ରାଉଳ, ମନୋରଂଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ କରାଟେ ସ୍କୁଲ୍‌ର ମୁଖ୍ୟ ଡକ୍ଟର ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଫଟୋ ସାମ୍ବାଦିକ ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖି, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ସଂଚାଳନ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା




ବଜାରରେ ମିଳୁଥିବା ଚିପ୍ସରେ ଏପରି ଅନେକ ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ମିଶାଯାଏ ଯାହା ଶରୀର ପାଇଁ ବିଷ ପରି କାର୍ଯ୍ୟ କରେ। ଆସନ୍ତୁ ଡାକ୍ତରଙ୍କଠାରୁ ଜାଣିବା ଚିପ୍ସ ଖାଇବାର କ'ଣ କ୍ଷତି ଏବଂ କେଉଁ ରୋଗର ଆଶଙ୍କା ବୃଦ୍ଧି କରେ। ବିଶେଷଜ୍ଞ କହିଛନ୍ତି ଯେ ଆଜିକାଲି ଚିପ୍ସ ଭଳି ଖାଦ୍ୟ ପିଲାମାନଙ୍କ ଖାଦ୍ୟରେ ଦ୍ରୁତ ଗତିରେ ସ୍ଥାନ ପାଉଛି। ଏଗୁଡ଼ିକ ଖାଇବାକୁ ସ୍ୱାଦିଷ୍ଟ, କିନ୍ତୁ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇପାରେ। ଚିପ୍ସ ଖାଇଲେ କେଉଁ ରୋଗ ହୁଏ: ଡାକ୍ତରଙ୍କ ମତରେ ଚିପ୍ସରେ ଅଧିକ ପରିମାଣର ଟ୍ରାନ୍ସ ଫ୍ୟାଟ୍, ସାଚୁରେଟେଡ୍ ଫ୍ୟାଟ୍ ଏବଂ ସୋଡିୟମ୍ ଥାଏ, ଯାହା ପିଲାମାନଙ୍କ ମଧ୍ୟରେ ସ୍ଥୁଳତା, ଉଚ୍ଚ ରକ୍ତଚାପ ଏବଂ ହୃଦରୋଗର ଆଶଙ୍କାକୁ ଦ୍ରୁତ ଗତିରେ ବୃଦ୍ଧି କରୁଛି। ଚିପ୍ସରେ ଥିବା ପ୍ରିଜରଭେଟିଭ୍ ଏବଂ କୃତ୍ରିମ ସ୍ୱାଦ ମଧ୍ୟ ପାଚନ ପ୍ରଣାଳୀ ଏବଂ ମସ୍ତିଷ୍କ ବିକାଶକୁ କ୍ଷତି ପହଞ୍ଚାଇପାରେ। ଚିପ୍ସରେ କେବଳ ଲୁଣ ନୁହେଁ ବରଂ ପ୍ରଚୁର ପରିମାଣରେ ଚିନି ମଧ୍ୟ ଥାଏ। ଚିପ୍ସ ଖାଇବାର ପାର୍ଶ୍ୱ ପ୍ରତିକ୍ରିୟା: ଯଦି ଆପଣ ଚିପ୍ସ ଭଳି ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ ଦୀର୍ଘ ସମୟ ଧରି ଖାଆନ୍ତି, ତେବେ ଏହା ଶରୀରରେ ଭିଟାମିନ୍, ଫାଇବର ଏବଂ ପ୍ରୋଟିନର ଅଭାବ ସୃଷ୍ଟି କରିପାରେ। କାରଣ ଚିପ୍ସ ଭୋକ ଦୂର କରେ କିନ୍ତୁ କେବଳ କ୍ୟାଲୋରୀ ପ୍ରଦାନ କରେ।



## ଆଜି ବିଶ୍ୱ ଫଟୋଗ୍ରାଫି ଦିବସ



ଆଜି ବିଶ୍ୱ ଫଟୋଗ୍ରାଫି ଦିବସ । ପ୍ରତିବର୍ଷ ୧୯ ଅଗଷ୍ଟକୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଏ । ଅନେକ ହୁଏତ ଜାଣିନଥିବେ ଯେ ୧୮୩୯ ମସିହାରେ ସର୍ବପ୍ରଥମେ ଫଟୋଗ୍ରାଫି ଶବ୍ଦର ଆବିଷ୍କାର କରିଥିଲେ ସାର ଜନ ହର୍ସେଲ। ସେହିଭଳି ୧୯୭୫ରେ କୋଡ଼ାକ କମ୍ପାନୀ ପ୍ରଥମ ଡିଜିଟାଲ କ୍ୟାମେରା ବଜାରକୁ ଛାଡ଼ିଥିଲା। ସମୟ ଥିଲା ଦୁନିଆର ପ୍ରଥମ ଫଟୋ ଉଠାଇବା ନିମିତ୍ତ ଆଠଘଣ୍ଟା ସମୟ ଲାଗିଥିଲା ବୋଲି ଏକ ତଥ୍ୟ ଜଣାଯାଏ। ୧୮୮୫ରେ ଆନୁଷ୍ଠାନିକ ଭାବେ ଭାରତକୁ କ୍ୟାମେରା ଆସିଥିଲା ଓ ଦିନକୁ ଦିନ କ୍ୟମେରାର ଚାହିଦା ମଧ୍ୟ ବଢୁଛି। ସର୍ବପ୍ରଥମେ ୧୮୩୭ ମସିହାରେ ଜୋସେଫ୍ ନାଇସ୍‌ଫୋର୍ ନିପ୍‌ସେ ଏବଂ ଲୁଇସ୍ ଡାଗ୍ୟୁରେ ଫଟୋଗ୍ରାଫିକ୍ ପ୍ରକ୍ରିୟା ବିକାଶ କରିଥିଲେ । ୧୮୩୯ ମସିହା ଜାନୁଆରୀ ୯ ତାରିଖରେ ଦ ଫ୍ରେଞ୍ଚ୍ ଏକାଡ଼େମୀ ଅଫ୍ ସାଇନ୍ସେସ୍ ଏହାକୁ ଡାଗ୍ୟୁରିଓଟାଇପ୍ ପ୍ରକ୍ରିୟା ବୋଲି ଘୋଷଣା କଲେ । ଏହାର କିଛି ମାସ ପରେ ଅର୍ଥାତ୍ ଅଗଷ୍ଟ ୧୯, ୧୮୩୯ରେ ଫ୍ରେଞ୍ଚ୍ ସରକାର ଏହାର ପେଟେଣ୍ଟ କଣିବା ସହ ଏହି ଉଦ୍ଭାବନକୁ ସାଧାରଣ ଲୋକଙ୍କ ପାଇଁ ଘୋଷଣା କଲେ । ସେହି ଦିନଠାରୁ ପ୍ରତିବର୍ଷ ୧୯ ଅଗଷ୍ଟକୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଏ । ଫଟୋଗ୍ରାଫି କେବଳ ତ କୌଶଳ ବା ସଉକ ନୁହେଁ ଏହା ତମାମ ଜୀବନ ପାଇଁ ସାଇତି ରହୁଥିବା ସ୍ମୃତି ଅନୁଭୂତିର ଅନେକ ଝଲକ। ଫଟୋଟିଏ ଭିତରେ ଥାଏ କେତେ ଭାବନା, କେତେ ଉତ୍ସାହ ଉଦ୍ଦୀପନା। ଖାଲି ଆଖିରେ ଯାହା ଆମକୁ ଅତି ସାଧାରଣ ଦିଶେ, ଫଟୋରେ ତାହା ପାଲଟିଯାଏ ଅଦ୍ଭୁତ, କମନୀୟ ଓ ମନଲୋଭା ଅପରୂପ ସୌନ୍ଦର୍ଯ୍ୟରେ ଭରା। କିଛି ନକହିବି ଫଟୋ କହିଯାଏ ଅନେକ କଥା। ସୃଷ୍ଟି କରେ ଭାବପ୍ରବଣତା। ଫଟୋର ନିର୍ଦ୍ଦିଷ୍ଟ କୌଣସି ଭାଷା ନଥାଏ କିନ୍ତୁ ସମସ୍ତେ ବୁଝିପାରିବା, ହୃଦୟଙ୍ଗମ କରିପାରିବା ଭଳି ଗୋଟିଏ ମଧୁର ଆବେଦନ ରହିଥାଏ। ଗୋଟିଏ ଗୋଟିଏ ଫଟୋ ଏପରି ରହିଥାଏ ଯାହା ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦିଏ। ସମ୍ଭବତଃ ଏକ ପ୍ରସିଦ୍ଧ ଧାଡ଼ିଟି ରହିଛି – ଏ ଫଟୋ ଗ୍ରାଫ ଇଜି ଏ ପଜ ଇନ ଲାଇଫ୍। ସମୟ କାହାକୁ ଅପେକ୍ଷା କରେନାହିଁ ମାତ୍ର କ୍ୟାମେରାରେ କଏଦ କରି ସ୍ମୃତିରେ ସାଇତି ହୁଏ ସମୟର କିଛି ଝଲକକୁ। ଫଟୋଗ୍ରାଫି କେବଳ ଏକ କୌଶଳ ବା ସଉକ ନୁହେଁ ଏହା ତମାମ ଜୀବନ ପାଇଁ କେତୋଟି ସ୍ମୃତି ସାଇତି ରଖିବାର ଏକ ଉତ୍ତମ ମାଧ୍ୟମ। ଗୋଟିଏ ଫଟୋରେ କେତେ ଭାବନା, କେତେ ମଧୁର ସ୍ମୃତି ସାଇତି ହୋଇ ରହିଥାଏ ତାହା ପରମୁହୂର୍ତ୍ତରେ ଦେଖିଲେ ଜଣାପଡ଼େ। କେବେ କେବେ ସାଧାରଣ ଆଖି ଦେଖିପାରୁ ନଥିବା କଥା ଫଟୋ ମାଧ୍ୟମରେ ଲୋକଲୋଚନକୁ ଆସେ। ଅନ୍ୟ ଅର୍ଥରେ କହିବାକୁଗଲେ ଫଟୋଗ୍ରାଫି ଏକ ଏଭଳି ଭାଷା ଯାହାକୁ ସବୁ ଭାଷାଭାଷୀ ଲୋକ ବୁଝିପାରନ୍ତି। ଆଲୋକ ଓ ସମୟର ସମନ୍ୱୟ ଏହି ଫଟୋ ଯାହା ମସ୍ତିଷ୍କରେ ସାଇତା ସ୍ମୃତିକୁ ଉଜ୍ଜୀବିତ କରେ। ଫଟୋଗ୍ରାଫିର ଯୁଗ କେହି କେହି କୁହନ୍ତି ଯେ ହଜିଛି ଷ୍ଟୁଡିଓ। ଦିନଥିଲା ଏହି କଳାଧଳା ଛାପ ଛାଡ଼ି ଯାଇଥିବା ସ୍ଥିର ଚିତ୍ର ଏବେ ହାତ ପାହାନ୍ତାର ମୋବାଇଲ ଫୋନରେ ଉପଲବ୍ଧ। ଅନେକ ସମୟରେ ଗୋଟିଏ ଗୋଟିଏ ଫଟୋ ଗୋଟିଏ ଗୋଟିଏ କାହାଣୀ ସୃଷ୍ଟି କରିଛି। କୌଣସି ଶବ୍ଦ ବ୍ୟବହାର ନକରି ଏହା ତମାମ କାହାଣୀର ଆମୂଳଚୂଳ ବର୍ଣ୍ଣନା କରିଥାଏ।



## ନିଦ୍ରା ଅଭାବ ବିଗାଡ଼ି ଦିଏ ବ୍ଲଡ ସୁଗାର ସ୍ତର...

*ଯେତେବେଳେ ବ୍ଲଡ ସୁଗାର ଲେବଲ ଖରାପ ହୁଏ, ସେତେବେଳେ ଦେଖାଯାଏ ଯେ ଖାଇବା ପିଇବାରେ ସମସ୍ୟା ରହିଛି । କିନ୍ତୁ ସବୁ କ୍ଷେତ୍ରରେ ଏହା ହୁଏ ନାହିଁ। ଶୋଇବା ଯୋଗୁଁ ମଧ ବ୍ଲଡ ସୁଗାର ସ୍ତର ଅସନ୍ତୁଳନ ହୋଇପାରେ । ଆଜିକାଲି ଲୋକମାନେ ଯେଉଁ ପ୍ରକାରର ଜୀବନଶୈଳୀରେ ରହୁଛନ୍ତି, ସେମାନଙ୍କ ପାଖରେ ଶୋଇବା ପାଇଁ ସମୟ ନାହିଁ କିମ୍ବା ସେମାନେ ଅନିଦ୍ରା ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ବିଳମ୍ବିତ ରାତିରେ କାମ କରିବା କିମ୍ବା ଟିଭି ଦେଖିବା ଅଭ୍ୟାସ ଆପଣଙ୍କ ସୁଗାର ସ୍ତରକୁ ପ୍ରଭାବିତ କରିପାରେ ...*

ଆମ ଶରୀରରେ ହରମୋନ, ମସ୍ତିଷ୍କ ଏବଂ ବ୍ଲଡ ସୁଗାର ସ୍ତର ମଧ୍ୟରେ ଏକ ସିଧାସଳଖ ସମ୍ପର୍କ ଅଛି, ଯାହାକୁ ଅଧିକାଂଶ ଲୋକ ବୁଝିପାରନ୍ତି ନାହିଁ। ଯଦି ଏହି ସଂଯୋଗ ବିଗିଡି ଯାଏ , ତେବେ ଏହା ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଇପାରେ।

◆ ଯଦି ଆପଣ ପର୍ଯ୍ୟାପ୍ତ ନିଦ ନ ପାଆନ୍ତି, ତେବେ ଶରୀରରେ ଷ୍ଟ୍ରେସ ହରମୋନ କର୍ଟିସୋଲ ବୃଦ୍ଧି ପାଇବାକୁ ଲାଗେ। ଏହି ହରମୋନ ସିଧାସଳଖ ରକ୍ତରେ ଶର୍କରା ସ୍ତରକୁ ବୃଦ୍ଧି କରିଥାଏ।




◆ ପ୍ରାରମ୍ଭରେ, ଆପଣ ଟିକେ କ୍ଲାନ୍ତ କିମ୍ବା ଚିଡ଼ଚିଡ଼ା ଅନୁଭବ କରିପାରନ୍ତି, କିନ୍ତୁ ଆପଣଙ୍କ ଶରୀରରେ ସୁଗାର ସ୍ତର ଅସନ୍ତୁଳନ କରିସାରିଥାଏ । ଏହି କାରଣରୁ ନିରନ୍ତର ନିଦ୍ରା ଅଭାବ ମଧୁମେହ ହେବାର ଆଶଙ୍କା ବହୁ ଗୁଣ ବୃଦ୍ଧି ପାଏ।

◆ ନିଦ୍ରା ଅଭାବ ଇନସୁଲିନ୍ ସମ୍ବେଦନଶୀଳତାକୁ ମଧ୍ୟ ହ୍ରାସ କରେ। ଇନସୁଲିନ୍ ହେଉଛି ଏକ ହରମୋନ୍ ଯାହା ଖାଦ୍ୟରୁ ସୁଗାରକୁ ଶକ୍ତିରେ ପରିଣତ କରେ। ନିଦ କମିଗଲେ, ଶରୀର ଇନସୁଲିନ୍‌କୁ ସଠିକ୍ ଭାବରେ ବ୍ୟବହାର କରିପାରେ ନାହିଁ। ଫଳସ୍ୱରୂପ ରକ୍ତରେ ସୁଗାର ଜମା ହେବା ଆରମ୍ଭ ହୁଏ। ଧୀରେ ଧୀରେ ଏହି ଅଭ୍ୟାସ ଟାଇପ୍ ୨ ମଧୁମେହ ସୃଷ୍ଟି କରିପାରେ।

◆ ନିଦ୍ରା ଅଭାବ ଯୋଗୁଁ, ଶରୀରରେ ଘେରିଲିନ୍ (କ୍ଷୁଧା ସୃଷ୍ଟିକାରୀ ହରମୋନ୍) ଅଧିକ ହେବାରେ ଲାଗେ ଏବଂ ଲେପ୍ଟିନ୍ (କ୍ଷୁଧା ନିୟନ୍ତ୍ରଣକାରୀ ହରମୋନ୍) ହ୍ରାସ ପାଏ। ଏହାର ଅର୍ଥ ହେଉଛି ନିଦ୍ରା ଅଭାବ ଆପଣଙ୍କୁ ବାରମ୍ବାର ଖାଇବାକୁ ମନ ହୁଏ , ବିଶେଷକରି ମିଠା ଏବଂ ଜଙ୍କ୍ ଫୁଡ୍। ଫଳରେ ବ୍ଲଡ ସୁଗାର ସସସ୍ୟା ଦେଖାଦିଏ ।

◆ ଯେତେବେଳେ ନିଦ କମ୍ ହୁଏ, ମାଂସପେଶୀ ଏବଂ ଯକୃତ ଗ୍ଲୁକୋଜ୍ କୁ ଠିକ୍ ଭାବରେ ବ୍ୟବହାର କରିପାରେ ନାହିଁ, ଯାହା ଫଳରେ ସକାଳେ ଉଠିବା ମାତ୍ରେ ସୁଗାର ସ୍ତର ଅସ୍ୱାଭାବିକ ହୋଇପାରେ।

◆ ଏହି କାରଣରୁ ଡାକ୍ତରମାନେ ସବୁବେଳେ ମଧୁମେହ ରୋଗୀଙ୍କୁ ପର୍ଯ୍ୟାପ୍ତ ନିଦ ନେବାକୁ ପରାମର୍ଶ ଦେଇଥାନ୍ତି। ମନେରଖନ୍ତୁ ଯେ ଭଲ ନିଦ କେବଳ ଥକାପଣ ଦୂର କରିବା ପାଇଁ ନୁହେଁ ବରଂ ଶରୀରକୁ ସୁସ୍ଥ ରଖିବା ପାଇଁ ମଧ୍ୟ ଆବଶ୍ୟକ।



## ବଲିଉଡ୍ ଉପରେ ବର୍ଷିଲେ କନିକା

'ବେବି ଡଲ୍', 'ଚିଟ୍ଟିୟାଁ କଲାଇୟାଁ' ଭଳି ହିଟ୍ ଗୀତର ଗାୟିକା କନିକା କପୁର ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଚର୍ଚ୍ଚିତ ଚେହେରା । ନିକଟରେ ଏକ ସାକ୍ଷାତକାରରେ ସେ ବଲିଉଡ୍‌ର ନିଛକ ସତ୍ୟ ସଂପର୍କରେ ପ୍ରକାଶ କରିଛନ୍ତି । କାହାର ନାମ ନ ନେଇ କନିକା କହିଛନ୍ତି, ଇଣ୍ଡଷ୍ଟ୍ରିର ଅଧିକାଂଶ ଗାୟକଙ୍କୁ ସେମାନଙ୍କ ଗୀତ ଲାଗି ଉପଯୁକ୍ତ ପାରିଶ୍ରମିକ ମିଳେନାହିଁ । ଏହା ବଦଳରେ ସେମାନଙ୍କୁ ଅଳ୍ପ କିଛି ଟଙ୍କାର ଏକ ଟୋକନ୍ ଅର୍ଥ ଦିଆଯାଇଥାଏ । ତାହା ୧୦୧ ଟଙ୍କା ବି ହୋଇପାରେ । ପ୍ରମାଣ ସ୍ୱରୂପ ସେ ତାଙ୍କ ନିକଟରେ ରହିଥିବା ସବୁ କଣ୍ଟ୍ରାକ୍ଟକୁ ଦେଖାଇ ପାରିବେ । ସେଥିରେ ତାଙ୍କୁ ୧୦୧ ଟଙ୍କା ଲେଖାଏଁ ହିଁ ମିଳିଛି । ଅନ୍ୟପଟେ ଏତେ କମ୍ ପାରିଶ୍ରମିକ ମିଳିବା ସତ୍ତ୍ୱେ ଇଣ୍ଡଷ୍ଟ୍ରିର ଲୋକେ ଗାୟକଙ୍କୁ ଦୟା ଦେଖାଇବା ଭଳି ବ୍ୟବହାର ପ୍ରଦର୍ଶନ କରୁଥିବା ସେ ଅଭିଯୋଗ ଆଣିଛନ୍ତି । କନିକା ଆହୁରି କହିଛନ୍ତି ଯେ, ଗାୟକମାନେ ଲାଇଭ୍ ଶୋ' ମାଧ୍ୟମରେ ହିଁ ଟଙ୍କା ରୋଜଗାର କରିଥାନ୍ତି । ଯେବେଯାଏ ଗଳା ଭଲ ଅଛି, ଲୋକେ ଆପଣଙ୍କ ସ୍ୱରକୁ ପସନ୍ଦ କରୁଛନ୍ତି, ସେବେଯାଏ ଆପଣ ଲାଇଭ୍ ଶୋ' ମାଧ୍ୟମରେ ଅର୍ଥ ଉପାର୍ଜନ କରିପାରିବେ । ଯଦି ଦୁର୍ଭାଗ୍ୟକୁ କୌଣସି ଅଘଟଣ ଘଟିଲା ତେବେ ଆମ ଦେଶରେ ଗାୟକଙ୍କ ଲାଗି କୌଣସି ପ୍ରକାର ପେନସନ୍? କିମ୍ବା ଦୀର୍ଘକାଳୀନ ଆର୍ଥିକ ସହାୟତାର ବ୍ୟବସ୍ଥା ନଥିବା ସେ ଦର୍ଶାଇଛନ୍ତି ।



## ବର୍ଷାଦିନେ କେମିତି ବ୍ୟବହାର କରିବେ ଲିପ୍‌ଷ୍ଟିକ୍

*ବର୍ଷାଦିନେ ମେକ୍‌ଅପ୍‌କୁ ଦୀର୍ଘ ସମୟରଖିବା ସମସ୍ୟାଜନକ ହୋଇଥାଏ। ବିଶେଷ କରି ଲିପଷ୍ଟିକ୍ । ଏ ଦିନେ ସାମାନ୍ୟ ବର୍ଷା ହେଲେ, ମଧ୍ୟ ଲିପ୍‌ଷ୍ଟିକ୍ ଧୋଇ ହୋଇଯାଏ। ତେଣୁ ଲିପ୍‌ଷ୍ଟିକ୍‌କୁ ଓଠରେ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ଏହି ସହଜ ଉପାୟ ଆପଣାନ୍ତୁ।*

**ଲିପ୍ ସ୍କ୍ରବ:** ବର୍ଷାଦିନେ ଓଠ ରୁକ୍ଷ ଓ ଶୁଷ୍କ ହୋଇଯାଏ । ତେଣୁ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠକୁ ହାଲୁକା ସ୍କ୍ରବ୍ କରନ୍ତୁ। ଏହାପରେ ଲିପବାମ୍ ଲଗାଇ ଓଠକୁ ପାଞ୍ଚମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଏହାଦ୍ୱାରା ଓଠ କୋମଳ ହୋଇଥାଏ। ଲିପ୍‌ଷ୍ଟିକ୍ ଭଲରେ ସେଟ୍ ହୋଇଥାଏ।

**ପ୍ରାଇମର୍:** ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାକୁ ଚାହୁଁଥିଲେ, ହାଲୁକା ପ୍ରାଇମର୍ କିମ୍ବା କନ୍‌ସିଲର୍ ଲଗାଇପାରିବେ । ଏହା ଲିପ୍‌ଷ୍ଟିକ୍‌କୁ ଦୀର୍ଘ ସମୟ ରଖିବାରେ ସହାୟକ ହୋଇଥାଏ। ଏଥିସହ ଲଗାଇଥିବା ସେଡ଼ଟି ଖୁବ୍ ଉଜ୍ଜ୍ୱଳ ଦିଶିଥାଏ ।

**ମ୍ୟାଟ୍ ଲିପ୍‌ଷ୍ଟିକ୍‌କୁ ପ୍ରାଥମିକତା:** ବର୍ଷାଦିନେ କ୍ରିମ୍ କିମ୍ବା ଗ୍ଲସି ଲିପ୍‌ଷ୍ଟିକ୍ ଶୀଘ୍ର ଛାଡ଼ିଯାଏ ଓ କିନ୍ତୁ ମ୍ୟାଟ୍ ଲିପଷ୍ଟିକ୍ ଦୀର୍ଘ ସମୟ ରହିଥାଏ। ୱାଟରପ୍ରୁଫ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ବର୍ଷାଦିନ ପାଇଁ ଖୁବ୍ ଭଲ ହୋଇଥାଏ ।

**ଲିପ୍‌ଲାଇନ୍‌ରେ ଆଉଟ୍‌ଲାଇନ୍**

ଏହା କେବଳ ଓଠକୁ ଏକ ଆକାର ଦିଏନି ଏହା ଲିପ୍‌ଷ୍ଟିକ୍‌କୁ ଧରି ରଖୁବାରେ ମଧ ସହାୟକ ହୋଇଥାଏ। ତେଣୁ ପ୍ରଥମେ ଆଉଟ୍‌ଲାଇନ୍ କରି ଲିପ୍‌ଷ୍ଟିକ୍ ଲଗାନ୍ତୁ ।

**ଟିସୁ ପେପର୍:** ଲିପ୍‌ଷ୍ଟିକ ଲଗାଇବା ପରେ ଓଠରେ ଏକ ଟିସ୍ୟୁ ପେପର ଓଠରେ ରଖନ୍ତୁ। ଏହା ଉପରେ ଅଳ୍ପ ପାଉଡର ଲଗାନ୍ତୁ । ଏହା ଲିପ୍‌ଷ୍ଟିକକୁ ସେଟ୍ କରି ସ୍ମଜ୍ ପ୍ରୁପ୍ କରିଥାଏ।

**ଡ଼ବଲ୍ କୋଟ୍**

ଗୋଟେ କୋଟ୍ ଲଗାଇବା ପରେ ଏହା ଉପରେ ହାଲୁକା କରି ଟିଭ୍ୟୁ ଦବାଇ ଦିଅନ୍ତୁ। ଏହାପରେ ଆଉ ଏକ କୋଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ବର୍ଷାଦିନେ ଡବଲ ଲେୟାରିଙ୍ଗ୍ ଲିପ୍‌ଷ୍ଟିକ୍ ଖୁବ୍ ଭଲ ହୋଇଥାଏ।



## ଅଭିନୟ ଛାଡି ଝିଅକୁ ସମୟ ଦେବେ ଦୀପିକା !

ସନ୍ତାନ ଜନ୍ମ ହେବା ପରଠାରୁ ରୁପେଲି ପରଦାରେ ସେଭଳି ଭାବେ ଦେଖିବାକୁ ମିଳିନାହାନ୍ତି ଦୀପିକା ପାଦୁକୋନ। ୨୦୨୪ରେ ତାଙ୍କର କେତୋଟି ଫିଲ୍ମ ମୁକ୍ତି ପାଇଥିଲା । ଗତ ବର୍ଷ ସେପ୍ଟେମ୍ବରରେ ଝିଅ ଦୁଆର ଜନ୍ମ ପରେ ଦୀର୍ଘ ଦିନ ଧରି ସେ ନିଜକୁ ଲାଇମ୍ ଲାଇଟ୍‌ରୁ ଦୂରେଇ ରଖିଥିଲେ । ତେବେ ଧୀରେ ଧୀରେ କାମକୁ ଫେରିଛନ୍ତି । ରାମ୍ପରେ ଚାଲିଛନ୍ତି । ଏହା ମଧ୍ୟରେ 'କଳ୍କି ୨୮୯୮ ଏଡି' ଫିଲ୍ମର ଦ୍ୱିତୀୟ ପର୍ବର ଶୁଟିଂ ନେଇ ନାନା କଥା ଶୁଣିବାକୁ ମିଳୁଛି । ପୁଣି ଦିନକୁ ୮ ଘଣ୍ଟା କାମ କରିବାର ସର୍ତ୍ତ ରଖିଛନ୍ତି ଦୀପିକା । ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବଲିଉଡ୍ ଭାଗ ଭାଗ ହୋଇଛି । ଏଥର ଶୁଣିବାକୁ ମିଳିଛି ଆଉ ଏକ ଫିଲ୍ମରୁ ଦୀପିକା କାଳେ ଓହରି ଆସିଛନ୍ତି । ଗତ କିଛି ବର୍ଷ ଧରି ବଲିଉଡ୍ ଅପେକ୍ଷା କରିଥିଲା ଯେ ୨୦୧୫ ମସିହାର ହଲିଉଡ୍ ଫିଲ୍ମ 'ଦ ଇଣ୍ଟର୍ନ'ର ରିମେକ୍ ହେବ । ସେହି ଫିଲ୍ମରେ ମୁଖ୍ୟ ଚରିତ୍ରାଭିନେତ୍ରୀ ଆନି ହ୍ୟାଥୱେଙ୍କ ସ୍ଥାନରେ ଅଭିନୟ କରିବା କଥା ଥିଲା ଦୀପିକା ପାଦୁକୋନଙ୍କର । ମୂଳ ସିନେମାର କାହାଣୀ ଅନୁସାରେ ଚରିତ୍ରଟି ଜଣେ ଉଦ୍ୟୋଗପତିଙ୍କର । ଯିଏ କି ଜଣେ ବର୍ଷୀୟାନ ମଣିଷକୁ 'ଇଣ୍ଟର୍ନ' ବା ଶିକ୍ଷାନବିଶ ଭାବେ ନିଯୁକ୍ତ କରନ୍ତି । ଶିକ୍ଷାନବିଶ ଚରିତ୍ରରେ ଋଷି କପୁର ଅଭିନୟ କରିବେ ବୋଲି ପ୍ରାଥମିକ ଭାବେ ସ୍ଥିର ହୋଇଥିଲା । କିନ୍ତୁ ୨୦୨୦ରେ ତାଙ୍କର ମୃତ୍ୟୁ ପରେ ସେହି ଚରିତ୍ରରେ ଅମିତାଭ ବଚ୍ଚନ ଅଭିନୟ କରିବେ ବୋଲି ସ୍ଥିର ହେଲା । ତେବେ ବିଭିନ୍ନ କାରଣରୁ ଏହି ସିନେମାଟିର କାମ ଆଗକୁ ବଢ଼ି ପାରୁନି । ଏହା ମଧ୍ୟରେ ଏହି ଫିଲ୍ମର ନାୟିକା ଚରିତ୍ରରୁ ନିଜକୁ ଓହରାଇ ନେଇଛନ୍ତି ଦୀପିକା । ସୂତ୍ର ଅନୁସାରେ ସେ କେବଳ ଏହି ସିନେମାର ପ୍ରଯୋଜକ ଭାବେ କାମ କରିବାକୁ ଚାହାନ୍ତି । ଅଭିନେତ୍ରୀଙ୍କ ଜଣେ ଘନିଷ୍ଠ ବାନ୍ଧବୀଙ୍କ କହିବାନୁସାରେ, ଦୀପିକା ଏବେ ଅଭିନୟ ଉପରେ ଆଉ ମନୋନିବେଶ କରିବାକୁ ଇଚ୍ଛା କରୁନାହାନ୍ତି । ତାଙ୍କର ସବୁତକ ସମୟ ସେ ଝିଅକୁ ଦେବାକୁ ଇଚ୍ଛୁକ । ସେଥିପାଇଁ ପ୍ରଯୋଜନାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯଦିଓ ତାଙ୍କୁ ଶାହରୁଖ ଖାନଙ୍କ ସହିତ ଫିଲ୍ମ 'କିଙ୍ଗ୍'ରେ ଦେଖିବାକୁ ମିଳିବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣାସ, (ଭାସ୍କର ନ୍ୟୁଜ): ଦେଶରେ ସ୍ୱାଧୀନତା ଦିବସ ପାଳନକୁ ଏକ ସପ୍ତାହ ପୁରି ନଥିବା ସମୟରେ ପୁରୀ ଜିଲ୍ଲା କଣାସ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ପତାକାକୁ ଅସମ୍ମାନ କରାଯାଉଥିବା ନଜରକୁ ଆସିଛି। ଜାତିର ଗୌରବକୁ ନେଇ ସାରାଦେଶ ଗର୍ବ କରୁଥିବା ସମୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏହାର ଧଜିଆ ଉଡୁଥିବା ଦେଖିବାକୁ ମିଳିଛି। ସରକାର ଘରେଘରେ ତ୍ରିରଙ୍ଗା ଉଡ଼ାଇବାକୁ ଆହ୍ୱାନ କରୁଥିବା ବେଳେ ଏଭଳି ଏକ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତ୍ରିରଙ୍ଗାକୁ ଅପମାନ କରିବା ଏକ ନିନ୍ଦନୀୟ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି। ଘଟଣାଟି ଦେଖିବାକୁ ଯେତିକି ହୃଦୟ ବିଦାରକ ସେତିକି ସମ୍ବେଦନ ଶିଳ ମଧ ବୋଲି ଡାକ୍ତରଖାନା ପରିସରରେ ଲୋକେ କହୁଥିବା ଶୁଣିବାକୁ ମିଳିଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଏମାନେ ଜାତୀୟ ପତାକାକୁ କେତେ ଭଲ ପାଆନ୍ତି ଆଉ କେତେ ସମ୍ମାନ କରନ୍ତି। କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଆସିଲେ ଲୋକ ଦେଖଣିଆ ପତାକା ଉଡ଼ାଇ ଏମାନେ ପରିଚୟ ଦିଅନ୍ତି ଆମେ ଭାରତୀୟ ଆଉ ସରିଗଲାପରେ ପତାକାକୁ ଏଇଭଳି ସମ୍ମାନ ଦେଇ ନିଜେ କେତେ ଦେଶ ଭକ୍ତ ବୋଲି ସମସ୍ତଙ୍କୁ ଜଣାଇଦିଅନ୍ତି।



# ଆତ୍ମହତ୍ୟା ନିୟନ୍ତ୍ରଣକୁ ନେଇ ପୋଲିସର ସଚେତନତା କାର୍ଯ୍ୟକ୍ରମ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ପୁଲିସ ପକ୍ଷରୁ ଆତ୍ମହତ୍ୟା ନିୟନ୍ତ୍ରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶିବିର ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଯୋଗ ଦେଇ ଆତ୍ମହତ୍ୟା ଏକ ଭାବପ୍ରବଣତା। ଆତ୍ମହତ୍ୟା ସର୍ବଶେଷ ପରିପନ୍ଥୀ ନୁହେଁ। ଯେକୌଣସି ସମସ୍ୟା ଆସୁ ତାହାକୁ ଧୈର୍ଯ୍ୟର ସହିତ ମୁକାବିଲା କରି ସମାଧାନ କରିବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପିକା ଉଷାରାଣୀ ଜେନା ଯୋଗ ଦେଇ ଛାତ୍ରୀମାନେ ନିଜକୁ ଦୁର୍ବଳ ଭାବି ଆତ୍ମହତ୍ୟା ପରି ଏକ ନିକୃଷ୍ଟ ପନ୍ଥା ଗ୍ରହଣ କରିବା ଉଚିତ୍ ନୁହେଁ। ଛାତ୍ରୀମାନେ ସାହସର ସହିତ ଯେକୌଣସି କଷ୍ଟକର କାର୍ଯ୍ୟକୁ ସମାଧାନ କରି ନିଜ ସାହସିକତାର ପରିଚୟ ଦେବା ଆବଶ୍ୟକ। ଆତ୍ମହତ୍ୟା ଏକ ଘୃଣ୍ୟ କାର୍ଯ୍ୟ। ସେଥିପ୍ରତି ଛାତ୍ରୀମାନେ ସତର୍କ ରହିଲେ ଆତ୍ମହତ୍ୟା ସଂଖ୍ୟା ହ୍ରାସ ପାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏଏସଆଇ କୁମୁଦିନୀ ବେହେରା ଓ ହାବିଲଦାର ନକୁଳ ସେନାପତି ଯୋଗ ଦେଇ ପିଲାମାନେ ମୋବାଇଲ ଗେମ୍, ପ୍ରେମ, ନିବିଡ଼ତା ଓ ପ୍ରତାରଣାରୁ ଦୂରେଇ ରହିଲେ ଆତ୍ମହତ୍ୟା ସଂଖ୍ୟା କମିବ ବୋଲି କହିଥିଲେ। ପରେ ଆଇଆଇସି ଗ୍ରହାଚାର୍ଯ୍ୟ ଆତ୍ମହତ୍ୟାକୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରିଥିବା ବେଳେ ଆତ୍ମହତ୍ୟା ମାନସିକତାରୁ ଦୂରେଇ ରହିବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଶିବିରରେ କଲେଜର ବହୁ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ତାଲିବାନି ଶାସନରେ ମହାକାଳପଡ଼ା

# ଏକାଧିକ ଅଭିଯୋଗର ଜଣେ ଏତଲାକାରୀ



କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ନିର୍ବାଚନ ମଣ୍ଡଳୀ ରେ ଅରାଜକତା ଚରମ ସୀମାରେ ପହଞ୍ଚିଛି। ବିରୋଧୀଙ୍କୁ ଆଇନ୍ ଜାଲରେ ଫସାଇବାକୁ ବାରମ୍ବାର ଷଡ଼ଯନ୍ତ୍ର କରାଯାଉଛି ବୋଲି ମାନବାଧିକାର କର୍ମୀଙ୍କ ପକ୍ଷରୁ ଅଭିଯୋଗ ଆସୁଛି। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କ ବିରୋଧରେ ଉଠୁଥିବା ବିରୋଧୀଙ୍କ ସ୍ୱରକୁ ଚାପିବା ପାଇଁ ଆଇନର ଦୁରୁପଯୋଗ କରି ବିଧାୟକ ଦୁର୍ଗା ବାବୁ ଜଣେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କୁ ବ୍ୟବହାର କରି ବିରୋଧୀଙ୍କ ନାମରେ ଏତଲା ଦେଉଛନ୍ତି। ପୋଲିସ ଉପରେ ଚାପ ପକାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଘରୁ ଆଣି ଗିରଫ କରୁଛନ୍ତି ବୋଲି ମାନବାଧିକାର କର୍ମୀ ସାଗର ଜେନା ପ୍ରେସ ବିବୃତ୍ତି ଦ୍ୱାରା ନିଜର ଅଭିଯୋଗ ରଖିଛନ୍ତି। ବିଧାୟକ ଦୁର୍ଗାଙ୍କ ବିରୋଧରେ ସୋସିଆଲ ମିଡିଆ ରେ କିଏ ପୋଷ୍ଟ କଲେ ମିଥ୍ୟା ମାମଲା ରୁଜୁ କରାଇ ବିରୋଧୀଙ୍କ ପାଟି ଚୁପ୍ କରାଇବାକୁ ଅପଚେଷ୍ଟା କରୁଛନ୍ତି ବୋଲି ଜେନା ପ୍ରକାଶ କରିଛନ୍ତି। ପୂର୍ବରୁ ୨ ମାସ ତଳେ ୦୪ ଜୁନ୍‌ରେ ମହାକାଳପଡ଼ାର ଜନ୍ମେଞ୍ଜୟ ବିଶ୍ୱାଳ ନାମକ ଜଣେ ୱେବଚ୍ୟାନେଲର ସାମ୍ବାଦିକ ବିଧାୟକଙ୍କ ବିରୁଦ୍ଧରେ ଖବର ପ୍ରସାରଣ କଲା ପରେ ସୁରେଶ ଚନ୍ଦ୍ର ମଲ୍ଲିକ ନାମକ ଜଣେ ବ୍ୟକ୍ତି ଜନ୍ମେଞ୍ଜୟଙ୍କ ନାମରେ ଜାତିଆଣ ଆକ୍ଷେପ ସହ ହତ୍ୟା ଧମକ ଭଳି ଅଭିଯୋଗ ଆଣିଥିଲେ। ଯାହା ଦ୍ୱାରା ଯନ୍ମେଞ୍ଜୟଙ୍କୁ ବାଲିଚନ୍ଦ୍ର ପୁର ଠାରୁ ଘରୁ ଉଠାଇ ଆଣିଥିଲା ପୋଲିସ। ସେହି ଭଳି ସେହି ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ ମହାକାଳପଡ଼ାର ଜଣେ ସମାଜସେବୀ ସୁଶିଲ ରାଉତଙ୍କୁ କଲିକତାରୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୁଶିଲଙ୍କ କହିବା ଅନୁଯାଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ବିଭିନ୍ନ ଅମାନବିକତା କାର୍ଯ୍ୟକୁ ବିରୋଧ କରି ସେ ସୋସିଆଲ ମିଡିଆରେ ଲେଖିକୀ ପୋଷ୍ଟ କରିଥାନ୍ତି ଯାହାର ଫଳସ୍ୱରୂପ ବିଧାୟକ ଜଣେ ଅନୁସୂଚିତ ଜାତିର ଲୋକକୁ ଲଗାଇ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଇଛନ୍ତି। ପୂର୍ବରୁ ମଧ ଏହିଭଳି ରିପୋର୍ଟ ଦେଇ ଯୁବ ସାମ୍ବାଦିକଙ୍କୁ ଫସାଇ ଥିବା ବେଳେ ରାଉତ୍ ଓଡ଼ିଶାରେ ନଥିବା ବେଳେ ତାଙ୍କୁ ଫସାଇ ଦେବା ଉଦ୍ଦେଶ୍ୟରେ ମିଥ୍ୟା ଏତଲା ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ନେତାଙ୍କ କଥାରେ ପୋଲିସ ପରିଚାଳିତ ହୋଇ ଘଟଣାର ସଠିକ୍ ତଦନ୍ତ ନକରାଇ ବିଧାୟକଙ୍କ ଚାପରେ କଲିକତାରୁ ତାଙ୍କୁ ଗିରଫ କରିଥିବା ସୁଶିଲ ରାଉତ କହିଛନ୍ତି। ସରକାରି ଦଳ ର ନେତା ମାନେ ଶାସନ ବ୍ୟବସ୍ଥାର ଅପବ୍ୟବହାର ନିଜ ମାନମାନି ଚଲାଇଛନ୍ତି ବୋଲି ପ୍ରକାଶ କରିଛନ୍ତି ଗିରଫ ହୋଇଥିବା ସମାଜସେବୀ ରାଉତ। ଅନେକ ଅଭିଯୋଗ ପଛରେ କେବଳ ଜଣେ ଏତଲାକାରୀ ଏବଂ ସେ ଜଣେ ଏତଲାକାରୀଙ୍କୁ ବାରମ୍ବାର କଣ ପାଇଁ ମାଡ଼ ମରାଯାଉଚି ଏବଂ ଜାତିଆଣ ଆକ୍ଷେପ କଣ ପାଇଁ କରାଯାଉଛି ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଇ ପ୍ରକୃତ ରେ ମହାକାଳପଡା ବିଧାୟକଙ୍କ ସମ୍ପୃକ୍ତି ଏହି ଘଟଣାରେ ଅଛି କି ନାହିଁ ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

## କଂଗ୍ରେସରେ ଯୋଗଦେଲେ ଜିଲ୍ଲା ବିଜେଡ଼ି କୃଷକ ମୋର୍ଚ୍ଚା ସଭାପତି

କେନ୍ଦୁଝର, (ଭାସ୍କର ନ୍ୟୁଜ): ଦେଶରେ କଂଗ୍ରେସର ଲୋକପ୍ରିୟତା ବଢୁଥିବା ବେଳେ ରାହୁଲ ଗାନ୍ଧୀ ଭୋଟ ଚୋରୀ ପ୍ରସଙ୍ଗ ନେଇ ସରକାର ଓ ନିର୍ବାଚନ ଆୟୋଗଙ୍କୁ ନାକେଦମ କରି ସାରିଲେଣି। ତେଣୁ ଏବେ କେନ୍ଦୁଝରରେ କଂଗ୍ରେସ ଦଳରେ ଯୋଗ ଦେଇ ଦେଶ ବିରୋଧୀଙ୍କ ମୁକାବିଲା ଲାଗି ଅନେକ ନେତା ଆଗ୍ରହ ପ୍ରକାଶ କରିଛନ୍ତି ଓ ଯୋଗାଯୋଗରେ ଅଛନ୍ତି। ଏହି ପରିସ୍ଥିତିରେ ଗତକାଲି ରାଜ୍ୟ କଂଗ୍ରେସ ଭବନରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଦୀପକ ରାଜ, ପୂର୍ବତନ ପାଟଣା ବ୍ଲକ ଚେୟାରମ୍ୟାନ ଗୌରହରି ନାଏକ ମିରିଗିଖୋଜି ସରପଞ୍ଚ ମନୋହର ବେହେରା, ଟାଙ୍ଗରପଡାର ପୂର୍ବତନ ସରପଞ୍ଚ ସଚିତ୍ର ନାଏକ ଓ ଡୁମୁରିଆର ପୂର୍ବତନ ନାଏବ ସରପଞ୍ଚ ଭାଗିଆ ନାଏକ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଲେ। ଏହି ମିଶ୍ରଣ ପର୍ବ ବେଳେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲାଲୁ, ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଅଧ୍ୟକ୍ଷ କେନ୍ଦୁଝରର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରି, କେନ୍ଦୁଝର ସଦର ପୂର୍ବତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ଭୁଜବଳ ମାଝୀ, ସନ୍ତୋଷ ସିଂହ ସାଲୁଜା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଆଦି ଉପସ୍ଥିତ ରହିଥିଲେ।

## ଗ୍ରାମପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ୬୯ ନମ୍ବର ଜୋନର ଭାବନ୍ଧ ଗ୍ରାମ ପଞ୍ଚାୟତ ବୈଠକ ଗୃହରେ ହିଞ୍ଜିଳିକାଟୁ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସକାଳ ୧୦ଘଣ୍ଟା ସମୟରେ ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ହିଞ୍ଜିଳି ୬୯ ଜୋନର ଜିଲ୍ଲା ପରିଷଦ ପ୍ରୀତି ସାହୁ, ହିଞ୍ଜିଳିକାଟୁ ତହସିଲଦାର ତପନ ମହାପାତ୍ର, ବେଲଗାଁ ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ଭାଇସ ଚେୟାରମେନ ସୁନିଲ କୁମାର ଗନ୍ତାୟତ, ସ୍ଥାନୀୟ ସରପଞ୍ଚ କାଳିଆ ଦାସ, ସ୍ଥାନୀୟ ସମିତିସଭ୍ୟ ଯୋଗ ଦେଇଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ଏବଂ ଅଭିଯୋଗକୁ ନେଇ ବିଚାର କରାଯାଇଥିଲା। ଦୀର୍ଘ ୪ଘଣ୍ଟା ଧରି ଚାଲିଥିବା ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା, ରାସନକାର୍ଡ, ବାର୍ଦ୍ଧକ୍ୟଭତ୍ତା, ଜମିଜମା ଏବଂ ଅନ୍ୟାନ୍ୟ ସମସ୍ୟାକୁ ନେଇ ଅଭିଯୋଗ ଶୁଣାଣି ହୋଇଥିଲା। ଏହାସହ ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଆସିଥିବା ବେଳେ ଇ-ଅଭିଯୋଗ ମାଧ୍ୟମରେ ପଞ୍ଜୀକୃତ କରାଯାଇ ସମସ୍ତ




ଅଭିଯୋଗକୁ ଖୁବ ଶୀଘ୍ର ଯଥାସମ୍ଭବ ସମାଧାନ କରାଯିବା ନେଇ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡଙ୍ଗୀ ପ୍ରତିକ୍ରିୟା ରଖିଛନ୍ତି। ସମସ୍ତଙ୍କ ସହଯୋଗରେ ଆଜିର ଏହି ଜନ ଶୁଣାଣି କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା ହୋଇଥିଲା।

# ଅଧିଷ୍ଠାନ ଉତ୍ସବରେ ଆରସିବି ମୈତ୍ରୀର ପ୍ରତିଜ୍ଞା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଦିନକୁଦିନ ପରିବେଶ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଛି। ଯାହାକୁ ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଛି ରୋଟାରୀ କ୍ଲବ ଅଫ ଭୁବନେଶ୍ୱର (ଆରସିବି) ମୈତ୍ରୀ। ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ବ୍ୟାପକ ଭାବେ ବୃକ୍ଷରୋପଣ କରାଯିବ ବୋଲି ଆରସିବି ମୈତ୍ରୀର ପ୍ରଥମ ଅଧିଷ୍ଠାନ ଉତ୍ସବରେ ସଦସ୍ୟ, ସଦସ୍ୟମାନେ ପ୍ରତିଜ୍ଞା କରିଛନ୍ତି। ରବିବାର ସ୍ଥାନୀୟ ରୋଟାରୀ ଭବନରେ ଆରସିବି ମୈତ୍ରୀର ସଭାପତି ରୋଟାରିଆନ ଅଂଶୁ ତ୍ରିପାଠୀଙ୍କ ଅଧକ୍ଷତାରେ ଆରସିବି ମୈତ୍ରୀର ପ୍ରଥମ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ରୋଟାରିଆନ ଅନିଲ କୁମାର ସାମଲ ଯୋଗ ଦେଇ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ସମ୍ମାନିତ ଅତିଥି ଜିନ୍ଦେଗି ଫାଉଣ୍ଡେସନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ ସଦସ୍ୟ, ସଦସ୍ୟାମାନଙ୍କୁ ସମାଜସେବା କ୍ଷେତ୍ରରେ ଯୋଗଦାନ ପାଇଁ ପ୍ରୋତ୍ସାହନ ଦେଇଥିଲେ। ସହ ପ୍ରାନ୍ତପାଳ ରୋଟାରିଆନ ସୌର୍ଯ୍ୟରଞ୍ଜନ ମହାନ୍ତି, ଆରସିବି ମୈତ୍ରୀର ଉପଦେଷ୍ଟା ତଥା ରୋଟାରିଆନ ସରୋଜ କୁମାର ଦାଶ, ସମ୍ପାଦକ ରୋଟାରିଆନ ସୁଶାନ୍ତ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟା ତପସ୍ୱିନୀ ପଟ୍ଟନାୟକ, ସସ୍ମିତା ଦାଶ, ଶତାବ୍ଦୀ ପଲାଇ, ବିଦିଶା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାରତକୁ ଅପମାନ କରି ସୋସିଆଲ ମିଡ଼ିଆରେ ଭାଇରାଲ ଘଟଣାରେ ଯୁବକ ଗିରଫ

ବଡ଼ଚଣା, (ଭାସ୍କର ନ୍ୟୁଜ): ସମଗ୍ର ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ବେଳ ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ଜଣେ ଯୁବକ ନିଜ ନାମରେ ପାକିସ୍ତାନ ପରିଚୟ ପତ୍ର ବାହାର କରି ଦେଶ ବିରୋଧି ସ୍ଲୋଗାନ ଦେବା ଅଭିଯୋଗରେ ବଡ଼ଚଣା ପୁଲିସ ଅଭିଯୁକ୍ତ ଯୁବକ କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ବଡ଼ଚଣା ପୋଲିସ। ବଡଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମର ସବିର ଖାଁଙ୍କ ପୁଅ ସୋହେଲ ଖାଁ ସୋସିଆଲ ମିଡିଆରେ ପାକିସ୍ତାନ ପ୍ୟାରେଡ ପ୍ରଦର୍ଶନ କରିବା ସହ ଭାରତର ଜାତୀୟ ସଙ୍ଗିତ ଗାନ ପରେ ଭାରତକୁ ଆପତ୍ତିଜନକ ଟିପ୍ପଣୀ କରିଥିଲେ। ଏହାକୁ ନେଇ ବଡ଼ଚଣା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବାପରେ ଥାନା ଅଧିକାରୀ ମଧୁସ୍ମିତା ବେହେରା ମାମଲା ରୁଜୁ କରି ତଦନ୍ତ କରି ସୋମବାର ଅଭିଯୁକ୍ତ ଯୁବକକୁ ଗିରଫ କରାଯାଇ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିଲା। ତେବେ କୋର୍ଟରେ ତାଙ୍କର ଜାମିନ ନହେବାରୁ ଆଜି ତାଙ୍କୁ ରଗଡ଼ି ଜେଲ ପଠାଇ ଦିଆଯାଇଛି।

## ବର୍ଷାରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର ଓ ବସ୍ ଯାତ୍ରୀଙ୍କୁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ



କାଲିମେଲା/ମାଲକାନଗିରି, (ଭାସ୍କର ନ୍ୟୁଜ୍): ଲଗାଣ ବର୍ଷାରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର ଓ ବସ୍‌ଯାତ୍ରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାଲିମେଲା ବିଡିଓ ପ୍ରଦୀପ କର ପୋଟେରୁ ଓ କାଙ୍ଗୁରୁକୋଣ୍ଡା ପୋଲ ଉଭୟ ପାର୍ଶ୍ୱ ରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର ଓ ବସ୍ ଯାତ୍ରୀଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଛନ୍ତି। ସୂଚନା ଥାଉ କି ପାଖାପାଖି ୬୦ ଟି ଟ୍ରକ୍ ଓ ୭ ଗୋଟି ହାଇଦରାବାଦ ଗସ୍ତ ବସ୍ କାଲି ରାତି ୧୨ ଟାରୁ ଲଗାଣ ବର୍ଷା ଯୋଗୁଁ ଅଟକି ରହିଥିଲା। ପୋଲର ଜଳସ୍ତର କମିବା ପରେ ସମସ୍ତ ଟ୍ରକ୍ ଓ ବସ୍‌କୁ ସୋମନାର ଦିନ ୦୨ ଟା ପରେ ଛଡ଼ାଯାଇଛି। ଲଗାଣ ବର୍ଷା ନିମନ୍ତେ ଜନ ସାଧାରଣଙ୍କ ସହାୟତା ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଥିଲା। ରେଡ୍ ଆଲର୍ଟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ହେଡକ୍ୱାଟର ନଛାଡିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ଫିଲ୍ଡ ଅଧିକାରୀଙ୍କୁ ସଜାଗ ହୋଇ ରହିବାକୁ କୁହାଯାଇଛି। ସମସ୍ତପ୍ରକାର ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ ବିଡିଓ ମାନଙ୍କୁ ଗ୍ରାମ ପଞ୍ଚାୟତର ସମସ୍ତ କର୍ମଚାରୀଙ୍କ ସହ ଯୋଗାଯୋଗରେ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତହସିଲଦାର ମାନଙ୍କୁ ଆରଆଇ ମାନଙ୍କ ମାଧ୍ୟମରେ ଘର ଭଙ୍ଗା କ୍ଷୟକ୍ଷତି ରିପୋର୍ଟ ଆକଳନ କରି ତୁରନ୍ତ ଟାରପଲିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଓ ଜିଲ୍ଲା କୃଷି ଅଧିକାରୀଙ୍କୁ ମଧ ଅନୁରୂପ ଭାବେ ଗୋ ସମ୍ପଦ ଓ ଶସ୍ୟ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ଅସ୍ତରଙ୍ଗରେ ୬ରୁ ଉର୍ଦ୍ଧ୍ୱ କ୍ଲଷ୍ଟରରେ ନୂଆ ସିଆର୍‌ସିସି କେବେ !




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ୧୩ଟି କ୍ଲଷ୍ଟର ମଧ୍ୟରୁ ୬ଟିରେ ସିଆରସିସିଙ୍କ କାର୍ଯ୍ୟକାଳ ବର୍ଷକରୁ ଅଧିକ ସମୟ ହେବ ପୁରିଯାଇଛି। ଅବଶିଷ୍ଟ ୭ଟି ମଧ୍ୟରୁ ଝାଡ଼ଲିଙ୍ଗ କ୍ଲଷ୍ଟର ଦାୟିତ୍ୱରେ ଥିବା ଶିକ୍ଷକଙ୍କ ମୃତ୍ୟୁବରଣ କଲା ପରେ ଖାଲି ପଡ଼ିଥିବା ବେଳେ ଅନ୍ୟ ୩ଟି କ୍ଲଷ୍ଟର ସିଆରସିସି କାର୍ଯ୍ୟକାଳ ଖୁବଶୀଘ୍ର ପୂରଣ ହେବ ବୋଲି ଜଣାପଡିଛି। ଏହା ସହ ୩ଟି କ୍ଲଷ୍ଟରରେ ଦାୟିତ୍ୱରେ ଥିବା ସିଆରସିସି ୩ବର୍ଷ ହୋଇଛି। ଏଭଳି ସ୍ଥିତିରେ ସିଆରସିସି ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହେଉନଥିବାରୁ ବ୍ଲକରେ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉ କି, ସର୍ବଶିକ୍ଷା ଅଭିଯାନରୁ ସମଗ୍ର ଶିକ୍ଷା ଅଭିଯାନକୁ ପରିବର୍ତ୍ତିତ ହୋଇଥିବା ଶିକ୍ଷା ବ୍ୟବସ୍ଥାରେ ବ୍ଲକସ୍ତରରେ ସିଆରସିସି, ଏବିଇଓ, ବିଇଓ ପଦବୀ ରହିଥିଲା ବେଳେ ଜିଲ୍ଲାସ୍ତରରେ ଡିଇଓ ପଦ ରହିଛି। ତୃଣ ମୂଳସ୍ତରରୁ ସିଆରସିସି ମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଇଓ କାର୍ଯ୍ୟାଳୟ ସହ ଯୋଗାଯୋଗ ରକ୍ଷା କରି ଶିକ୍ଷା ବ୍ୟବସ୍ଥାରେ ପ୍ରମୁଖ ଭୂମିକା ନେଉଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ନୂତନ ଶିକ୍ଷାନୀତି ସମ୍ପର୍କରେ ସେମାନେ ସୂଚନା ଦେବା ସହ ଏହାର କାର୍ଯ୍ୟକାରିତା ତଥା ଅଗ୍ରଗତି ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛନ୍ତି। ବିଇଓ ଅଫିସ ଓ ସ୍କୁଲ ସହ ଯୋଗାଯୋଗର ସେତୁ ପରି କାର୍ଯ୍ୟକରୁଥିବା ସିଆରସିସିମାନଙ୍କର କାର୍ଯ୍ୟକାଳ ୫ବର୍ଷ ରହିଛି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ୧୩କ୍ଲଷ୍ଟର ମଧ୍ୟରେ ପଢ଼ିୟାରୀ, ଡେରୁଣିଆ, ଅସନ, ବାଲିପନ୍ତାଳ, ଅସ୍ତରଙ୍ଗ, ଝାଡ଼ଲିଙ୍ଗ, ନାଗପୁର, ବଳଭଦ୍ରପୁର, ମାଣ୍ଡୁକି, ସରିପୁର, ଉଦୟପୁର, ଶିଶୁଅ ଓ ରାଇବେରୁଆଁ ରହିଥିବା ବେଳେ ସେଥି ମଧ୍ୟରୁ ୬ଜଣ ସିଆରସିସିଙ୍କ କାର୍ଯ୍ୟକାଳ ଦୀର୍ଘ ଦିନ ହେବ ସରିଯାଇଛି। ସେମାନଙ୍କ ସ୍ଥାନରେ ନୂଆ ସିଆରସିସି ନିଯୁକ୍ତି ପାଇଁ ପ୍ରକ୍ରିୟା ଏଯାଏଁ ଆରମ୍ଭ ହୋଇପାରି ନାହିଁ। ଡିଇଓ ତଥା ଡିପିସି ଏ ନେଇ ପରୀକ୍ଷା କରାଇ କାର୍ଯ୍ୟକାଳ ପୂରି ଯାଇଥିବା ସିଆରସିସି ମାନଙ୍କ ସ୍ଥାନରେ ନୂଆ ସିଆରସିସି ନିଯୁକ୍ତି ଦେବାକୁ ସତେ ଯେମିତି ଭୁଲି ଯାଇଛନ୍ତି। ସେତିକି ନୁହେଁ ଜଣେ ମୃତ୍ୟୁ ଓ ୩ଜଣ ସିଆରସିସିଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କମ୍‌ଦିନ ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ ଅସ୍ତରଙ୍ଗ ବ୍ଲକରେ ଉଚ୍ଚ ବିଦ୍ୟାଳୟରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୧୩୧ଟି ସ୍କୁଲ ରହିଛି। ପ୍ରତ୍ୟେକ ସିଆରସିସିଙ୍କ ଅଧୀନରେ ୮ରୁ ୧୦ଟି ବିଦ୍ୟାଳୟ ରହିଛି। ସିଆରସିସି ଭାବେ ନିଯୁକ୍ତି ପାଇଥିବା ଶିକ୍ଷକ ନିଜ ବିଦ୍ୟାଳୟ ସମେତ ତାଙ୍କ ଅଧୀନରେ ଥିବା ବିଦ୍ୟାଳୟରେ ଆବଶ୍ୟକ ସ୍ଥଳେ ଶିକ୍ଷାଦାନ କରିବାର ନିୟମ ରହିଛି। ମାତ୍ର କେତେକ ସିଆରସିସି ନିଜ ଦାୟିତ୍ୱ ନିର୍ବାହ କରୁ ନଥିବା ଅଭିଯୋଗ ହେଉଛି। ଏପରିକି, ଯେଉଁ ବିଦ୍ୟାଳୟ ଦୁଇ ଶିକ୍ଷକ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ବେଳେ ଶିକ୍ଷାଦାନ ବାଧା ପ୍ରାପ୍ତ ହେଉଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍ୱାଧୀନତା ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସ୍ୱାଧୀନତା ଦିବସ ଅବସରରେ ଗୋବିନ୍ଦପୁର ଗ୍ରାମର "ଆମ ଗାଁ, ଆମ ବିକାଶ' ପକ୍ଷରୁ ବାଲୁଙ୍କେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର, ବିଶେଷ ଅତିଥି ଭାବେ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ସରପଞ୍ଚ ଅରୁଣ ପରିଡା ଏବଂ ଗୋବିନ୍ଦପୁର ଗ୍ରାମ କମିଟିର ଉପସଭାପତି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହୃଷିକେଶ ରଣା ଏବଂ ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତି ଯୋଗ ଦେଇଥିଲେ। ଅତିଥିମାନେ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରି ସମସ୍ତଙ୍କୁ ଗଛ ଲଗାଇବା ଓ ସୁରକ୍ଷା କରିବା ପାଇଁ ଆହ୍ୱାନ କରିଥିଲେ। ଆମ ଗାଁ, ଆମ ବିକାଶ ସଦସ୍ୟମାନଙ୍କ ସହଭାଗୀତାରେ ଜାମ୍ବୁ, ଚାଖୁଣ୍ଡା, ପିଜୁଳି, ନିମ୍ବ ଇତ୍ୟାଦି ୧୦୦ରୁ ଅଧିକ ଗଛ ରୋପଣ କରାଯାଇଥିଲା। ସମସ୍ତଙ୍କ ସକ୍ରିୟ ସହଭାଗୀତାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା।

## ଗୋବିନ୍ଦ ବାରିକଙ୍କୁ ଉତ୍କଳମଣି ସେବା ସମ୍ମାନ




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ଗ୍ରାମର ଯୁବ ସାମ୍ବାଦିକ ଗୋବିନ୍ଦ ବାରିକଙ୍କୁ ବେଙ୍ଗାଲୁର ଓଡିଆ ଯୁଥ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମାଜସେବା ସମ୍ମାନ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ବେଙ୍ଗାଲୁର ମୋନେକୁଲାଲ ସରକାରୀ ବିଦ୍ୟାଳୟ ପରିସରରେ ଓଡିଆ ଯୁଥ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ସୀତାଂଶୁ ମହାପାତ୍ର ଅଧକ୍ଷତା କରିଥିଲେ। ଭରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ସମାଜସେବୀ ମନୋହର ରେଡ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରୁ ବାରିକଙ୍କୁ ମାନପତ୍ର ଓ ଉ□ରୀୟ ପ୍ରଦାନ କରି ସମାଜସେବା କ୍ଷେତ୍ର ଅବଦାନ ପାଇଁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ନଳିନୀ ଧଳଙ୍କୁ ସ୍ୱାମୀ ବିବେକାନନ୍ଦ ଯୁଥ ସମ୍ମାନ, ରଞ୍ଜନ ବେହୁରାଙ୍କୁ ଗୁରୁ କେଳଚରଣ ମହାପାତ୍ର କଳା ସମ୍ମାନ, ଅୟସକାନ୍ତି ଷଡଙ୍ଗୀଙ୍କୁ ବିଜୁ ପଟ୍ଟନାୟକଙ୍କୁ ଆଡମିନିଷ୍ଟ୍ରେଟିଭ ସମ୍ମାନ ଓ ହେମନ୍ତ ପାତ୍ରଙ୍କୁ ଉତ୍କଳ ଗୌରବ ମଧୁସୂଦନ ଦାସ ବିଜିନେସ ସମ୍ମାନ ପ୍ରଦାନ କରାଯାଇଥିଲା। ଦୀର୍ଘ ୧୬ ବର୍ଷ ଧରି ପ୍ରଦାନ କରାଯାଇ ଆସୁଥିବା ଏହି ସମ୍ମାନ ଚଳିତ ବର୍ଷ ମଧ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଇ.ଡି.ଏଲ. ବିଜେତା ଟିମ ଇଣ୍ଡିଆକୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଚନ୍ଦ୍ରିକା କଳାବିକାଶ କେନ୍ଦ୍ରର ପ୍ରତିଷ୍ଠା ଦିବସ

ଶୁଳିଆପଦା, (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ ଅଧିନ ଦେଉଳିସ୍ଥିତ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ୩୨ ତମ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ରେଡିଓ କଣ୍ଠଶିଳ୍ପୀ ତଥା ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ଉପ ସଭାପତି ମନୋଜ କୁମାର ବେହେରା ଗାଁ,ଗହଳିର ଲୁକ୍କାୟିତ ପ୍ରତିଭା ମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ୧୯୯୪ ମସିହା ପବିତ୍ର ଜନ୍ମାଷ୍ଟମୀ ତିଥିରେ ଏହି ଅନୁଷ୍ଠାନର ଶୁଭାରମ୍ଭ କରିଥିଲେ। ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆଜି ଏହି ଅନୁଷ୍ଠାନ ବିରାଟ ବଟ ବୃକ୍ଷରେ ପରିଣତ ହୋଇଥିବା ବେଳେ ଏହି ଅନୁଷ୍ଠାନରୁ ଶିକ୍ଷା ଲାଭ କରି ଅନେକ ଶିକ୍ଷାର୍ଥୀ ରେଡିଓ,ଟିଭି କଳାକାର ଭାବେ ନିଜର ପ୍ରତିଭାକୁ ବିକଶିତ କରିଛନ୍ତି। ଆଜିର ଦିନରେ ଏହି ଅନୁଷ୍ଠାନ ଜିଲ୍ଲାର ଏକ ଅଗ୍ରଣୀ ନାଚ,ଗୀତ ଓ ବାଦ୍ୟଯନ୍ତ୍ର ଶିକ୍ଷାର ଅନୁଷ୍ଠାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି। ଚାନ୍ଦୁଆ ଥାନାର ପୂର୍ବତନ ଥାନା ଅଧିକାରୀ ମଧୁସୂଦନ ଦଉ, ଶୁଳିଆପଦା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ କିଶୋର କୁମାର ଗିରି, ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ କୁମାର ନାଏକ୍, ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ, ଶୁଳିଆପଦା ଥାନା ଏଏସଆଇ ସନ୍ତୋଷ କୁମାର ନାୟକ, ରବିନ୍ଦ୍ର ସାହୁ,ମନୋଜ କୁମାର ଦାଁ, ସାମ୍ବାଦିକ ଗୌରାଙ୍ଗ ଚରଣ ଗିରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ପରିବେଶିତ ଓଡ଼ିଶୀ ସମ୍ବଲପୁରୀ /ଝୁମର ଓ ଆଧୁନିକ ନୃତ୍ୟ/ ଓ ଗୀତ ରେ ବିଭୋର ହୋଇ ଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କୁ ସାଧୁବାଦ ଜଣାଇଥିଲେ। ପ୍ରତିଷ୍ଠାତାଙ୍କ ଧର୍ମ ପତ୍ନୀ ତଥା ଓମ୍ ଶିଶୁ ଶିକ୍ଷା କେନ୍ଦ୍ରର ଅଧକ୍ଷା ଚନ୍ଦ୍ରିକା ପୁଥାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିକି ଓ ମାମା, ନମିତା, ଅଲିଭା, ନାରାୟଣ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଧାକୃଷ୍ଣ ବେଶରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



## ଗଛ ବଞ୍ଚାଅ ପ୍ରକୃତି ବଞ୍ଚାଅ

କାକଟପୁର, (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ନାଶିକେଶ୍ୱର ଗ୍ରାମ ପଞ୍ଚାୟତରେ 'ଏମ୍‌ଏସ୍‌ଆରଆଇ' ସଂଗଠନ ତରଫରୁ 'ଗଛ ବଞ୍ଚାଅ ପ୍ରକୃତି ବଞ୍ଚାଅ' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇ ଯାଇଛି। ପ୍ରାଚୀନଦୀ ପଠା ତଥା ଗ୍ରାମର ଚାରିପାଖରେ ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା। ଗ୍ରାମର ଏବଂ ଆଖପାଖ ଅଂଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି, ଏଇ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏଭଳି କାର୍ଯ୍ୟରେ ସମାଜସେବୀ କାଳୀପ୍ରସାଦ ସ୍ୱାଇଁ, ଆଇନଜୀବୀ ଉମାକାନ୍ତ ମିଶ୍ର, ଅନୁଷ୍ଠାନ ସଭାପତି ବିକ୍ରମ କର, ସମ୍ପାଦିକା କ୍ଷେତ୍ରବାସିନୀ ତ୍ରିପାଠୀ, କୋଷାଧକ୍ଷ ଅରବିନ୍ଦ ରାଉତ, ସଭ୍ୟ / ସଭ୍ୟକ୍ଷ ବୀଣାପାଣି ଦାଶ, ଲକ୍ଷ୍ମୀପ୍ରିୟା ପତି ପ୍ରଭୃତି ଉପସ୍ଥିତ ରହି, ପ୍ରେରଣାଦାୟୀ ବକ୍ତବ୍ୟ ଓ ମନ୍ତବ୍ୟ ପ୍ରଦାନ କରି ସମସ୍ତଙ୍କୁ ଉତ୍ସାହିତ କରିବା ସଙ୍ଗେସଙ୍ଗେ, ମାଆ ପାଇଁ ଗଛଟିଏ ଲଗାଇବାର ସଂକଳ୍ପ ସମସ୍ତେ ନେଇଥିଲେ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କୋରାପୁଟ ପୌରପାଳିକା ଅଡିଟୋରିୟମ ଠାରେ ବହୁଜନ ସମାଜ ପାର୍ଟି, ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବହୁଜନ ସମାଜ ପାର୍ଟିର କେନ୍ଦ୍ରୀୟ ପ୍ରଭାରୀ ଡଃ ଲାଲଜୀ ମେଧାଙ୍କର ମହାଶୟ, ବିଶିଷ୍ଟ ଅତିଥି ଭାବେ ବହୁଜନ ସମାଜ ପାର୍ଟିର ରାଜ୍ୟ ସଭାପତି ଟଙ୍କଧର ବାଗ ଏବଂ ସମ୍ମାନୀୟ ଅତିଥି ଭାବରେ ବହୁଜନ ସମାଜ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ କୁମାର ନାଏକ ଏବଂ ଅନ୍ୟତମ ଅତିଥି ଭାବରେ ରାୟଗଡା ଜୋନ୍ ଇନ୍ ଚାର୍ଜ ସଞ୍ଜୀବ କୁମାର ନାଏକଙ୍କ ସମେତ ମନୋରଞ୍ଜନ ଟାକ୍ରୀ ଓ ବିଶୋଇ କୁଲଦୀପ ଏବଂ ଜିଲ୍ଲାର ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଉକ୍ତ ସଭାରେ ବହୁଜନ ସମାଜ ପାର୍ଟିର କେନ୍ଦ୍ରୀୟ ପ୍ରଭାରୀ ଡଃ ଲାଲଜୀ ମେଧାଙ୍କର ମହାଶୟ କୋରାପୁଟ ଜିଲ୍ଲାର ନୂତନ ଜିଲ୍ଲା ସଭାପତି ପଦବୀରେ ଘନଶ୍ୟାମ ହଲବାଙ୍କୁ ଘୋଷଣା କଲେ। ଏଥିରେ ଜିଲ୍ଲା ପ୍ରଭାରୀ ଭାବରେ ସୋମନାଥ ଖରା, ବାସୁ ନାୟକ ଓ ଜାକବ ଗାଣ୍ଟାଙ୍କୁ ଘୋଷଣା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ପ୍ରବିର କୁମାର ସେଠି ଓ ଉପ ସଭାପତି ଭାବେ ଲୋକନାଥ କାଣ୍ଡାଙ୍କୁ ଘୋଷଣା କରାଗଲା। ଶେଷରେ ବହୁଜନ ସମାଜ ବାଦି ପାର୍ଟିର ଲକ୍ଷ୍ମୀପୁର ବିଧାନ ସଭାର ସଭାପତି ପ୍ରମୋଦ କୁମାର ତୁରୁକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅସ୍ଥି କର୍କଟର ସତର୍କ ସୂଚନାକୁ ଅଣଦେଖା କରିବା ଅନୁଚିତ

କଟକ, (ଭାସ୍କର ନ୍ୟୁଜ୍): ଅସ୍ଥି କର୍କଟ ଏକ ସାଧାରଣ ପ୍ରକାରର କର୍କଟ ନୁହେଁ, କିନ୍ତୁ ଏହାକୁ ପ୍ରାଣଘାତୀ କୁହାଯାଇପାରିବ। ଯଦିଓ ଅସ୍ଥି କର୍କଟ ସମଗ୍ର ବିଶ୍ୱରେ ଦେଖାଯାଉଥିବା ମୋଟ କର୍କଟ ରୋଗ ଘଟଣାରେ ଏକ କ୍ଷୁଦ୍ର ଭାଗ, ତଥାପି ଏହାର ପ୍ରଭାବ ଶାରୀରିକ ଏବଂ ମାନସିକ ସ୍ତରରେ ଗଭୀର ଭାବରେ ଅନୁଭୂତ ହୋଇଥାଏ। ଅସ୍ଥି କର୍କଟର କାରଣ ମୋଟାମୋଟି ଭାବରେ ଅସ୍ପଷ୍ଟ ରହିଛି। ସମୟକ୍ରମେ କର୍କଟ ରୋଗ ବିଶେଷଜ୍ଞମାନେ କେତେକ ବିଷୟ ଲକ୍ଷ୍ୟ କରିଛନ୍ତି ଯାହା ଏହି ରୋଗର ଆପଦ ବୃଦ୍ଧି କରୁଥିବା ମନେ କରାଯାଉଛି। କିନ୍ତୁ ଏହି ଲକ୍ଷଣଗୁଡିକ ମଧ୍ୟରୁ କୌଣସିଟି ଅସ୍ଥି କର୍କଟ ହେବା ସମ୍ଭାବନାରେ ବୃଦ୍ଧି ଘଟାଇ ନଥାଏ। ଏଭଳି ପରିସ୍ଥିତିରେ ସତର୍କ ଦୃଷ୍ଟି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଆମକୁ ସଅଳ ଏହି ସମସ୍ୟା ଠାବ କରିବାରେ ସହାୟକ ହେବ ବୋଲି ଏଚ୍‌ସିଜି କ୍ୟାନସର ସେଣ୍ଟର, କଟକର କନ୍‌ସଲଟାଣ୍ଟ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା.ସଂଗ୍ରାମ କେଶରୀ ପଣ୍ଡା କହିଛନ୍ତି। ଡା. ପଣ୍ଡା କହିଛନ୍ତି, ଅସ୍ଥି କର୍କଟ ଅନେକ ପ୍ରକାରର। ସବୁଠାରୁ ସାଧାରଣ ଅସ୍ଥି କର୍କଟ ଭାବରେ ଯାହା ଚିହ୍ନଟ କରାଯାଉଛି ତାହା ପ୍ରାଥମିକ ପ୍ରକାରର, ଯଥା- ଅଷ୍ଟିଓସାର୍କୋମା, ଏୱିଙ୍ଗ୍ ସାରକୋମା ଏବଂ କଣ୍ଡ୍ରୋ-ସାର୍କୋମା। ଏଥିମଧ୍ୟରୁ ପ୍ରତ୍ୟେକ ପ୍ରକାର ଭିନ୍ନ ଭିନ୍ନ ଲକ୍ଷଣ ପ୍ରଦର୍ଶନ କରିଥାଏ ଏବଂ ସେ କ୍ଷେତ୍ରରେ ଅନେକ ସମୟରେ ବ୍ୟକ୍ତିଙ୍କ ବୟସ ଏବଂ କର୍କଟର ପ୍ରକାର ଉଭୟ ଉପରେ ଆପଦ ଦିଗ ନିର୍ଭର କରିଥାଏ। ଅସ୍ଥି କର୍କଟ କ୍ଷେତ୍ରରେ ବୟସ ଅନ୍ୟତମ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାବରେ ଲକ୍ଷ୍ୟ କରାଯାଇଛି। ଅଷ୍ଟିଓସାର୍କୋମା କେତେକ କ୍ଷେତ୍ରରେ ଶିଶୁ ଏବଂ କମ୍ ବୟସର ପିଲାଙ୍କ ଠାରେ, ବିଶେଷକରି ଅଭିବୃଦ୍ଧି ସମୟରେ ଦେଖିବାକୁ ମିଳିଥାଏ। ଏୱିଙ୍ଗ୍ ସାର୍କୋମା ମଧ୍ୟ ଯୁବ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି। ଅନ୍ୟପକ୍ଷରେ କଣ୍ଡ୍ରୋସାର୍କୋମା ପରିଣତ ବୟସରେ ପହଞ୍ଚିଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସାଧାରଣ ଘଟଣା ହୋଇଛି। ବୟସ ପ୍ରତ୍ୟକ୍ଷ ଭାବରେ କର୍କଟ ରୋଗର କାରଣ ହେଉନଥିବାବେଳେ କେତେକ ପ୍ରକାର କର୍କଟ ଅନେକ ସମୟରେ ଜୀବନର କିଛି ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟାୟରେ ହୋଇଥାଏ। ଅତୀତରେ ଅନ୍ୟ କୌଣସି ପ୍ରକାର କର୍କଟ ରୋଗ ନିମନ୍ତେ ବିକିରଣ ଚିକିତ୍ସା (ରେଡିଏସନ୍ ଥେରାପି) କରାଇଥିଲେ ତାହା ପରବର୍ତ୍ତୀ ସମୟରେ ଅସ୍ଥି କର୍କଟ ସୃଷ୍ଟି କରିବା ସମ୍ଭାବନା ସାମାନ୍ୟ ବୃଦ୍ଧି କରିଥାଏ। ଅନେକ ସମୟରେ ବହୁ ବର୍ଷ ପୂର୍ବରୁ ଯେଉଁ ଲୋକଙ୍କ କ୍ଷେତ୍ରରେ ହାଇ-ଡୋଜ୍ ବିକିରଣ ଚିକିତ୍ସା କରାଯାଇଛି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ କ୍ଷେତ୍ରରେ ବୋନ୍ ଟ୍ୟୁମର ଦେଖା ଦେଉଥିବା ଲକ୍ଷ୍ୟ କରାଯାଇଛି। ବାଲ୍ୟାବସ୍ଥା ଅଥବା କିଶୋର ବୟସରେ ଅସ୍ଥିର ବିକାଶ ସମୟରେ ଯେଉଁ ରୋଗୀ ମାନଙ୍କର ଏହିଭଳି ଚିକିତ୍ସା କରାଯାଇଛି ସେମାନେ ବିକିରଣର ଦୀର୍ଘସୂତ୍ରୀ ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ ରହିପାରନ୍ତି ଏବଂ ସେମାନଙ୍କ କ୍ଷେତ୍ରରେ ଅସ୍ଥି କର୍କଟ ଅଧିକ ପରିଲକ୍ଷିତ ହୋଇପାରେ। ପାଜେଟ୍‌ସ୍ ଡିଜିଜ ଅଫ ବୋନ୍ ଭଳି ପୁରୁଣା ଅସ୍ଥି ରୋଗ ମଧ୍ୟ ଅସ୍ଥି କର୍କଟ ସୃଷ୍ଟି କରିବା ସମ୍ଭାବନା ସହିତ ଅଧିକ ଜଡିତ ରହୁଛି, ବିଶେଷକରି ପରିଣତ ବୟସରେ ପହଞ୍ଚିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ଅଧିକ ପରିଲକ୍ଷିତ ହେଉଛି। ପାଜେଟ୍‌ସ୍ ଡିଜିଜ ଦ୍ୱାରା ଅସ୍ଥିରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିଥାଏ ଯାହା ସମୟକ୍ରମେ କର୍କଟ ରୋଗ ସୃଷ୍ଟି କରିବାର ଆପଦ ବୃଦ୍ଧି କରେ। ସଂକ୍ରମଣ, ଆଗାତ ଏବଂ ପ୍ରତିରୋପଣ ଆଦି ସମ୍ପର୍କରେ ଅଧ୍ୟୟନ କରାଯାଇଛି, କିନ୍ତୁ ସେଗୁଡିକୁ ଅସ୍ଥି କର୍କଟ ସହିତ ଯୋଡିବା ଏବେ ସୀମିତ ଏବଂ ଅସଙ୍ଗତ ରହିଛି। ହାଡ ଭାଙ୍ଗିବା ଭଳି ଆଘାତ କାରଣରୁ କର୍କଟ ରୋଗ ହେବାର କୌଣସି ସ୍ପଷ୍ଟ ପ୍ରମାଣ ନାହିଁ। ଯଦିଓ ଟ୍ରମା ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଅଂଶର ଅଧିକ ନିବିଡ ଭାବରେ ପରୀକ୍ଷା କରାଯିବା ବେଳେ କେତେକ ସମୟରେ ଟ୍ୟୁମର ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥାଏ। ଡା. ପଣ୍ଡା କହିଛନ୍ତି, ଭାରତରେ ଅନ୍ୟତମ ସବୁଠାରୁ ବଡ ଚାଲେଞ୍ଜ ହେଉଛି ବିଳମ୍ବରେ ରୋଗର ନିଦାନ। ଅସ୍ଥିରେ ଯନ୍ତ୍ରଣା ଅଥବା ଫୁଲା ଭଳି ଲକ୍ଷଣକୁ ଅନେକ ସମୟରେ ବିଶେଷକରି ସହରାଞ୍ଚଳ କେନ୍ଦ୍ରଗୁଡିକ ବାହାରେ ଗଣ୍ଠି ଯନ୍ତ୍ରଣା, ବର୍ଦ୍ଧିତ ବିନ୍ଧା ଅଥବା ଅତୀତରେ ଲାଗିଥିବା ଆଘାତ ଭଳି ସାଧାରଣ ସମସ୍ୟା ଭାବରେ ଭୁଲ ବିବେଚନା କରାଯାଇଥାଏ। ଅସ୍ଥିରେ ଟ୍ୟୁମର ସେତେବେଳେ ଦୃଶ୍ୟମାନ ହୁଏ ଯେତେବେଳେ ସେଗୁଡିକ ଅଧିକ ସଂକ୍ରମଣ ସ୍ଥିତିରେ ପହଞ୍ଚେ ଏବଂ ସେତେବେଳେ ଚିକିତ୍ସା ଅଧିକ କଷ୍ଟକର ହୋଇପଡିବା ସହିତ ତାହାର ଫଳାଫଳରେ ଉନ୍ନତି ଆସିବା ମଧ୍ୟ କଠିନ ହୋଇପଡେ। ଚିକିତ୍ସକ ଏବଂ ରୋଗୀଙ୍କ ମଧ୍ୟରେ ଆବଶ୍ୟକ ରୋଗ ନିରୂପଣ ଅଥବା ବ୍ୟାଖ୍ୟା କରାଯାଉନଥିବା ଅସ୍ଥିର ଲକ୍ଷଣଗୁଡିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନେକ କ୍ଷେତ୍ରରେ ଚିହ୍ନଟ କଲାଭଳି କୌଣସି ଆପଦ ବିଷୟ ନଥାଏ। ପରିବାରରେ ସେଭଳି କୌଣସି ଇତିହାସ ନଥିବା, ଜଣାଥିବା କୌଣସି ଗୁଣସୂତ୍ର ମ୍ୟୁଟେସନ ଏବଂ ବିକିରଣ ଚିକିତ୍ସା କରାଯାଇନଥିବା ଲୋକଙ୍କୁ ଅସ୍ଥି କର୍କଟ ହୋଇପାରିବ ଏବଂ ହେଉଛି ମଧ୍ୟ। ସେଥିପାଇଁ ଲାଗିରହୁଥିବା ଲକ୍ଷଣଗୁଡିକ ପ୍ରତି ଦୃଷ୍ଟିଦେବା ଗୁରୁତ୍ୱପୂର୍ଣ୍ଣ।

## କଳିଙ୍ଗ କଳାକାର ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କଳିଙ୍ଗ କଳାକାର ସଂଘ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ସ୍ଥାନୀୟ ମନ୍ଦୋଦରୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ନିରଂଜନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି କହିଥିଲେ ଯେ, ସ୍ୱାଧୀନତା ଆଣିବାରେ କଳାକାର ମାନଙ୍କର ପ୍ରମୁଖ ଭୂମିକା ରହିଥିଲା। ଏବେ ସମାଜ ସଂସ୍କାରରେ କଳାକାରମାନେ ସାମିଲ ହୋଇ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଜାତୀୟ ପତାକା ଉତ୍ତୋଳନ ବେଳେ ସଂଘର ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ପ୍ରସାଦ ନାୟକ, ସଂପାଦକ ମନେମୋହନ ସାହୁ, ଉପସଭାପତି ବାବୁରାମ ରାଉତ, ଉପଦେଷ୍ଟା ଅଭିନେତା କୁଳମଣି ସାବତ, କବି ବସନ୍ତ କୁମାର ଦାସ, ବିଶିଷ୍ଟ ପାଲା ଗାୟକ ଗଣେଶ ଦାସ, କଳାକାର ରାମଚନ୍ଦ୍ର ଜେନା, ଶଶିକାନ୍ତ ଜେନା, ଅମର ସେଠୀ, ବୈକୁଣ୍ଠନାଥ ଓଝା, ରମାକାନ୍ତ ପରିଡ଼ା, ବସନ୍ତ ସାହାଣୀ, ଗୋବର୍ଦ୍ଧନ ନାୟକ, ଶଶଧର ପୃଷ୍ଟି, ଅମୂଲ୍ୟ ଜେନା, ବୀରେନ୍ଦ୍ର ପୃଷ୍ଟି, ବୀରେନ୍ଦ୍ର ପାଣ୍ଡବ, କ୍ଷୀରୋଦ କର, ଉପେନ୍ଦ୍ର ସାହୁ, ରମାକାନ୍ତ ମଲ୍ଲିକ, ଖଗେଶ୍ୱର ପୃଷ୍ଟି, ନଟବର ଜେନା, ରାଜକିଶୋର ମଳିକ, ବାଇଧର ମଳିକ, କୁଳମଣି ବେହେରା, ଗୟାଧର ମଣ୍ଡଳ, ସନାତନ ସାହୁ, ନିରଂଜନ ଦାସ, ପ୍ରତାପ ନାୟକ, ନୀଳାମ୍ବର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବ ଭାରତର ଭେଟେରାନଙ୍କୁ ଡାଲମିଆ ସିମେଣ୍ଟର ସ୍ୱାଧୀନତା ଦିବସର ସମ୍ମାନ ପ୍ରଦର୍ଶନ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ସମଗ୍ର ପୂର୍ବ ଭାରତରୁ ସଶସ୍ତ୍ର ବାହିନୀଗୁଡିକର ଯୁଦ୍ଧ ଭେଟେରାନ ଏବଂ ପୂର୍ବତନ ସେନା କର୍ମଚାରୀ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ରାଷ୍ଟ୍ରର ୭୮ତମ ବାର୍ଷିକୀ 'ସାଲ୍ୟୁଟିଂ ୭୮' ସହିତ ପାଳନ କରିଛି। ଜନସମୁଦାୟଙ୍କୁ ଏକତ୍ରିତ କରୁଥିବା ଏହି ଉତ୍ସବରେ କମ୍ପାନୀ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ୭୮ଜଣ ଭେଟେରାନଙ୍କ ସାହସ ଏବଂ ଆତ୍ମବଳି ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲା। ଓଡ଼ିଶାରେ ବିବିଧ ପୃଷ୍ଠଭୂମିରୁ ଆସିଥିବା ୨୫ ଜଣ ପୂର୍ବତନ ସେନା କର୍ମଚାରୀଙ୍କୁ ସେମାନଙ୍କର ଅନନ୍ୟ ସାହସ ଏବଂ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଭେଟେରାନଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ ଶାଲ୍, ଭାରତର ଜାତୀୟ ପତାକା ଏବଂ ସମସ୍ତ ୭୮ ଜଣ ସମ୍ବର୍ଦ୍ଧିତ ଭେଟେରାନଙ୍କ 'ଫୋଟଚିତ୍ର ରହିଥିବା ଏକ ସ୍ମାରକୀ ଆଲବମ୍ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସମାବେଶରେ ନାଗରିକ, ସ୍କୁଲ ଛାତ୍ର ଛାତ୍ରୀ, ଗୋଷ୍ଠୀ ନେତୃବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଡାଲମିଆ ସିମେଣ୍ଟର ମୁଖପାତ୍ର କହିଥିଲେ, "୮୫ ବର୍ଷ ଧରି ଡାଲମିଆ ସିମେଣ୍ଟ କେବଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଛିଡା ହୋଇନାହିଁ, ତାହାସହିତ ଆମ ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ରଖିଥିବା ମୂଲ୍ୟବୋଧ ପାଇଁ ଛିଡା ହୋଇଛି। 'ସାଲ୍ୟୁଟିଂ ୭୮' ସହିତ ଏହି ବ୍ରାଣ୍ଡ୍ ସାମୂହିକ ଭାବରେ ଆମ ସ୍ୱାଧୀନତାର ମୂଳଦୁଆ ନିର୍ମାଣ କରିବାରେ ଅଦମ୍ୟ ସାହସର ଏବଂ ଆତ୍ମବଳି ଦେଇଥିବା ସମ୍ମାନାସ୍ପଦ ଭେଟେରାନ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ କରୁଛି। ଏହି ପ୍ରୟାସ ଦୀର୍ଘସ୍ଥାୟୀ ଢାଞ୍ଚା ନିର୍ମାଣ ସହିତ ଏକ ମଜଭୁତ, ଏକତ୍ରିତ ଏବଂ ଦମ୍‌ଦାର ଭାରତ ନିର୍ମାଣ ନିମନ୍ତେ ଆମର ପ୍ରତିବଦ୍ଧତାକୁ ପୁନଃସୁଦୃଢ କରୁଛି।" ଏକ ପ୍ରତୀକାତ୍ମକ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଡାଲମିଆ ସିମେଣ୍ଟ ମଧ୍ୟ ସମଗ୍ର ଭାରତରେ ପୋଡିୟମ ପୁନଃ ସଂସ୍ଥାପନ ପ୍ରୟାସ, ସ୍କୁଲ ଓ ଅନ୍ୟ ସର୍ବସାଧାରଣ ସ୍ଥଳଗୁଡିକରେ ୭୮ଟି ଫ୍ଲାଗ ପୋଡିୟମର ନବୀକରଣ କାର୍ଯ୍ୟ ହାତକୁ ନେଇଥିଲା ଯଦ୍ୱାରା ତ୍ରିରଙ୍ଗା ଗର୍ବ, ଏକତା ଏବଂ ଆଗାମୀ ପିଢିଗୁଡିକ ନିମନ୍ତେ ଦେଶପ୍ରେମ ଭାବର ପ୍ରେରଣା ଜାରି ରଖିବା ସୁନିଶ୍ଚିତ କରିବ। 'ସାଲ୍ୟୁଟିଂ ୭୮' ରାଷ୍ଟ୍ର ନିର୍ମାଣ ଏବଂ ଗୋଷ୍ଠୀ ସଶକ୍ତିକରଣ ନିମନ୍ତେ ପ୍ରଚଳିତ ପ୍ରତିବଦ୍ଧତାର ୮୫ ବର୍ଷର ପରମ୍ପରାକୁ ବହନ କରୁଛି।

## ମା'ମାନଙ୍କୁ ଚାରା ବିତରଣ କାର୍ଯ୍ୟକ୍ରମ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ପାଳନ ଅବସରରେ ମା ମାନଙ୍କୁ ବିଦ୍ୟାଳୟ ତରଫରୁ ଚାରା ବିତରଣ କରାଯାଇଛି। ସରକାରଙ୍କ ତରଫରୁ ଚାଲିଥିବା ମାଆକେ ନାମ୍ ଏକ ପେଡ୍ କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ମା ତାଙ୍କ ନାମରେ ଗଛଟିଏ ଲଗାଇ ତାର ଯତ୍ନ ନେବା ଆବଶ୍ୟକ। ଏ ପରିପ୍ରେକ୍ଷୀରେ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ମାଆ ଅଭିଭାବକମାନଙ୍କୁ ବିଦ୍ୟାଳୟ ତରଫରୁ ୧୭୬ଟି ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରି ନିଜ ନିଜ ନାମରେ ନାମିତ ସହ ଯତ୍ନରେ ସେଗୁଡିକୁ ବଢ଼ାଇବାକୁ ନିବେଦନ କରିଛନ୍ତି। ଏଥିରେ ମଣ୍ଡଳ ସହ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ ଓ ସିଆରସିସି ଲୋକନାଥ ପ୍ରଧାନ, କମିଟି ଅଧକ୍ଷ ପ୍ରମୋଦ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଗୋଟିଏ ଗଛକୁ ଗୋଟିଏ ଜୀବନ ଭାବି ଗଛର ଦାୟିତ୍ୱ ନେବାକୁ ମାଆ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଗଛ ବିନା ଆମ ପରିବେଶ ଦୂଷିତ ହୋଇଯିବା ସହ ଆଗକୁ ପରିବେଶ ଓ ମାନବ ସମାଜ ପାଇଁ ମାଡି ଆସୁଥିବା ଭୟଙ୍କର ବିପଦ ସମ୍ପର୍କରେ ପ୍ରଧାନଶିକ୍ଷକ ଶ୍ରୀ ସାହୁ ଓ ଅତିଥିମାନେ ସମସ୍ତଙ୍କୁ ବୁଝାଇ ଥିଲେ। କମିଟି ଉପାଧକ୍ଷା ଗୋରୀମଣି ବେହେରା, ସଭ୍ୟା ପିଙ୍କି ବେହେରା ,ବାସନ୍ତି ମଲିକ, ଶାନ୍ତିଲତା ବେହେରା,



ଅଫସରି ବିବି, ରେସମା ବେଗମ୍, ରଜନୀ ବିବି, ନସମା ବିବି ଓ ଅନ୍ୟ ମା ମାନେ ଏଥିରେ ଯୋଗ ଦେଇ ଗଛ ଲଗାଇବା ପାଇଁ ଶପଥ ନେଇଥିଲେ। ବିଦ୍ୟାଳୟ ପରିସରରେ ଓ ବିଦ୍ୟାଳୟ ପାଖରେ ଅତିଥି ମାନେ ଗଛ ଲଗାଇଥିଲେ। ବିଦ୍ୟାଳୟର ଶିକ୍ଷକ ଟିକେଇ ଦଳାଇ, ମାନସ ରଞ୍ଜନ ସ୍ୱାଇଁ ଅଜୟ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, ପାପ୍ଲିନ୍ ପ୍ରଧାନ, ରୋଜାଲିନ ମହାରଣା, ପ୍ରିୟତମା ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ




ବେତନଟୀ, ( ଭାସ୍କର ନ୍ୟୁଜ): ବେତନଟୀ ଆର୍ଦଶ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଆର୍ଦଶ ବିଦ୍ୟାଳୟର ଅଧକ୍ଷ ତୁଷାରକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଶିବିରକୁ ଉଦଘାଟନ କରିବା ସହ ବିଧାୟକ ନିଜ ବକ୍ତବ୍ୟରେ ଆପଣଙ୍କ ରକ୍ତର ପ୍ରତ୍ୟେକ ବୁନ୍ଦା କାହା ପାଇଁ ଜୀବନର ସ୍ପନ୍ଦନ ବୋଲି କହିଥିଲେ ଓ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ଜୀ, ସ୍ୱତନ୍ତ୍ର ଅତିଥି ଭାବରେ ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡା, ୩୭ ନମ୍ବର ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର କାର୍ଯ୍ୟକାରୀ ସଭାପତି ଶାନ୍ତନୁ ପଣ୍ଡା, ଉପସଭାପତି ଗତିକୃଷ୍ଣ ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନ ର ସମ୍ପାଦିକା ପ୍ରଭାତି ମହାନ୍ତି, ଗୀତାଞ୍ଜଳୀ ଭୂୟାଁ, ମନିଳତା ବଳା, ମାଳତୀ ପାତ୍ର , ଯୁବ ସଂଗଠକ କ୍ଷୀତିଶ ଚନ୍ଦ୍ର ମହାନ୍ତ, ଯୁବନେତା ସଂଜୀବ ଜେନା, ଅଶୋକ ବେହେରା, ତାପଶ୍ୱୀ ରାଉତ, ହିତେଶ କୁମାର ଜେନା , ରାକେଶ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତଦାନ ଏକ ମହତ ଦାନ ବୋଲି କହିଥିଲ ଓ ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ ବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ସର୍ବପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗିନ କରି ମୁଖ୍ୟ ଅତିଥିଙ୍କୁ ପାଛୁଟି ନେଇ ଥିଲେ। ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଭାସ୍କର ରାୟ, ନର୍ସିଂଗ ଅଫିସର ରୁଚିକା ଖୁରାନା, ଛବି ମହାନ୍ତ, କଳ୍ପନା ସିଂ, କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ୪୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତବାସ ସାହୁ , ଶାନ୍ତି ଭୁଷଣ ପାଣ୍ଡେ, ସୁମନ୍ତ କୁମାର ସେଠୀ, ସ୍ୱାଗତିକା ମହାନ୍ତି, ରାଜଶ୍ରୀ ସିଂ, ସ୍ୱାସତି ପଣ୍ଡା, ଧର୍ମପଦ ବନ୍ଦୀ, ସନ୍ତୋଷ କୁମାର ବେହୁରିଆ, ସତ୍ୟ ନାରାୟଣ ମହାନ୍ତ , ଭାରତୀ ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଜତା ପ୍ରଧାନ, ରାଜେଶ୍ୱରୀ ଜେନା, ଅଭିସା ଦାସ, ପ୍ରତିଷା ସାହୁ, ସଭାଙ୍ଗିନୀ ନାୟକ, ବର୍ଷାଶ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବେତନଟୀ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମାସର ତୃତୀୟ ସମବାର ଦିନ ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଓ ଏସପି ବରୁଣ ଘୁଣ୍ଟୁପାଲିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ନିର୍ଦ୍ଧାରିତ ହୋଇଛି ସେହି ଅନୁଯାଇ ଚଳିତ ମାସ ତୃତୀୟ ସମବାର ଆଜି ସର୍ବ ସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲାପାଳ ହେମକାନ୍ତ ସୟ ଓ ଜିଲ୍ଲାର ଏସପି ବରୁଣ ଘୁଣ୍ଟୁପାଳି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ ୮୯ ଗୋଟି ଅଭିଯୋଗ ଆଗତ ହୋଇଥଲା ସେଥିରୁ ୬୮ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୧ଟି ଗୋଷ୍ଠିଗତ ଥିଲା। ଜିଲ୍ଲାପାଳ ଏହି ଶିବିରରେ ୧ଜଣଙ୍କୁ ରେଡକ୍ରସ ଫଣ୍ଡ ରୁ ୬ ହଜାର ଟଙ୍କା ଚିକିତ୍ସା ନିମନ୍ତେ ଅର୍ଥରାଶି ଯୋଗାଇ ଦିଆଯାଇଥିଲା। ଆଜି ମୋଟ ଅଭିଯୋଗରୁ ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରିଥିଲେ ଜିଲ୍ଲାପାଳ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସହିତ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ପିଏଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ ଉପଖଣ୍ଡ ପୋଲିସ ଅଧିକାରୀ ନବ କୃଷ୍ଣ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅନିତା ସିଂ, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, କେନାଲ ଡିଭିଜନ ର ଅଧିକ୍ଷଣ ଯନ୍ତ୍ରୀ ଭଗବାନ ନାଏକ, ବିଦ୍ୟୁତ୍ ବିଭାଗ ଏସଡିଓଏ ରାଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କ, ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ, ପାଞ୍ଚ ବ୍ଲକର ବିଡିଓ, ତହସିଲଦାର ତଥା ସମସ୍ତ ଲାଇନ ବିଭାଗର ଅଧିକାରିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, ମଞ୍ଜୁ ମାଡ଼ମ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

## ବେକରେ ଶାଢୀ ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ଥାନା ଅର୍ନ୍ତଗତ ତେଲସିଂହା ଗ୍ରାମରେ ବେକରେ ମାର ଶାଢୀ ବାନ୍ଧି ରାଜେନ୍ଦ୍ର ଭୂତିଆ (୨୩) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଏଥିନେଇ କଣିହାଁ ପୁଲିସ ରାଜେନ୍ଦ୍ର ବାପାଙ୍କ ଲିଖିତ ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି। ପୁଲିସ ସୁତ୍ରରୁ ପ୍ରକାଶ ଯେ, ତେଲସିଂହା ଗ୍ରାମର ହରିହର ଭୁତିଆଙ୍କ ପୁଅ ରାଜେନ୍ଦ୍ର ଭୂତିଆ ରବିବାର ରାତି ଖାଇ ପିଇ ଘରେ ଶୋଇଥିଲେ। ରାତି ପ୍ରାୟ ୨ଟା ସମୟରେ ବାପା ହରିହର ପୁଅ ଶୋଇଥିବା ଘରୁ ଏକ ଶବ୍ଦ ଶୁଣି ପାଖକୁ ଯାଇ ଡାକିଥିଲେ। ମାତ୍ର ପୁଅ ନଶୁଣିବାରୁ ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଘର ଭିତରେ ପୁଅ ଘର ସିଲିଙ୍ଗ ଫ୍ୟାନ ରେ ବେକରେ ଶାଢୀ ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ରାଜେନ୍ଦ୍ରକୁ ବାପା ଖୋଲି କଣିହାଁ ମେଡିକାଲକୁ ନେଇଥିଲେ ହେଁ, ଡାକ୍ତର ସେଠାର ମୃତ ଘୋଷଣା କରିଥିଲେ।

## ମାଲକାନଗିରି ବିଧାୟକଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ବିଭିନ୍ନ ସ୍ଥାନରେ ଜଳମଗ୍ନ ଅବସ୍ଥା ଦେଖା ଦେଇଛି। ଏହି ପରିସ୍ଥିତିରେ ବିଧାୟକ ନରସିଂହ ମାଡ଼କାମି ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ମୂଲ୍ୟାୟନ କରିଛନ୍ତି। ଲଗାଣ ବର୍ଷା ଫଳରେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି, ଯାହା ଫଳରେ ଅନେକ ପୋଲ ଉପରେ ଜଳ ପ୍ରବାହିତ ହେଉଛି। ବିଧାୟକ ନରସିଂହ ମାଡ଼କାମି ଏକ ପ୍ରତିନିଧି ଦଳଙ୍କ ସହିତ ପୋଟେରୁ ପୋଲ, କନ୍ୟାଶ୍ରମ ପୋଲ ଏବଂ କାଙ୍ଗୁରୁକୋଣ୍ଡା ପୋଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନରେ କାଲିମେଳା ବ୍ଲକ ଡେଭଲପମେଣ୍ଟ ଅଫିସର ପ୍ରଦୀପ କୁମାର କରଙ୍କ ସମେତ, ସଞ୍ଜୟ ସରକାର, ନିହାର ରାୟ, ମାଣିକ ଲାଲ ଚକ୍ରବର୍ତ୍ତି, ରତନ ବଣିକ, ନବଘନ ଲୋକେଇ, ପରିମଳ ବିଶ୍ୱାସ, ଦୀପକ ସାହା, ପ୍ରମିଳା ଦାସ, ରାକେଶ ରାୟ ଓ ଅନ୍ୟାନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ। ବର୍ତ୍ତମାନ କେବଳ କନ୍ୟାଶ୍ରମ ପୋଲ ଉପରେ ଜଳ ପ୍ରବାହିତ ହେଉଛି, ଅନ୍ୟ ପୁଲଗୁଡ଼ିକରେ ସ୍ଥିତି ସୁଧୁରିଛି ଏବଂ ଯାତାୟାତ ହୋଇ ପାରିଛି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଅବସ୍ଥାରେ ଅଛନ୍ତି। ବ୍ଲକ ଡେଭଲପମେଣ୍ଟ ଅଫିସର (ବିଡିଓ) ଏବଂ ପୁଲିସ କର୍ମଚାରୀ ମାନେ ଜନସାଧାରଣଙ୍କ ସୁରକ୍ଷା କରିବା ସହିତ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ରହିଛନ୍ତି। ରିଲିଫ କାର୍ଯ୍ୟ ଜାରି ରହିଛି, ଏବଂ ୪୦୦ରୁ ଅଧିକ ବନ୍ୟା ପ୍ରଭାବିତ ଲୋକଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି। ବିଧାୟକ ମାଡ଼କାମି କହିଛନ୍ତି ଯେ ବନ୍ୟା ପ୍ରଭାବିତ ନିମ୍ନ ପୋଲଗୁଡ଼ିକୁ ଉଚ୍ଚସ୍ତରୀୟ ପୋଲ କରି ବଦଳାଯିବ।

### ଗଣେଶ ଚତୁର୍ଥୀ ପ୍ରସ୍ତୁତି

## ୨୦ ବର୍ଷ ପୁରଣରେ ୨୦ ଫୁଟ୍‌ର ମୂର୍ତ୍ତି




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଯୁବ ଅଗ୍ରଣୀ ଅନୁଷ୍ଠାନ 'ପ୍ୟାସନ କ୍ଲବ' ଚଳିତ ବର୍ଷ ଗଣେଶ ପୂଜା ରେ ବୋତଲ ଆକୃତି ର ତୋରଣ ଏବଂ ୨୦ ବର୍ଷ ପୁରଣ ପାଇଁ ଚଳିତ ବର୍ଷ ଠାକୁରଙ୍କ ବିଗ୍ରହକୁ ୨୦ ଫୁଟ ଉଚ୍ଚତାର କରିବାକୁ ଯାଉଛନ୍ତି। କଲିକତାରୁ ଆସିଥିବା ୩୦ରୁ ଅଧିକ କାରିଗର ତୋରଣ କାର୍ଯ୍ୟ ରେ ଲାଗିଥିବା ବେଳେ, ମୂର୍ତ୍ତି ତିଆରିରେ ଲାଗିଛନ୍ତି ଆର୍ଟ କଲେଜର ଛାତ୍ରଛାତ୍ରୀ ମାନେ। ଅଗଷ୍ଟ ୨୭ ରୁ ସେପଟ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପୂଜାରେ, ୨୮ ତାରିଖ ଦିନ ଏବଂ ୩୧ ତାରିଖଦିନ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ, ୨୯ ତାରିଖ ଦିନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଥିବା ବେଳେ, ୨ ତାରିଖ ଦିନ ୨୦୦୦ ଲୋକଙ୍କର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ଏବଂ ପ୍ରତ୍ୟକ ଦିନ ସନ୍ଧ୍ୟା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯିବ। କ୍ଲବର ସଭାପତି ଅଶୋକ କୁମାର ପଲ୍ଲାଇଙ୍କ ସଂଯୋଜନାରେ ଅନୁଷ୍ଠିଥ ଆଜି ର ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଗତ ବର୍ଷ ଏହି ଅନୁଷ୍ଠାନ ନନ୍ଦିଘୋଷ ରଥ ଆକୃତିର ୩୦ ଫୁଟର ରଥରେ ଜଗନ୍ନାଥଙ୍କ ବେଶରେ ଗଜାନନଙ୍କୁ ପୂଜା କରି ସମସ୍ତଙ୍କୁ ଏକ ନିଆରା ଚିନ୍ତାଧାରାର ପୂଜାର ଅନୁଭୁତି ଦେଇଥିଲେ। ଚଳିତବର୍ଷ ମଧ୍ୟ ଭୁବନେଶ୍ୱର ବାସି ଏହି ପୂଜାରେ ଏକ ନିଆରା ଅନୁଭୂତି ପାଇବାକୁ ଯାଉଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ଼. ନାରାୟଣ ମହାପାତ୍ର, ଯୁବ ନେତା ନରେନ ସାହୁ, ଉପଦେଷ୍ଟା ମନୋଜ ରାଉଳ, କ୍ଲବ ର ଉପସଭାପତି ପ୍ରଶାନ୍ତ ବଡୁ, ସମ୍ପାଦକ ସୁବାଷ ବେହେରା, ସହସଂପାଦକ କେଦାର ମହାରଣା, କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦାଶ ଏବଂ ସମସ୍ତ ସଦସ୍ୟ ଦାବି କରିଛନ୍ତି।

### ବନ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ

## ୨୨ ଶହ ଗଛରେ ୨୨ ଲକ୍ଷ ଖର୍ଚ୍ଚ




କନ୍ଧମାଳ, (ଭାସ୍କର ନ୍ୟୁଜ୍): ହଜାର ହଜାର ଟଙ୍କା ଖର୍ଚ୍ଚ କରି ବନ ମହୋତ୍ସବ ପାଳନ କରି ସାଧାରଣ ଲୋକଙ୍କୁ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବା ପାଇଁ ମନମୁଣ୍ଡା ରେଞ୍ଜ ଅଫିସ ପକ୍ଷରୁ ସଚେତନ କରାଯାଉଛି ଏବଂ ଏଥିପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଚାରା ରୋପଣ କରାଯାଉଛି। ବାସ୍ତବ ଚିତ୍ର କିନ୍ତୁ ଅଲଗା ଆସିଛି ଯୋଗିନ୍ଦ୍ରପୁର ପଞ୍ଚାୟତ ବାନ୍ଦନଝୁଲି ଗ୍ରାମରୁ। ଗତବର୍ଷ ମନମୁଣ୍ଡା ଫରେଷ୍ଟ ସେକ୍ସନ ପକ୍ଷରୁ ବାନ୍ଦନଝୁଲି ଗ୍ରାମ୍ୟ ଜଙ୍ଗଲର ୫ ଗୋଟି ସ୍ଥାନରେ ୨ ହେକ୍ଟର ଲେଖାଏଁ ମୋଟ ୧୦ ହେକ୍ଟରରେ ୫ ହଜାର ଲେଖାଏଁ ୨୫ ହଜାର ଚାରା ଲଗାଇବାର ନିର୍ଦ୍ଦେଶ ରହିଥିଲା ଏବଂ ୩ ବର୍ଷ ପର୍ଯ୍ୟନ୍ତ ଏହାର ତଦାରଖ ପାଇଁ ମୋଟ ୧ କୋଟି ୩ ଲକ୍ଷ ୭୪ ହଜାର ୯୫୦ ଟଙ୍କା ବ୍ୟୟ ବରାଦ ହୋଇଛି। ହେଲେ ବର୍ତ୍ତମାନ ଉକ୍ତ ବନିକରଣ ଗୁଡିକ ଦେଖିଲେ ପ୍ରାୟ ୨୨୦୦ ଗଛ ରହିଥିବା ଦେଖିବାକୁ ମିଳିଛି। ଆଉ ବାକି ଗଛର କୌଣସି ଚିହ୍ନବର୍ଣ୍ଣ ନାହିଁ। ଏହି ୧୦ ହେକ୍ଟରରେ ବୃକ୍ଷ ରୋପଣ ପାଇଁ ମୋଟ ୨୨ ଲକ୍ଷ ୩୧ ହଜାର ୮୪୨ ଟଙ୍କା ବନ ବିଭାଗ ମଷ୍ଟରରୋଲ ଦ୍ୱାରା ଖର୍ଚ୍ଚ କରି ସାରିଲାଣି। ମନରେଗା ଯୋଜନାର ଗାଇଡ଼ଲାଇନ ଅନୁସାରେ ଗ୍ରାମସଭା କରି କାର୍ଯ୍ୟାରମ୍ଭ କରିବା କଥା, କିନ୍ତୁ ଆଇନକୁ ବେଖାତିର କରି ବିନା ଗ୍ରାମସଭାରେ ସ୍ଥାନୀୟ ଯୋଗୀନ୍ଦ୍ରପୁର ପଞ୍ଚାୟତର କୌଣସି ଗୋଟିଏ ବି ଶ୍ରମିକଙ୍କୁ ବନୀକରଣରେ ନିୟୋଜିତ କରି ନାହାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯେଉଁମାନେ ଶ୍ରମିକ କାମ କରନ୍ତି ନାହିଁ ସେଭଳି ଲୋକ ତୁଣ୍ଡୁମାଲ, ରତାଖଣ୍ଡି, ଖଲିଆପାଲି, କପାସିରା, ଦମାମୁଣ୍ଡା ଆଦି ଗ୍ରାମର ଲୋକଙ୍କ ନାମରେ ମନରେଗା ଯୋଜନା ଅର୍ଥ ଜମା ହୋଇଥିବା ସାଧାରଣ ଲୋକ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗଛ ନ ଲଗାଇ ଏତେ ଟଙ୍କା କିଭଳି ଉଠାଣ ସମ୍ଭବ ହେଲା ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ମନମୁଣ୍ଡା ଫରେଷ୍ଟର ପ୍ରକାଶ ସେଠୀଙ୍କୁ ପଚାରିବାରୁ ଗଛ ଲଗାଇବାକୁ ଟଙ୍କା ଆସିଛି। ହେଲେ ଏହାର ତଦାରଖ ଓ ପାଣି ମଡାଇବାକୁ ଟଙ୍କା ଆସି ନ ଥିବାରୁ ପାଣି ଓ ତଦାରଖ ଅଭାବରୁ ଅର୍ଦ୍ଧାଧିକ ଗଛ ମରି ଯାଇଥିବା କହିଛନ୍ତି।

## ରାଜପଥରେ ଗଛ ପଡ଼ି ଅଟକି ରହିଲା ଶହଶହ ଗାଡି, ୩ ଗାଁ ଅନ୍ଧାରରେ



ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ପିଚୁକୁଳି ଜାତୀୟ ରାଜପଥ ୫୭ ଖୋର୍ଦ୍ଧା ବଲାଙ୍ଗୀର ଉପରେ ସୋମବାର ମଧ୍ୟାହ୍ନ ଲଘୁଚାପ ଜନିତ ବର୍ଷାରେ ରାସ୍ତା ପଶ୍ୱା ଥିବା ଏକ ବିରାଟ ବଟାସ ଗଛ ଉଚ୍ଚ ବିଦ୍ୟୁତ ଶକ୍ତି ସମ୍ପନ୍ନ ତାର ଉପରେ ଝୁଲି ରାସ୍ତା ଉପରେ ରହିଥିଲା। ଫଳରେ ଖୋର୍ଦ୍ଧା-ନୟାଗଡ ଉଭୟ ପଟୁ ଆସୁଥିବା ଯାତ୍ରୀବାହି ବସ୍ ଓ ଟ୍ରକ ୨ଘଣ୍ଟା ଧରି ଅଟକି ରହିଥିଲା। ଯାତ୍ରୀ ଓ ଗୁରୁତର ରୋଗୀବୁହା ଯାନ ନାହିଁ ନଥିବା ହଇରାଣ ହୋଇଛନ୍ତି। ଖବର ପାଇ ବେଗୁନିଆ ଅଗ୍ନିଶମ ବାହିନୀ ପହଞ୍ଚି ଗଛକୁ କାଟିବା ପରେ ଯାତାୟତ ସୁଗମ ହୋଇଥିଲା। ତେବେ ବିଦ୍ୟୁତ ତାର ସଜଡ଼ିବାରେ ବର୍ଷା ବାଧକ ହେବାରୁ ପିଚୁକୁଳି ଓ ନିକଟ ପ୍ରାୟ ୩ଟି ଗାଁ ସମ୍ପୂର୍ଣ୍ଣ ଅନ୍ଧାର ହୋଇଛି।



# ଆମ କଳାହାଣ୍ଡି



ପୃଷ୍ଠା-୧୧
Page-11
ମଙ୍ଗଳବାର, ୧୯ ଅଗଷ୍ଟ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ସ୍ଥାନୀୟ ଯୁବକଙ୍କୁ ମିଳିବ ନିଶୁଳ୍କ ୟୁପିଏସ୍‌ସି ପ୍ରଶିକ୍ଷଣ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାପାଳଙ୍କ ନେତୃତ୍ୱରେ ମିଶନ୍ ଆକାଂକ୍ଷାର ସରକାରୀ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରୟାସ ଭିଜନ୍ ଆଇଏଏସ୍‌ଙ୍କ ପ୍ରୟାସ(ସିଏସ୍ ଆର୍ କାର୍ଯ୍ୟକ୍ରମ) ଏବଂ ଏହା ସହଯୋଗରେ କଳାହାଣ୍ଡିର ପ୍ରତିଭାଶାଳୀ ସିଭିଲ୍ ସର୍ଭିସ୍ ପରୀକ୍ଷାର୍ଥୀମାନଙ୍କୁ ନିଶୁଳ୍କ ପ୍ରଶିକ୍ଷଣ ଦେବା ପାଇଁ ଆରମ୍ଭ କରାଯାଇଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନିତ୍ୟାନନ୍ଦ ଗଣ୍ଡ ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଜନଜାତି ବିକାଶ, ସଂଖ୍ୟା ଲଘୁ ଏବଂ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ସଶକ୍ତକରଣ ବିଭାବ ଓଡିଶା ସରକାରଙ୍କ ଉପସ୍ଥିତିରେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଏବଂ ଉପାଧ୍ୟକ୍ଷ, ଭିଜନ୍ ଆଇଏଏସ୍ ଦୀପାଳି ଦତ୍ତ




ଚତୁର୍ବେଦୀଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଯାଇଛି। ଏହି ପ୍ରୟାସ ଗ୍ରାମୀଣ ମେଧାବୀ ଯୁବକମାନଙ୍କୁ ଭାରତୀୟ ପ୍ରଶାସନିକ ସେବା ପାଇଁ ଉତ୍ସାହିତ କରିବା ସହିତ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ ଓ ଭାରତର ଶୀର୍ଷ ପ୍ରଶାସନିକ ସେବାରେ କଳାହାଣ୍ଡିର ପ୍ରତିନିଧିତ୍ୱକୁ ଦୃଢ କରିବାକୁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମରେ କଳାଇ ବାନାନ ବନ ଖଣ୍ଡଅଧିକାରୀ(ଦକ୍ଷିଣ) ଭାରତୀୟ ପ୍ରଶାସନିକ ସେବା, (ପ୍ରବେଶନ) ଆନିମେସ ପ୍ରଧାନଙ୍କ ସହ ଭିଜନ୍‌ଙ୍କ ମାର୍କେଟିଂ ମ୍ୟାନେଜର ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସମନ୍ୱୟକାରୀ ଥିଲେ ଟିଏଲ୍ ଡି ଏମ୍ ଏଫ୍ ପ୍ରଶାନ୍ତ ମିଶ୍ର। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆସନ ସଂଖ୍ୟା: ୬୦ (ଲିଖିତ ଏମ୍‌ସିକ୍ୟୁ ପରୀକ୍ଷା + ସାକ୍ଷାତକାର ଦ୍ୱାରା ଚୟନ), ପାଠ୍ୟକ୍ରମ ସମୟସୀମା ୧ ବର୍ଷର ହାଇବ୍ରିଡ୍ ପ୍ରୋଗ୍ରାମ୍, ପାଠ୍ୟସାମଗ୍ରୀ ଏବଂ ଟେଷ୍ଟ ସିରିଜ୍ ସହିତ ଏହା ଭବାନୀପାଟଣାରେ ହେବ। ଏଥିପାଇଁ ଯୋଗ୍ୟତା:. କଳାହାଣ୍ଡିର ନିବାସୀ, +୨ (କ୍ଲାସ୍ ଦ୍ୱାଦଶ) ପାସ୍ ହୋଇଥିବା ଆବଶ୍ୟକ। ନିବନ୍ଧନ ଆରମ୍ଭ: ୨୨ ଅଗଷ୍ଟ ୨୦୨୫, ପରୀକ୍ଷା: ୨୧ ସେପ୍ଟେମ୍ବର ୨୦୨୫, ଶ୍ରେଣୀ ଆରମ୍ଭ: ଅକ୍ଟୋବର ୨୦୨୫ ର ପ୍ରଥମ ସପ୍ତାହରେ ହେବବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଳାହାଣ୍ଡିଙ୍କ ଠାରୁ ପ୍ରକାଶ।

### କାଳ ହେଲା ପରକୀୟା ପ୍ରୀତି

## ସ୍ୱାମୀଙ୍କୁ ଛାଡ଼ି ପ୍ରେମିକଙ୍କ ହାତ ଧରିଲେ ବିବାହିତ ମହିଳା

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ପ୍ରଥମେ ପ୍ରେମ, ପ୍ରେମ ପରେ ଘରୁ ଲୁଚି ପଳାଇ ବିବାହ। ବିବାହ ପରେ ଦୀର୍ଘ ୧୮ ବର୍ଷର ଘରସଂସାର। ସେଇ ସମୟରେ ଜନ୍ମ ନିଅନ୍ତି ଗୋଟିଏ ପୁଅ, ଦୁଇଟି ଝିଅ। ପୁଅଝିଅ ଧିରେଧିରେ ବଡ଼ ହୁଅନ୍ତି। ପରିବାରର ଆବଶ୍ୟକତା ବଢ଼େ ଆଉ ବିଚରା ସ୍ୱାମୀ ସେଇ ଆବଶ୍ୟକତାର ପରିପୂରଣ ପାଇଁ ଘର ଛାଡ଼ି ଦାଦନ ଖଟିବାକୁ ଯାଏ କେରଳ। ସେଠାରେ ରକ୍ତକୁ ପାଣି କରି ହାଡ଼ଭଙ୍ଗା କାମ କରେ। ପ୍ରତି ମାସରେ ଘରକୁ ଟଙ୍କା ପଠାଏ। ସେଇ ଟଙ୍କାରେ ଘର ଚଳେ, ପିଲାଛୁଆ ପାଠ ପଢ଼ନ୍ତି। ସେଇ ସମୟ ମଧ୍ୟରେ ହିଁ ଘରର ଭଲମନ୍ଦ ଜାଣିବାକୁ ସ୍ତ୍ରୀ ପାଇଁ ମୋବାଇଲ ଟିଏ କିଣିଦିଏ ସ୍ୱାମୀ। ନିୟମିତ ଫୋନ କରେ ନିଜର ପ୍ରାଣପ୍ରିୟା ପତ୍ନୀକୁ ଭଲମନ୍ଦ ବୁଝେ। କିନ୍ତୁ କାହିଁକି କେଜାଣି ଏତେପରେ ବି ସ୍ତ୍ରୀ ଜଣକ ସ୍ୱାମୀର ବିଶ୍ୱାସରେ ବିଷ ଦିଏ। ଲୁଚି ଲୁଚି ପର ପୁରୁଷ ସହିତ ଫୋନରେ କଥାହୁଏ,



ସମ୍ପର୍କ ଯୋଡ଼େ। ପର ପୁରୁଷ ସହିତ ଗଢି ଉଠେ ଅବୈଧ ସମ୍ପର୍କ। ଦିନ ଯାଏ, କଥା ଯାଏ ନାହିଁ। ପରିବାର ପ୍ରତିପୋଷଣ ପାଇଁ ଘର ଛାଡ଼ି ଦାଦନ ଖଟୁଥିବା ସ୍ୱାମୀ ଜଣକ ଘରକୁ ଫେରିଆସେ। ଆଉ ଯାହା ଦେଖେ ବିଶ୍ୱାସ କରିପାରେନି। ଯେଉଁମାନଙ୍କ ପାଇଁ ଘରଦ୍ୱାର, ଗାଁ-ଭୂଇଁ ଛାଡ଼ି ବାହାରେ ଦାଦନ ସାଜିଛି। ସେଇ ସ୍ତ୍ରୀ ଏବେ ତାକୁ ଧୋକା ଦେଇ ଫୋନରେ ଆଉ ଜଣକ ସହିତ ଭାବ ବଢ଼େଇଛି। ଆଉ ଏ ସବୁର ଅଡିଓ ରେକର୍ଡ଼ିଂ ସବୁ ତା' ହାତରେ ଲାଗିବା ପରେ ସ୍ତ୍ରୀ ଓ ତାର ନୂଆ ପ୍ରେମିକ ନାଁରେ ଅଭିଯୋଗ ନେଇ ଥାନାର ଦ୍ୱାରସ୍ତ। ତେବେ ପୋଲିସ ସାମ୍ନାରେ ସ୍ତ୍ରୀ ଜଣକ ନିଜର ସ୍ୱାମୀ ଓ ତିନି ସନ୍ତାନଙ୍କ ସହିତ ସବୁ ସମ୍ପର୍କକୁ ତ୍ୟାଗ କରି ନିଜର ନୂଆ ପ୍ରେମିକର ହାତ ଧରି ଚାଲିଯାଇଛି। ନୂଆ ପ୍ରେମିକ ବିବାହିତ ଓ ପାଞ୍ଚ ପାଞ୍ଚଟି ସନ୍ତାନର ବାପା ବୋଲି ଜାଣିବା ପରେ ବି ବନ୍ଧୁବାନ୍ଧବ ଆଗରେ ନୂଆ ପ୍ରେମିକ ହାତରୁ ସିନ୍ଦୁର ପିନ୍ଧିଛି। ସିନେମାର ଦୃଶ୍ୟ ଭଳି ଲାଗୁଥିବା ଏହି ଘଟଣାଟି ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ବେଡାଗାଁରେ। ଗାଁର ବିଶ୍ୱମ୍ଭର ହରିଜନ ଗତ ୧୮ ବର୍ଷ ତଳେ ଖଜୁରଗୁଡ଼ା ଗାଁର ଅମ୍ବିକା ହରିଜନଙ୍କୁ ଭଲ ପାଇ ବିବାହ କରିଥିଲେ। ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି। କିନ୍ତୁ ବିଶ୍ୱମ୍ଭର କେରଳ ଯିବା ସମୟରେ ଡଙ୍ଗରୀ ଗାଁର ବିବାହିତ ବ୍ୟକ୍ତି ମୂରଲୀ ବାଗ ସହିତ ଅମ୍ବିକା ପରକୀୟା ପ୍ରୀତିରେ ଲିପ୍ତ ରହନ୍ତି। ଏ ସମ୍ପର୍କରେ ବିଶ୍ୱମ୍ଭର ଜାଣିବା ପରେ ପ୍ରଥମେ ଥାନାରେ ଅଭିଯୋଗ ପରେ ମାମଲା ଉଠାଇ ନେବା ସହିତ ସ୍ତ୍ରୀର ନୂଆ ପ୍ରେମିକ ମୂରଲୀ ହାତରେ ନିଜ ସ୍ତ୍ରୀକୁ ଟେକି ଦେଇଛନ୍ତି। ନିଜର ସ୍ୱାମୀ ଓ ତିନି ସନ୍ତାନକୁ ଛାଡ଼ି ଅମ୍ବିକା ଏବେ ମୂରଲୀଙ୍କ ହାତ ଧରିଛନ୍ତି। ପ୍ରେମିକ ମୂରଲୀ ମଧ୍ୟ ଅମ୍ବିକାଙ୍କୁ ଦ୍ୱିତୀୟ ସ୍ତ୍ରୀର ମର୍ଯ୍ୟାଦା ଦେବାକୁ ରାଜି ହେବାପରେ ଉଭୟ ମାଳ ବଦଳ କରି ଥାନା ସାମ୍ନାରେ ବିବାହ କରିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଆପୋଷ ବୁଝାମଣା ଯୋଗୁଁ ପୋଲିସରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ଏଟିଏମ୍ ଅଚଳାବସ୍ଥା ନେଇ ଉପଭୋକ୍ତା ଅଭିଯୋଗ

କଲମପୁର, (ଭାସ୍କର ନ୍ୟୁଜ୍) : କଲମପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓ ଲଖିରାମ ଫୁଏଲ ପେଟ୍ରୋଲ ପମ୍ପ ନିକଟରେ ଅଞ୍ଚଳବାସୀଙ୍କ ପାଇଁ ମାତ୍ର ଦୁଇଟି ଏଟିଏମ୍ ଅବସ୍ଥାପିତ ହୋଇଛି। ଏହି ଦୁଇଟି ଏଟିଏମ୍‌ରେ ପରିଚାଳନା କରୁଥିବା ସଂସ୍ଥା ଟଙ୍କା ଜମା ନ କରିବାରୁ ଟଙ୍କା ଉଠାଣ ପାଇଁ ଆସି ଗ୍ରାହକ ମାନେ ଏଟିଏମ୍‌ରେ ଟଙ୍କା ନ ଥିବାରୁ ନିରାଶ ହୋଇ ଫେରି ଯାଉଛନ୍ତି। ଏଭଳି ପରିସ୍ଥିତି ପ୍ରାୟ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଲାଗି ରହିଥିଲେ ମଧ୍ୟ ପରିଚାଳନା କରୁଥିବା ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରୁଆ ବେଉଷା ଚାଷୀ ମାନେ କରୁଥିବା ବେଳେ ମଜୁରି ଦେବାକୁ ଅସୁବିଧା ଭୋଗୁଛନ୍ତି ଆଗକୁ ଗଣେଷ ପୂଜା ସହିତ ନୂଆଁଖାଇ ପର୍ବ ଆଗେଇ ଆସୁଥିବା ବେଳେ ଏଟିଏମ ଧାରୀଙ୍କ ଏପରି ଅବ୍ୟବସ୍ଥା ଯୋଗୁଁ ହନ୍ତସନ୍ତ ହେଉଛନ୍ତି, ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଏଟିଏମ ଧାରିଙ୍କ ମହଲରେ ଦାବି ହେଉଛି।

## ସରକାରୀ ଇଞ୍ଜିନିୟରିଂ କଲେଜର ଯାନ୍ତ୍ରିକ ବିଭାଗର ଜାତୀୟ ସେମିନାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସହର ସନ୍ନିକଟ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କଳାହାଣ୍ଡିର ମେକାନିକାଲ୍ ଇଂଜିନିୟରିଂ ବିଭାଗ ଆନୁକୂଲ୍ୟରେ ଏକ ଜାତୀୟ ସେମିନାର ମହାବିଦ୍ୟାଳୟଠାରେରେ ଅନୁଷ୍ଠିତ ହୋଇଯାଇଛି। ଏଏନ୍‌ଆର୍‌ଏଫ୍ ଦ୍ୱାରା ପ୍ରାୟୋଜିତ 'ସଷ୍ଟେନେବଲ୍ ମେନୁଫ୍ୟାକଚରିଂ ଇନ୍ କଣ୍ଟାକ୍ସ ଟୁ ଏଡିଟିଭ୍ ମ୍ୟାନୁଫେକ୍‌ଚରିଂ' ଶୀର୍ଷକ ଏହି ଦୁଇ ଦିନିଆ ସେମିନାରରେ ଦେଶର ବିଭିନ୍ନ ଅଞ୍ଚଳରୁ ଆଲୋଚକ ଅନୁଷ୍ଠିତ ହୋଇଥିଲା। ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସୁଧାଂଶୁ ଶେଖର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି




ସେମିନାରରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ରମେଶ ଚନ୍ଦ୍ର ମିଶ୍ର ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲାବେଳେ ଡିନ୍ ଡ.କିଶୋର ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୁର୍ଲାସ୍ଥିତ ଭିସୁଟ୍‌ର ପ୍ରଫେସର ଡ. ଦେବଦତ୍ତ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଜାମସେଦପୁର ଏନଆଇଟିର ଡ. କମଲ ପଲ ଉପସ୍ଥିତ ଥିଲେ।ଏହି ଜାତୀୟ ସେମିନାରର ଆବାହକ ଡ. ଅଜିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏନଆଇଟି ରାଉରକେଲାର ଡ. ରୁଦ୍ର ନାରାୟଣ କାଣ୍ଡି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ 'ଥ୍ରିଡି ପ୍ରିଣ୍ଟିଂ ଟେକନୋଲୋଜି' ସମ୍ପର୍କରେ ଆଲୋଚନା କରିଥିଲା ବେଳେ ଲାଙ୍ଗୁଏଜ୍ ଲ୍ୟାବ୍ ସମ୍ପର୍କରେ ଦେବଦତ୍ତ ମିଶ୍ର ତାଙ୍କ ମତାମତ ରଖିଥିଲେ। ଅନୁରୂପ ଭାବେ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଇଆଇଟିର ଡ. ପଟାଭି ରାମାୟା, ଅଗରତଲା ଏନ୍ ଆଇଟିରଡ. ପ୍ରକାଶ ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସହ ଆବାହକ ଡି. କେ. ବାଗଲ ଏବଂ ମହାବିଦ୍ୟାଳୟର ମେକାନାକାଲ୍ ଇଞ୍ଜିନିୟରିଂ ବିଭାଗର ସହକାରୀ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଏହି ଦୁଇଦିନିଆ ଜାତୀୟ ସେମିନାରର ପରିଚାଳନାରେ ସହଯୋଗ କରିଥିଲେ।

## ଲଡୁଗାଁରେ ନନ୍ଦ ଉତ୍ସବ ପାଳିତ



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁ ଆଞ୍ଚଳିକ ଯାଦବ ସମିତି ପକ୍ଷରୁ ଗତ ଦୁଇ ଦିନ ଧରି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। ଶୁକ୍ରବାର ଅପରାହ୍ଣରେ ୨୦୧ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ସ୍ଥାନୀୟ ମନଭଙ୍ଗ ସାଗରରୁ ଜଳ ଉଠାଇ ମାଝୀପଡା ସ୍ଥିତ ମାଉସୀ ମା' ମନ୍ଦିର ପରିସରେ ସୁସଜ୍ଜିତ ପୂଜା ମଣ୍ଡପରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ରାତିରେ ଶ୍ରୀକୃଷ୍ଣ ଜନ୍ମ ବୃତାନ୍ତ ପୁରାଣ ପାଠ ହୋଇଥିଲା। ଶନିବାର ଏକ ପାଲଙ୍କିରେ ବାଳ ଗୋପାଳ ଶ୍ରୀକୃଷ୍ଣ ଭଗବାନ ମୂର୍ତ୍ତି କୁ ବସାଇ ବାଜା ଗଜା ବଜେଇ ନଗର ପରିକ୍ରମା କରି ପୂଜା ମଣ୍ଡପକୁ ପ୍ରତ୍ୟାବର୍ତ୍ତନ ପରେ ଦଧିହାଣ୍ଡି ଭଗ୍ନ କରାଯାଇ ଭୋଗ ବଣ୍ଟନ କରାଯାଇଥିଲା। କଳସ ଯାତ୍ରା ସମୟରେ ସୁନାମାଳ ଘଣ୍ଟ ଦଳ, ସଂକିର୍ତ୍ତନ ଦଳ, ମାଝୀପଡାର ବାଜା ଦଳରେ ମହିଳା ଓ ଯୁବକ ମାନେ ନାଚି ନାଚି ନଗର ପରିକ୍ରମା କରୁଥିଲେ। ଏହି କ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂଜା କର୍ତ୍ତା ଭାବେ ଅଶ୍ୱିନ ରାଉତ ଓ ତାଙ୍କ ସହଧର୍ମିଣୀ ସଂଯୁକ୍ତା ରାଉତ ରହିଥିବାବେଳେ ପୂଜକ ଭାବେ ମଞ୍ଜନ ମୁଣ୍ଡ ଦାଇତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ମୌଷଧି ବାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ବ୍ଲକ ଯାଦବ ସମିତିର ସମ୍ପାଦକ ବିଦ୍ୟାଧର ଗହିର, କର୍ମଚାରୀ ସଙ୍ଘର ସଭପତି ପ୍ରେମ ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ଲଡୁଗାଁ ଯୁବ ଯାଦବ ସଭାପତି ଗିରିଧାରୀ ଜୁଏଡ଼, ମକରନ୍ଦ ବଛା, ଅନିଲ ରାଉତ, ମଦନ ବାଗ, ଜିତୁ ବଛା, ଋଷ୍ୟ ଶୃଙ୍ଗଜାଲ, ଧନେଶ୍ୱର ଯୁଏଡ଼, ବସନ୍ତ କେତକୀ ରାକେଶ ରାଉତ, ଶରତ ରାଉତ ପ୍ରମୁଖ ପରିଚଳାନାରେ ସହଯୋଗ କରିଥିଲେ।

## ଭାରତୀ ବିଦ୍ୟା ନିକେତନର ନୂତନ ଗୃହ ଉଦ୍‌ଘାଟିତ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ଗ୍ରାମ ପଞ୍ଚାୟତ ସ୍ଥିତ ଯୋରାଡବରା ଛକ ଠାରେ ଥିବା ଭାରତୀ ବିଦ୍ୟା ନିକେତନର ନୂତନ ଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ପରିପେକ୍ଷୀରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ନର୍ଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦୁର୍ଗାପ୍ରସଦ ମହାନ୍ତି, ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୂର୍ବତନ ଅତିରିକ୍ତ କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ନେତ୍ରାନନ୍ଦ ବଡ଼ମାଲି, ବାଲେଶ୍ୱର ଯୁବ ସ୍ୱେଚ୍ଛାସେବୀ ଅମର କୁମାର ପାଲ୍, ପିଇଓ ଏମ୍ ରାମପୁର ରମାକାନ୍ତ ସାହୁ, ହଳଦିଆ ବୈଶ୍ୟ ସାହୁ ସମାଜର ସଭାପତି ନିଳମଣି ସାହୁ , ଭାରତୀ ବିଦ୍ୟା ନିକେତନର ସଭାପତି



ଯୁଗି ଲାଲ୍ ସାହୁ, ସମ୍ପାଦିକା ଭାଗ୍ୟବତି ସାହୁ, କୋଷାଧ୍ୟକ୍ଷ କ୍ଷେତ୍ରରାଜ ରଣା, ପ୍ରଧାନ ଶିକ୍ଷକ ଶ୍ରୀମାନ ରେଶବ ନାରାୟଣ ସାହୁ ଓ ବିଦ୍ୟାଳୟ ପରିଚାଳକ ଶ୍ରୀଯୁକ୍ତ ଗଗନ ବିହାରୀ ସାହୁ, ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଓ କୁନିକୁନି ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମରେ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଯୁକ୍ତ ମହାନ୍ତିଙ୍କ ଅଭିଭାଷଣ ସମସ୍ତଙ୍କ ମନକୁ ଛୁଇଁ ଯାଇଥିଲା ସେ ନିଜର ବାଲ୍ୟ ଜୀବନୀ ବିଷୟରେ କହି ଛାତ୍ରଛାତ୍ରୀ ମାନଙ୍କୁ ଦିଗ୍ ଦର୍ଶନ ଦେଇଥିଲେ ଏବଂ ବିଦ୍ୟାଳୟର ଉତ୍ତରତ୍ତର ବିକାଶର କାମନା କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ନୃତ୍ୟ,ସଙ୍ଗୀତ, ଗୀତି ନାଟ୍ୟ ପରିବେଷଣ କରାଯାଇଥିଲା ଏବଂ ବିଶେଷ ଆକର୍ଷଣ ଥିଲା ଅଞ୍ଜମହିଷା ମର୍ଦ୍ଦିନୀ ଗୀତି ନାଟକଞ୍ଜ ସମସ୍ତଙ୍କ ମନକୁ ଛୁଇଁ ଯାଇଥିଲା। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଭାରତୀ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ ରେଶବ ନାରାୟଣ ସାହୁ।

## 'ଶାଶ୍ୱତ ସଙ୍ଗୀତ ଶ୍ରୀମଦ ଭଗବଦ୍ ଗୀତା' ପୁସ୍ତକ ଲୋକାର୍ପିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣାର ବିଶିଷ୍ଟ ଲେଖିକା ସ୍ନେହଲତା ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ "ଶାଶ୍ୱତ ସଙ୍ଗୀତ ଶ୍ରୀମଦ ଭାଗବଦ୍ ଗୀତା"ଏକ ସାରସ୍ୱତ ପରିବେଶ ମଧ୍ୟରେ ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ ବ୍ରଜବିହାର ସତ୍ୟସାଇ ବିଦ୍ୟା ମନ୍ଦିର ଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଭବାନୀପାଟଣା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଅମେୟାନନ୍ଦ ମହାରାଜ, ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର, ଗୀତା ପ୍ରଚାର ସମିତି ଭବାନୀପାଟଣାର ପ୍ରତିଷ୍ଠାତା ସଭାପତି ଇଂ ନିରଞ୍ଜନ ପ୍ରଧାନ, ଅବସର ପ୍ରାପ୍ତ ହିନ୍ଦୁସ୍ଥାନ ଏରୋନେଟିକ୍ସର ପ୍ରକଳ୍ପ ଅଧିକାରୀ ଗୋପାଳ କୃଷ୍ଣ ଷଡ଼ଙ୍ଗୀ, ହିଲ୍ ଟାଉନ୍ ସିଭିଲ ସୋସାଇଟିର ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ, ସତ୍ୟସାଇ ବିଦ୍ୟାମନ୍ଦିରର ସମ୍ପାଦକ ସୁବ୍ରତ କୁମାର ଖାଡଙ୍ଗା ଓ ଶ୍ରୀରୂପା ପବ୍ଲିକେଶନର ଉପଦେଷ୍ଟା ଗାଳ୍ପିକ ସୁକାନ୍ତ କୁମାର ସାହୁ ଅତିଥି ଭାବରେ ଯୋଗଦେଇଥିଲେ। ଲେଖିକା ସ୍ନେହଲତା ଷଡ଼ଙ୍ଗୀ ଦୀର୍ଘ ଦିନର ପରିଶ୍ରମ ଦ୍ୱାରା ଗୀତା ଭଳି ଏକ ପବିତ୍ର ଆଧାତ୍ମିକ ଗ୍ରନ୍ଥ ଅନୁବାଦ ଓ ତାହାର ଟୀକା ପ୍ରସ୍ତୁତ କରିଛନ୍ତି। ଭଗବତ୍ କୃପା ବିନା ଏହିଭଳି ଗ୍ରନ୍ଥ ରଚନା ସମ୍ଭବ ନୁହେଁ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ ଗୀତା ସଂସାରର ସବୁଠୁ ଅମୂଲ୍ୟ ସମ୍ପଦ ଏବଂ ଏହା ପଠନ ଦ୍ୱାରା ମାନସିକ ଅବସାଦ, ଦୁଶ୍ଚିନ୍ତାରୁ ନିଶ୍ଚୟ ମୁକ୍ତି ମିଳେବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସୁନୟନା ମୁଣ୍ଡ ପ୍ରାରମ୍ଭିକ ସଙ୍ଗୀତ ଓ ସତ୍ୟସାଇ ସେବା ସମିତି ଭକ୍ତ ବୃନ୍ଦ ଭଜନ ପରିବେଷଣ କରିଥିଲେ। ମନୋଜ କୁମାର ମୁଣ୍ଡ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ରାହ୍ମଣ ସମାଜର ଟ୍ରଷ୍ଟି ପ୍ରମୋଦ ଖମାରୀ ଓ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ସ୍ନେହଲତା ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଲୋକାର୍ପଣ ଆୟୋଜକଙ୍କ ପକ୍ଷରୁ ଏକେଏନ୍ ନ୍ୟୁଜ୍ ର ମୁଖ୍ୟ ସମ୍ପାଦକ ଅମିୟ କୁମାର ସାହୁଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଆକାଶବାଣୀ କଳାକାର ସୌରଭ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ହରିଶ୍ଚନ୍ଦ୍ର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ ବ୍ଲକ ବେହେରା କଲ୍ୟାଣ ମଣ୍ଡପ ଠାରେ ତାଲୁକ ଆଇନ ସେବା ସମିତି ପକ୍ଷରୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ବିଭିନ୍ନ ଜଣ କଲ୍ୟାଣକାରୀ ଯୋଜନା ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ଭାରପ୍ରାପ୍ତ ଗୋଷ୍ଠୀ କୃଷି ଅଧିକାରୀ ହେମାନନ୍ଦ ମାଝୀ, ପଶୁ ଚିକିତ୍ସକ ସାହାୟକ ଡ଼ା. ନିହାର ରଞ୍ଜନ ଦେବତା , ସରକାରୀ ଓକିଲ ଧୀରେନ୍ଦ୍ରନାଥ ପାତ୍ର, ବରିଷ୍ଠ ଆଇନଜୀବୀ ତଥା ସଦସ୍ୟ ତାଲୁକ ଆଇନ ସେବା ସମିତି, ମିହିର ରଞ୍ଜନ ପଟ୍ଟଯୋଶୀ, ପାନେଲ ଓକିଲ ସଂଯୁକ୍ତା ପଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ସରପଞ୍ଚ ବେହେରା ପଞ୍ଚାୟତ କୁମୁଦିନୀ ଗନ୍ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ମାନ୍ୟବର ଅଧକ୍ଷ୍ୟ ଶ୍ରୀ ପ୍ରଧାନ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ତରଫରୁ ଦିଆଯାଉଥିବା ବିଭିନ୍ନ ସୁବିଧା ଓ କାର୍ଯ୍ୟକାରୀତା ଉପରେ ସାମ୍ୟକ ଧାରଣା ଦେଇଥିଲେ। ଅନ୍ୟ ବକ୍ତାମାନେ ମଧ୍ୟ ନିଜ ନିଜ ବିଭାଗ ତରଫରୁ ଦିଆ ଯାଉଥିବା ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ।

## ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର




ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): ଆଜି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଗୋବର୍ଦ୍ଧନପୁର ପଞ୍ଚାୟତ ମୁଖ୍ୟାଳୟ ମଧୁପୁରଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଯୋଗ ଦେଇ ପଞ୍ଚାୟତ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ। ବିଡିଓ ଶ୍ରୀ ପାତ୍ରଙ୍କ ସହିତ ବ୍ଲକ ଯୋଗାଣ ଅଧିକାରୀ ଦିଲୀପ କୁମାର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ମଧୁପୁର ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ପୂର୍ଣ୍ଣଚନ୍ଦ୍ର ରଥ, ପଞ୍ଚାୟତ କୃଷି ଅଧିଦର୍ଶକ ଅନୀତା ପରିଡ଼ା, ମହିଳା ସ୍ୱାସ୍ଥ୍ୟକର୍ମୀ ରସବତୀ ସୁନାନୀ ପ୍ରମୁଖ ଯୋଗ ଦେଇଥିଲେ। ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମରସିଂ ପୁଝାରୀ, ଏଡିଇଓ ମେଘନାଦ ନାୟକ, ଯୋଗାଣ ସହାୟକ କମଳ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ମାଝୀ, ତାତେଶ୍ୱର ଗଉଡ଼, ସୁଦର୍ଶନ ଗଉଡ଼, ଦ୍ୱିତିବାହନ ପଧାନ, ଜିତୁ ଗଉଡ଼, ମୁକୁନ୍ଦ ଗହୀର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାଶିଫଳ


ମଙ୍ଗଳବାର, ୧୯ ଅଗଷ୍ଟ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆୟର ବୃଦ୍ଧି ଦେଖାଦେବ, ଯେଉଁଥିପାଇଁ ଆପଣଙ୍କ ଚେହେରାରେ ଖୁସିର ଅନୁଭବ ଆସିବ। ଆପଣ ଆଜି ଅଫିସରେ ବସଙ୍କ ସହିତ କଥା ହେବେ। କେହି ଶଶୁର ଘର ଲୋକ ଭେଟିବାକୁ ଆସିପାରନ୍ତି। ଜୀବନସାଥୀ ବହୁତ ଖୁସି ହେବେ।




**ବୃଷ:** ଖର୍ଚ୍ଚର ହଠାତ୍ ବୃଦ୍ଧି ଚିନ୍ତାରେ ପକାଇପାରେ। ଘରର ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ, ଏହା ଖରାପ ହୋଇପାରେ। ଅତୀତରେ କିଛି କାମ ପାଇଁ କରାଯାଇଥିବା କାର୍ଯ୍ୟ ଆଜି ଫଳ ଦେବାକୁ ଯାଉଛି। ଦାମ୍ପତ୍ୟ ଜୀବନରେ ସୁଖ ରହିବ।



**ମିଥୁନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆଜି ଲୋକଙ୍କ ପ୍ରତି ଭଲ କାମ କରିବାର ଅନୁଭବ ଜାଗ୍ରତ ହେବ। ଆଜି ଆପଣ ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ। ଆପଣ କିଛି ଅସମାପ୍ତ କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ କରିବେ। ବ୍ୟବସାୟୀମାନଙ୍କ ପାଇଁ ଆଜି ମଧ୍ୟ ଏକ ଭଲ ଦିନ ହେବ।




**କର୍କଟ:** ଆଜି ଆପଣଙ୍କର ଧ୍ୟାନ ପରିବାରର ଆବଶ୍ୟକତା ପୂରଣ ଉପରେ ରହିବ। ଅଫିସରେ ଜୁନିଅର ଯେ କୈଣସି କାର୍ଯ୍ୟରେ ଆପଣଙ୍କଠାରୁ ସାହାଯ୍ୟ ନେଇପାରେ, ଆପଣ ସେମାନଙ୍କୁ ସାହାଯ୍ୟ କରନ୍ତୁ। ଆଜି, ଖର୍ଚ୍ଚ ବୃଦ୍ଧି ହେତୁ ପକେଟରେ ଭାର ବଢିପାରେ।



**ସିଂହ:** ଏହି ବ୍ୟସ୍ତତା ମଧ୍ୟରେ ଆପଣଙ୍କର ଖାଦ୍ୟର ଯତ୍ନ ନିଅ, ନଚେତ୍ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କୋର୍ଟ ସହ ଜଡିତ ମାମଲାଗୁଡ଼ିକରେ ସଫଳତା ପାଇବାର ସମ୍ଭାବନା ଅଛି। ପ୍ରେମ ଜୀବନରେ ଆପଣଙ୍କର ପ୍ରିୟ କିଛି ବିଷୟ ଉପରେ କ୍ରୋଧ ଦେଖାଇପାରେ, ତଥାପି ପ୍ରେମ ସଂପର୍କରେ ରହିବ।




**କନ୍ୟା:** ଆଜି ଆପଣଙ୍କ ଦିନ ଟିକିଏ ଦୁର୍ବଳ ହେବ। ଆପଣଙ୍କ ବନ୍ଧୁ କିଛି କଥା ଆପଣଙ୍କୁ କହିପାରନ୍ତି। ଯାହା ଆପଣଙ୍କୁ ଖରାପ ଲାଗିପାରେ। ଆପଣ ଆପଣଙ୍କ କଥାକୁ ସଠିକ୍ ଉପାୟରେ ରଖିବା ଉଚିତ୍ । କାର୍ଯ୍ୟଭାର ଅଧିକ ହେବ, ଚାପ ନିଅନ୍ତୁ ନାହିଁ। ବିବାହିତ ଲୋକମାନଙ୍କ ପାଇଁ ଦିନଟି ଶୁଭ ଅଟେ, ଆପଣ ଏକାଠି ସମୟ ବିତାଇବେ।



**ତୁଳା:** କାର୍ଯ୍ୟରେ ଭଲ ଫଳାଫଳ ସହିତ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣ କିଛି ପବିତ୍ର ସ୍ଥାନ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ପ୍ରେମ ଜୀବନରେ ପ୍ରିୟଙ୍କ ସଚ୍ଚୋଟତା ଉପରେ ସନ୍ଦେହ କରିବା ଦ୍ୱାରା ସମ୍ପର୍କ ଗୁରୁତର ହୋଇପାରେ।



**ବିଛା:** ଆଜି ଆପଣଙ୍କ ସାମ୍ନାରେ ଅନେକ କାର୍ଯ୍ୟର ସମ୍ମୁଖୀନ ହେବ, ଯେଉଁ କାରଣରୁ ଆପଣ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆପଣ ଚିନ୍ତା କରୁଥିବା କାମ ପ୍ରତି ଧ୍ୟାନ ଦେବା ଭଲ ହେବ। ଆଜି ଘରର ଜଣେ ସଦସ୍ୟ ଆପଣଙ୍କଠାରୁ କିଛି ଆଶା କରିବେ। ଆଜି, ଜୀବନ ସାଥୀର ବୁଦ୍ଧି ଆପଣଙ୍କୁ ବହୁତ ଲାଭ କରିବାକୁ ଯାଉଛି।




**ଧନୁ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ଆଜି ବଡ଼ ଲାଭ କରିବାକୁ ଯାଉଛନ୍ତି, ଆପଣ ଏଥିରେ ଖୁସି ହେବେ। କାର୍ଯ୍ୟରତ ଲୋକମାନେ ସେମାନଙ୍କର କାର୍ଯ୍ୟକୁ ମନେ ରଖିବା ପରି କାମ କରିବେ। ପାରିବାରିକ ପରିବେଶ ସୁଖ ଏବଂ ଶାନ୍ତିରେ ପରିପୂର୍ଣ୍ଣ ହେବ। ଉଲ୍ଲେଖଥାଉ କି, ବିବାହିତ ଦମ୍ପତି ଆଜି ସତର୍କ ରୁହନ୍ତି, ବିବାଦ ହେବାର ସମ୍ଭାବନା ଅଛି।




**ମକର:** ଆଜି ଆପଣଙ୍କ ଦିନଟି ଭଲ ରହିବ। କୈଣସି ଭୁଲ ନିଷ୍ପତ୍ତି ନେବା ଠାରୁ ଦୂରେଇ ରୁହନ୍ତୁ, ନଚେତ୍ ଆପଣ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେକାରୀମାନେ ଆଜି ସାଧାରଣ ଅପେକ୍ଷା ଅଧିକ ବ୍ୟସ୍ତ ଦେଖାଯିବେ। ଆଜି ପ୍ରେମ ଜୀବନରେ, ପ୍ରିୟ ହୃଦୟରୁ ପ୍ରେମ ପାଇବ।



**କୁମ୍ଭ:** ଆଜି ଆପଣଙ୍କର ସାଧାରଣ ଦିନ ହେବ। କିଛି ବିଷୟରେ ଚିନ୍ତା କରି ଅନାବଶ୍ୟକ ଭାବରେ ଆପଣଙ୍କୁ ବ୍ୟଥିତ କରିବ। ବର୍ଜ୍ୟବସ୍ତୁରୁ ଦୂରେଇ ରୁହନ୍ତୁ। ଆର୍ଥିକ ପ୍ରସଙ୍ଗରେ ଆପଣ ଜଣେ ବନ୍ଧୁଙ୍କଠାରୁ ପରାମର୍ଶ ପାଇପାରିବେ। ସ୍ୱାସ୍ଥ୍ୟ କାରଣରୁ ଦିନଟି ଟିକିଏ ଦୁର୍ବଳ ମନେହୁଏ। ପ୍ରେମ ଦାମ୍ପତ୍ୟ ଜୀବନରେ ରହିବ।



**ମୀନ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଅଫିସ୍ କାର୍ଯ୍ୟକୁ ସହଜରେ ମୁକାବିଲା କରିପାରିବେ। କିନ୍ତୁ ସହକର୍ମୀଙ୍କ ସହ କିଛି ବିଷୟରେ ବିତର୍କ ହୋଇପାରେ। ସେଥିପାଇଁ ଆପଣ ସାବଧାନ ହେବା ଉଚିତ୍। ଜୀବନସାଥୀ ଏକ କାମ କରିବାକୁ ଇଚ୍ଛା କରିପାରନ୍ତି। ପ୍ରେମରେ ଆଜି ଆପଣ ଆପଣଙ୍କ ପ୍ରିୟଙ୍କ ସହିତ ଭଲ ସମୟ ଅତିବାହିତ କରିବେ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯